# ନୋହାଙ୍କ ଧର୍ମତରୀ

## କିଶ୍‌ତୀ ନୁହ

ଲେଖକ
ହଜରତ ମିର୍ଜା ଗୁଲାମ ଅହମଦ କାଦିୟାନୀ
ପ୍ରତିଶ୍ରୁତ ମସିହ ଓ ମେହଦୀ[ଅସ]



# KISHTI NOOH
## (in Odia)

Written in Urdu by

*Hadrath Mirza Ghulam Ahmad[as] of Qadian*

*The Promised Messiah & Imam Mahdi*

# ନୋହାଙ୍କ ଧର୍ମତରୀ

## କିଶ୍‌ତୀ ନୁହ୍

ଲେଖକ
ହଜରତ ମିର୍ଜା ଗୁଲାମ ଅହମଦ କାଦିୟାନୀ
ପ୍ରତିଶ୍ରୁତ ମସିହ ଓ ମେହଦୀ[ଅସ]

ٹائیٹل بار اول

واصنع الفلک باعیننا و وحینا ان الذین یبایعونک انما یبایعون اللہ ید اللہ فوق ایدیھم

رسالہ آسمانی ٹیکا جو طاعون کے بارہ میں اپنی جماعت کیلئے تیار کیا گیا




اور دوسرا نام

# دعوت الایمان

اور تیسرا نام

## تقویۃ الایمان

ارکبوا فیہا بسم اللہ مجرىھا ومرسٰھا لا عاصم الیوم من امر اللہ الا من رحم

۵- اکتوبر سنہ ۱۹۰۲ء


مطبع ضیاء الاسلام قادیان میں باہتمام حکیم فضل دین صاحب بھیروی شائع ہوا

تعداد جلد ۵۰۰

# ନୋହାଙ୍କ ଧର୍ମତରୀ


ମୂଳ ଉର୍ଦ୍ଦୁ : **'କିଶ୍‌ତୀ ନୂହ୍'**

ଲେଖକ : **ହଜରତ ମିର୍ଜା ଗୁଲାମ ଅହମଦ**[ଅସ] ପ୍ରତିଶ୍ରୁତ ମସିହ ଓ ମେହଦୀ ଅହମଦୀୟା ମୁସଲିମ ଜମାଅତର ସଂସ୍ଥାପକ

ଅନୁବାଦକ : **ମକସୁଦ ଅଲି ଅହମଦ ଖାନ୍,** ଏମ.ଏ., କେରଙ୍ଗ

ସମୀକ୍ଷକ : ଇଂ. ରୌଶନ୍ ଖାନ୍, ଅଧ୍ୟକ୍ଷ, ରିଭ୍ୟୁ କମିଟି, ଓଡିଶା

ପ୍ରକାଶକ : ନଜାରତ ନଶରୋ ଇଶାଅତ୍, ସଦର ଅଞ୍ଜୁମନ ଅହମଦିୟା, କାଦିୟାନ, ଜିଲ୍ଲା: ଗୁରୁଦାସ୍‌ପୁର, ପଞ୍ଜାବ (ଭାରତ)

ପ୍ରକାଶନ ବର୍ଷ : 2019, ପ୍ରଥମ ଓଡିଆ ସଂସ୍କରଣ (ମୁଦ୍ରଣ ସଂଖ୍ୟା 1000)

ମୁଦ୍ରକ : ଫଜଲେ ଉମର୍ ପ୍ରିଣ୍ଟିଙ୍ଗ୍ ପ୍ରେସ୍, କାଦିୟାନ (ଭାରତ) 143516


# NOHANKA DHARMATARI
## (NOAH'S ARK)


*Author of the Book* : **Hadhrat Mirza Ghulam Ahmad**[as]
Promised Messiah & Mahdi,
Founder of Ahmadiyya Muslim Jama'at

*Translated to Odia :* **Maqsood Ali Ahmad Khan**, M.A. (Odisha)

*Published by :* NAZARAT NASHR-O-ISHA'AT, *Qadian*
*Dist.Gurdaspur, Punjab (India) - 143516*

*Year of Publication:* 2019 First Edition in Odia (1000 copies)

*Printed at :* Fazle Umar Printing Press, Qadian (India)



*No part of this translation and commenrtary may be reproduced in any form without prior permission from the Publisher, except for the quotation of brief passages in criticism.*

# ପ୍ରକାଶକୀୟ

୧୮୯୬ ଠାରୁ ୧୯୧୪ ମସିହା ପର୍ଯ୍ୟନ୍ତ ସଂକ୍ରାମକ ପ୍ଲେଗ ମହାମାରୀ ବ୍ରିଟିଶ ଇଣ୍ଡିଆକୁ କ୍ଷତାକ୍ତ କରିଥିଲା । ବିଶେଷତଃ ପଞ୍ଜାବ ପ୍ରଦେଶରେ ଏହି ରୋଗର ପ୍ରାଦୁର୍ଭାବ ଅତ୍ୟଧିକ ଥିଲା । ପରିସ୍ଥିତି ଏପରି ସାଂଘାତିକ ହେଲା ଯେ ଏହା ଗୋଟିଏ ସହରରୁ ଅନ୍ୟ ଏକ ସହରକୁ ପ୍ରଚଣ୍ଡ ଭାବେ ବ୍ୟାପିଗଲା । ଭାରତବର୍ଷରେ ତତକାଳୀନ ବ୍ରିଟିଶ ସରକାର ଏହି ଦେଶବ୍ୟାପୀ ରୋଗ ଦାଉରୁ ଲୋକମାନଙ୍କୁ ରକ୍ଷା କରିବା ସକାଶେ ପ୍ରତିଷେଧକ ଟୀକା ନେବା ଜରୁରୀ ବୋଲି ଘୋଷଣା କଲେ । ଏହି ପରିପ୍ରେକ୍ଷୀରେ ନିଜକୁ ଚଳିତ ଯୁଗର ଅବତାର ଓ ସଂସ୍କାରକ (ମସିହ ମଉଦ ଓ ଇମାମ ମେହଦୀ) ରୂପେ ଦାବି କରିଥିବା କାଦିୟାନ ନିବାସୀ ହଜରତ ମିର୍ଜା ଗୁଲାମ ଅହମଦ ସାହେବ ୧୯୦୨ ମସିହାରେ ଏକ ପୁସ୍ତକ ରଚନା କଲେ, ଯାହାର ନାମ–'କିଶ୍‌ତୀ ନୁହ' । ଓଡିଆ ଭାଷାରେ ଏହା 'ନୋହାଙ୍କ ଧର୍ମତରୀ' ରୂପେ ବର୍ତ୍ତମାନ ପ୍ରକାଶିତ ହେଉଅଛି ।

ଏହି ଉର୍ଦ୍ଦୁ ପୁସ୍ତକର ଲେଖକ ତାଙ୍କ ଶିକ୍ଷାର ମୌଳିକ ନୀତିକୁ ବିଶଦ ଭାବରେ ବର୍ଣ୍ଣନା କରି କହିଥିଲେ ଯେ ଯେଉଁ ବ୍ୟକ୍ତି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ମୋର ଏହି ସିଦ୍ଧାନ୍ତକୁ ଅନୁସରଣ କରିବ, ସେ ଟୀକା ନନେଇଥିଲେ ସୁଦ୍ଧା ଏହି ଦୁଃସାଧ ରୋଗର ବିଭୀଷିକାରୁ ଅତି ଆଶ୍ଚର୍ଯ୍ୟଜନକ ଭାବରେ ରକ୍ଷା ପାଇବ । ଏହି ଘଟଣା ସେହି ଯୁଗାବତାରଙ୍କ ଆଗମନର ସତ୍ୟତା ପାଇଁ ଏକ ଜ୍ୱଳନ୍ତ ନିଦର୍ଶନ ହେବ । ସୁତରାଂ ଦୟାମୟ ଈଶ୍ୱରଙ୍କର ଏହି ଇଚ୍ଛାକୁ ସେ ଦୈବିବାଣୀ ମାଧ୍ୟମରେ ପ୍ରାପ୍ତ କରି ଦେଶବାସୀଙ୍କୁ ଅଗ୍ରୀମ ସୂଚନା ଦେଇଥିଲେ । ଇତିହାସ ଏହାର ସାକ୍ଷୀ ଯେ ହଜରତ ଅହମଦଙ୍କର ଏହି ଭବିଷ୍ୟତବାଣୀ ଅତି ଚମତ୍କାର ଭାବେ ପୂରଣ ହୋଇଥିଲା । ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଯେ କାଦିୟାନ ଓ ଏହାର ଆଖପାଖ ଅଞ୍ଚଳରେ ଲକ୍ଷ ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ ସୁଦ୍ଧା ତାଙ୍କର ଅନୁଗାମୀ ଅହମଦିମାନେ ଟୀକା ନଲଗାଇବା ସତ୍ତ୍ୱେ ଈଶ୍ୱର ଏପରି ବିଶେଷ ସୁରକ୍ଷା ପ୍ରଦାନ କଲେ ଯେ ମନୁଷ୍ୟଟିଏ ଦୂରେ ଥାଉ, ତାଙ୍କ ଘରୁ ମୁଷା ଛୁଆଟିଏ ମଧ ମଲା ନାହିଁ । **(ହୟାତେ ତୟବା, ପୃଷ୍ଠା ୩୧୪)**

ଏହି ପୁସ୍ତକଟିକୁ ଅନୁବାଦ କରିଛନ୍ତି ମୌଲବୀ ମକସୁଦ ଅଲି ଅହମଦ୍ (ଏମ୍.ଏ.) ଏବଂ ସମୀକ୍ଷା କରିଛନ୍ତି ଓଡିଶା ରିଭ୍ୟୁ କମିଟି ଅଧ୍ୟକ୍ଷ ଇଂ. ରୌଶନ୍ ଖାନ୍ ସାହେବ । ଏହାକୁ ସରଳ, ବୋଧଗମ୍ୟ ଓ ତ୍ରୁଟିରହିତ କରିବା ପାଇଁ ଯତ୍ପରୋନାସ୍ତି ଚେଷ୍ଟା କରାଯାଇଛି । ସେଥିପାଇଁ ମୌଲବୀ ଅନୱର ଅହମଦ, ଏମ୍.ଏ ଇନ୍‌ଚାର୍ଜ ଓଡିଆ ଡେସ୍କ, କାଦିୟାନ୍ ଏବଂ ଶ୍ରୀଯୁକ୍ତ ମନୱର ଅହମଦ, ଆଡଭୋକେଟ, ପୁରୀଙ୍କ ଉଦ୍ୟମ ପ୍ରଶଂସନୀୟ । ଅଲ୍ଲାଃତାଲା ସେ ସମସ୍ତଙ୍କ ଅକ୍ଲାନ୍ତ ପରିଶ୍ରମ ଓ ନିଷ୍ଠାପର ସେବାକୁ ଗ୍ରହଣ କରନ୍ତୁ । ଏହି ପୁସ୍ତକ କେବଳ ଅତୀତରେ ନୁହେଁ, ବର୍ତ୍ତମାନ ଦେଖା ଦେଇଥିବା ଉକ୍ଟ ସଙ୍କଟ ସମୟରେ ମଧ ଆଶାର ଉଦ୍ଦୀପ୍ତ କିରଣ ସ୍ୱରୂପ ମାନବ ସମାଜକୁ ସତ୍ମାର୍ଗ ପ୍ରଦର୍ଶନ କରୁ । ପୃଥିବୀର ନିର୍ବାଣ ସକାଶେ ଏହା ଏକ ସର୍ବକାଳୀନ ଉପାଦେୟ ପୁସ୍ତକ ରୂପେ ସାବ୍ୟସ୍ତ ହୋଇ ମନୁଷ୍ୟ ଜୀବନରେ ନୈତିକ ଓ ଆଧାତ୍ମିକ ପରିବର୍ତ୍ତନ ଆଣିଦେଉ । ଆମିନ୍ ।

**ହାଫିଜ୍ ମଖଦୁମ ଶରୀଫ**

ନାଜର୍ କେନ୍ଦ୍ରୀୟ ପ୍ରକାଶନ ଓ ପ୍ରସାରଣ ନିର୍ଦ୍ଦେଶାଳୟ
କାଦିୟାନ, ପଞ୍ଜାବ

# ପୃଷ୍ଠଭୂମି

ଯୁଗାବତାର ହଜରତ ମିର୍ଜା ଗୁଲାମ ଅହମଦ (୧୮୩୫-୧୯୦୮) 'କିଶ୍‌ତୀ ନୁହ୍' ନାମକ ଏକ ଉର୍ଦ୍ଦୁ ପୁସ୍ତକ ରଚନା କଲେ । ଏହା ୧୯୦୨ ମସିହା ଅକ୍ଟୋବର ୫ରେ ପ୍ରକାଶିତ ହେଲା । ଏହି ପୁସ୍ତକର ଦ୍ୱିତୀୟ ନାମ : 'ଦାଓ୍ୱତୁଲ୍ ଇମାନ୍' (ଆସ୍ଥା ପ୍ରତି ଆହ୍ୱାନ) ଓ ତୃତୀୟ ନାମଟି 'ତକ୍‌ଓ୍ୱିତୁଲ୍ ଇମାନ୍' (ଦୃଢ଼ୀଭୁତ ବିଶ୍ୱାସ) ରଖା ଯାଇଥିଲା । ଏହାର ଶୀର୍ଷକ ପୃଷ୍ଠାରେ ଏହା ମଧ ଲେଖାପାଇଛି : 'ଏହି ପତ୍ରିକା ପ୍ଲେଗ ମହାମାରୀ ବିରୁଦ୍ଧରେ ଜମାଅତ ପାଇଁ ଐଶ୍ୱରିକ ଟୀକା ରୂପେ ପ୍ରସ୍ତୁତ କରାଯାଇଛି ।'

ତେବେ ଏହି ପୁସ୍ତକ ରଚନାର ପୃଷ୍ଠଭୂମିରେ ହଜରତ ଅହମଦ[ଅସ] ୧୮୯୮ ଫେବୃୟାରୀ ୬ ତାରିଖ ଦିନ କଳାବୃକ୍ଷ ସଂବନ୍ଧରେ ଏକ ଅଦ୍ଭୁତ ସ୍ୱପ୍ନ ଦେଖିଲେ ଯେ ଦେବଦୂତମାନେ ପଞ୍ଜାବର ବିଭିନ୍ନ ଭାଗରେ କଳା ରଙ୍ଗର ଗଛ ଲଗାଉଛନ୍ତି । ସେଗୁଡିକ ଅତି କୁତ୍ସିତ କଦାକାର ରୂପରେ ଛୋଟ ଛୋଟ ଗଛ ଥିଲା । ଏହା ଦେଖି ସେ କେତେକ ବୃକ୍ଷ ରୋପଣକାରୀଙ୍କୁ ପଚାରିଲେ 'ଏହା କିପରି ଗଛ ?' ସେମାନେ ଉତ୍ତର ଦେଲେ, 'ଏହା ହେଉଛି ପ୍ଲେଗ ରୋଗର ବୃକ୍ଷ, ଯାହା ଅତି ନିକଟରେ ସାରା ରାଜ୍ୟରେ ବ୍ୟାପିଯିବ ।'

ଏହି ସ୍ୱପ୍ନାଦେଶକୁ ଦୃଷ୍ଟିରେ ରଖି ସେ ଇସ୍ତହାର ମାଧମରେ ଦେଶର ଜନସାଧାରଣଙ୍କୁ ମୁକ୍ତ ବାତାବରଣରେ ଓ ଖୋଲା ସ୍ଥାନରେ ରହିବାକୁ ପରାମର୍ଶ ଦେଲେ । କିନ୍ତୁ ସେ ସମୟରେ ରୋଗର କୌଣସି ଚିହ୍ନବର୍ଣ୍ଣ ନଥିବାରୁ ଲୋକମାନେ ତାଙ୍କୁ ବିଦ୍ରୁପ କରି କହିଲେ, 'ମିର୍ଜା (ଅହମଦ)କୁ ଏହିପରି ସ୍ୱପ୍ନ ଆସେ । ... ସେ ଲୋକମାନଙ୍କୁ କେବଳ ଭୟ ଦେଖାଉଛି । ଆପଣମାନେ ଦେଖିବେ ଯେ ତାକୁ ମଧ ପ୍ଲେଗ ଗ୍ରାସ କରିବ ।' **(ସମ୍ବାଦପତ୍ର 'ପୈସା', ଲାହୋର, ଫେବୃୟାରୀ ୧୮୯୮, 'ହୟାତେ ତୟବା', ପୃ ୨୪୧)**

ହଜରତ ଅହମଦ ପୁଣି ଥରେ ୧୯୦୧ ମସିହା ମାର୍ଚ୍ଚ ୧୭ ତାରିଖ ଦିନ ଦରଦଭରା କଣ୍ଠରେ ଏହିପରି ଘୋଷଣା କଲେ :

'ବନ୍ଧୁଗଣ ! ମୁଁ ଆପଣମାନଙ୍କୁ ପୁନର୍ବାର ନିବେଦନ କରୁଛି ଯେ ତୁମେମାନେ ସମ୍ଭାଳି ଯାଅ ଓ ଈଶ୍ୱରଙ୍କୁ ଭୟ କର ।.... ଏହି ବିପତ୍ତି ଯାହା ତୁମର ଅତି ନିକଟରେ ଉପସ୍ଥିତ, ତହିଁରୁ ଈଶ୍ୱର ତୁମକୁ ରକ୍ଷା କରିବେ ।' **(ମଜମୁଆ ଇସ୍ତେହାର, ଭାଗ ୩, ପୃଷ୍ଠା ୪୦୧)**

କିନ୍ତୁ ଯେତେବେଳେ ଲୋକମାନେ ତାଙ୍କର ଏହି ସତର୍କ ସୂଚନା ପ୍ରତି କର୍ଣ୍ଣପାତ କଲେ ନାହିଁ, ସେତେବେଳେ ଈଶ୍ୱରଙ୍କ ମହାକୋପ ସେମାନଙ୍କ ଉପରେ ପଡିଲା । ଏହାର ଠିକ ତିନି ବର୍ଷ ପରେ ଅର୍ଥାତ ୧୯୦୧ ମାର୍ଚ୍ଚ ମାସ ବେଳକୁ ରାଜ୍ୟରେ ପ୍ଲେଗ ରୋଗ ସଂକ୍ରମିତ ହେବାକୁ ଲାଗିଲା । ୧୯୦୨ ମସିହାରେ ଏହାର ପ୍ରକୋପ ବୃଦ୍ଧିପାଇ ଏପରି ଭୟଙ୍କର ରୂପ ଧାରଣ କଲା ଯେ ଲୋକମାନେ ପୋକମାଛି ପରି ମରିବାକୁ ଲାଗିଲେ । ଘରମାନଙ୍କରେ କୁଡ଼ କୁଡ଼ ଶବ ପଡି ରହିଲା, ଏପରିକି ଶବ ଦାହ କରିବାକୁ ଘରୁ କେହି ବାହାରିବାକୁ ସାହାସ କଲେ ନାହିଁ । ଘରକୁ ଘର, ଗ୍ରାମକୁ ଗ୍ରାମ ଓ ସହରକୁ ସହର ଜନଶୂନ୍ୟ ହୋଇ ଶ୍ମଶାନ ଭୁମିରେ ପରିଣତ ହେଲା । ସୁତରାଂ ହଜରତ ଅହମଦ[ଅସ]ଙ୍କ ଭବିଷ୍ୟତବାଣୀ ଅନୁଯାୟୀ ପ୍ଲେଗର ପ୍ରଚଣ୍ଡ ପ୍ରକୋପକୁ ଦେଖି ତତ୍‌କାଳୀନ ବ୍ରିଟିଶ ସରକାର ଏହି ଦେଶବ୍ୟାପୀ ମଡ଼କର ଆତଙ୍କରୁ ଲୋକମାନଙ୍କୁ ରକ୍ଷା କରିବା ପାଇଁ ପ୍ରତିଷେଧକ ମୂଳକ ଟୀକାକରଣର ବ୍ୟାପକ ବ୍ୟବସ୍ଥା କଲେ ଏବଂ ପ୍ରଚାର ମାଧମରେ ଦେଶର ପ୍ରତ୍ୟେକ ନାଗରିକ ପକ୍ଷେ ଟୀକା ନେବା ଜରୁରୀ ବୋଲି ଘୋଷଣା କଲେ । ମାତ୍ର ହଜରତ ମସିହ ମଉଦ[ଅସ] ଟୀକା ନେବାକୁ ସ୍ପଷ୍ଟ ରୂପେ ବାରଣ କଲେ ଏବଂ 'କିଶ୍‌ତୀ ନୁହ୍' ନାମକ

ଏହି ପୁସ୍ତକ ମାଧ୍ୟମରେ ଟୀକା ନେବାକୁ କାହିଁକି ବାରଣ କଲେ, ସରକାରଙ୍କୁ ଏହାର ସ୍ପଷ୍ଟୀକରଣ ଦେଲେ । ସେଥିରେ ସେ ସରକାରଙ୍କ ତରଫରୁ ହୋଇଥିବା ଟୀକାକରଣ ବ୍ୟବସ୍ଥାର ଭୂୟସୀ ପ୍ରଶଂସା କରି କହିଲେ :

'ଏହା ଏପରି କାର୍ଯ୍ୟ ଯାହାକୁ କୃତଜ୍ଞତାର ସହିତ ସ୍ୱାଗତ କରିବା ଅବଶ୍ୟ ପ୍ରତ୍ୟେକ ବୁଦ୍ଧିଜୀବି ଓ ସଚେତନ ନାଗରୀକର କର୍ତ୍ତବ୍ୟ ।' ପୁନଶ୍ଚ ହଜରତ ମିର୍ଜା ଗୁଲାମ ଅହମଦ[ଅସ] ଆପଣା ପରିଚୟ ପ୍ରଦାନ ପୂର୍ବକ ନିଜ ଜମାଅତ ସମ୍ବନ୍ଧରେ ଏହିପରି କହିଛନ୍ତି :

'ଯଦି ଆମ ସକାଶେ ଏକ ଆକାଶୀୟ ପ୍ରତିବନ୍ଧକ ନଥା'ନ୍ତା, ତେବେ ପ୍ରଜାମାନଙ୍କ ମଧ୍ୟରୁ ସର୍ବପ୍ରଥମେ ଆମେ ହିଁ ଟୀକା ଲଗାଇଥାନ୍ତୁ । ସେହି ଆକାଶୀୟ ପ୍ରତିରୋଧ ସ୍ୱରୂପ ଈଶ୍ୱର ଏହା ଚାହାନ୍ତି ଯେ ଚଳିତ ଯୁଗରେ ମାନବଜାତି ସକାଶେ ସେ ଏକ ସ୍ୱର୍ଗୀୟ କରୁଣାର ନିଦର୍ଶନ ଦେଖାଇବେ । ସୁତରାଂ ସେ ମୋତେ ସମ୍ବୋଧନ କରି କହିଛନ୍ତି : 'ତୁମେ ଓ ଯେଉଁ ବ୍ୟକ୍ତି ତୁମ ଗୃହର ଚାରିକାନ୍ଥ ଭିତରେ ରହିବ ଏବଂ ସଂପୂର୍ଣ୍ଣ ଆନୁଗତ୍ୟ ପୂର୍ବକ ଆଜ୍ଞାପାଳନ କରିବ ତଥା ଗଭୀର ଧର୍ମନିଷ୍ଠା ସହିତ ତୁମଠାରେ ଲୀନ ହୋଇଯିବ, ସେହି ସମସ୍ତ ଲୋକଙ୍କୁ ପ୍ଲେଗ ରୋଗରୁ ରକ୍ଷା କରାଯିବ । ସେହି ଅନ୍ତିମ ଦିନମାନଙ୍କରେ ଈଶ୍ୱରଙ୍କର ଏହା ପରମ ନିଦର୍ଶନ ହେବ, ଯଦ୍ଦ୍ୱାରା ସେ ଧାର୍ମିକ ସଂପ୍ରଦାୟ ତଥା ଜାତି ଜାତି ମଧ୍ୟରେ ପ୍ରକୃତ ସତ୍ୟାନୁରାଗୀଙ୍କୁ ପାର୍ଥକ୍ୟ କରି ଦେଖାଇ ଦେବେ ।..... ଏହା ଈଶ୍ୱରଙ୍କ ଆଦେଶ ଯାହାକୁ ଗ୍ରହଣ କଲେ ଆମକୁ ନିଜ ସକାଶେ ଓ ସେହି ସମସ୍ତ ଲୋକଙ୍କ ସକାଶେ ଯେଉଁମାନେ ଆମ ଗୃହର ଚାରିକାନ୍ଥ ମଧ୍ୟରେ ରହୁଛନ୍ତି, ଟୀକା ନେବାର କୌଣସି ଆବଶ୍ୟକତା ନାହିଁ ।

**(କିଶ୍ତି ନୁହ୍, ରୁହାନି ଖଜାୟିନ, ଗ୍ରନ୍ଥଖଣ୍ଡ ୧୯, ପୃଷ୍ଠା ୨,୪)**

ଏହି ପୁସ୍ତକର ନାମକରଣ 'କିଶ୍ତୀ ନୁହ୍' ବା 'ନୋହାଙ୍କ ଧର୍ମତରୀ'ର ତାତ୍ପର୍ଯ୍ୟ ବୁଝାଇବାକୁ ଯାଇ ସେ ଏହିପରି କହିଛନ୍ତି :

'ଏହା କୌଣସି ସାଧାରଣ ପ୍ଲେଗ ରୋଗ ନୁହେଁ, ବରଂ ଏହା ହେଉଛି ହଜରତ ନୁହ[ଅସ]ଙ୍କ ସମୟର ପ୍ରଳୟଙ୍କରୀ ବନ୍ୟାର ତାଣ୍ଡବ ସଦୃଶ । ତେଣୁ ହେ ଲୋକମାନେ ! ତୁମେ ଶୀଘ୍ର ଆସ ଓ ମୋର ଧର୍ମପୋତରେ ବସିପଡ । ଏହା ସର୍ବଦା ତୁମମାନଙ୍କୁ ମହାମାରୀର ବିଭୀଷିକାରୁ ବଞ୍ଚାଇବ, ଯାହା ଈଶ୍ୱରଙ୍କ ଆଦେଶରେ ତିଆରି ହୋଇଛି ।' ପ୍ଲେଗ ମହାବ୍ୟାଧିର ଦାଉରୁ ରକ୍ଷା ପାଇବାର ଏକମାତ୍ର ଉପାୟ ସମ୍ବନ୍ଧରେ ଅଧିକ ବ୍ୟାଖ୍ୟା କରି ସେ ପୁଣି କହିଛନ୍ତି :

'ଯଦି ପ୍ରଶ୍ନ ଉଠୁଛି ଯେ ସେହି ଶିକ୍ଷା କ'ଣ, ଯାହା ଉପରେ କଡାକଡି ପାଳନ କଲେ ପ୍ଲେଗର ଆକ୍ରମଣରୁ ରକ୍ଷା ପାଇପାରିବ, ତା'ହେଲେ ମୁଁ ସଂକ୍ଷୀପ୍ତ ଭାବରେ ନିମ୍ନରେ ସେହି ଶିକ୍ଷାର ଅବତାରଣା କରିଦେଉଛି ।' **(କିଶ୍ତୀ ନୁହ୍, ରୁହାନି ଖଜାୟିନ୍, ଗ୍ରନ୍ଥଖଣ୍ଡ ୧୯, ପୃଷ୍ଠା ୧୦)**

ପୁସ୍ତକ ମଧ୍ୟରେ ଆଗକୁ ହଜରତ ମସିହ ମଉଦ[ଅସ] ଏପରି ବିଶୁଦ୍ଧ ଓ ଉଚ୍ଚ ନୈତିକ ଶିକ୍ଷାର ଉଲ୍ଲେଖ କରିଛନ୍ତି ଯେ ଯଦି ଆମ ଜମାଅତର ସମସ୍ତ ଅନୁଗାମୀ କର୍ତ୍ତବ୍ୟ ପରାୟଣ ହୋଇ ଏହି ଶିକ୍ଷାଗୁଡିକୁ ଯଥାରୀତି ଅନୁସରଣ କରନ୍ତି, ତା'ହେଲେ ସେମାନଙ୍କର ଏହି କର୍ମର ଆଦର୍ଶ ଦୃଷ୍ଟାନ୍ତ ସଂସାରରେ ଏକ ମହାନ ବୈପ୍ଳବିକ ପରିବର୍ତ୍ତନ ସୃଷ୍ଟି କରି ପାରିବ ।

**- ସମୀକ୍ଷକ**

بسم اللہ الرحمٰن الرحیم

نحمدہٗ ونصلّی علیٰ رسولہ الکریم

# ପ୍ଲେଗର ଟୀକା

لَنۡ یُّصِیۡبَنَاۤ اِلَّا مَا کَتَبَ اللّٰہُ لَنَا ہُوَ مَوۡلٰنَا وَعَلَی اللّٰہِ فَلۡیَتَوَکَّلِ الۡمُؤۡمِنُوۡنَ

**ଲୈଁୟୁସିବନା ଇଲ୍ଲା ମାକତବଲ୍ଲାହୁ ଲନା ହୁଓ୍ୱା ମୌଲାନା ଓ୍ୱଅଲଲ୍ଲାହି ଫଲ୍ ୟତଓ୍ୱକ୍ କଲିଲ୍ ମୁମିନୁନ୍** (ଅତ୍ ତୌବା 9:51)

ଅନୁବାଦ: "ଆମ ନିକଟରେ କୌଣସି ଦୁଃଖକଷ୍ଟ କଦାପି ପହଞ୍ଚି ପାରିବ ନାହିଁ । କେବଳ ସେତିକି ଯାହା କିଛି ଅଲ୍ଲାଃ ଆମମାନଙ୍କ ପାଇଁ ନିର୍ଦ୍ଦିଷ୍ଟ କରିଛନ୍ତି । ସେ ହିଁ ଆମମାନଙ୍କର କାର୍ଯ୍ୟ ନିଷ୍ପାଦକ ଏବଂ ବିଶ୍ୱାସକାରୀମାନେ ଅଲ୍ଲାଃଙ୍କ ଉପରେ ହିଁ ଭରସା କରିବା ଉଚିତ ।"

କୃତଜ୍ଞ ହେବା ଆମ ପକ୍ଷେ ଉଚିତ ହେବ ଯେ ଏହି ମହତ୍ତ୍ୱାକାଂକ୍ଷୀ ଇଂରେଜ ସରକାର ନିଜ ପ୍ରଜାଙ୍କ ଉପରେ ଦୟା ପରବଶ ହୋଇ ପୁନର୍ବାର ତାଉନ୍ (ପ୍ଲେଗ ରୋଗ)ର ଦାଉରୁ ବଞ୍ଚାଇବା ନିମନ୍ତେ ରୋଗ ନିରୋଧକ ଟୀକା (ଇଂଜେକସନ)ର ବ୍ୟବସ୍ଥା କରିଛନ୍ତି ଓ ଲୋକମାନଙ୍କ ନିମନ୍ତେ ଲକ୍ଷ ଲକ୍ଷ ଟଙ୍କାର ବ୍ୟୟ ବୋଝକୁ ନିଜେ ବହନ କରିଛନ୍ତି । ବାସ୍ତବରେ ଏହା ହେଉଛି ଏପରି କାର୍ଯ୍ୟ ଯାହାକୁ କୃତଜ୍ଞତା ଜ୍ଞାପନ ପୂର୍ବକ ସ୍ୱାଗତ କରିବା ବୁଦ୍ଧିମାନ ପ୍ରଜାଙ୍କ କର୍ତ୍ତବ୍ୟ । ସେହି

ମନୁଷ୍ୟ ଅତ୍ୟନ୍ତ ନିର୍ବୋଧ ଓ ନିଜେ ହିଁ ନିଜର ଶତ୍ରୁ, ଯିଏ ଟୀକା ସମ୍ବନ୍ଧରେ ଅବାନ୍ତର ଧାରଣା ରଖୁଛି । କାରଣ ଅନେକ ଥରର ଅଭିଜ୍ଞତାରୁ ଏହା ପ୍ରମାଣିତ ହୋଇସାରିଛି ଯେ ବେଳହୁଁ ସାବଧାନ ରହୁଥିବା ଏହି ସରକାର କୌଣସି ବିପଦଜନକ ରୋଗର ଶୀଘ୍ର ଉପଚାର କରିବାକୁ ଚାହାନ୍ତି ନାହିଁ । ବରଂ ବହୁ ପରୀକ୍ଷା ନିରୀକ୍ଷା କରିବା ପରେ ଯେତେବେଳେ ସଠିକ୍ ଔଷଧ ନିର୍ଦ୍ଧାରଣ କରାଯାଏ ଓ ତାହା ପ୍ରକୃତରେ ଫଳପ୍ରଦ ହୋଇଥାଏ, ସେତେବେଳେ ସେ ତାହା ପ୍ରୟୋଗ କରିଥାନ୍ତି । ତେଣୁ ସରକାର ସଠିକ ସମୟରେ ଏପରି ହିତକାରକ କାର୍ଯ୍ୟ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥାନ୍ତି ଓ ଆଗରୁ କରି ସାରିଛନ୍ତି ମଧ୍ୟ । ତେଣୁ ଏହା କହିବା ମାନବିକତା ନୁହେଁ ଯେ ସରକାରଙ୍କ ଏପରି ଖର୍ଚ୍ଚ ବହନ କରିବା ଓ ତାଙ୍କର ଏଥିପାଇଁ ମୁଣ୍ଡ ବ୍ୟଥା ହେବା ପଛରେ ନିଜର କୌଣସି ବିଶେଷ ସ୍ୱାର୍ଥ ରହିଛି । ଯେଉଁ ନାଗରିକ ଏପରି ଅନୁଚିତ ଧାରଣାର ବଶବର୍ତ୍ତୀ ହୋଇ ଏହି ସୀମା ପର୍ଯ୍ୟନ୍ତ ପହଞ୍ଚି ଯାଇପାରେ, ସେ ଏକ ହତଭାଗା । ଏହା ନିଃସନ୍ଦେହ ଯେ ସରକାର ଏପର୍ଯ୍ୟନ୍ତ ଭୌତିକ ସାଧନ ଦ୍ୱାରା ଯାହା କିଛି ଉପାୟ ଅବଲମ୍ବନ କରିଛନ୍ତି, ସେ ସବୁ ମଧ୍ୟରୁ ସର୍ବୋତ୍କୃଷ୍ଟ ପ୍ରୟାସ ହେଉଛି ଟିକାକରଣ କରିବା । ଏହି ଉପାୟଟି ଅବଶ୍ୟ ଲାଭକାରୀ ସିଦ୍ଧ ହୋଇଛି, ଯାହାକୁ କେହି ଅମାନ୍ୟ କରିପାରିବେ ନାହିଁ । ସମସ୍ତ ନାଗରିକଙ୍କର ଏହା କର୍ତ୍ତବ୍ୟ ଯେ ସେମାନେ ଏହା ଉପରେ କଡାକଡି ଭାବେ ପାଳନ କରନ୍ତୁ ଏବଂ ସରକାର ତାଙ୍କ ଜୀବନ ରକ୍ଷା ପାଇଁ ଯାହା କଷ୍ଟ ଉଠାଇଛନ୍ତି, ସେଥିରୁ ତାକୁ ଭାରମୁକ୍ତ କରନ୍ତୁ । କିନ୍ତୁ ଆମେ ଅତ୍ୟନ୍ତ ଆଦର ଓ ସମ୍ମାନର ସହିତ ଏହି ଦୟାବନ୍ତ ସରକାରଙ୍କ ନିକଟରେ ନିବେଦନ କରୁଛୁ ଯେ ଯଦି ଆମ ନିମନ୍ତେ ଏକ ସ୍ୱର୍ଗୀୟ ପ୍ରତିବନ୍ଧକ ନଥାନ୍ତା, ତେବେ ପ୍ରଜାମାନଙ୍କ ମଧ୍ୟରୁ ସର୍ବପ୍ରଥମେ ଆମେ ହିଁ ଟୀକାକରଣ କରାଇଥାନ୍ତୁ । ଉକ୍ତ ଆକାଶୀୟ ପ୍ରତିରୋଧ ସ୍ୱରୂପ ଈଶ୍ୱର ଚାହାନ୍ତି ଯେ ଚଳିତ ଯୁଗରେ ମାନବଜାତି ସକାଶେ **ଏକ ସ୍ୱର୍ଗୀୟ କରୁଣାର ନିଦର୍ଶନ** ଦେଖାଇବେ । ତେଣୁ ଈଶ୍ୱର ମୋତେ ସମ୍ବୋଧନ କରି କହିଛନ୍ତି "ତୁମେ ଓ ଯେଉଁ ବ୍ୟକ୍ତି ତୁମ ଗୃହର ଚାରିକାନ୍ଥ ଭିତରେ ରହିବେ ଓ ଯିଏ ସମ୍ପୂର୍ଣ୍ଣ ଆନୁଗତ୍ୟ ପୂର୍ବକ ଆଜ୍ଞାପାଳନ କରିବ ତଥା ନିଷ୍ପାପର ହୋଇ ତୁମଠାରେ ଲୀନ ହୋଇଯିବେ, ସେ ସମସ୍ତ ଲୋକଙ୍କୁ **ପ୍ଲେଗ ରୋଗରୁ ରକ୍ଷା କରାଯିବ** । ସେହି ଅନ୍ତିମ ଦିନମାନଙ୍କରେ ଈଶ୍ୱରଙ୍କର ଏହା ଏକ ପରମ ନିଦର୍ଶନ ହେବ, ଯଦ୍ୱାରା ସେ ଧାର୍ମିକ ସମ୍ପ୍ରଦାୟ ତଥା ଜାତି ଜାତି

ମଧ୍ୟରେ ପ୍ରକୃତ ସତ୍ୟାନୁରାଗୀଙ୍କୁ ପାର୍ଥକ୍ୟ କରି ଦେଖାଇଦେବେ । କିନ୍ତୁ ଯିଏ ସମ୍ପୂର୍ଣ୍ଣ ରୂପେ ତୁମକୁ ଅନୁସରଣ କରୁନାହିଁ, ସେ ତୁମ ମଧ୍ୟରେ ନାହିଁ । ସେଥିଯୋଗୁ **ଦୁଃଖ କି ଅନୁଶୋଚନା କର ନାହିଁ** । ଏହା ହେଉଛି **ଅଲ୍ଲାଃଙ୍କ ନିର୍ଦ୍ଦେଶ,** ଯାହାକୁ ଗ୍ରହଣ କଲେ ଆମକୁ ନିଜ ସକାଶେ ଓ ସେହି ସମସ୍ତ ଲୋକଙ୍କ ସକାଶେ ଯେଉଁମାନେ ଆମ ଗୃହର ଚାରିକାନ୍ଥ ମଧ୍ୟରେ ରହୁଛନ୍ତି, ସେମାନଙ୍କୁ ଟୀକା ନେବାର କୌଣସି ଆବଶ୍ୟକତା ନାହିଁ ।"

କାରଣ ଯେପରି ମୁଁ ଏବେ ବର୍ଣ୍ଣନା କରିସାରିଛି ଆଜିଠାରୁ ବହୁଦିନ ପୂର୍ବେ ସେହି ପରମେଶ୍ୱର ଯିଏ ପୃଥିବୀ ଓ ଆକାଶର ଅଧିଶ୍ୱର, ଯାହାଙ୍କ ଜ୍ଞାନର ପରିସୀମା ବାହାରେ କୌଣସି ବସ୍ତୁ ନାହିଁ, ସେ ମୋ ପ୍ରତି ଦୈବୀବାଣୀ କରିଥିଲେ ଯେ ମୁଁ ଏପରି ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ଲେଗ ଜନିତ ମୃତ୍ୟୁରୁ ଉଦ୍ଧାର କରିବି ଯିଏ ଏହି ଘରର ଚାରିକାନ୍ଥ ଭିତରେ ରହିବ । ସର୍ତ୍ତ ହେଉଛି ଯେ ସେ ନିଜର ସମସ୍ତ ବିରୋଧାତ୍ମକ ମନୋବୃତ୍ତି ଦୂରେଇ ଦେଇ ସମ୍ପୂର୍ଣ୍ଣ ନିଷ୍ଠା, ଆଜ୍ଞାବହତା ଓ ବିନମ୍ରତାର ସହିତ ଏହି ସମ୍ପ୍ରଦାୟରେ **ଦୀକ୍ଷା ଗ୍ରହଣ ପୂର୍ବକ ପ୍ରବେଶ କରିବ** । ଏହା ପ୍ରଭୁଙ୍କ ନିର୍ଦ୍ଦେଶ ଓ ତାଙ୍କ ପ୍ରେରିତ ଦୂତଙ୍କ ସମ୍ମୁଖରେ କୌଣସି ପ୍ରକାରର ଅହଂକାର, ଦୁଷ୍ଟାମୀ, ଆତ୍ମବଡ଼ିମା, ଔଦ୍ଧତ୍ୟ ଓ ସ୍ୱେଚ୍ଛାଚାରୀତା ଚଳିବ ନାହିଁ । ତାର ସମସ୍ତ କାର୍ଯ୍ୟକଳାପ ନୈତିକ ଶିକ୍ଷାନୁରୂପ ହେଇଥିବ । ସେ ମୋତେ ସମ୍ବୋଧନ କରି ଏହା ମଧ୍ୟ କହିଛନ୍ତି ଯେ ସାଧାରଣତଃ କାଦିୟାନ୍‌ରେ ପ୍ଲେଗର ପ୍ରାଦୁର୍ଭାବ ଭୟଙ୍କର ରୂପେ ଦେଖାଦେବ ନାହିଁ, ଯଦ୍ୱାରା ଲୋକେ କୁକୁର ପରି ମରିବେ ନାହିଁ ଓ ଦୁଃଖ ଜର୍ଜରିତ ପାଗଳ ପ୍ରାୟ ହୋଇଯିବେ ନାହିଁ । ସାଧାରଣତଃ ଏହି ଜମାଅତ୍‌ର ସମସ୍ତ ଲୋକ ସେମାନେ ଯେତେ ସଂଖ୍ୟକ ହୋଇଥାନ୍ତୁ ପଛକେ ବିରୋଧିମାନଙ୍କ ତୁଳନାରେ ପ୍ଲେଗରୁ ସୁରକ୍ଷିତ ରହିବେ । କିନ୍ତୁ ସେମାନଙ୍କ ମଧ୍ୟରେ ଏପରି ଲୋକ, ଯେ ନିଜ ସଂକଳ୍ପ ଉପରେ ସମ୍ପୂର୍ଣ୍ଣ ରୂପେ ଅଟଳ ରହି ନାହାନ୍ତି କିମ୍ବା ତାଙ୍କ ବିଷୟରେ ଅନ୍ୟ କୌଣସି କାରଣ ରହିଥିବ ଯାହା ପ୍ରଭୁଙ୍କୁ ଜଣାଥିବ, ସେମାନଙ୍କ ଉପରେ ଏହି ଦୁଃସାଧ୍ୟ ବ୍ୟାଧି ଆକ୍ରମଣ କରିପାରେ । କିନ୍ତୁ ପରିଶେଷରେ ଲୋକମାନେ ଆଶ୍ଚର୍ଯ୍ୟ ହୋଇ ଏହା ମାନିନେବେ ଯେ ଅନ୍ୟମାନଙ୍କ ତୁଳନାରେ ଈଶ୍ୱରଙ୍କ ସାହାଯ୍ୟ ସମର୍ଥନ ଏହି ସମ୍ପ୍ରଦାୟ ସହିତ ଅଛି ଓ ସେ ତାଙ୍କ ବିଶେଷ କରୁଣା ବଳରେ ଏହି ଲୋକମାନଙ୍କୁ

ଏଭଳି ରକ୍ଷା କରିଛନ୍ତି ଯାହାର କୌଣସି ପଟାନ୍ତର ନାହିଁ । ଏହି କଥା ଶୁଣି କେତେକ ଅଭାଗା ଚମକି ପଡ଼ିବେ ଓ କେତେକ ହସିବେ ଏବଂ କେତେକ ମୋତେ ପାଗଳ ବୋଲି କହିବେ । ପୁଣି କେତେକ ବ୍ୟକ୍ତି ଆଶ୍ଚର୍ଯ୍ୟ ଚକିତ ହୋଇ ଚିନ୍ତା କରିବେ ଯେ କଣ ଏପରି ଈଶ୍ୱର ଅଛନ୍ତି, ଯିଏ କୌଣସି ଭୌତିକ ସାଧନ ବିନା ମଧ୍ୟ କରୁଣା ଅବତୀର୍ଣ୍ଣ କରିପାରନ୍ତି । ଏହାର ଉତ୍ତର ହେଉଛି, ହଁ ନିଶ୍ଚିତ ରୂପେ ଏପରି ଶକ୍ତିମାନ ଈଶ୍ୱର ବିଦ୍ୟମାନ । ଯଦି ସେ ଏପରି ହୋଇ ନଥାନ୍ତେ, ତେବେ ତାଙ୍କ ସହିତ ସମ୍ପର୍କ ରଖିଥିବା ଲୋକ ଜୀବନ୍ତ ଥାଇ ମଧ୍ୟ ମରି ଯାଆନ୍ତେ । ସେ ଯେପରି ବିଚିତ୍ର ପରାକ୍ରମଶାଳୀ ଈଶ୍ୱର ଓ ତାଙ୍କ ଦିବ୍ୟ ଶକ୍ତି ସମୂହ ମଧ୍ୟ ସେପରି ବିଚିତ୍ର । ଏକପକ୍ଷେ ନିର୍ବୋଧ ବିରୋଧିମାନଙ୍କୁ ନିଜ ଭକ୍ତମାନଙ୍କ ଉପରେ କୁକୁର ପ୍ରାୟ ପକାଇ ଦେଉଛନ୍ତି ତ ଅପର ପକ୍ଷେ ଦେବଦୂତମାନଙ୍କୁ ନିର୍ଦ୍ଦେଶ ଦେଇଥାନ୍ତି ଯେ ତାଙ୍କର ସହାୟତା କର । ଏହିପରି ଭାବରେ ଯେବେ ସଂସାର ଉପରେ ତାଙ୍କର କ୍ରୋଧ ବ୍ୟାପିଯାଏ ଓ ତାଙ୍କ ପ୍ରକୋପ ଅତ୍ୟାଚାରୀଙ୍କ ଉପରେ ପ୍ରଚଣ୍ଡ ପ୍ରଭାବ ପକାଇ ଥାଏ, ସେତେବେଳେ ତାଙ୍କ ଦିବ୍ୟଦୃଷ୍ଟି ତାଙ୍କର ଆପଣା ଲୋକମାନଙ୍କୁ ସୁରକ୍ଷା ପ୍ରଦାନ କରିଥାଏ । ଯଦି ଏପରି ନହୁଅନ୍ତା ତେବେ ସତ୍ୟବାଦୀମାନଙ୍କର କର୍ମଶାଳା ଧ୍ୱଂସ ହୋଇଯାଆନ୍ତା ଓ କେହି ସେମାନଙ୍କୁ ଚିହ୍ନି ପାରନ୍ତେ ନାହିଁ । ତାହାଙ୍କ ଶକ୍ତି ଅପାର, କିନ୍ତୁ ବିଶ୍ୱାସ ଅନୁସାରେ ଲୋକମାନଙ୍କ ଉପରେ ତାହା ପ୍ରକଟ ହୋଇଥାଏ । ଯାହାଙ୍କୁ ବିଶ୍ୱାସ, ପ୍ରେମ ଓ ତାଙ୍କ ପ୍ରତି ଧ୍ୟାନ ଓ ଭକ୍ତିଭାବ ଅର୍ପଣ କରାଯାଇଛି ତଥା ବସ୍ତୁବାଦର ବାସନାରୁ ସେମାନଙ୍କୁ ଅନ୍ତର କରାଯାଇଛି, ସେମାନଙ୍କ ପାଇଁ ଏହି ଅଲୌକିକ ଶକ୍ତି ପ୍ରକଟିତ ହୋଇଥାଏ । ଈଶ୍ୱର ଯାହା ଚାହାନ୍ତି ତାହା କରିଥାନ୍ତି । କିନ୍ତୁ ସେହି ଅଲୌକିକ ଶକ୍ତି ସେମାନଙ୍କ ପାଇଁ ପ୍ରଦର୍ଶିତ କରିଥାନ୍ତି, ଯେଉଁମାନେ ପ୍ରଭୁଙ୍କ ନିମନ୍ତେ ନିଜର ମନ୍ଦ ଅଭ୍ୟାସରେ ପରିସମାପ୍ତି ଘଟାଇଥାନ୍ତି । ଚଳିତ ଯୁଗରେ ଏଭଳି ବହୁତ କମ୍ ବ୍ୟକ୍ତି ଅଛନ୍ତି, ଯିଏ ତାଙ୍କୁ ଜାଣିଛନ୍ତି ଓ ତାଙ୍କ ଅଲୌକିକ ମହିମା ଉପରେ ବିଶ୍ୱାସ ପୋଷଣ କରିଛନ୍ତି । ବରଂ ଏପରି ଅନେକ ଲୋକ ମଧ୍ୟ ରହିଛନ୍ତି, ଯେଉଁମାନଙ୍କୁ ସେହି ସର୍ବଶକ୍ତିମାନ ଈଶ୍ୱରଙ୍କ ଉପରେ ଆଦୌ ବିଶ୍ୱାସ ନାହିଁ । ତାଙ୍କ ଶବ୍ଦକୁ ପ୍ରତ୍ୟେକ ବସ୍ତୁ ଶୁଣିଥାଏ, ତାଙ୍କ ନିକଟରେ କୌଣସି କଥା ଅସମ୍ଭବ ନୁହେଁ । ଏଠାରେ ମନେ ରଖିବାକୁ ହେବ ଯେ ଯଦିଚ ପ୍ଲେଗ ଇତ୍ୟାଦି ରୋଗର ପ୍ରତିକାର

କରିବା ପାପ ନୁହେଁ, ବରଂ ଏକ ହଦିସ୍‌ରେ ଉଲ୍ଲେଖ ଅଛି ଯେ ଏପରି କୌଣସି ରୋଗ ନାହିଁ, ଯେଉଁ ରୋଗର ନିଦାନ କରାଯାଇ ନାହିଁ । କିନ୍ତୁ ମୁଁ ଏ କଥାକୁ ପାପ ବୋଲି ମଣୁଛି ଯେ ଈଶ୍ୱରଙ୍କ ସେହି ନିଦର୍ଶନକୁ ଟିକାକରଣ ଦ୍ୱାରା ସଂଶୟପୂର୍ଣ୍ଣ କରିଦେବି, ଯାହାକୁ ସେ ଆମ ପାଇଁ ପୃଥିବୀରେ ସ୍ପଷ୍ଟ ରୂପେ ପ୍ରକାଶ କରିବାକୁ ଚାହୁଛନ୍ତି । କାରଣ ସ୍ୱୟଂ **ମୁଁ ଏହାର ସତ୍ୟ ନିଦର୍ଶନ** । ତେଣୁ ଦୈବୀ ପ୍ରତିଶ୍ରୁତିର ହତାଦର ଓ ଅପମାନ କରି ମୁଁ ଟୀକାକରଣ କରିବାକୁ ଚାହୁନାହିଁ । ଯଦି ମୁଁ ଏପରି କରେ, ତେବେ ଏହି  ପାପ ଯୋଗୁଁ ମୁଁ ଦଣ୍ଡିତ ହେବି । ଅର୍ଥାତ୍ ମୁଁ ଈଶ୍ୱରଙ୍କ ସେହି ଅଙ୍ଗୀକାର ଉପରେ ବିଶ୍ୱାସ ଆଣିବି ନାହିଁ, ଯାହା ସେ ମୋ ସହିତ କରିଛନ୍ତି । ଏବଂ ଯଦି ଏପରି ହୁଏ ତେବେ ତ ମୋତେ ସଂପୃକ୍ତ ଡାକ୍ତରଙ୍କ ନିକଟରେ କୃତଜ୍ଞ ହେବା ଉଚିତ ହେବ ଯିଏ ଏହି ଟୀକାର ଉଦ୍ଭାବନ କରିଛନ୍ତି ନା ପ୍ରଭୁଙ୍କ ନିକଟରେ ମୁଁ କୃତଜ୍ଞ ହୋଇପାରିବି, ଯିଏ ମୋତେ ନିର୍ଭର ପ୍ରତିଶ୍ରୁତି ଏହିପରି ଦେଇଛନ୍ତି ଯେ ଯେଉଁ ବ୍ୟକ୍ତି ଏହି ଗୃହର  ଚାରିକାନ୍ଥ ଭିତରେ ରହିଛନ୍ତି, ମୁଁ ତାଙ୍କୁ ଅବଶ୍ୟ ରକ୍ଷା କରିବି ।

ମୁଁ ଦିବ୍ୟଦୃଷ୍ଟିର ଆଧାରରେ କହୁଛି ଯେ ସେହି ପରମଶକ୍ତି ସଂପନ୍ନ ଈଶ୍ୱରଙ୍କ ପ୍ରତିଶ୍ରୁତି ହେଉଛି ସତ୍ୟ । ମୁଁ ଆଗାମୀ ଦିନଗୁଡିକୁ ଏପରି ଦେଖୁଛି, ସତେ ଯେପରି ତାହା ବର୍ତ୍ତମାନ ମୋ ସମ୍ମୁଖରେ ଉପସ୍ଥିତ । ମୁଁ ଏହା ମଧ୍ୟ ଜାଣିଛି ଯେ ଆମର ଏହି ସରକାରଙ୍କ ଅସଲ ଆଭିମୁଖ୍ୟ ହେଉଛି ଯେ କିପରି ଲୋକମାନେ ପ୍ଲେଗର ଦାଉରୁ ମୁକ୍ତି ପାଇବେ । ଯଦି ସରକାରଙ୍କ ଦ୍ୱାରା ଭବିଷ୍ୟତରେ ପ୍ଲେଗ ଦାଉରୁ ମୁକ୍ତି ପାଇବା ପାଇଁ  ଟୀକାକରଣର କୌଣସି ଉତ୍ତମ ଉପାୟ ବାହାର କରାଯାଏ,  ତେବେ ସେ ଖୁସି ହୋଇ ତାହା ଗ୍ରହଣ କରିବେ । ଏହି ପରିସ୍ଥିତିରେ ଯେଉଁ ମାର୍ଗରେ ଈଶ୍ୱର ମୋତେ ପରିଚାଳିତ କରାଉଛନ୍ତି, ତାହା ଏହି ମହାନ୍ ସରକାରଙ୍କ ଉଦ୍ଦେଶ୍ୟ ବିରୁଦ୍ଧ ନୁହେଁ । ଆଜି ଠାରୁ ୨୦ବର୍ଷ ପୂର୍ବେ ଏପରି ମହା ବିନାଶକାରୀ ପ୍ଲେଗ ସମ୍ବନ୍ଧରେ ମୋର ପୁସ୍ତକ 'ବରାହିନେ ଅହମଦୀୟା'ରେ ଭବିଷ୍ୟତବାଣୀ ସ୍ୱରୂପ ଏହି ସମ୍ବାଦ ଲିପିବଦ୍ଧ ହୋଇଛି । ଏହି ସମ୍ପ୍ରଦାୟ ପାଇଁ ବିଶେଷ ସ୍ୱର୍ଗୀୟ ବୈଭବ ପ୍ରଦାନର ପ୍ରତିଶ୍ରୁତି ମଧ୍ୟ ରହିଛି । (ଦେଖନ୍ତୁ 'ବରାହିନେ ଅହମଦୀୟା' ପୃଷ୍ଠା ୫୧୮-୫୧୯) ପୁଣି ଅଲ୍ଲାଃଙ୍କ ତରଫରୁ ଏକ ମହାନ୍

ଭବିଷ୍ୟତବାଣୀ ପ୍ରାପ୍ତ ହୋଇଛି ଯେ ଈଶ୍ୱର ମୋ ଘରର ଚଉହଦୀ ଭିତରେ ଥିବା ସତ୍ୟନିଷ୍ଠ ବ୍ୟକ୍ତି ଯେଉଁମାନେ ଈଶ୍ୱରଙ୍କ ସମ୍ମୁଖରେ ଓ ତାଙ୍କ ପ୍ରେରିତ ଦୂତଙ୍କ ସମ୍ମୁଖରେ ଅହଙ୍କାର ପ୍ରଦର୍ଶନ କରୁନାହାନ୍ତି, ସେ ସେମାନଙ୍କୁ ପ୍ଲେଗର ବିପତ୍ତିରୁ ମୁକ୍ତି ପ୍ରଦାନ କରିବେ । ଅନ୍ୟମାନଙ୍କ ତୁଳନାରେ ଅପେକ୍ଷାକୃତ ଏହି ସମ୍ପ୍ରଦାୟ ପ୍ରତି ତାଙ୍କର ବିଶେଷ କୃପା ରହିବ । ଯଦିବା କାହାର ବିଶ୍ୱାସରେ ଦୁର୍ବଳତା ବା କର୍ତ୍ତବ୍ୟହୀନତା କିମ୍ବା ବିଧିର ବିଧାନ ଅଥବା ଅନ୍ୟ କୌଣସି କାରଣ ଯୋଗୁ ଯାହା ଈଶ୍ୱରଙ୍କ ଗୋଚରରେ ଥିବ, ତେବେ ଏହି ଘଟଣା କ୍ୱଚିତ୍ ଆମ ଜମାଅତ୍‌ରେ ମଧ୍ୟ ଘଟିପାରେ । କାରଣ ଜମାଅତ ପ୍ରତି କିଞ୍ଚିତ ରୂପେ ଏହି ନିର୍ଦ୍ଦେଶ ନଥିବା ଯୋଗୁଁ ଏହାକୁ ନଗଣ୍ୟ ବୋଲି ଧରା ଯାଇପାରେ । ସବୁବେଳେ ମୁକାବିଲା ସମୟରେ ଏହାର ପ୍ରାବଲ୍ୟକୁ ବିଚାରକୁ ନିଆ ଯାଇଥାଏ ଯାହା ବହୁଳ ମାତ୍ରାରେ ଦେଖାଯାଏ । ଯେପରି ସରକାର ନିଜେ ପ୍ରତିଷେଧକ ମୂଳକ ବ୍ୟବସ୍ଥାର ବିନିଯୋଗ କରି ଏହା ଜାଣି ପାରିଛନ୍ତି ଯେ ପ୍ଲେଗର ଟୀକା ଲଗାଇଥିବା ବ୍ୟକ୍ତି ଅନ୍ୟମାନଙ୍କ ତୁଳନାରେ ବହୁତ କମ ସଂଖ୍ୟାରେ ମୃତ୍ୟୁ ମୁଖରେ ପଡିଥାନ୍ତି । ସୁତରାଂ ଯେପରି କ୍ୱଚିତ୍ ମୃତ୍ୟୁ ହେବା ଦ୍ୱାରା ଟୀକାକରଣର ବହୁଳ ଭାବେ ଆଦୃତ ଲାଭ କରିବା ବିଷୟକୁ ହ୍ରାସ କରାଯାଇ ପାରିବ ନାହିଁ, ସେହିପରି ଏହି ସ୍ୱର୍ଗୀୟ ଚିହ୍ନ ବିଷୟରେ ଯଦି ଅନ୍ୟମାନଙ୍କ ତୁଳନାରେ ବହୁତ କମ ପରିମାଣରେ କାଦିୟାନରେ ପ୍ଲେଗର ପ୍ରଭାବ ଦେଖାଯିବ ଅଥବା ଏହି ଜମାଅତର କ୍ୱଚିତ ବ୍ୟକ୍ତି ଏହି ରୋଗରେ ଆକ୍ରାନ୍ତ ହୋଇ ମରିଯିବେ, ତେବେ ଏହି ନିଦର୍ଶନର ମର୍ଯ୍ୟାଦା ହ୍ରାସ ହେବ ନାହିଁ । ସେହି ଶବ୍ଦଗୁଡିକ ଯାହା ଈଶ୍ୱରଙ୍କ ପବିତ୍ର ବାଣୀରୁ ପ୍ରକାଶିତ ହେଉଛି, ତଦନୁଯାୟୀ ଏହି ଭବିଷ୍ୟତବାଣୀର ଉଲ୍ଲେଖ କରାଯାଇଛି । ଏହା ଜ୍ଞାନୀମାନଙ୍କର କାର୍ଯ୍ୟ ନୁହେଁ ଯେ ପ୍ରଥମରୁ ହିଁ ସ୍ୱର୍ଗୀୟ ବାର୍ତ୍ତା ପ୍ରତି ଉପହାସ କରନ୍ତୁ । ଏହା ହେଉଛି ଈଶ୍ୱରଙ୍କ ବାକ୍ୟ ଯାହା ଅନ୍ୟ କୌଣସି ଜ୍ୟୋତିଷର ବାକ୍ୟ ନୁହେଁ । ଦିବ୍ୟଦୃଷ୍ଟି ଦ୍ୱାରା ଏହି ଜ୍ୟୋତି ପ୍ରକଟିତ ହୋଇଛି, କୌଣସି ଅନ୍ଧକାରର ଅଟକଳ ଦ୍ୱାରା ନୁହେଁ । ଏହା ତାଙ୍କ ଅକାଟ୍ୟ ବାଣୀ ଯାହା ବଳରେ ସେ ପ୍ଲେଗକୁ ପୃଥିବୀରେ ଅବତରଣ କରିଛନ୍ତି ଏବଂ ସେ ହିଁ ତାକୁ ଦୂରେଇ ଦେଇ ପାରିବେ । ଆମ ସରକାର ସେ ସମୟରେ ନିଶ୍ଚିତ ରୂପେ ଏହି ଭବିଷ୍ୟତ ବାଣୀର ସମ୍ମାନ କରିବେ, ଯଦ୍ୱାରା ସେ ଏହା ଅବଲୋକନ

କରିବେ ଯେ ଏହି ବିସ୍ମୟକର କାର୍ଯ୍ୟ କିପରି ସମ୍ଭବ ହେଲା । ଯାହାର ପରିଣାମ ସ୍ୱରୂପ ଟୀକା ଲଗାଇଥିବା ଲୋକମାନଙ୍କ ତୁଳନାରେ **ଏହି ଲୋକ କିପରି କୁଶଳ ମଙ୍ଗଳରେ ଓ ସ୍ୱାସ୍ଥ୍ୟବାନ** ହୋଇ ରହିଛନ୍ତି । ମୁଁ ସତ୍ୟ କହୁଛି ଯେ ଯଦି ଏହି ଭବିଷ୍ୟତ ବାଣୀ ଯାହା କୋଡିଏ କି ବାଇଶି ବର୍ଷ ହେବ ଲଗାତାର ପ୍ରସିଦ୍ଧି ଲାଭ କରି ଆସିଛି ତାହା ପୃଥିବୀରେ ପ୍ରକଟିତ ନହେଲା, ତେବେ ଜାଣିନିଅ ଯେ ମୁଁ ଈଶ୍ୱରଙ୍କ ତରଫରୁ ଆସିନାହିଁ । ମୁଁ ଅଲ୍ଲାଃଙ୍କ ତରଫରୁ **ପ୍ରେରିତ ବୋଲି ଏହା ଏକ ନିଦର୍ଶନ** ରୂପେ ପ୍ରମାଣିତ ହେବ ଯେ ମୋ ଗୃହର ଚାରିକାନ୍ଥ ଭିତରେ ରହିଥିବା ଧର୍ମନିଷ୍ଠ ବ୍ୟକ୍ତିଗଣ ଏହି ରୋଗ ଜନିତ ମୃତ୍ୟୁରୁ ସୁରକ୍ଷିତ ରହିବେ ଓ ମୋର ଏହି ସମସ୍ତ ଧର୍ମ ସମ୍ପ୍ରଦାୟ ତୁଳନାତ୍ମକ ରୂପେ ଅନ୍ୟମାନଙ୍କ ଅପେକ୍ଷା ପ୍ଲେଗର ଆକ୍ରମଣରୁ ବଞ୍ଚିଯିବ । ଏପରି ସୁରକ୍ଷିତ ରହିବାର ଦୃଷ୍ଟାନ୍ତ ଅନ୍ୟ କୌଣସି ଗୋଷ୍ଠୀଙ୍କ ମଧ୍ୟରେ ଦେଖିବାକୁ ମିଳିବ ନାହିଁ । କାଦିୟାନରେ ଭୟଙ୍କର ବିଧ୍ୱଂସକାରୀ ପ୍ଲେଗ୍‌ର ବିପତ୍ତି ଆସିବ ନାହିଁ । ତାହା ବହୁତ କ୍ୱଚିତ ପରିମାଣରେ ଦେଖାଦେବ । **ହାୟ !** କାଳେ ଯଦି ଏହି ଲୋକମାନେ ସରଳ ହୃଦୟଧାରୀ ହୋଇଥାନ୍ତେ ଓ ଈଶ୍ୱରଙ୍କୁ ଭୟ କରିଥାଆନ୍ତେ, ତେବେ ସେମାନେ ସମ୍ପୂର୍ଣ୍ଣ ରୂପେ ରକ୍ଷା ପାଇଯାଇ ଥାଆନ୍ତେ । କାରଣ ଧର୍ମର ବିରୁଦ୍ଧାଚରଣ ଯୋଗୁ ଇହକାଳରେ କାହାକୁ ଶାସ୍ତି ମିଳେ ନାହିଁ । ଏହାର ଶାସ୍ତି କୟାମତ ଦିନ ମିଳିବ । ଏହି ସଂସାରରେ କେବଳ ଦୁଷ୍ଟାଚାର ଓ ପାପାଚାର ହେବା ଯୋଗୁ ଶାସ୍ତି ମିଳିଥାଏ । ଏକଥା ମଧ୍ୟ ମନେ ରଖିବାକୁ ହେବ ଯେ ପବିତ୍ର କୁରଆନରେ ବରଂ ତୋରାହ ଗ୍ରନ୍ଥର କିଛି ପୁସ୍ତକରେ ମଧ୍ୟ ଏହି ସୂଚନାର ଉଲ୍ଲେଖ ଅଛି ଯେ ମସିହ ମଉଦଙ୍କ ସମୟରେ ପ୍ଲେଗ ସଂକ୍ରମିତ ହେବ ।* ବରଂ ଯୀଶୁ ମସିହ ମଧ୍ୟ ବାଇବେଲର ନୂତନ ସମାଚାରରେ ଏହି ଖବର ଦେଇଛନ୍ତି । ତେଣୁ ନବୀମାନଙ୍କ ଭବିଷ୍ୟବାଣୀଗୁଡିକ ଟଳିଯିବା ଅସମ୍ଭବ । ତତ୍‌ସହିତ ଏକଥା ମଧ୍ୟ ମନେ ରଖନ୍ତୁ ଯେ ଆମକୁ ଏହି ଐଶି ପ୍ରତିଶ୍ରୁତିର ତୁଳନାରେ ମାନବକୃତ ଉପାୟରୁ ଏଇଥିପାଇଁ ରକ୍ଷା ହେବା ଜରୁରୀ, ଯଦ୍ୱାରା ଐଶି ପ୍ରତିଶ୍ରୁତିକୁ କୌଣସି ଶତ୍ରୁ ଅନ୍ୟ

* ମସିହ ମଉଦଙ୍କ ସମୟରେ ପ୍ଲେଗ ସଂକ୍ରମିତ ହେବା ବିଷୟରେ ବାଇବେଲର ଏହି ଗ୍ରନ୍ଥମାନଙ୍କରେ ଉଲ୍ଲେଖ ରହିଛି । ଜକ୍ରିୟା ୧୪:୧୨, ନୂତନ ସମାଚାର ମାଥିଉ ୨୪:୮, ନିଦର୍ଶନ ୨୨:୮ ।

ଅର୍ଥରେ ନିଅନ୍ତୁ ନାହିଁ । କିନ୍ତୁ ତା'ସହିତ ଯଦି ଈଶ୍ୱର ନିଜ ବାଣୀ ଦ୍ୱାରା ସ୍ୱୟଂ କୌଣସି ଉପାୟ ବୁଝାଇ ଦିଅନ୍ତି ବା କୌଣସି ଔଷଧ ବତାଇ ଦିଅନ୍ତି, ତେବେ ଏପରି ଉପାୟ ବା ଔଷଧ ଏହି ନିଦର୍ଶନ ପ୍ରକ୍ରୀୟାରେ କୌଣସି ବାଧା ଉପୁଜାଇବ ନାହିଁ । କାରଣ ତାହା ସେହି ଈଶ୍ୱରଙ୍କ ତରଫରୁ ଅଛି, ଯାହାଙ୍କ ତରଫରୁ ସେହି ନିଦର୍ଶନ ଆସିଛି । ଯଦି କ୍ୱଚିତ ଆମ ଜମାଅତ୍‌ରୁ କେହି ପ୍ଲେଗ ଦ୍ୱାରା ମରିଯାଏ, ତେବେ କୌଣସି ବ୍ୟକ୍ତିଙ୍କ ମନରେ ଏହି ଭ୍ରମ ସୃଷ୍ଟି ନହେଉ ଯେ ଏହି ନିଦର୍ଶନର ସମ୍ମାନ ଓ ମର୍ଯ୍ୟାଦାରେ କୌଣସି ପ୍ରକାରର ଆଞ୍ଚ ଆସିବ । କାରଣ ପୂର୍ବ ଯୁଗରେ **ମୋସେସ** ଓ ଯୀଶୁ ତଥା ଶେଷ ଯୁଗରେ ଆମ ନବୀ **ମୁହମ୍ମଦ** [ସଅ] ଙ୍କ ପ୍ରତି ଏହି ଦୈବୀ ନିର୍ଦ୍ଦେଶ ରହିଥିଲା ଯେ ଯେଉଁ ଲୋକମାନେ ତରବାରୀ ଉଠାଇଥିଲେ ଓ ଶହ ଶହ ଲୋକଙ୍କୁ ହତ୍ୟା କରିଥିଲେ, ସେମାନଙ୍କୁ ତରବାରୀ ଦ୍ୱାରା ହିଁ ବଧ କରାଯାଉ ଏବଂ ଏହା ନବୀମାନଙ୍କ ତରଫରୁ ଏକ ସ୍ୱର୍ଗୀୟ ଚିହ୍ନ ସ୍ୱରୂପ ଥିଲା । ତା ପରେ ଅବତାରମାନଙ୍କ ମହାନ ବିଜୟ ହେଲା । ଯେବେକି ଅତ୍ୟାଚାରୀମାନଙ୍କ ବିପକ୍ଷରେ ସତ୍ୟର ଅନୁଗାମୀଗଣଙ୍କୁ  ତରବାରୀ ଦ୍ୱାରା ହତ୍ୟା କରାଯାଉଥିଲା, କିନ୍ତୁ ତାହା ବହୁତ କମ୍ । ଏତେ ସ୍ୱଳ୍ପ କ୍ଷତି ହେବା ଦ୍ୱାରା ନିଦର୍ଶନରେ କୌଣସି ଫରକ ପଡୁ ନଥିଲା । ସୁତରାଂ ସେହିପରି ଯଦି  ଆମ ଜମାଅତର କେତେକ ବ୍ୟକ୍ତି ଉପର ବର୍ଣ୍ଣିତ କାରଣ ଯୋଗୁ ପ୍ଲେଗରେ ଆକ୍ରାନ୍ତ ହୋଇଯାଆନ୍ତି, ତେବେ ଏପରି ଘଟଣାରେ ଅଲ୍ଲାଃଙ୍କ ନିଦର୍ଶନର ପରାକାଷ୍ଠାରେ କୌଣସି ବାଧା ସୃଷ୍ଟି ହେବ ନାହିଁ । ଏହା କଣ ମହାନ୍ ନିଦର୍ଶନ ନୁହେଁ କି ? ମୁଁ ବାରମ୍ବାର କହି ଆସୁଛି ଯେ ଈଶ୍ୱର ଏହି ଭବିଷ୍ୟତ ବାଣୀକୁ ଏପରି ପ୍ରକାଶିତ କରିବେ ଯେ ସତ୍ୟର ଅନ୍ୱେଷଣ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ମନରେ କୌଣସି ଆଶଙ୍କା ସୃଷ୍ଟି ହେବ ନାହିଁ । ସେ ବୁଝିଯିବ ଯେ ଅଲୌକିକ ଘଟଣା ରୂପେ ଈଶ୍ୱର ଏହି ଜମାଅତ ସହିତ ବ୍ୟବହାର କରିଛନ୍ତି । ବରଂ ଅଲ୍ଲାଃଙ୍କ ସତ୍ୟତାର ପରିପ୍ରକାଶ ସ୍ୱରୂପ ଏହାର ପରିଣାମ ଏପରି ବାହାରିବ ଯେ ପ୍ଲେଗ ହେବା ଦ୍ୱାରା ଏହି ଜମାଅତ ବ୍ୟାପକ ମାତ୍ରାରେ ବଢ଼ିଯିବ ଓ ଅସାଧାରଣ ଭାବେ ଉନ୍ନତି କରିବ । ଏହି ପ୍ରଗତିକୁ ଆଶ୍ଚର୍ଯ୍ୟଚକିତ ଦୃଷ୍ଟିରେ ଦେଖାଯିବ । ଯେଉଁ ବିରୋଧିମାନେ  ପ୍ରତ୍ୟେକ କ୍ଷେତ୍ରରେ ପରାଜୟ ବରଣ କରୁଛନ୍ତି, ଯେପରିକି 'ନୁଜୁଲୁଲ୍ ମସିହ୍' ପୁସ୍ତକରେ ମୁଁ ଲେଖିଛି । ଯଦି ଏହି ଭବିଷ୍ୟତ ବାଣୀ ଅନୁଯାୟୀ

ଈଶ୍ୱର ଏହି ଜମାଅତ ଓ ଅନ୍ୟ ଜମାଅତ ମଧ୍ୟରେ କୌଣସି ପାର୍ଥକ୍ୟ କରି ନଦେଖାଇବେ, ତେବେ ସେମାନଙ୍କୁ ଏହି ଅଧିକାର ମିଳିବ ଯେ ସେମାନେ ମୋତେ ମିଥ୍ୟାବାଦୀ ବୋଲି କହି କେବଳ ଗୋଟିଏ ଅଭିଶାପକୁ କିଣି ସାରିଥିବେ । ଉଦାହରଣ ସ୍ୱରୂପ, ବାରମ୍ବାର ମୋର ବିରୋଧିମାନେ ହଇଗୋଳ କଲେ ଯେ ଆଥମ୍ (ଜଣେ ପରମ ଶତ୍ରୁ-ଅନୁବାଦକ) ନିର୍ଦ୍ଧାରିତ ପନ୍ଦର ମାସ ସମୟ ସୀମା ମଧ୍ୟରେ କିପରି ମଲା ନାହିଁ । ଯେବେ କି ଏହି ଭବିଷ୍ୟତ ବାଣୀଟି ସ୍ପଷ୍ଟ ରୂପେ ସୂଚାଉ ଥିଲା ଯେ ଯଦି ସେହି ବିରୋଧି (ଆଥମ୍) ସତ୍ୟ ପ୍ରତି ଅବନତ ହେବ ଅର୍ଥାତ୍ ସତ୍ୟ ଗ୍ରହଣ କରି ଫେରି ଆସିବ, ତେବେ ସେ ପନ୍ଦର ମାସ ଭିତରେ ମୃତ୍ୟୁବରଣ କରିବ ନାହିଁ । ସୁତରାଂ ସେ ବିତର୍କ ସଭା ଦିନ ୭୦ଜଣ ସମ୍ମାନୀୟ ବ୍ୟକ୍ତିଙ୍କ ସମ୍ମୁଖରେ ହଜରତ ମୁହମ୍ମଦ[ସଅ]ଙ୍କୁ **ଦଜ୍ଜାଲ୍** (ଦୁଷ୍ଟ କପଟାଚାରୀ) କହିବାରୁ ନିବୃତ୍ତ ରହିବ ବୋଲି ସ୍ୱୀକାର କଲା । କେବଳ ସେତିକି ନୁହେଁ, ବରଂ ସେ ପନ୍ଦର ମାସ ପର୍ଯ୍ୟନ୍ତ ଭୟଭୀତ ଅବସ୍ଥାରେ ନୀରବ ରହି ସତ୍ୟର ସ୍ୱୀକାର ପୂର୍ବକ ନିଜର ପ୍ରତ୍ୟାଗମନକୁ ପ୍ରମାଣିତ କଲା । ଭବିଷ୍ୟତ ବାଣୀର ଆଧାର ଥିଲା ଯେ ସେ ହଜରତ ମୁହମ୍ମଦ[ସଅ]ଙ୍କୁ ଦଜ୍ଜାଲ କହିଥିଲା । ତେଣୁ ସେ କେବଳ ଏତିକି ଲାଭ ଉଠାଇଲା ଯେ ପନ୍ଦର ମାସ ପରେ ମୃତ୍ୟୁବରଣ କଲା । କାରଣ ଭବିଷ୍ୟତ ବାଣୀରେ ଏହା ବର୍ଣ୍ଣନା ଥିଲା ଯେ ଦୁଇ ପକ୍ଷ ମଧ୍ୟରୁ ଯେଉଁ ବ୍ୟକ୍ତି ନିଜ ଧର୍ମୀୟ ସିଦ୍ଧାନ୍ତ ଦୃଷ୍ଟିକୋଣରୁ ମିଥ୍ୟାବାଦୀ ଥିବ, ସେ ପ୍ରଥମେ ମରିବ । ତେଣୁ ସେ ମୋ ପୂର୍ବରୁ ହିଁ ମରିଗଲା । ଏହିପରି ଭାବେ ଶୂନ୍ୟରୁ ମିଳିଥିବା ଭବିଷ୍ୟତ ସୂଚନା ଯେଉଁଗୁଡିକୁ ଈଶ୍ୱର ମୋତେ ବତାଇଥିଲେ, ତାହା ସବୁ ନିଜର ସଠିକ ସମୟରେ ପୂରଣ ହେଲା । ତାହାର ସଂଖ୍ୟା ଦଶ ହଜାରରୁ କମ୍ ନୁହେଁ । କିନ୍ତୁ 'ନୁଜୁଲୁଲ୍ ମସିହ୍' ପୁସ୍ତକରେ ଯାହା ବର୍ତ୍ତମାନ ମୁଦ୍ରଣ କରାଯାଉଛି, ଏହାର ଉଦାହରଣ ମଧ୍ୟରୁ କେବଳ ଦେଢ଼ଶହ ପ୍ରମାଣ ଓ ସାକ୍ଷ୍ୟ ଦର୍ଶାଇବା ସହିତ ଲେଖାଯାଇଛି ।

ମୋର ଏପରି କୌଣସି ଭବିଷ୍ୟତ ବାଣୀ ନାହିଁ ଯାହା ପୂରଣ ହୋଇ ନଥିବ କିମ୍ବା ତାର ଅଧାଭାଗ ପୂରଣ ହୋଇ ନଥିବ । ଯଦି କେହି ସନ୍ଧାନ କରି ଶେଷରେ ତା'ର ମୃତ୍ୟୁ ବି ହୋଇଯିବ, ତେବେ ତାକୁ ଏପରି କୌଣସି ଭବିଷ୍ୟବାଣୀ ମିଳିବ ନାହିଁ ଯାହା ମୋ ମୁଖରୁ ବାହାରିଥିବ ଓ ସେ ସେହି ବିଷୟରେ ଏତିକି କହିପାରିବ

ଯେ ତାହା ପୂରଣ ହୋଇନାହିଁ । କିନ୍ତୁ ନିର୍ଲଜ ଭାବେ ବା ମୂର୍ଖତା ଦୃଷ୍ଟିରୁ ଯିଏ ଯାହା କହିବାକୁ ଚାହୁଛି ସେ ପଛକେ କହୁ । ମୁଁ ଦାବୀ କରି କହୁଛି ଯେ ଏହିପରି ମୋର ହଜାର ହଜାର ସଂଖ୍ୟକ ସ୍ପଷ୍ଟ ଭବିଷ୍ୟତ ବାଣୀ ରହିଛି, ଯାହା ଅତ୍ୟନ୍ତ ଗାରିମା ସହକାରେ ପୂରଣ ହୋଇଛି । ଲକ୍ଷ ଲକ୍ଷ ଲୋକ ଏହାର ସାକ୍ଷୀ ଅଛନ୍ତି । ଯଦି ପୂର୍ବବର୍ତ୍ତୀ ଅବତାରମାନଙ୍କ ନିକଟରୁ ସେଗୁଡ଼ିକର ଦୃଷ୍ଟାନ୍ତ ଖୋଜା ପଡ଼େ, ତେବେ ହଜରତ ମୁହମ୍ମଦ[ସଅ]ଙ୍କ ବ୍ୟତୀତ ଅନ୍ୟ କୌଣସି ନବୀଙ୍କ ଠାରେ ଏହାର ଅନୁରୂପ ଭବିଷ୍ୟତ ବାଣୀ ମିଳିବ ନାହିଁ । ଯଦି ମୋ ବିରୋଧିମାନେ ଏହି ପ୍ରକାରର ନିଷ୍ପତ୍ତି ନେଇ ଥାଆନ୍ତେ, ତେବେ କେବେଠାରୁ ସେମାନଙ୍କର ଆଖି ଖୋଲି ଯାଇଥାଆନ୍ତା । ମୁଁ ସେମାନଙ୍କୁ ବିପୁଳ ପରିମାଣରେ ପୁରସ୍କାର ଦେବାପାଇଁ ପ୍ରସ୍ତୁତ ଥିଲି । ଯଦି ସେମାନେ ବିଶ୍ୱରେ ଏହି ଭବିଷ୍ୟତ ବାଣୀର ଦୃଷ୍ଟାନ୍ତ ଉପସ୍ଥାପନ କରିଥାଆନ୍ତେ, କେବଳ ଦୁଷ୍ଟାମି ବା ନିର୍ବୋଧତା କାରଣରୁ ଏହା କହିବା ଯେ ଅମୁକ ଭବିଷ୍ୟତ ବାଣୀ ପୂରଣ ହେଲାନାହିଁ । ଏଥିରେ ଆମେ ଏହା ବ୍ୟତୀତ ଆଉ କଣ କହିପାରିବୁ ଯେ ଏହା ତ କେବଳ ସେମାନଙ୍କର ଧୃଷ୍ଟତା ଓ ବାଚଳାମୀ । ଯଦି ଜନଗହଳୀ ପୂର୍ଣ୍ଣ ସ୍ଥାନରେ ସେମାନେ ଏହି ବିଷୟରେ କଥା ହୁଅନ୍ତେ, ତେବେ ସେମାନଙ୍କୁ ନିଜ କଥାରୁ ଓହରି ଯିବାକୁ ପଡ଼ନ୍ତା ଅଥବା ସେମାନଙ୍କୁ ନିର୍ଲଜ ବୋଲି କୁହାଯାଆନ୍ତା । ହଜାର ହଜାର ଭବିଷ୍ୟତ ବାଣୀ ଅବିକଳ ଭାବେ ପୂରଣ ହେବା ଓ ସେଗୁଡ଼ିକ ପୂରଣ ହେବାର ସତ୍ୟାସତ୍ୟକୁ ହଜାର ହଜାର ଜୀବିତ ବ୍ୟକ୍ତି ସାକ୍ଷୀ ସ୍ୱରୂପ ମିଳିଯିବା, ଏହା କିଛି କମ କଥା ନୁହେଁ । ଏହା ସତେ ଯେପରି ସର୍ବଶକ୍ତିମାନ **ଐଶ୍ୱର୍ଯ୍ୟମୟ ଈଶ୍ୱର**ଙ୍କୁ ପ୍ରଦର୍ଶିତ କରାଇ ଦେଇଥାଏ । ହଜରତ ମୁହମ୍ମଦ[ସଅ]ଙ୍କ ଯୁଗ ବ୍ୟତୀତ କଣ ଅନ୍ୟ କୌଣସି ଯୁଗରେ କେହି କେବେ ହଜାର ହଜାର ଐଶ୍ୱରୀକ ବାଣୀ ବର୍ଣ୍ଣନା ହେବାର ଦେଖିଛି ? ସେହି ସମସ୍ତ ଘଟଣା ସ୍ପଷ୍ଟ ଦିବାଲୋକ ପରି ଉଜ୍ଜ୍ୱଳ । ହଜାର ହଜାର ବ୍ୟକ୍ତି ସେ ସବୁକୁ ପୂରଣ ହେବାର ସାକ୍ଷ୍ୟ ପ୍ରଦାନ କରିଛନ୍ତି । ମୁଁ ନିଶ୍ଚିତ ରୂପେ ଜାଣିଛି ଯେ ଏହି ଯୁଗରେ ଯେପରି ଈଶ୍ୱର ଭକ୍ତର ନିକଟତର ହୋଇ ବିରାଜମାନ ହେଉଛନ୍ତି ଓ ଶହ ଶହ ଗୁପ୍ତ କଥାମାନ ନିଜ ଭକ୍ତଙ୍କ ଉପରେ ସ୍ପଷ୍ଟ କରୁଛନ୍ତି, ସେଗୁଡ଼ିକର ଅତୀତ ଯୁଗରେ ବହୁତ କମ ଦୃଷ୍ଟାନ୍ତ ମିଳୁଛି । ଲୋକମାନେ ନିକଟ ଭବିଷ୍ୟତରେ ଦେଖିନେବେ ଯେ ଏହି ଯୁଗରେ ଈଶ୍ୱରଙ୍କ **ମୁଖମଣ୍ଡଳ** ପ୍ରକାଶିତ ହେବ, ଯେପରି ସେ ଆକାଶରୁ ସାକ୍ଷାତ ଅବତରଣ କରିବେ । ସେ ବହୁ ସମୟ

ପର୍ଯ୍ୟନ୍ତ ନିଜକୁ ଗୁପ୍ତ ରଖିଲେ ଏବଂ ତାଙ୍କୁ ଅସ୍ୱୀକାର କରାଗଲା, ଅଥଚ ସେ ବାକସ୍ଫୂର୍ତ୍ତି କଲେ ନାହିଁ ବରଂ ନୀରବ ରହିଲେ । କିନ୍ତୁ ସେ ବର୍ତ୍ତମାନ ନିଜର ରୋଷଯୁକ୍ତ ମୁଖକୁ ଆଉ ଲୁଚାଇ ରଖିବେ ନାହିଁ । ଏହି ଦୁନିଆ ତାଙ୍କ ଶକ୍ତିର ଏପରି ପରାକାଷ୍ଠା ଦେଖିବ ଯେ ତାହା ସେମାନଙ୍କର ବାପ ଅଜା ଦେଖି ନଥିବେ । କାରଣ ଏହି ଧରାପୃଷ୍ଠ ବିଗିଡ଼ି ଯାଇଛି । ଆକାଶ ଓ ପୃଥିବୀର ସୃଷ୍ଟିକର୍ତ୍ତାଙ୍କ ଉପରେ ଲୋକମାନଙ୍କର ଆଉ ଆସ୍ଥା ନାହିଁ । ମୁହଁରେ ତାଙ୍କ ସମ୍ବନ୍ଧରେ କେବଳ ବାକପଟୁତା, କିନ୍ତୁ ହୃଦୟରୁ ଫେରି ଗଲେଣି । ସେଥିପାଇଁ ଈଶ୍ୱର କହିଛନ୍ତି ଯେ ଏବେ ମୁଁ ଏକ ନୂତନ ଆକାଶ ଓ ନୂତନ ପୃଥିବୀ ନିର୍ମାଣ କରିବି । ଏହାର ଅର୍ଥ ହେଉଛି ପୃଥିବୀ ନିର୍ଜୀବ ମୃତପ୍ରାୟ ହୋଇଯାଇଛି । ଅର୍ଥାତ୍ ପୃଥିବୀବାସୀଙ୍କ ହୃଦୟ କଠୋର ହୋଇଯାଇଛି, ଯେପରି କି ସେମାନେ ମରି ଯାଇଛନ୍ତି । କାରଣ ଈଶ୍ୱରଙ୍କ ଚେହେରା ତାଙ୍କଠାରୁ ଲୁକ୍କାୟୀତ ହୋଇ ରହିଯାଇଛି ଓ ଅତୀତର ସ୍ୱର୍ଗୀୟ ନିଦର୍ଶନ ସବୁ କାହାଣୀରେ ପରିଣତ ହୋଇଯାଇଛି । ତେଣୁ ଈଶ୍ୱର ଏହା ଇଛା କଲେ ଯେ ସେ ଏକ ନବୀନ ଆକାଶ ଓ ନବୀନ ପୃଥବୀ ନିର୍ମାଣ କରିବେ । ତେବେ ସେହି ନୂଆ ଆକାଶ କଣ ଓ ନୂଆ ପୃଥିବୀ କଣ ? ସେହି ପୃଥିବୀର ନବ ନିର୍ମାଣ ହେଉଛି ସେହି ପବିତ୍ର ହୃଦୟ, ଯାହାଙ୍କୁ ଈଶ୍ୱର ନିଜ ହାତ ଦ୍ୱାରା ପ୍ରସ୍ତୁତ କରିଛନ୍ତି । ଏବଂ **ତାହା ପ୍ରଭୁଙ୍କ ଠାରୁ ପ୍ରକାଶିତ ହୋଇଛି ତଥା ପ୍ରଭୁ ତାଙ୍କ ଦ୍ୱାରା ପ୍ରକାଶମାନ ହେବେ** । ଆକାଶର ନବ ନିର୍ମାଣର ତାତ୍ପର୍ଯ୍ୟ ହେଉଛି ସେହି ସବୁ ନିଦର୍ଶନ, ଯାହା ତାଙ୍କ ଭକ୍ତଙ୍କ ଉପରେ ତାଙ୍କ ଠାରୁ ପ୍ରାପ୍ତ ଅନୁମତିରୁ ହିଁ ପ୍ରକାଶମାନ ହେଉଛି । କିନ୍ତୁ ଦୁଃଖର ବିଷୟ ଯେ ଏହି ସଂସାର ଈଶ୍ୱରଙ୍କ ଦ୍ୱାରା ପ୍ରକାଶିତ ଏହି ନୂଆ ଆଲୋକର ଶତ୍ରୁତା କଲା । ସେମାନଙ୍କ ହାତରେ ମିଥ୍ୟା କାହାଣୀ ଓ ମନଗଢା ଗଳ୍ପ ବ୍ୟତୀତ ଆଉ କିଛି ନାହିଁ । ସେମାନଙ୍କର କଳ୍ପନା ହେଉଛି ସେମାନଙ୍କର ଈଶ୍ୱର । ହୃଦୟ ତୀର୍ଯ୍ୟକ ହୋଇଯାଇଛି, ସାହସ ଦୁର୍ବଳ ହୋଇଯାଇଛି ଓ ଆଖି ଉପରେ ପରଦା ପଡ଼ିଯାଇଛି । ଅନ୍ୟ ଜାତିର ଲୋକ ନିଜେ ହିଁ ପ୍ରକୃତ ଈଶ୍ୱରଙ୍କୁ ହଜାଇ ଦେଇଛନ୍ତି । ସେମାନଙ୍କର କଥା କଣ କୁହାଯିବ, ଯେଉଁମାନେ ମାନବ ସନ୍ତାନକୁ ଈଶ୍ୱର କରି ଗଢି ଦେଇଛନ୍ତି । ମୁସଲମାନମାନଙ୍କ ଅବସ୍ଥା ଦେଖନ୍ତୁ, ସେମାନେ କିପରି ତାଙ୍କ ଠାରୁ ଦୂରେଇ ଯାଇଛନ୍ତି । ସତ୍ୟର ସେମାନେ ପରମ ଶତ୍ରୁ ସାଜିଛନ୍ତି । ସତ୍ୟର କଣ୍ଟକିତ ପଥରେ ମହା ପ୍ରତିବନ୍ଧକ ହୋଇ ବିରୋଧ କରୁଛନ୍ତି । ଉଦାହରଣ ସ୍ୱରୂପ, **ନଦଓ୍ୱତୁଲ୍**

**ଓ୍ୱଲେମା** ଇସଲାମ ପାଇଁ ଯାହା କିଛି ଦାବି କରିଛି କିମ୍ବା **ଅଞ୍ଜୁମନ ହିମାୟତ ଇସ୍‌ଲାମ୍** ଲାହୋର୍ ଆଦି ମୁସଲିମ ସଂଗଠନ ଯେଉଁମାନେ ଇସଲାମ ନାମରେ ମୁସଲମାନମାନଙ୍କ ଠାରୁ ଅର୍ଥ ଆଦାୟ କରୁଛନ୍ତି, କଣ ଏହି ଲୋକମାନେ **ଇସଲାମର ଶୁଭଚିନ୍ତକ** ? କଣ ଏହି ଲୋକମାନେ ସିରାତେ ମୁସ୍ତକିମ୍ (ସଳଖଗାମୀ ସତପଥ)କୁ **ସମର୍ଥନ କରୁଛନ୍ତି** ? କଣ ସେମାନେ ମନେ କରୁଛନ୍ତି ଯେ ଇସଲାମ ଧର୍ମ କେଉଁସବୁ ବିପଦ ଆପଦର ସମ୍ମୁଖୀନ ହୋଇ ପଦଦଳିତ କରିଦିଆ ଯାଇଛି ଏବଂ ପୁନର୍ବାର ଏହାକୁ ଜୀବିତ କରିବା ପାଇଁ ଈଶ୍ୱରଙ୍କର କଣ ଯୋଜନା ରହିଛି । ମୁଁ ସତ୍ୟ କହୁଛି ଯେ ଯଦି ମୁଁ ଆସିନଥାନ୍ତି, ତେବେ ସେମାନଙ୍କର ଇସଲାମ ଧର୍ମକୁ ସମର୍ଥନ କରୁଥିବା ବାହାସ୍ଫୋଟ ମୂଳକ ଦାବୀ କେତେକାଂଶରେ ଗ୍ରହଣୀୟ ହୋଇ ପାରିଥାଆନ୍ତା । କିନ୍ତୁ ବର୍ତ୍ତମାନ ଏହି ଲୋକମାନେ **ଈଶ୍ୱରଙ୍କ ପ୍ରତି ଅଭିଯୋଗ ଓ ଅପବାଦ** ଦେବା ଭିତରେ ବୁଡ଼ି ରହିଛନ୍ତି । ଅର୍ଥାତ ସେମାନେ ସମର୍ଥନ କରିବା ପାଇଁ **ଦାବି କଲେ, ଅଥଚ ଯେବେ ଆକାଶରୁ** ନକ୍ଷତ୍ର ବାହାରିଲା, ସବୁଠାରୁ ପ୍ରଥମେ ସେମାନେ ହିଁ ଅମାନ୍ୟକାରୀ ହୋଇଗଲେ ।

ବର୍ତ୍ତମାନ ସେମାନେ ସେହି ଈଶ୍ୱରଙ୍କୁ କଣ ଉତ୍ତର ଦେବେ, ଯିଏ ସଠିକ୍ ସମୟରେ ମୋତେ ପ୍ରେରଣ କରିଛନ୍ତି । କିନ୍ତୁ ସେମାନଙ୍କର ଏକ କଥା ପ୍ରତି କୌଣସି ଖାତିର ନାହିଁ । **ସୂର୍ଯ୍ୟ** ଦିନ ଦୁଇ ପ୍ରହରର ନିକଟତର ହୋଇଗଲାଣି, କିନ୍ତୁ ଏବେ ତାଙ୍କ ନିକଟରେ **ରାତି** ହୋଇ ରହିଛି । ଈଶ୍ୱରଙ୍କ ସତ୍ୟ ଜ୍ୟୋତିର **ନିର୍ଝର ପ୍ରବାହମାନ ହେଲାଣି,** ଅଥଚ ସେମାନେ ମରୁଭୂମିର ନିର୍ଜନ ଅଞ୍ଚଳରେ ଘୁରି ବୁଲି କାନ୍ଦିବାର ପ୍ରଳାପ କରୁଛନ୍ତି । ତାଙ୍କର ସ୍ୱର୍ଗୀୟ ଜ୍ଞାନର ସାଗର ପ୍ରବାହିତ ହୋଇ ଚାଲିଛି, କିନ୍ତୁ ସେମାନଙ୍କୁ କିଛି ହେଲେ ଜଣା ନାହିଁ । ତାଙ୍କର ଚିହ୍ନ ଦେଖାଯାଉଛି, କିନ୍ତୁ ସେମାନେ ସମ୍ପୂର୍ଣ୍ଣ ରୂପେ ଚେତାଶୂନ୍ୟ ହୋଇ ପଡ଼ି ରହିଛନ୍ତି । ନା କେବଳ ନିର୍ଜୀବ ପରି ପଡି ରହିଛନ୍ତି, ବରଂ **ଈଶ୍ୱରଙ୍କ ସମ୍ପ୍ରଦାୟ ସହିତ ଶତ୍ରୁତା** ଆଚରଣ କରୁଛନ୍ତି । ତେଣୁ ଏହିପରି ମିଥ୍ୟା ବାହାନା ଦେଖାଇ ସେମାନଙ୍କ ଦ୍ୱାରା ଇସଲାମର ସହଯୋଗ, ଇସଲାମର ପ୍ରସାର ଓ ଇସଲାମୀୟ ଶିକ୍ଷା ପ୍ରଦାନ ଇତ୍ୟାଦି ହେଉଛି । କିନ୍ତୁ କଣ ଏହି ଲୋକମାନେ ନିଜ ମୁହଁ ଫେରାଇ ନେଇ **ବୀତସ୍ପୃହ ହେବା ଦ୍ୱାରା** ପ୍ରଭୁଙ୍କର ସତ୍ ଅଭିଳାଷକୁ **ରୋକି ଦେବେ** ? ଯେଉଁ ବିଷୟରେ ପ୍ରାରମ୍ଭରୁ ହିଁ ସମସ୍ତ ନବୀ ସାକ୍ଷ୍ୟ ଦେଇ ଆସିଛନ୍ତି । ନା, ନା କେବେ ନୁହେଁ, ବରଂ ଈଶ୍ୱରଙ୍କର

ଏହି ଭବିଷ୍ୟତବାଣୀ **ନିକଟ ଭବିଷ୍ୟତରେ** ଅବଶ୍ୟ ସତ୍ୟରେ ପରିଣତ ହେବାକୁ ଯାଉଛି

كَتَبَ اللّٰهُ لَاَغْلِبَنَّ اَنَا وَرُسُلِىْ

**କତବଲ୍ଲାହୁ ଲା ଅଗଲିବନ୍ନା ଅନା ଓ୍ୱରୁସୁଲୀ** (ଅଲ ମୁଜାଦିଲା 58:22)

ପରମେଶ୍ୱର ଯେପରି ଆଜିଠାରୁ ଦଶ ବର୍ଷ ପୂର୍ବେ ନିଜ ଭକ୍ତଙ୍କ ସମର୍ଥନ ପାଇଁ ଆକାଶରେ ରମଜାନ ମାସରେ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ସଂଘଟିତ କରାଇଲେ ଏବଂ ଦିବାଲୋକ ଓ ରାତ୍ରିର ଜ୍ୟୋସ୍ନାକୁ ମୋ ପାଇଁ ସାକ୍ଷୀ କରି ଦୁଇଗୋଟି ଚିହ୍ନ ରୂପେ ପ୍ରକାଶ କଲେ, ସେହିପରି ସେ ନବୀମାନଙ୍କ ଭବିଷ୍ୟତ ବାଣୀ ଅନୁଯାୟୀ ଏହି ପୃଥିବୀରେ ମଧ୍ୟ ଦୁଇଟି ଐଶ୍ୱରୀକ ଚିହ୍ନ ପ୍ରକାଶ କଲେ । ଗୋଟିଏ ହେଉଛି ଏପରି ଚିହ୍ନ ଯାହାକୁ ତୁମେ ପବିତ୍ର କୁରଆନରେ ପାଠ କରୁଅଛ

وَاِذَا الْعِشَارُ عُطِّلَتْ

**ଓ୍ୱ ଇଜଲ୍ ଇଶାରୁ ଉତ୍ତେଲତ୍** (ଅତ୍ ତକଓ୍ୱିର 81:5)

ହଦିସ୍‌ରେ ମଧ୍ୟ ଏହିପରି ପାଠ କରୁଛ:

وَلَيُتْرَكَنَّ الْقِلَاصُ فَلَا يُسْعٰى عَلَيْهَا

**'ଓ୍ୱଲା ୟୁତ୍ ରକନ୍ନଲ୍ କିଲାସୁ ଫଲା ୟୁସଆ ଅଲୈହା ।**

ଏହି ଭବିଷ୍ୟତ ବାଣୀ ପୂରଣ କରିବା ନିମନ୍ତେ ହିଜାଜ୍‌ର ଭୁମିରେ ଅର୍ଥାତ୍ ମଦୀନା ଓ ମକ୍କା ମଧ୍ୟରେ ଗମନାଗମନର ସୁବିଧା ସକାଶେ ରେଳ ଚଳାଚଳର ମାର୍ଗ ମଧ୍ୟ ପ୍ରସ୍ତୁତ ହେଉଛି ।

ଦ୍ୱିତୀୟ ନିଦର୍ଶନ ପ୍ଲେଗର ଦୁଃସାଧ୍ୟ ବ୍ୟାଧି, ଯେପରିକି ଈଶ୍ୱର କହିଛନ୍ତି:

وَاِنْ مِّنْ قَرْيَةٍ اِلَّا نَحْنُ مُهْلِكُوْهَا قَبْلَ يَوْمِ الْقِيٰمَةِ اَوْمُعَذِّبُوْهَا

**'ଓ୍ୱଇମ୍‌ମିନ୍ କର୍‌ୟତିନ୍ ଇଲ୍ଲା ନହ୍‌ନୋ ମୁହଲେକୁହା କବ୍‌ଲା ୟୋମିଲ୍ କୟାମତି ଅଓ ମୁଅଜ୍ଜିବୁହା'** (ବନି ଇସ୍‌ରାଇଲ 17:59)

ସୁତରାଂ ପ୍ରଭୁ ଦେଶରେ ରେଳ ମାର୍ଗର ପ୍ରଚଳନ କଲେ ଓ ପ୍ଲେଗ୍ ମଧ୍ୟ ପଠାଇଲେ । ଯଦ୍ୱାରା ତାଙ୍କ ସତ୍ୟତାର ଚିହ୍ନ ପାଇଁ ପୃଥିବୀ ଓ ଆକାଶ ମଧ୍ୟ ସାକ୍ଷୀ

ହୋଇ ରହିବେ । ତେଣୁ ଈଶ୍ୱରଙ୍କ ସହିତ **ଲଢ଼େଇ କର ନାହିଁ** । ତାଙ୍କ ସହିତ ଲଢ଼ିବା ଏକ **ନିର୍ବୋଧପଣିଆ** । ଏହା ପୂର୍ବରୁ ପ୍ରଭୁ ଯେବେ ଆଦମ୍‌କୁ **ଖଲିଫା** କରିବା ପାଇଁ ମନସ୍ଥ କଲେ, ଦେବଦୂତମାନେ ପ୍ରତିବାଦ କଲେ । କିନ୍ତୁ ପ୍ରଭୁ କଣ ତାଙ୍କ କଥାରେ ପଡି ରୋକିଗଲେ କି ? ଏବେ ଈଶ୍ୱର **ଦ୍ୱିତୀୟ ଆଦମ** ସୃଷ୍ଟି କରିବା ସମୟରେ କହିଲେ, اَرَدْتُّ اَنْ اَسْتَخْلِفَ فَخَلَقْتُ اٰدَمَ

**'ଅରତ୍‌ତୁ ଅନ୍ ଅସ୍‌ତଖ୍‌ଲିଫା ଫଖଲକ୍‌ତୁ ଆଦମା'**

ଅର୍ଥାତ୍ 'ମୁଁ ଖଲିଫା କରିବା ପାଇଁ ଇଚ୍ଛା କଲି, ତେଣୁ ଏହି ଆଦମକୁ ସୃଷ୍ଟି କଲି ।' ଏବେ କୁହ, କଣ ତୁମେ ପ୍ରଭୁଙ୍କ ଇଚ୍ଛାରେ ବାଧା ଦେଇ ପାରିବ ? କାହିଁକି ତୁମେ ଭ୍ରମ କଥାରେ ପଡି ଶୁଖିଲା ତତ୍ତ୍ୱକୁ ଉପସ୍ଥାପନ କରୁଛ ଓ ବିଶ୍ୱାସର ମାର୍ଗକୁ ଗ୍ରହଣ କରୁନାହଁ ? ତେଣୁ ପରୀକ୍ଷାରେ ପଡ ନାହିଁ, ନିଶ୍ଚିତ ରୂପେ ମନେରଖ ଯେ ପ୍ରଭୁଙ୍କ ଇଚ୍ଛାରେ କେହି ବାଧା ସୃଷ୍ଟି କରିପାରିବ ନାହିଁ । ଏହିପରି ବାଦବିବାଦ କରିବା ଧର୍ମପରାୟଣତାର ମାର୍ଗ ନୁହେଁ । ହଁ ଯଦି ସନ୍ଦେହ ଅଛି, ତେବେ ଏହି ଉପାୟ ସମ୍ଭବ ହୋଇପାରେ ଯେ ଯେପରି ମୁଁ ପ୍ରଭୁଙ୍କ ଠାରୁ ଐଶିବାଣୀ ପ୍ରାପ୍ତ କରିଛି ଓ ମୋ କଥାରେ ପରିଚାଳିତ ହେଉଥିବା ଏକ ଗୋଷ୍ଠୀର ବ୍ୟକ୍ତି ପ୍ଲେଗର ପ୍ରକୋପରୁ ରକ୍ଷା ପାଇଯିବା ସମ୍ବନ୍ଧରେ ସୁସମ୍ବାଦ ପାଇଛନ୍ତି, ଯାହାକୁ ମୁଁ ପ୍ରକାଶ କରିଦେଇଛି । ସେହିପରି ଯଦି ନିଜ ଜାତିର ହିତସାଧନ କରିବା ପାଇଁ ଆପଣମାନଙ୍କ ମନରେ ଦରଦ ଅଛି, ତେବେ ଆପଣମାନେ ମଧ୍ୟ ନିଜ ସହଧର୍ମୀମାନଙ୍କ ନିମନ୍ତେ ଈଶ୍ୱରଙ୍କ ନିକଟରୁ ମୋକ୍ଷପ୍ରାପ୍ତି କରିବାର ସୁସମ୍ବାଦ ହାସଲ କରନ୍ତୁ, ଯେପରିକି ସେମାନେ ମଧ୍ୟ ପ୍ଲେଗରୁ ସୁରକ୍ଷିତ ରହିବେ । ସେହି ସମାଚାରକୁ ମୋ ଦ୍ୱାରା ଛପାଯାଇଥିବା ଇସ୍ତହାର ମାଧ୍ୟମରେ ପ୍ରକାଶ କରନ୍ତୁ । ଏହା ଦ୍ୱାରା ଲୋକମାନେ ଏହା ଜାଣିଯିବେ ଯେ ଈଶ୍ୱର ଆପଣଙ୍କ ସହିତ ଅଛନ୍ତି । ବରଂ ଏହି ସୁଯୋଗ ଖ୍ରୀଷ୍ଟିୟାନଙ୍କ ପାଇଁ ମଧ୍ୟ ଅତି ଉତ୍ତମ । ସେମାନେ ସର୍ବଦା କହୁଛନ୍ତି ଯେ ମୋକ୍ଷପ୍ରାପ୍ତ ଯୀଶୁ ମସିହ୍‌ଙ୍କ ଦ୍ୱାରା ହିଁ ସମ୍ଭବ । ତେଣୁ ଏବେ ସେମାନଙ୍କର ମଧ୍ୟ ଏହି କର୍ତ୍ତବ୍ୟ ଯେ ଏହି ବିପତ୍ତିର ଦିନମାନଙ୍କରେ ଖ୍ରୀଷ୍ଟିୟାନମାନଙ୍କୁ ପ୍ଲେଗ ଦାଉରୁ ରକ୍ଷା କରନ୍ତୁ । **ଏହି ସମସ୍ତ ଗୋଷ୍ଠୀ ମଧ୍ୟରୁ** ଯାହାଙ୍କର ଗୁହାରୀ ସବୁଠାରୁ ଅଧିକ ଶୁଣାଯିବ ସେ ହିଁ ଅଲ୍ଲାଃଙ୍କ

ନିକଟରେ **ଗୃହୀତ** ହେବେ । ଏବେ ଈଶ୍ୱର ସମସ୍ତଙ୍କୁ ଅବସର ପ୍ରଦାନ କରିଛନ୍ତି ଯେ ବିନା କାରଣରେ ଏହି ଧରାପୃଷ୍ଠରେ ତର୍କ କରନ୍ତୁ ନାହିଁ । ବରଂ ନିଜ ଅନୁଗ୍ରହୀତାର ସୁଯୋଗକୁ ହାତଛଡା ନକରି ଦେଖନ୍ତୁ, ଯଦ୍ୱାରା ପ୍ଲେଗ ବ୍ୟାଧିରୁ ମଧ୍ୟ ରକ୍ଷା ପାଇଯିବେ । ସେମାନଙ୍କର ଗୁମରର ବାସ୍ତବିକତା ମଧ୍ୟ ଖୋଲିଯାଉ । **ବିଶେଷତଃ ସେହି ପାଦ୍ରୀ ସାହେବମାନଙ୍କର,** ଯେଉଁମାନେ ଇହକାଳ ଓ ପରକାଳରେ ମରିୟମ ପୁତ୍ର ଯୀଶୁଙ୍କୁ ହିଁ ମୋକ୍ଷଦାତା ରୂପେ ଅଭିହିତ କରିଛନ୍ତି । ଯଦି ସେମାନେ ହୃଦୟରୁ **ମରିୟମ ପୁତ୍ର** ଯୀଶୁଙ୍କୁ ଇହକାଳ ଓ ପରକାଳର ତ୍ରାଣକର୍ତ୍ତା ବୋଲି ବିବେଚନା କରୁଛନ୍ତି, ତେବେ ବର୍ତ୍ତମାନ ଖ୍ରୀଷ୍ଟିୟାନମାନଙ୍କର **କର୍ତ୍ତବ୍ୟ** ହେବ ଯେ ତାଙ୍କ **ପ୍ରାୟଶ୍ଚିତ** ବଳରେ **ମୋକ୍ଷ** ପ୍ରଦାନର ଦୃଷ୍ଟାନ୍ତ ଦେଖାଇ ଦିଅନ୍ତୁ । ଏହିପରି ଆମ ସରକାର ବାହାଦୁରଙ୍କୁ ମଧ୍ୟ ଏହା ଅତି ସହଜ ହୋଇପାରିବ ଯେ ବ୍ରିଟିଶ ଇଣ୍ଡିଆର ଭିନ୍ନ ଭିନ୍ନ ଧାର୍ମିକ ଗୋଷ୍ଠୀ ସମୁହ ଯେଉଁମାନେ ନିଜ ନିଜ ଧର୍ମର ସତ୍ୟତା ଉପରେ ଭରସା ରଖିଛନ୍ତି, ସେମାନେ ନିଜ ଗୋଷ୍ଠୀର ମୁକ୍ତି ପାଇଁ ଓ ପ୍ଲେଗରୁ ବର୍ତ୍ତିଯିବା ପାଇଁ ଏହି ବ୍ୟବସ୍ଥା କରନ୍ତୁ ଯେ ନିଜର ସେହି ଈଶ୍ୱର ଯାହାଙ୍କ ଉପରେ ସେ ବିଶ୍ୱାସ ରଖିଛନ୍ତି କିମ୍ବା ନିଜର ଅନ୍ୟ କୌଣସି ଉପାସ୍ୟ ବୋଲି ଭାବୁଥିବା ସେମାନଙ୍କର ତଥାକଥିତ ଈଶ୍ୱରଙ୍କ ନିକଟରେ ଏହି ବିପତ୍ତିରୁ ରକ୍ଷା ପାଇବାକୁ ଲୋକମାନଙ୍କ ପାଇଁ ସୁପାରିଶ କରନ୍ତୁ ଏବଂ ତାଙ୍କଠାରୁ ଏକ ଦୃଢ଼ ପ୍ରତିଶ୍ରୁତି ନେଇ ଇସ୍ତହାର ମାଧ୍ୟମରେ ପ୍ରକାଶ କରନ୍ତୁ, ଯେପରି କି ଆମ୍ଭେ ଏହି ଇସ୍ତହାରରେ ପ୍ରକାଶ କରିସାରିଛୁ । ଏଥିରେ ତ ସମ୍ପୂର୍ଣ୍ଣ ରୂପେ ଜୀବ ଜଗତର ହିତସାଧନ ଓ ନିଜ ଧର୍ମର ସତ୍ୟତାର ପ୍ରମାଣ ଅଛି । ତତ୍‌ସହିତ ଏହି ଉପାୟରେ ସରକାରଙ୍କୁ ସହାୟତା ମଧ୍ୟ କରାଯାଇ ପାରିବ । ସରକାର କେବଳ ଏତିକି ଚାହାନ୍ତି ଯେ ତାଙ୍କ ନାଗରିକମାନେ ପ୍ଲେଗର ବିପତ୍ତିରୁ କିପରି ବଞ୍ଚିଯାଆନ୍ତୁ । ଯେନତେନ ପ୍ରକାରେଣ ପ୍ରଜାଙ୍କ ଜୀବନ ରକ୍ଷା ହୋଇଯାଉ । ପରିଶେଷରେ ମନେରଖନ୍ତୁ ! ଆମ୍ଭେ ଏହି ଇସ୍ତହାର ମାଧ୍ୟମରେ ନିଜ ଜମାଅତର ଲୋକମାନଙ୍କୁ ଯେଉଁମାନେ ପଞ୍ଜାବ ଓ ହିନ୍ଦୁସ୍ତାନର ବିଭିନ୍ନ ଭାଗରେ ବସବାସ କରିଛନ୍ତି, ସେମାନଙ୍କୁ ଟୀକାକରଣ କରିବାରୁ ମନା କରୁ ନାହୁଁ । ଯେଉଁ ଲୋକମାନଙ୍କ ସମ୍ବନ୍ଧରେ ସରକାରଙ୍କର ନିର୍ଦ୍ଦିଷ୍ଟ ନିର୍ଦ୍ଦେଶ ଅଛି, ସେମାନେ ନିଶ୍ଚିତ ରୂପେ ଟିକା ଲଗାଇବା ଉଚିତ ଓ ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରିବା

ଉଚିତ । ଯେଉଁମାନଙ୍କୁ ନିଜ ଇଚ୍ଛା ଅନୁସାରେ ବଞ୍ଚିବା ପାଇଁ ଛାଡ଼ି ଦିଆଯାଉଛି, ଯଦି ସେମାନେ ଆମର ପ୍ରଦତ୍ତ ଏହି ଶିକ୍ଷା ଉପରେ ସମ୍ପୂର୍ଣ୍ଣ ରୂପେ ପ୍ରତିଷ୍ଠିତ ନୁହନ୍ତି, ସେମାନଙ୍କ ପକ୍ଷେ ମଧ୍ୟ ପ୍ରତିଷେଧକ ମୂଳକ ଟୀକା ନେବା ଉଚିତ ହେବ, ଯଦ୍ୱାରା ସେମାନେ ଆଉ ଧୋକା ଖାଇବେ ନାହିଁ । ଯଦି ପ୍ରଶ୍ନ ଉଠିବ ଯେ ସେହି ଶିକ୍ଷା କଣ, ଯାହା ଉପରେ ସମ୍ପୂର୍ଣ୍ଣ ପାଳନ କରିବା ଦ୍ୱାରା ପ୍ଲେଗର ଆକ୍ରମଣରୁ ମନୁଷ୍ୟକୁ ରକ୍ଷା କରାଯାଇ ପାରିବ । ତେବେ ମୁଁ ସଂକ୍ଷେପରେ ସେହି ଶିକ୍ଷାର କେତେକ ପଙ୍କ୍ତି ନିମ୍ନରେ ଉଲ୍ଲେଖ କରିଦେଉଛି ।

# ଶିକ୍ଷା

ଏଠାରେ ସ୍ମରଣଯୋଗ୍ୟ ଯେ କେବଳ ମୁଖର ଉଚ୍ଚାରଣରେ ବୈଅତ (ଦୀକ୍ଷା ଗ୍ରହଣ) କରିନେବା ଅର୍ଥହୀନ, ଯେପର୍ଯ୍ୟନ୍ତ ମନୁଷ୍ୟ ନିଜ ଅନ୍ତରରୁ ଏହାକୁ ସମ୍ପୂର୍ଣ୍ଣ ରୂପେ ଅନୁସରଣ ନକରିଛି । ତେଣୁ ଯେଉଁ ମନୁଷ୍ୟ ମୋର ଶିକ୍ଷା ଉପରେ ସମ୍ପୂର୍ଣ୍ଣ ବିଧିବଦ୍ଧ ଭାବରେ ପାଳନ କରୁଛି । ସେ ମୋର ଏହି ଗୃହରେ ପ୍ରବେଶ କରିବ, ଯାହା ସମ୍ବନ୍ଧରେ ଐଶ୍ୱରୀକ ବାଣୀରେ ଏହିପରି ପ୍ରତିଶ୍ରୁତି ଦିଆଯାଇଛି ।

اِنِّیْ اُحَافِظُ کُلَّ مَنْ فِی الدَّارِ

**'ଇନ୍ନି ଉହାଫିଜୁ କୁଲ୍ଲା ମନ୍ ଫିଦ୍‌ଦାର୍'**

ଅର୍ଥାତ୍ 'ପ୍ରତ୍ୟେକ ବ୍ୟକ୍ତି ଯିଏ ତୁମ ଗୃହର ଚାରିକାନ୍ଥ ଭିତରେ ଅଛି ମୁଁ ତାଙ୍କୁ ରକ୍ଷା କରିବି ।' ଏଠାରେ ଏହା ଭାବିବା ସମିଚୀନ ନୁହେଁ ଯେ ଏହି କଥା ସେହି ଲୋକମାନଙ୍କ ସକାଶେ କୁହାଯାଇଛି, ଯେଉଁମାନେ ମୋ ଘର ଭିତରେ ଅଛନ୍ତି । ଅର୍ଥାତ ମୋର ଏହି ଝାଟିମାଟିର ଘରେ ରହୁଛନ୍ତି । ବରଂ ସେହି ଲୋକମାନେ ମଧ୍ୟ, ଯେଉଁମାନେ ମୋର ସମ୍ପୂର୍ଣ୍ଣ ଅନୁସରଣ କରୁଛନ୍ତି, ସେମାନେ ମୋ ଆଧ୍ୟାତ୍ମିକ ଘରେ ପ୍ରବେଶ ହୋଇଛନ୍ତି । ଏହାକୁ ଅନୁସରଣ କରିବା ପାଇଁ ଏକଥାର ସର୍ତ୍ତ ମଧ୍ୟ ରହିଛି ଯେ ସେମାନେ ମନରେ ଏହି ବିଶ୍ୱାସ ପୋଷଣ କରନ୍ତି ଯେ ସେମାନଙ୍କର ଜଣେ ସର୍ବଶକ୍ତିଶାମାନ, ଚୀରସ୍ଥାୟୀ ଓ ବିଶ୍ୱ ବ୍ୟାପକ ସ୍ରଷ୍ଟା ଈଶ୍ୱର ଅଛନ୍ତି, ଯିଏ ତାଙ୍କ ବିଶେଷ ଅନୁପମ ଗୁଣରେ ଅନାଦି, ସର୍ବକାଳୀନ ଓ ସ୍ୱୟଂ ପ୍ରତିଷ୍ଠିତ । ନା ସେ କାହାର ପୁତ୍ର ନା ତାଙ୍କର କେହି ପୁତ୍ର ଅଛନ୍ତି । ସେ ଦୁଃଖ କଷ୍ଟ ଭୋଗିବାରେ ଓ

କ୍ରୁଶବିଦ୍ଧ ହୋଇ ଶୁଳୀ ଉପରେ ମୃତ୍ୟୁ ବରଣ କରିବା ଘଟଣାରୁ ପବିତ୍ର । ସେ ଦୂର ହେବା ସତ୍ତ୍ୱେ ନିକଟରେ ଅଛନ୍ତି ଓ ଏକ ହେବା ସତ୍ତ୍ୱେ ତାଙ୍କର ଅଲଗା ଅଲଗା ପ୍ରକାଶ ରହିଛି । ମନୁଷ୍ୟ ପକ୍ଷରୁ ଯେବେ ଏକ ନୂତନ ପରିବର୍ତ୍ତନ ହୁଏ, ସେତେବେଳେ ତା'ପାଇଁ ସେ ଏକ ନୁଆ ରୂପର ଈଶ୍ୱର ହୋଇଯାଆନ୍ତି ଓ ତାଙ୍କ ଅସ୍ତିତ୍ୱ ଏକ ନୂଆ ରୂପରେ ଉଭା ହୋଇ ତା'ସହିତ ବ୍ୟବହାର କରିଥାନ୍ତି । ମନୁଷ୍ୟ ନିଜର ପରିବର୍ତ୍ତନ ଅନୁଯାୟୀ ଈଶ୍ୱରଙ୍କ ଠାରେ ମଧ୍ୟ ଏକ ପରିବର୍ତ୍ତନକୁ ଅନୁଭବ କରିଥାଏ । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଈଶ୍ୱରଙ୍କ ଠାରେ କୌଣସି ପରିବର୍ତ୍ତନ ହୁଏ, ବରଂ ସେ ଅନାଦି କାଳରୁ ଅପରିବର୍ତ୍ତନୀୟ ଏକ ପୂର୍ଣ୍ଣ ବ୍ରହ୍ମମୟ ହୋଇ ରହିଛନ୍ତି । କିନ୍ତୁ ମନୁଷ୍ୟ ଯେତେବେଳେ ପୁଣ୍ୟ ଆଡକୁ ଚଳନଶୀଳ ହୁଏ, ସେତେବେଳେ ଈଶ୍ୱର ବି ଏକ ନୂଆ ରୂପରେ ତା ନିକଟରେ ଉଭାସିତ ହୁଅନ୍ତି ।

ମନୁଷ୍ୟ ଦ୍ୱାରା ଉନ୍ନତି ପ୍ରାପ୍ତ କରିବାର ପ୍ରତ୍ୟେକ ଅବସ୍ଥାରେ ପ୍ରଭୁଙ୍କ ଶକ୍ତିଶାଳୀ ଐଶ୍ୱରିକ ଦୀପ୍ତି ମଧ୍ୟ ଏକ ଉନ୍ନତି ସହିତ ପ୍ରକାଶିତ ହୁଏ । ସେହି ଆଲୌକିକ ଶକ୍ତିକୁ ସେହି ସ୍ଥାନରେ ଦେଖାଇଥାନ୍ତି, ଯେଉଁଠି ଚମତ୍କାରୀତାରେ ପରିବର୍ତ୍ତନ ଘଟିଥାଏ । ଆଲୌକିକ ନିଦର୍ଶନର ଏହା ହିଁ ହେଉଛି ପ୍ରକୃତ ମୂଳ ରହସ୍ୟ । ତଦନୁରୂପ ଈଶ୍ୱରଙ୍କୁ ଗ୍ରହଣ କରିବା ପାଇଁ ଆମ ସମ୍ପ୍ରଦାୟରେ ସର୍ତ୍ତମାନ ରହିଛି । ଏହା ଉପରେ ବିଶ୍ୱାସ ସ୍ଥାପନ କର ଏବଂ ନିଜ ଉପରେ, ନିଜ ଆରାମ ତଥା ସୁଖ ସ୍ୱାଚ୍ଛନ୍ଦ୍ୟ ଉପରେ ଓ ସମସ୍ତ ସାଂସାରିକ ସମ୍ବନ୍ଧ ଉପରେ ସେହି ଈଶ୍ୱରଙ୍କୁ ପ୍ରାଧାନ୍ୟ ଦିଅ । ତାଙ୍କ ମାର୍ଗରେ ଧୈର୍ଯ୍ୟ ଓ ସାହାସର ସହିତ ସତ୍ୟତା ଓ ଭକ୍ତିଭାବକୁ କାର୍ଯ୍ୟରେ କରି ଦେଖାଅ । ସଂସାରବାସୀ ନିଜ ସାଧନ ଓ ନିଜ ପ୍ରୀୟଜନଙ୍କ ଉପରେ ତାକୁ ପ୍ରାଧାନ୍ୟ ଦେଇ ନାହାନ୍ତି । କିନ୍ତୁ ତୁମେ ତାଙ୍କୁ ପ୍ରାଧାନ୍ୟ ଦିଅ, ଫଳତଃ ସ୍ୱର୍ଗରେ ତୁମେ ତାଙ୍କ ସମ୍ପ୍ରଦାୟରେ ପରିଗଣିତ ହେବ ।

କରୁଣାର ନିଦର୍ଶନ ଦେଖାଇବା ହେଉଛି ଈଶ୍ୱରଙ୍କର ଚିରାଚରିତ ଅଭ୍ୟାସ । କିନ୍ତୁ ତୁମେ ସେତେବେଳେ ଏହି ଅଭ୍ୟାସର ଅଂଶବିଶେଷ ହୋଇପାରିବ, ଯେତେବେଳେ ତୁମ ଭିତରେ ଓ ତାଙ୍କ ଭିତରେ କୌଣସି ଅନ୍ତର ରହିବ ନାହିଁ । ତୁମର ଇଚ୍ଛା ତାଙ୍କ ଇଚ୍ଛାରେ ପରିଣତ ହୋଇଯିବ । ତୁମର ଅଭିଳାଷ, ତାଙ୍କ ଅଭିଳାଷରେ ମିଶିଯିବ । ସବୁ ସମୟରେ ଓ ପ୍ରତ୍ୟେକ ପରିସ୍ଥିତିରେ ତାହା ସଫଳତା

ସମୟରେ ହେଉ ବା ବିଫଳତା ସମୟରେ ହେଉ, ତୁମର ମସ୍ତକ ତାଙ୍କ ଶ୍ରୀଛାମୁରେ ପଡ଼ି ରହୁ । ଯଦ୍ୱାରା ସେ ତୁମ କାମନାକୁ ଚରିତାର୍ଥ କରିବା ପାଇଁ ଯାହା ଚାହିଁବେ ତାହା କରିବେ । ଯଦି ତୁମେ ଏପରି କରିବ ତେବେ ତୁମ ଭିତରେ ଏପରି ଈଶ୍ୱର ପ୍ରକଟିତ ହେବେ, ଯିଏ ବହୁ କାଳରୁ ନିଜର ଚେହେରାକୁ ଲୁକ୍କାୟିତ ରଖିଛନ୍ତି । କଣ କିଏ ତୁମ ଭିତରେ ଅଛି, ଯିଏ ଏହି କଥା ଉପରେ **ପାଳନ କରିବ** ଏବଂ ତାଙ୍କ ସାନିଧ ଲୋଡିବ ଓ ଈଶ୍ୱରୀୟ ନିଷ୍ପତ୍ତିରେ ଅସନ୍ତୋଷ ବ୍ୟକ୍ତ କରିବ ନାହିଁ । ତେଣୁ ତୁମେ ବିପତ୍ତିକୁ ଦେଖି ଆଗକୁ ପାଦ ରଖ । ଏହା ହିଁ ତୁମ ଉନ୍ନତିର ମାଧ୍ୟମ । ଏକେଶ୍ୱରବାଦ ପୃଥିବୀରେ ପ୍ରସାରଣ କରିବା ନିମନ୍ତେ ନିଜର ସମସ୍ତ ଶକ୍ତି ବିନିଯୋଗ ପୂର୍ବକ ତୁମେ ଉଦ୍ୟମ କର । ଈଶ୍ୱର ଭକ୍ତଙ୍କ ଉପରେ ଦୟା କର ଏବଂ ନା ତାଙ୍କୁ ତୁଣ୍ଡରେ କିମ୍ବା ହାତରେ ନା ଅନ୍ୟ କୌଣସି ଉପାୟରେ ଅତ୍ୟାଚାର କର । ଅଲ୍ଲାଃଙ୍କ ସୃଷ୍ଟିଜ ସକଳ ପ୍ରାଣୀଙ୍କ ମଙ୍ଗଳ ପାଇଁ ପ୍ରୟାସ କରି ଚାଲ ଓ କୌଣସି ଅଧସ୍ତନଙ୍କ ଉପରେ ଅହଙ୍କାର ଦେଖାଅ ନାହିଁ । କେହି ବ୍ୟକ୍ତି ତୁମକୁ ଯେତେ ଗାଳି ଦେଉ ପଛକେ ତୁମେ କାହାରିକୁ ଗାଳି ଦିଅ ନାହିଁ । ଦରିଦ୍ର, ବିନୟୀ, ନିରୀହ ତଥା ଜୀବେ ଦୟା କରୁଥିବା ବ୍ୟକ୍ତି ତାହାଙ୍କ ଦ୍ୱାରା ସ୍ୱୀକୃତି ଲାଭ କରେ । ଅନେକ ବ୍ୟକ୍ତି ବାହାରେ ବିନୟ ଭାବ ଦେଖାନ୍ତି କିନ୍ତୁ ଭିତରେ ବ୍ୟାଘ୍ର ପରି ହିଂସ୍ରୁକ । ବହୁତ ଏପରି ଅଛନ୍ତି ଯିଏ ଉପରୁ ସଫା (ନିର୍ମଳ) ଅଥଚ ଅନ୍ତରରେ ସାପ (କୁଟିଳ) । ତେଣୁ ତୁମେ ସେପର୍ଯ୍ୟନ୍ତ ଈଶ୍ୱରଙ୍କ ନିକଟରେ ସ୍ୱୀକୃତି ଲାଭ କରିପାରିବ ନାହିଁ, ଯେପର୍ଯ୍ୟନ୍ତ ତୁମର ଅନ୍ତର ଓ ବାହାର ଏକ ନହୋଇଛି । ବଡ଼ ହୋଇ ସାନ ଉପରେ ଦୟା କର, କିନ୍ତୁ ତିରସ୍କାର କର ନାହିଁ । ଜ୍ଞାନୀ ହୋଇ ଅଜ୍ଞାନୀମାନଙ୍କୁ ଉପଦେଶ ଦିଅ, କିନ୍ତୁ ନିଜର ବଡ଼ପଣିଆ ଦେଖାଇ ସେମାନଙ୍କୁ ଅପମାନିତ କର ନାହିଁ । ଧନୀ ହୋଇ ନିର୍ଧନର ସେବା କର, କିନ୍ତୁ ସେମାନଙ୍କୁ ଆତ୍ମବଡ଼ିମା ଦେଖାଅ ନାହିଁ । ବିନଷ୍ଟ ହେବାର ପଥକୁ ଡର । ଈଶ୍ୱରଙ୍କୁ ଭୟ କରୁଥାଅ ଓ ଧର୍ମନିଷ୍ଠତା ଅବଲମ୍ବନ କର ତଥା ଶାଳୀନତା ଓ ସଦାଚାରୀତାର ପଥ ଅନୁସରଣ କର । ମାନବ କିମ୍ବା ସୃଷ୍ଟିର ଅନ୍ୟ ପ୍ରାଣୀଙ୍କୁ ଉପାସନା କର ନାହିଁ । କେବଳ ନିଜ ପ୍ରିୟ ମୁନିବ ଦୀନବନ୍ଧୁ ଈଶ୍ୱରଙ୍କ ପ୍ରତି ଢ଼ଳିଯାଅ ଓ ସାଂସାରିକ ମୋହମାୟାରେ ମନକୁ ଲଗାଅ ନାହିଁ । ତୁମେ କେବଳ ତାଙ୍କର ହିଁ ହୋଇଯାଅ ଓ ତାଙ୍କ ପାଇଁ ହିଁ ଜୀବନ ଅତିବାହିତ କର । ତାଙ୍କ

ସକାଶେ ସମସ୍ତ ଅପବିତ୍ରତା ଓ ପାପକୁ ଘୃଣା କର । କାରଣ ସେ ହେଉଛନ୍ତି ପବିତ୍ର । ଏହା ପ୍ରୟୋଜନୀୟ ଯେ ପ୍ରତ୍ୟେକ ପ୍ରଭାତ ତୁମପାଇଁ ଏହି ସାକ୍ଷ୍ୟ ଦେଉ ଯେପରିକି ତୁମେ ସଦାଚାରୀ ହୋଇ ଈଶ୍ୱରଙ୍କ ଠାରେ ବିଲୀନ ହେବା ଅବସ୍ଥାରେ ରାତ୍ରିଯାପନ କରିଛ ଏବଂ ପ୍ରତ୍ୟେକ ସନ୍ଧ୍ୟା ତୁମପାଇଁ ଏହି ସାକ୍ଷ୍ୟ ଦେଉ ଯେ ତୁମେ ଈଶ୍ୱରଙ୍କୁ ଡରି ଡରି ଦିନ ଅତିବାହିତ କରିଛ । ସାଂସାରିକ ଅଭିଶାପ ଓ ଲାଞ୍ଛନାକୁ ଭୟ କରନାହିଁ । ତାହା ଦେଖୁ ଦେଖୁ ଧୁଆଁପରି ଉଭେଇ ଯାଏ । ତାହା ଦିନକୁ ରାତିରେ କେବେ ପରିବର୍ତ୍ତିତ କରି ପାରିବ ନାହିଁ । ବରଂ ତୁମେ ଅଲ୍ଲାଃଙ୍କ ପ୍ରକୋପକୁ ଭୟ କର, ଯାହା ଆକାଶରୁ ପଡ଼ିଥାଏ ଓ ଯାହା ଉପରେ ପଡ଼େ ତାର ଦୁଇଟିଯାକ ସଂସାର ଅର୍ଥାତ୍ ଇହକାଳ ଓ ପରକାଳକୁ ଧ୍ୱଂସ କରିଦିଏ । ତୁମେ ଆଡମ୍ବର ଓ ବିଳାସ ବ୍ୟସନ ଦ୍ୱାରା ନିଜକୁ ସୁରକ୍ଷିତ ରଖି ପାରିବ ନାହିଁ । କାରଣ ତୁମ ଈଶ୍ୱରଙ୍କ ଦୃଷ୍ଟି ତୁମର ପାତାଳ (ଅନ୍ତର) ପର୍ଯ୍ୟନ୍ତ ରହିଛି । ତୁମେ ତାଙ୍କୁ କଣ ଧୋକା ଦେଇପାରିବ ? ଅତଃ ତୁମେ ସଳଖ ହୋଇଯାଅ, ନିର୍ମଳ ହୋଇଯାଅ । ତୁମେ ପବିତ୍ର ହୋଇଯାଅ ଓ ସ୍ୱଚ୍ଛ ହୋଇଯାଅ । ଯଦି ତୁମ ଭିତରେ ଅଣୁମାତ୍ରାରେ ଅନ୍ଧକାରର କାଳିମା  ରହିଛି, ତେବେ ତାହା ତୁମର ସମସ୍ତ ପ୍ରକାଶକୁ ଦୂର କରିଦେବ । ଯଦି ତୁମ ପାଖରେ କୌଣସି ସ୍ତରରେ ମଧ୍ୟ ଆତ୍ମଗର୍ବ, ବାହ୍ୟ ଆଡମ୍ବର, ଆଳସ୍ୟ ତଥା ନିଜକୁ ଶ୍ରେଷ୍ଠ ମଣିବାର ଭାବନା ରହିଛି, ତେବେ ତୁମେ ପ୍ରଭୁଙ୍କ ନିକଟରେ ସ୍ୱୀକାରଯୋଗ୍ୟ ହେବ ନାହିଁ । ଏପରି ନହେଉ ଯେ ତୁମେ କେବଳ କେତେକ କଥାକୁ ନେଇ ନିଜକୁ ନିଜେ ଧୋକା ଦେଇ ଚାଲ ଯେ ଯାହା କିଛି କରିବାର ଥିଲା ଆମେ କରି ଦେଇଛୁ । କାରଣ ଈଶ୍ୱର ଚାହୁଛନ୍ତି ଯେ ତୁମ ଅସ୍ତିତ୍ୱରେ ସମ୍ପୂର୍ଣ୍ଣ ରୂପେ ପରିବର୍ତ୍ତନ ଆସୁ । ସେ ତୁମ ନିକଟରୁ ଏକ ମୃତ୍ୟୁ ଲୋଡୁଛନ୍ତି ଯାହାପରେ ସେ ତୁମକୁ ଜୀବିତ କରିବେ । ତେଣୁ ତୁମେ ଆପୋଷରେ ଶୀଘ୍ର ସନ୍ଧି କରିନିଅ ଓ ନିଜ ଭାଇମାନଙ୍କ ପାପ କ୍ଷମା କର । କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ, ଯିଏ ନିଜ ଭାଇ ସହିତ ବୁଝାମଣା କରିବା ପାଇଁ ରାଜି ହେଉନାହିଁ । ସେ କଟାଯିବ, କାରଣ ସେ ଏକତାରେ ଅନ୍ତରାୟ ସୃଷ୍ଟି କରୁଛି । ତୁମେ ନିଜ ଅହଂଭାବକୁ ପ୍ରତ୍ୟେକ ସ୍ଥିତିରେ ପରିତ୍ୟାଗ କର ଓ ପରସ୍ପର ମଧ୍ୟରେ ଥିବା ବିଦ୍ୱେଷ ଭାବକୁ ଭୁଲିଯାଅ । ସତ୍ୟବାଦୀ ହୋଇ ମିଥ୍ୟାବାଦୀଙ୍କ ପରି ବିନମ୍ର ଆଚରଣ କର, ଯାହା ଫଳରେ ତୁମକୁ କ୍ଷମା

କରାଯିବ । ସ୍ୱାର୍ଥପରତା ଓ ଅହଂକାରରେ ଆଗକୁ ବଢ଼ ନାହିଁ । କାରଣ ଯେଉଁ ଦ୍ୱାର ଦେଇ ତୁମକୁ ଯିବା ପାଇଁ ଡକାଯାଇଛି, ସେଥିରେ ଜଣେ ଅହଂକାରୀ ବ୍ୟକ୍ତି ପ୍ରବେଶ କରିପାରିବ ନାହିଁ ।

ଯଦି ତୁମେ ଚାହଁ ଯେ ଅଲ୍ଲାଃ ସ୍ୱର୍ଗରେ ତୁମ ପ୍ରତି ପ୍ରୀତ ହେବେ, ତାହାହେଲେ ତୁମେ ଏପରି ଏକ ହୋଇଯାଅ ଯେପରି ଗୋଟିଏ ମାତୃଗର୍ଭରୁ ଜାତ ଦୁଇ ଭାଇ । ତୁମମାନଙ୍କ ମଧ୍ୟରେ ଅଧିକ ମହତ ହେଉଛି ସେହି ବ୍ୟକ୍ତି, ଯିଏ ଅନ୍ୟମାନଙ୍କ ତୁଳନାରେ ତା'ଭାଇର ଦୋଷତ୍ରୁଟିକୁ ଅଧିକ ମାର୍ଜନା କରେ ଏବଂ ଅଧିକ ହତଭାଗା ହେଉଛି ସେହି ବ୍ୟକ୍ତି, ଯିଏ ଜିଦ୍‌ଖୋର ଓ କାହାରିକୁ କ୍ଷମା ଦିଏ ନାହିଁ । ମୋ ଠାରୁ ତା'ର କୌଣସି ଭାଗ ନାହିଁ । ଭୟ କରୁଥାଅ, ନଚେତ୍ ଅଲ୍ଲାଃ ତୁମକୁ ଅଭିଶାପ ଦେବେ । ସେ ପବିତ୍ର ଏବଂ ତାଙ୍କ ପ୍ରିୟ ଲୋକଙ୍କର ସମ୍ମାନ ଉପରେ ସେ ଜଣେ ସତର୍କ ଅଭିଭାବକ । ଦୁଷ୍ଟଲୋକ ତାଙ୍କ ସାମୀପ୍ୟ ଲାଭ କରିପାରେ ନାହିଁ । ଉଦ୍ଧତ, ଅତ୍ୟାଚାରୀ କିମ୍ବା ବିଶ୍ୱାସଭଙ୍ଗକାରୀ ତାଙ୍କର ସାମୀପ୍ୟ ଲାଭ କରିପାରେ ନାହିଁ । ଅଲ୍ଲାଃଙ୍କ ନାମର ସମ୍ମାନାର୍ଥେ ଯିଏ ନିଜର ସର୍ବସ୍ୱ ଅଜାଡ଼ି ଦେବାକୁ ପ୍ରସ୍ତୁତ ନୁହେଁ ଏବଂ ସେହିପରି ଯେଉଁମାନେ କୁକୁର, ପିମ୍ପୁଡ଼ି ଓ ଶାଗୁଣାଙ୍କ ଭଳି ପାର୍ଥିବ ସୁଖରେ ଲିପ୍ତ ରହନ୍ତି ଏବଂ ଯେଉଁମାନେ ସାଂସାରିକ ବିଳାସରେ ଆରାମ କରନ୍ତି, ସେମାନେ ଅଲ୍ଲାଃଙ୍କ ସାନିଧ୍ୟ ଲାଭ କରିପାରନ୍ତି ନାହିଁ । ଯେଉଁମାନେ ତାଙ୍କ ପାଇଁ ଯନ୍ତ୍ରଣା ଭିତରେ ରହିଛନ୍ତି, ସେମାନେ ନରକର ଦାବାନଳରୁ ମୁକ୍ତ ହେବେ । ଯିଏ ତାଙ୍କ ପାଇଁ କାନ୍ଦେ, ସେ ଶେଷରେ ହସିବ ଓ ଯିଏ ତାଙ୍କ ପାଇଁ ସାଂସାରିକ ବନ୍ଧନକୁ ଛିନ୍ନ କରି ପକାଏ, ସେ ତାଙ୍କୁ ସାକ୍ଷାତ କରିବ । କ୍ରମବର୍ଦ୍ଧିଷ୍ଣୁ ଉତ୍ସାହ ଓ ଉନ୍ମାଦନା ସହିତ ତାଙ୍କର ସାମିପ୍ୟ ହାସଲ କରି ନିଷ୍ପାପର ଭାବରେ ସର୍ବାନ୍ତକରଣରେ ତୁମେମାନେ ଅଲ୍ଲାଃଙ୍କର ବନ୍ଧୁ ହୁଅ । ତାହାହେଲେ ସେ ମଧ୍ୟ ତୁମମାନଙ୍କର ବନ୍ଧୁ ହୋଇଯିବେ । ଯେଉଁମାନେ ତୁମମାନଙ୍କ ଅଧୀନସ୍ଥ ସେମାନଙ୍କ ପ୍ରତି, ତୁମମାନଙ୍କର ପତ୍ନୀମାନଙ୍କ ପ୍ରତି ଓ ତୁମମାନଙ୍କର ଦରିଦ୍ର ଭାଇମାନଙ୍କ ପ୍ରତି ସଦୟ ହୁଅ । ତାହାହେଲେ ସ୍ୱର୍ଗରେ ତୁମମାନଙ୍କ ପ୍ରତି ଦୟା ପ୍ରଦର୍ଶନ କରାଯିବ । ବାସ୍ତବରେ ତାଙ୍କରି ହୁଅ ତାହାହେଲେ ସେ ତୁମର ହେବେ ।

ସଂସାର ସହସ୍ର ବିପତ୍ତିର ସ୍ଥାନ, ଯାହା ମଧ୍ୟରେ ପ୍ଲେଗ ଅନ୍ୟତମ । ତେଣୁ

ତୁମେ ଈଶ୍ୱରଙ୍କ ସହିତ ପ୍ରକୃତ ସମ୍ପର୍କ ସ୍ଥାପନ କର, ଯଦ୍ୱାରା ସେ ଏହି ବିପତ୍ତିଗୁଡ଼ିକୁ ତୁମଠାରୁ ଦୂରେଇ ରଖିବେ । କୌଣସି ସଙ୍କଟ ଭୂପୃଷ୍ଠରେ ଉପୁଜେ ନାହିଁ, ଯେ ପର୍ଯ୍ୟନ୍ତ ଆକାଶରୁ ନିର୍ଦ୍ଦେଶ ଆସିନାହିଁ । କୌଣସି ସଙ୍କଟ ଦୂର ହେବନାହିଁ, ଯେପର୍ଯ୍ୟନ୍ତ ଆକାଶରୁ କୃପା ଅବତୀର୍ଣ୍ଣ ହୋଇନାହିଁ । ତେଣୁ ତୁମର ବୁଦ୍ଧିମତା ହେଉଛି ଯେ ତୁମେ ମୂଳକୁ ଧର, ଶାଖାକୁ ନୁହେଁ । ତୁମମାନଙ୍କୁ ପ୍ରତିଷେଧ ମୂଳକ ଔଷଧ ଓ ଉପାୟରୁ ରୋକା ଯାଉନାହିଁ । ମାତ୍ର ତାହା ଉପରେ ଭରସା ରଖିବାରୁ ବାରଣ କରାଯାଇଛି । ଶେଷରେ ତାହାହିଁ ହେବ ଯାହା ଈଶ୍ୱର ଇଚ୍ଛା କରିବେ । ଯଦି କେହି ସାମର୍ଥ୍ୟ ରଖୁଛି, ତା'ହେଲେ ଈଶ୍ୱରଙ୍କ ଉପରେ ନିର୍ଭର କରିବାର ସ୍ଥାନ ସର୍ବୋତ୍ତମ । ତୁମ ସକାଶେ ଏହି ଶିକ୍ଷା ଅପରିହାର୍ଯ୍ୟ ଯେ ପବିତ୍ର କୁରଆନକୁ ପରିତ୍ୟକ୍ତ ବସ୍ତୁପରି ଛାଡ଼ିଦିଅ ନାହିଁ । କାରଣ ସେଥିରେ ଜୀବନ ନିହିତ ଅଛି । **ଯେଉଁ ବ୍ୟକ୍ତି କୁରଆନକୁ ସମ୍ମାନ ଦେବେ, ସେମାନଙ୍କୁ ସ୍ୱର୍ଗୀୟ ସମ୍ମାନ ମିଳିବ ।** ଯେଉଁମାନେ ପ୍ରତ୍ୟେକ ହଦିସ ଓ ପ୍ରତ୍ୟେକ ବାଣୀ ଉପରେ କୁରଆନକୁ ପ୍ରାଥମିକତା ଦେବେ, ସେମାନଙ୍କୁ ସ୍ୱର୍ଗରେ ପ୍ରାଥମିକତା ପ୍ରଦାନ କରାଯିବ । ସମସ୍ତ ମାନବଜାତି ସକାଶେ ସମ୍ପୂର୍ଣ୍ଣ ଭୂପୃଷ୍ଠ ଉପରେ ଏବେ କୌଣସି ପୁସ୍ତକ ନାହିଁ, ମାତ୍ର କେବଳ କୁରଆନ । ଏବଂ ଅନ୍ୟ କେହି ବାର୍ତ୍ତାବହ ଓ ସୁପାରିଶକର୍ତ୍ତା ନାହାନ୍ତି, କିନ୍ତୁ **ମୁହମ୍ମଦ ମୁସ୍ତଫା**[ସଅ] । ସୁତରାଂ ତୁମେ ପ୍ରୟାସ କର ଯେ ନିଷ୍ପାପର ପ୍ରେମ କେବଳ ଏହି ପ୍ରଭୁତ୍ୱଶାଳୀ ନବୀଙ୍କ ସହିତ ହେଉ । ତାଙ୍କ ଉପରେ ଅନ୍ୟ କାହାକୁ କୌଣସି ପ୍ରକାରେ ହେଉ ପଛେ ଶ୍ରେଷ୍ଠତା ଦିଅ ନାହିଁ । ଯଦ୍ୱାରା ସ୍ୱର୍ଗରେ ତୁମ ନାମ ମୁକ୍ତିପ୍ରାପ୍ତ ବ୍ୟକ୍ତିଙ୍କ ମଧ୍ୟରେ ଲେଖାଯିବ ।

ମନେରଖ ! ମୋକ୍ଷ ତାହା ନୁହେଁ ଯାହା ମରଣୋପରାନ୍ତ ପ୍ରକଟ ହେବ । ବରଂ ବାସ୍ତବିକ ମୋକ୍ଷ ହେଉଛି ତାହା, ଯାହା ଏହି ସଂସାରରେ ନିଜର ପ୍ରକାଶ ଦେଖାଏ । ତେବେ ସେହି **ମୋକ୍ଷପ୍ରାପ୍ତ ବ୍ୟକ୍ତି କିଏ** ? ସେହି ବ୍ୟକ୍ତି ଯିଏ ଏହା ବିଶ୍ୱାସ ରଖେ ଯେ ଈଶ୍ୱର ଏକ ପରମ ସତ୍ୟ ଏବଂ ମୁହମ୍ମଦ[ସଅ] ହେଉଛନ୍ତି ସକଳ ପ୍ରାଣୀଜଗତ ମଧ୍ୟରେ ତାଙ୍କ ପ୍ରଜାମାନଙ୍କର **ସୁପାରିଶକର୍ତ୍ତା** । ଆକାଶ ତଳେ ତାଙ୍କ ସମକକ୍ଷ ନା ଅନ୍ୟ କୌଣସି ରସୁଲ ଅଛନ୍ତି, ନା ପବିତ୍ର କୁରଆନ ସମାନ କୌଣସି ପୁସ୍ତକ ଅଛି । ଈଶ୍ୱର କାହାପାଇଁ ଇଚ୍ଛା କଲେ ନାହିଁ ଯେ ସେ ସର୍ବଦା ଜୀବିତ ରହୁ,

କିନ୍ତୁ **ଏହି ଈଶ୍ୱର ପ୍ରେରିତ ନବୀ ସବୁବେଳ ପାଇଁ ଜୀବିତ ଅଛନ୍ତି ।** ଏବଂ ଈଶ୍ୱର ତାଙ୍କର ସଦା ଜୀବିତ ରହିବାର ମୂଳଭିତ୍ତି ଏପରି ରଖିଲେ ଯେ ତାଙ୍କ ଧର୍ମୀୟ ବିଧାନ ଓ ଆଧ୍ୟାତ୍ମିକ ଉପଲବ୍ଧିଗୁଡିକୁ ମହାପ୍ରଳୟ ପର୍ଯ୍ୟନ୍ତ ଜାରି ରଖିଛନ୍ତି । ଏବଂ ପରିଶେଷରେ ତାଙ୍କର ଆଧ୍ୟାତ୍ମିକ ଅନୁଗ୍ରହ ଦ୍ୱାରା ସେ ଏହି **ମସିହ ମଉଦକୁ** ଦୁନିଆକୁ ପଠାଇଲେ । ଯାହାଙ୍କ ଆଗମନ ଇସଲାମୀୟ ଭବନକୁ **ସମ୍ପୂର୍ଣ୍ଣ କରିବା ପାଇଁ** ଜରୁରୀ ଥିଲା । କାରଣ ଏହା ନିଶ୍ଚିତ ଥିଲା ଯେ ସଂସାରର ସେ ପର୍ଯ୍ୟନ୍ତ ଅନ୍ତ ଘଟିବ ନାହିଁ, ଯେ ପର୍ଯ୍ୟନ୍ତ ମୁହମ୍ମଦୀୟ ସମ୍ପ୍ରଦାୟରେ ଜଣେ ମସିହଙ୍କୁ **ଆଧ୍ୟାତ୍ମିକ ରୂପ** ନଦିଆ ଯାଇଛି, ଯେପରି ମୋସେସଙ୍କ ଧର୍ମୀୟଧାରା ପାଇଁ ଏହା ଦିଆ ଯାଇଥିଲା । ଏହି କୁରଆନ ପଙ୍କ୍ତିଟି ସେଥିପ୍ରତି ଏହିପରି ସଂକେତ ପ୍ରଦାନ କରୁଛି:

اِهْدِنَا الصِّرَاطَ الْمُسْتَقِيْمَ صِرَاطَ الَّذِيْنَ اَنْعَمْتَ عَلَيْهِمْ

**'ଏହେଦେନସ୍ ସେରାତଲ୍ ମୁସ୍ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଆଲୈହିମ୍ ।'** (ଅଲ ଫାତିହା 1:6,7)

ମୋସେସ[ଅସ] ତାହା ସବୁ ପାଇଲେ ଯାହାକୁ ତାଙ୍କ ପୂର୍ବପୁରୁଷମାନେ ହଜାଇ ଦେଇଥିଲେ । ଏବଂ **ହଜ୍‌ରତ୍ ମୁହମ୍ମଦ**[ସଅ] ସେହିସବୁ ବୈଭବ ପ୍ରାପ୍ତ କଲେ, ଯାହାକୁ ମୋସେସଙ୍କ ସମ୍ପ୍ରଦାୟ ହଜାଇ ଦେଇଥିଲେ । ଏବେ ଉତ୍ତରାଧିକାରୀ ସୁତ୍ରେ ମୁହମ୍ମଦୀୟ ଧର୍ମଧାରା ମୁସୀୟ ଧର୍ମଧାରାର ପ୍ରତିନିଧିତ୍ୱ କରୁଛି । କିନ୍ତୁ ଗୌରବରେ ପୂର୍ବାପେକ୍ଷା ହଜାରେ ଗୁଣ ଅଧିକ । ସେହିପରି ମୋସେସଙ୍କ ସାଦୃଶ୍ୟ ରକ୍ଷାକାରୀ (ଅର୍ଥାତ ମୁହମ୍ମଦ[ସଅ]) ମୋସେସଙ୍କ ଠାରୁ ଅଧିକ ଗୁଣ ସମ୍ପନ୍ନ ଏବଂ ମସିହଙ୍କ ସାଦୃଶ୍ୟ ରକ୍ଷାକାରୀ (ଅର୍ଥାତ ମିର୍ଜା ଗୁଲାମ ଅହମଦ[ଅସ]) ମରିୟମ ପୁତ୍ର ଯୀଶୁଙ୍କ ଠାରୁ ଅଧିକ ମହିମା ସମ୍ପନ୍ନ । ସେହି ପ୍ରତିଶ୍ରୁତ ମସିହ ସେହିପରି ଭାବରେ ନିର୍ଦ୍ଦିଷ୍ଟ ଅବଧି ଅନୁଯାୟୀ ମୁହମ୍ମଦ[ସଅ]ଙ୍କ ପରେ ୧୪ ଶତାବ୍ଦୀ ହିଜ୍ରିରେ ଆବିର୍ଭୁତ ହେଲେ*, ଠିକ୍ ଯେପରି ମରିୟମ ପୁତ୍ର ଯୀଶୁ ମୋସେସଙ୍କ ପରେ ୧୪ ଶତାବ୍ଦୀରେ ପ୍ରକଟ ହୋଇଥିଲେ । ବରଂ ସେ ଏପରି ସମୟରେ ଆସିଲେ ଯେତେବେଳେ

* ଇହୁଦିମାନନେ ନିଜ ଇତିହାସ ଆଧାରରେ ସର୍ବସମ୍ମତି କ୍ରମେ ଏହା ସ୍ୱୀକାର କରନ୍ତି ଯେ ମୋସେସଙ୍କ ଚଉଦ ଶହ ବର୍ଷ ପରେ ଯୀଶୁ ଆବିର୍ଭୁତ ହୋଇଥିଲେ । ଦେଖନ୍ତୁ ଇହୁଦି ଇତିହାସ ।

ମୁସଲମାନମାନଙ୍କର ଅବସ୍ଥା ଏପରି ଥିଲା ଯେପରି ମରିୟମ ପୁତ୍ର ଯୀଶୁଙ୍କ ଆବିର୍ଭାବ ସମୟରେ ଇହୁଦିମାନଙ୍କର ଅବସ୍ଥା ଥିଲା । **ତେବେ ମୁଁ ହେଉଛି ସେହି ।**

ଈଶ୍ୱର ଯାହା ଇଚ୍ଛା କରନ୍ତି ତାହା ହିଁ କରିଥାନ୍ତି । ନିର୍ବୋଧ ହେଉଛି ସେହି ବ୍ୟକ୍ତି, ଯିଏ ତାଙ୍କ ସହିତ କଳହ କରୁଛି । ନରାଧମ ସିଏ, ଯିଏ ତାଙ୍କ ଠାରେ ଅଯଥା ଆରୋପ ଲଗାଉଛି ଯେ ସେପରି ନୁହେଁ ବରଂ ଏପରି ହେବା ଉଚିତ ଥିଲା । ଈଶ୍ୱର ମୋତେ ଗୌରବୋଜ୍ୱଳ ନିଦର୍ଶନ ସହିତ ପ୍ରେରଣ କରିଛନ୍ତି, ଯାହାର ସଂଖ୍ୟା ଦଶ ହଜାରରୁ ମଧ୍ୟ ଅଧିକ । ସେଥିମଧ୍ୟରୁ ଗୋଟିଏ ଚିହ୍ନ ହେଉଛି ପ୍ଲେଗ ରୋଗ । ତେଣୁ ଯେଉଁ ବ୍ୟକ୍ତି ମୋ ସହିତ ସ୍ୱଚ୍ଛ ହୃଦୟରେ ବୈଅତ କରୁଛି ତଥା ମୋ ଆଦେଶକୁ ଗଭୀର ନିଷ୍ଠାର ସହିତ ପାଳନ କରୁଛି, ସେ ହେଉଛି ମୋର ପ୍ରକୃତ ଅନୁଗାମୀ । ମୋ ଆଜ୍ଞା ପାଳନରେ ଯେଉଁମାନେ ନିମଜ୍ଜିତ ହୋଇ ନିଜର ସମସ୍ତ ମୋହମାୟା ତ୍ୟାଗ କରନ୍ତି, ଏହି ବିପତ୍ତିର ଘଡିମାନଙ୍କରେ ମୋ ଆତ୍ମା ତାହାର ସୁପାରିଶ କରିବ ।

**ତେଣୁ ହେ ସମସ୍ତ ଲୋକମାନେ!** ଯେଉଁମାନେ ନିଜକୁ ମୋ ସମ୍ପ୍ରଦାୟଭୁକ୍ତ ବୋଲି ଭାବୁଛ, ତୁମେ ପ୍ରକୃତରେ **ସତପଥରେ ପାଦ ରଖିଲେ** ହିଁ ମୋ ସମ୍ପ୍ରଦାୟର ଅନୁଗାମୀ ବୋଲି ସ୍ୱର୍ଗରେ **ଗଣା ହେବ ।** ତେଣୁ ନିଜର ପାଞ୍ଚବେଳା ନମାଜକୁ ଏପରି ଭୟ ଓ ବିନମ୍ରତାର ସହିତ ପାଠ କର, ଯେପରି ତୁମେ ଈଶ୍ୱରଙ୍କୁ ସାକ୍ଷାତରେ ଦେଖୁଛ । ତୁମେ ନିଜର ରୋଜା (ଉପବାସ)କୁ ପ୍ରଭୁଙ୍କ ନିମନ୍ତେ ନିଷ୍ଠାର ସହିତ ପୂରଣ କର । ପ୍ରତ୍ୟେକ ସେହି ବ୍ୟକ୍ତି ଯିଏ ଜକାତ (ସ୍ୱେଚ୍ଛାକୃତ ଦାନ) ଦେବାପାଇଁ ଯୋଗ୍ୟ, ସେ ଜକାତ ଦେଉ ଓ ଯାହା ଉପରେ ହଜ ଧାର୍ଯ୍ୟ ହୋଇ ସାରିଛି, ଯଦି କୌଣସି ପ୍ରତିବନ୍ଧକ ନାହିଁ ତେବେ ସେ ହଜ କରୁ । ସତକର୍ମ ସୂଚାରୁ ରୂପେ ସମ୍ପାଦନ କର ଓ ମନ୍ଦକର୍ମକୁ ବିକାର ହୋଇ ବର୍ଜନ କର । ନିଶ୍ଚିତ ରୂପେ ମନେରଖ ଯେ କୌଣସି ସଦାଚାରୀତା ଈଶ୍ୱରଙ୍କ ପର୍ଯ୍ୟନ୍ତ ପହଞ୍ଚିପାରେ ନାହିଁ, ଯାହା ତକ୍‌ୱା ବା ଧର୍ମପରାୟଣ ଶୂନ୍ୟ ହୋଇଥିବ । ପ୍ରତ୍ୟେକ ପୁଣ୍ୟର ମୂଳରେ ରହିଛି **ତକ୍‌ୱା ।** ସେହି କାର୍ଯ୍ୟ ହିଁ ଉତ୍ତମ ଯାହାର ମୂଳରେ ଅଲ୍ଲାଃଙ୍କ ପ୍ରତି ଭୟ ଅଛି । ଯେଉଁ କାର୍ଯ୍ୟରେ ଏହି ତକ୍‌ୱାର ମୂଳ ଅକ୍ଷତ ଥାଏ, ତାହାକୁ କଦାପି ନଷ୍ଟ ହେବାକୁ ଦିଆଯିବ ନାହିଁ । ଏହା ମଧ୍ୟ ଜରୁରୀ ଯେ ଭଳି କି ଭଳି ବିପଦ ଆପଦ

ଓ ଶୋକ ସନ୍ତାପ ଦ୍ୱାରା ତୁମର ପରୀକ୍ଷା କରାଯିବ, ଯେପରି ପୂର୍ବରୁ ଧର୍ମବିଶ୍ୱାସୀମାନଙ୍କର ପରୀକ୍ଷା କରାଯାଇଥିଲା । ତେଣୁ ସତର୍କ ରୁହ । ଏପରି ନହେଉ ଯେ ତୁମେ ଠୋକର ଖାଇଯିବ । ଯେ ପର୍ଯ୍ୟନ୍ତ ସ୍ୱର୍ଗ ସହିତ ତୁମର **ଦୃଢ଼ ସମ୍ପର୍କ ରହିଛି,** ସେ ପର୍ଯ୍ୟନ୍ତ ପୃଥିବୀ ତୁମର କିଛି ହେଲେ ବିଗାଡି ପାରିବ ନାହିଁ । ଯଦି କେବେ ତୁମେମାନେ  ଦୁଃଖରେ ପଡ, ତେବେ ଶତ୍ରୁର ହାତ ଅପେକ୍ଷା ତୁମେ ନିଜ ହାତରେ ଦୁଃଖରେ ପଡିବ । ଯଦି ତୁମେ ଏହି ମର୍ତ୍ତ୍ୟରେ ସବୁ ସମ୍ମାନକୁ ହରାଅ, ତେବେ ସ୍ୱର୍ଗରେ ଅଲ୍ଲାଃ ତୁମକୁ ଶାଶ୍ୱତ ସମ୍ମାନ ଅର୍ପଣ କରିବେ । ତେଣୁ ତୁମେ ତାକୁ ଛାଡ଼ ନାହିଁ କି ଭାଙ୍ଗିପଡ ନାହିଁ । କାରଣ ସେମାନଙ୍କ ହାତରେ କଷ୍ଟ ଭୋଗ କରିବାକୁ ତୁମେମାନେ ବାଧ୍ୟ । ଏବଂ ଅନେକ ଆଶା ପୂରଣରୁ ତୁମେ ବଞ୍ଚିତ ହେବ । ଅଲ୍ଲାଃଙ୍କ ପଥରେ ତୁମେ ଅଟଳ କି ନୁହଁ, ତାହା ସେ ପରୀକ୍ଷା କରନ୍ତି । ଯଦି ତୁମେମାନେ ଚାହଁ ଯେ ସ୍ୱର୍ଗରେ ଦେବଦୂତ ବି ତୁମକୁ ପ୍ରଶଂସା କରନ୍ତୁ, ତେବେ ସହାସ୍ୟ ବଦନରେ ଈଶ୍ୱରଙ୍କ ପଥରେ ଯନ୍ତ୍ରଣା ଭୋଗ କର ଏବଂ ପ୍ରଫୁଲ୍ଲ ରୁହ । ଗାଳିମନ୍ଦ ଶୁଣ ଏବଂ କୃତଜ୍ଞ ରୁହ । ବ୍ୟର୍ଥତା ସତ୍ତ୍ୱେ ଅଲ୍ଲାଃଙ୍କ ସହିତ ସମ୍ପର୍କ ଛିନ୍ନ କରନାହିଁ । ତୁମେମାନେ ହେଉଛ ଅଲ୍ଲାଃଙ୍କ ଦ୍ୱାରା ସୃଷ୍ଟ ଅନ୍ତିମ ସମ୍ପ୍ରଦାୟ । ତେଣୁ ଏପରି ଭକ୍ତିପୂତ କାର୍ଯ୍ୟ କର, ଯାହା ଶ୍ରେଷ୍ଠତାର ଚରମ ସୀମାକୁ ସ୍ପର୍ଶ କରିବ ।

ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକ ସେହି ବ୍ୟକ୍ତି ଯିଏ ଆଳସ୍ୟ ଦେଖାଇବ, ତାକୁ ଏକ ବର୍ଜ୍ୟ ବସ୍ତୁ ପରି ଜମାଅତରୁ କାଢ଼ି ଫିଙ୍ଗି ଦିଆଯିବ ଓ ସେ ସନ୍ତାପିତ ହୋଇ ମରିବ । କିନ୍ତୁ ସେ ଈଶ୍ୱରଙ୍କର କିଛିହେଲେ କ୍ଷତି କରିପାରିବ ନାହିଁ । ଦେଖ, **ମୁଁ** ଅତ୍ୟନ୍ତ ପ୍ରସନ୍ନତାର ସହିତ ଏହି **ସମ୍ବାଦ** ଦେଉଛି ଯେ ତୁମ ଈଶ୍ୱର ବାସ୍ତବରେ ବିଦ୍ୟମାନ । ଯଦିଚ ସେ ସମସ୍ତଙ୍କୁ ସୃଷ୍ଟି କରିଛନ୍ତି, କିନ୍ତୁ ସେ ସେହି ବ୍ୟକ୍ତିକୁ ଚୟନ କରିଥାନ୍ତି ଯିଏ ତାଙ୍କୁ ଚୟନ କରେ । ସେ ତାଙ୍କ ନିକଟକୁ ଆସିଥାନ୍ତି, ଯିଏ ତାଙ୍କ ନିକଟକୁ ଯାଏ । ଯେଉଁ ବ୍ୟକ୍ତି ତାଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରେ, ସେ ମଧ୍ୟ ତାକୁ ସମ୍ମାନ ଦିଅନ୍ତି ।

ତୁମେମାନେ ନିଜ ହୃଦୟକୁ ଶୁଦ୍ଧପୂତ କର ଏବଂ ଜିଭ, ଆଖି ଓ କାନକୁ ପବିତ୍ର କରି ତାଙ୍କରି ଆଡକୁ ଆସ । ଫଳତଃ ସେ ତୁମକୁ ଗ୍ରହଣ କରିବେ । ଆସ୍ଥାନୁସାରେ ଈଶ୍ୱର ଯାହା ତୁମଠାରୁ ଚାହୁଁଛନ୍ତି, ତାହା ହେଉଛି ଈଶ୍ୱର ଏକ ଓ

ମୁହମ୍ମଦ[ସଅ] ତାଙ୍କର ପ୍ରେରିତ ବାର୍ତ୍ତାବହ ତଥା ସମସ୍ତ ନବୀଙ୍କ ମୋହର ଏବଂ ସର୍ବଶ୍ରେଷ୍ଠ । ଏବେ ତାଙ୍କ ପରେ କୌଣସି ନବୀ ନାହାନ୍ତି, କିନ୍ତୁ ସେହି ନବୀ ଆସିବେ ଯାହାଙ୍କ ଉପରେ ପ୍ରତିବିମ୍ବ ସ୍ୱରୂପ ମୁହମ୍ମଦ[ସଅ]ଙ୍କ ରଙ୍ଗରେ ବିଭୁଷିତ ହୋଇଥିବା ଚାଦର ପିନ୍ଧା ଯାଇଥିବ । କାରଣ ଜଣେ ସେବକ ତାର ମୁନିବ ଠାରୁ ଭିନ୍ନ ନୁହେଁ । କେବେ କେଉଁ ଶାଖା ପ୍ରଶାଖା ନିଜ ବୃକ୍ଷର ଗଣ୍ଡିଠାରୁ ପୃଥକ ନୁହେଁ । ତେଣୁ ଯିଏ ସମ୍ପୂର୍ଣ୍ଣ ରୂପେ ନିଜ ସ୍ୱାମୀଙ୍କ ଠାରେ ବିଲୀନ ହୋଇଯାଏ, ସେ ଈଶ୍ୱରଙ୍କ ଠାରୁ **ନବୀ**ର ଉପାଧି ପାଏ । ସେ କେବେ ଖତ୍‌ମେ ନବୁଓ୍ୱତ୍ (ନବୀଙ୍କ ମୋହର)ର ବାଧକ ସାଜିବ ନାହିଁ । ତୁମେମାନେ ଯେତେବେଳେ ଦର୍ପଣରେ ନିଜ ମୁଖମଣ୍ଡଳ ଦେଖୁଛ, ସେତେବେଳେ ତୁମେ ଦୁଇଟି ସତ୍ତା ହୋଇପାରିବ ନାହିଁ, ବରଂ ତୁମେ ଜଣେ ହୋଇ ରହିବ । ଯେବେ କି ତାହା ସାମାନ୍ୟ ରୂପେ ଦୁଇଜଣ ବ୍ୟକ୍ତି ରୂପେ ଦେଖା ଯାଇଥାନ୍ତି । କେବଳ ଅସଲ ଚେହେରା ଓ ପ୍ରତିବିମ୍ବର ସ୍ଥାୟୀତ୍ୱ ମଧ୍ୟରେ ପାର୍ଥକ୍ୟ ରହିଥାଏ । ତେଣୁ ଈଶ୍ୱର ଏହି ଦ୍ୱୈତ ଭୁମିକା ମସିହ ମଉଦଙ୍କ ପାଇଁ ମନସ୍ଥ କରିଛନ୍ତି । **ଏହି ସୂକ୍ଷ୍ମ ଭେଦ**କୁ ବର୍ଣ୍ଣନା କରି ହଜରତ ମୁହମ୍ମଦ[ସଅ] କହିଛନ୍ତି ଯେ ଆସିବାକୁ ଥିବା ମସିହ ମଉଦ ମୋ କବରରେ ଦଫନ (ସମାଧିସ୍ଥ)ହେବେ । ଅର୍ଥାତ୍ **ସେ ହେଉଛି ମୁଁ** । ଆମେ ଦୁହେଁ ଏକାକାର ହୋଇଯାଇଛୁ ଏବଂ ତାଙ୍କରି ପ୍ରଥମ ସତ୍ତାରେ ମୋର ଅସ୍ତିତ୍ୱ ମିଶିଯାଇଛି, ଯେଉଁ ବିଷୟରେ କୌଣସି ଦ୍ୱିମତ ନାହିଁ । ତୁମେ ନିଶ୍ଚିତ ରୂପେ ଜାଣିରଖ ଯେ **ମରିୟମ ପୁତ୍ର ଯୀଶୁ ମୃତ୍ୟୁଲାଭ** କରି ସାରିଛନ୍ତି ଏବଂ କାଶ୍ମୀର ଅନ୍ତର୍ଗତ ଶ୍ରୀନଗର ସହରର ମହଲା 'ଖାନିୟାର'[୧]ଠାରେ ତାଙ୍କ କବର ଅଛି । ପ୍ରଭୁ ନିଜ ପ୍ରିୟ ଧର୍ମଗ୍ରନ୍ଥ କୁରଆନରେ ତାଙ୍କ ମୃତ୍ୟୁର ଖବର ଦେଇଛନ୍ତି । ଯଦି ଏହି ଆରବୀ ପଙ୍‌କ୍ତିର ଅନ୍ୟ କୌଣସି ଅର୍ଥ ରହିଛି ତେବେ ମରିୟମ ପୁତ୍ର ଯୀଶୁଙ୍କ ମୃତ୍ୟୁର ସୂଚନା ପବିତ୍ର କୁରଆନରେ ଅନ୍ୟ କେଉଁଠାରେ ଅଛି ? ମୃତ୍ୟୁ ସଂକ୍ରାନ୍ତରେ ଯେଉଁ ପଙ୍‌କ୍ତିଗୁଡ଼ିକ ରହିଛି, ଯଦି ସେଗୁଡ଼ିକ ଭିନ୍ନ ଅର୍ଥ ପ୍ରକାଶ କରୁଛନ୍ତି ଯେପରିକି ଆମ ବିରୋଧୀମାନେ ବୁଝିଛନ୍ତି, ତେବେ କୁରଆନ

---

**୧.** ଖ୍ରୀଷ୍ଟ ଗବେଷକମାନେ ଏହି ରାୟକୁ ପ୍ରକାଶ କରିଛନ୍ତି । ଦେଖନ୍ତୁ ପୁସ୍ତକ 'ସୁପର୍ ନ୍ୟାଚୁରାଲ୍ ରିଲିଜିଅନ୍' ପୃଷ୍ଠା ୫୨୨ । ଯଦି ବିଶଦ ଭାବେ ଦେଖିବାକୁ ଚାହୁଁଛନ୍ତି ତେବେ ଆମ ପୁସ୍ତକ 'ତୋହ୍‌ଫା ଗୋଲଡିୟା', ପୃଷ୍ଠା ୧୩୯ ଦେଖିପାରନ୍ତି ।

ତାଙ୍କ ମୃତ୍ୟୁର ସୂଚନା ସମ୍ବନ୍ଧରେ କେଉଁଠାରେ କୌଣସି ଚର୍ଚ୍ଚା କରିନାହିଁ ଓ ତାହା ମଧ୍ୟ ଯେ ସେ କେବେ ମୃତ୍ୟୁ ଲାଭ କରିବେ । ଈଶ୍ୱର ଆମ ନବୀଙ୍କ ମୃତ୍ୟୁର ସୂଚନା ତ ଦେଇଛନ୍ତି କିନ୍ତୁ ସମ୍ପୂର୍ଣ୍ଣ କୁରଆନରେ ଯୀଶୁଙ୍କ ମୃତ୍ୟୁର ଖବର ଦେଲେ ନାହିଁ କିପରି ? ଏଥିରେ କଣ ଭେଦ ରହିଛି ? ଯଦି କୁହାଯାଏ ଯେ ଇସାଙ୍କ ମୃତ୍ୟୁର ସୂଚନା ଏହି ଆୟତରେ ରହିଛି :

فَلَمَّا تَوَفَّيْتَنِىْ كُنْتَ اَنْتَ الرَّقِيْبَ عَلَيْهِمْ

**ଫଲମ୍ମା ତଓ୍ୱଫ୍ ଫଇତନି କୁନ୍ତା ଅନ୍ତର୍ ରକିବା ଆଲୈହିମ୍***

(ଅଲ ମାଏଦା 5:118)

ତେବେ ଏହି ଆୟତ୍‌ଟି ସ୍ପଷ୍ଟ ରୂପେ ଏହା ପ୍ରମାଣ କରୁଛି ଯେ ଖ୍ରୀଷ୍ଟଧର୍ମାବଲମ୍ବୀଙ୍କର ଚାରିତ୍ରିକ ଅଧଃପତନ ହୋଇଯିବା ପୂର୍ବରୁ ଯୀଶୁ ମୃତ୍ୟୁବରଣ କରି ସାରିଥିଲେ । ସୁତରାଂ ଯଦି 'ଫଲମ୍ମା ତଓ୍ୱଫ୍ ଫଇତନି' ଆୟତର ଅର୍ଥ ଏହା ହେବ ଯେ ଯୀଶୁଙ୍କୁ ଈଶ୍ୱର ସଶରୀରେ ଆକାଶକୁ ଉଠାଇ ନେଇଛନ୍ତି, ତେବେ କାହିଁକି ସେ ଏପରି ବ୍ୟକ୍ତିଙ୍କ ମୃତ୍ୟୁ ବିଷୟରେ ସମ୍ପୂର୍ଣ୍ଣ କୁରଆନରେ ବର୍ଣ୍ଣନା କଲେ ନାହିଁ, ଯାହାଙ୍କ ଜୀବିତ ରହିବାର ବିଚାର ଯୋଗୁଁ ଲକ୍ଷ ଲକ୍ଷ ଲୋକଙ୍କ ସର୍ବନାଶ ହୋଇଗଲା ? ଅର୍ଥାତ୍ ଈଶ୍ୱର ତାଙ୍କୁ ସଦାସର୍ବଦା ଏଥିପାଇଁ ଜୀବିତ ରହିବାକୁ ଦେଲେ ଯଦ୍ୱାରା ଲୋକମାନେ ଅନେକେଶ୍ୱରବାଦୀ ଓ ବିଧର୍ମୀ ହୋଇଯିବେ । ଏଥିରୁ ଜଣା ପଡୁଛି ସତେ ଯେପରି ଏଥିରେ ଲୋକମାନଙ୍କର କିଛି ଦୋଷ ନାହିଁ, ବରଂ

* ଏହି ଆରବୀ ପଙ୍‌କ୍ତିରୁ ଜଣାପଡୁଛି ଯେ ହଜରତ ଇସା[ଅସ] ପୁନର୍ବାର ଏହି ସଂସାରକୁ ଅବିକଳ ଭାବେ ଆସିବେ ନାହିଁ । କାରଣ ଯଦି ତାଙ୍କୁ ଆସିବାକୁ ପଡିଥାନ୍ତା ତେବେ ସେହି ପରିସ୍ଥିତିରେ ସେ ଏପରି ଉତ୍ତର ଦେବା କେବଳ ମିଥ୍ୟା ପ୍ରମାଣିତ ହୋଇଥାଆନ୍ତା । ଅର୍ଥାତ୍ ମୋତେ ଖ୍ରୀଷ୍ଟିୟାନମାନଙ୍କ ପଥଭ୍ରଷ୍ଟ ହେବା ବିଷୟରେ କୌଣସି ଖବର ଜଣାନାହିଁ । ଯେଉଁ ବ୍ୟକ୍ତି ଦ୍ୱିତୀୟ ଥର ସଂସାରକୁ ଆସିଲେ, ଚାଳିଶ ବର୍ଷ ବିତାଇଲେ ଓ କୋଟି କୋଟି ଖ୍ରୀଷ୍ଟିୟାନଙ୍କୁ ଦେଖିଲେ, ସେପରି ସ୍ଥଳେ ଯେଉଁମାନେ ତାଙ୍କୁ ସ୍ୱୟଂ ଈଶ୍ୱର ବୋଲି ଭାବୁଥିବେ ଓ ତତ୍‌ସହିତ କ୍ରୁଶବିଦ୍ଧ ତତ୍ତ୍ୱକୁ ଭଙ୍ଗ କଲେ ତଥା ସମସ୍ତ ଖ୍ରୀଷ୍ଟମତାବଲମ୍ବୀଙ୍କୁ ମୁସଲମାନ କଲେ, ସେ କାହିଁକି କୟାମତ (ମହାପ୍ରଳୟ) ଦିନ ଈଶ୍ୱରଙ୍କ ନିକଟରେ ଏହିପରି ବାହାନା କରିପାରିବ ଯେ ମୋତେ ଖ୍ରୀଷ୍ଟିୟାନମାନଙ୍କ ପଥଭ୍ରଷ୍ଟ ହେବାର କୌଣସି ସୂଚନା ମିଳି ନାହିଁ ।

ପରମେଶ୍ୱର ସ୍ୱୟଂ ଏସବୁ ଲୀଳା କରିଛନ୍ତି । ଯଦ୍ୱାରା ସେ ଲୋକମାନଙ୍କୁ ଅକାରଣରେ ବିପଥଗାମୀ କରାଇ ଦୂରକୁ ହଟାଇ ଦେବେ । ଭଲ ରୂପେ ମନେରଖ, ଯୀଶୁ ମସିହଙ୍କ ମୃତ୍ୟୁ ହେବା ବିନା କ୍ରୁଶବିଦ୍ଧ ଜନିତ ସିଦ୍ଧାନ୍ତ ଉପରେ ରହିଥିବା ଆସ୍ଥାର ମୃତ୍ୟୁ ମଧ୍ୟ ହୋଇପାରିବ ନାହିଁ । ତେଣୁ ପବିତ୍ର କୁରଆନର ଶିକ୍ଷା ବିରୁଦ୍ଧରେ ତାଙ୍କୁ ଜୀବିତ ବୋଲି ମନେ କରିବାରେ କି ଲାଭ ଅଛି ? ତେଣୁ ତାଙ୍କୁ ମରିବାକୁ ଦିଅ, ଯଦ୍ୱାରା ଇସଲାମ ଧର୍ମ ଜୀବିତ ରହିବ । ଈଶ୍ୱର ତାଙ୍କ ନିଜ କଥନରେ ମସିହ୍‌ଙ୍କ ମୃତ୍ୟୁକୁ ପ୍ରଘଟ କଲେ ଏବଂ ରସୁଲୁଲ୍ଲାଃ[ସଅ] ମେରାଜ (ସ୍ୱପ୍ନାବସ୍ଥାରେ ଆକାଶକୁ ଆଧ୍ୟାତ୍ମିକ ଯାତ୍ରା)ର ରାତିରେ ଯୀଶୁଙ୍କୁ ମୃତ ବ୍ୟକ୍ତିମାନଙ୍କ ମଧ୍ୟରେ ଦେଖିଥିଲେ । ତେବେ ମଧ୍ୟ ତୁମେ କାହିଁକି ଏହା ସ୍ୱୀକାର କରୁନାହଁ ? **ଏହା କେଉଁ ପ୍ରକାରର ଧର୍ମବିଶ୍ୱାସ** ? କଣ ତୁମେ ମନୁଷ୍ୟର କଥାକୁ ଈଶ୍ୱରଙ୍କ ବାଣୀ ଉପରେ ପ୍ରାଧାନ୍ୟ ଦେଉଛ । ଏହା କେଉଁ ପ୍ରକାରର ଧର୍ମ ?* ଆମ୍ଭ ରସୁଲୁଲ୍ଲାଃ[ସଅ] କେବଳ ପ୍ରମାଣ ଦେଇ ନାହାନ୍ତି ଯେ ମୁଁ ମୃତ ଆତ୍ମାମାନଙ୍କ ମଧ୍ୟରେ ଯୀଶୁଙ୍କୁ ମଧ୍ୟ ଦେଖିଛି । ବରଂ ସେ ସ୍ୱୟଂ ମୃତ୍ୟୁବରଣ କରି ଏହା ସ୍ପଷ୍ଟ କରିଦେଲେ ଯେ ଏହା ପୂର୍ବରୁ ଆଉ କେହି ହେଲେ ଜୀବିତ ହୋଇ ରହି ନାହାନ୍ତି । ତେଣୁ ଆମ ବିରୋଧିମାନେ ଯେପରି ପବିତ୍ର କୁରଆନକୁ ପରିତ୍ୟାଗ କରୁଛନ୍ତି ସେହିପରି ସୁନ୍ନତ(ମୁହମ୍ମଦଙ୍କ ଅନୁସୃତ

---

* ପବିତ୍ର କୁରଆନର ଏକ ଆୟତରେ ସ୍ପଷ୍ଟ ରୂପେ କାଶ୍ମୀର ପ୍ରତି ସଂକେତ ପ୍ରଦାନ କରାଯାଇଛି ଯେ ଯୀଶୁ ଓ ତାଙ୍କ ମାତା ଯୀଶୁଙ୍କ କ୍ରୁଶବିଦ୍ଧ ହେବାର ଘଟଣା ପରେ କାଶ୍ମୀର ଆଡକୁ ଚାଲିଗଲେ । ଯେପରିକି ଅଲ୍ଲାଃ କହିଛନ୍ତି : وَّاٰوَيْنٰهُمَآ اِلٰى رَبْوَةٍ ذَاتِ قَرَارٍ وَّمَعِيْنٍ

**ୱଆ ୱଇନାହୁମା ଇଲା ରବ୍‌ୱତିନ୍ ଜାତି କରାରିନ୍ ୱମୟୀନ୍** (ଅଲ୍ ମୁମିନୁନ୍ 51)

ଅର୍ଥାତ୍– 'ଆମ୍ଭେ ଇସା ଓ ତାଙ୍କ ମାତାଙ୍କୁ ଏପରି ଏକ ଉଚ୍ଚ ସ୍ଥାନରେ ଆଶ୍ରୟ ଦେଲୁ, ଯାହା ଏକ ଆରାମ ଦାୟକ ସ୍ଥାନ ଥିଲା ଓ ସେଠାରେ ସ୍ୱଚ୍ଛ ଜଳ ରହିଥିଲା ।' ଅର୍ଥାତ୍ ଝରଣାର ପାଣି ସେଠାରେ ଥିଲା । ସୁତରାଂ ଏଥିରେ ଈଶ୍ୱର କାଶ୍ମୀର୍‌ର ନକ୍‌ସା ଅଙ୍କନ କରିଛନ୍ତି ଏବଂ 'ଆୱା' ଶବ୍ଦର ଅର୍ଥ ଆରବୀ ଶବ୍ଦକୋଷରେ କୌଣସି ବିପତ୍ତି ବା କଷ୍ଟରୁ ରକ୍ଷା କରି ଆଶ୍ରୟ ଦେବାକୁ ବୁଝାଏ । କ୍ରୁଶବିଦ୍ଧ ପୂର୍ବରୁ ଯୀଶୁ ଓ ତାଙ୍କ ମାତାଙ୍କ ଉପରେ ଏପରି କୌଣସି ଦୁଃଖ କଷ୍ଟର ସମୟ ଆସି ନାହିଁ, ଯାହା ଯୋଗୁଁ ତାଙ୍କୁ ଆଶ୍ରୟ ଦିଆଯାଇ ଥାଆନ୍ତା । ତେଣୁ ଏହା ନିଶ୍ଚିତ ରୂପେ ବୁଝାପଡୁଛି ଯେ ଈଶ୍ୱର ଯୀଶୁ ଓ ତାଙ୍କ ମାତା ମେରୀଙ୍କୁ କଷ୍ଟରୁ ଉଦ୍ଧାର କରି ସେହି ଉଚ୍ଚ ସ୍ଥାନରେ ନେଇ ପହଞ୍ଚାଇଥିଲେ ।

ପନ୍ଥା)କୁ ମଧ୍ୟ ଛାଡ଼ି ଦେଉଛନ୍ତି । କାରଣ ମୃତ୍ୟୁବରଣ କରିବା ହେଉଛି ଆମ ନବୀଙ୍କ ସୁନ୍ନତ୍ । ଯଦି ଯୀଶୁ ଜୀବିତ ଥିଲେ, ତେବେ ମୃତ୍ୟୁ ହେବା ଯୋଗୁ ଆମ ରସୁଲଙ୍କର ଘୋର ଅପମାନ ହେବ । ତେଣୁ ତୁମେମାନେ ଯେପର୍ଯ୍ୟନ୍ତ ଯୀଶୁଙ୍କ ମୃତ୍ୟୁକୁ ସ୍ୱୀକାର ନକରିଛ, ସେପର୍ଯ୍ୟନ୍ତ ନା ତୁମେ ମୁହମ୍ମଦଙ୍କ ବିଚାରଧାରାର ଅନୁଗାମୀ (ଅହ୍‌ଲେ ସୁନ୍ନତ୍) ଓ ନା ତୁମେ କୁରଆନ ଶିକ୍ଷାର ଅନୁଗାମୀ (ଅହ୍‌ଲେ କୁରଆନ) । ମୁଁ ହଜରତ ଯୀଶୁଙ୍କ ମହିମାମୟ ଲୀଳାକୁ ଅମାନ୍ୟ କରୁନାହିଁ । ଯଦିଚ ଈଶ୍ୱର ମୋତେ ଏହି ସୂଚନା ଦେଇଛନ୍ତି ଯେ ମୁହମ୍ମଦୀୟ ମସିହ ମୁସଓ୍ୱି ମସିହଙ୍କ ଠାରୁ ଉତ୍ତମ । କିନ୍ତୁ ଏହା ସତ୍ତ୍ୱେ ମରିୟମ ପୁତ୍ର ଯୀଶୁଙ୍କୁ ମୁଁ ବହୁତ ସମ୍ମାନ କରୁଛି । କାରଣ ମୁଁ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଇସଲାମ ଧର୍ମରେ **'ଖାତମୁଲ୍ ଖୋଲଫାଆ'** (ଶ୍ରେଷ୍ଠ ଖଲିଫା), ଯେପରି ମରିୟମ ପୁତ୍ର ଯୀଶୁ ଇସ୍ରାଇଲୀୟ ଧର୍ମ ନିମନ୍ତେ ଶ୍ରେଷ୍ଠ ଖଲିଫା ଥିଲେ । ମୁସାଙ୍କ ସମ୍ପ୍ରଦାୟ ମଧ୍ୟରେ ମରିୟମ ପୁତ୍ର ପ୍ରତିଶ୍ରୁତ ମସିହ ଥିଲେ ଓ ମୁହମ୍ମଦୀୟ ସମ୍ପ୍ରଦାୟ ମଧ୍ୟରେ ମୁଁ ଅନୁରୂପ ଭାବରେ ପ୍ରତିଶ୍ରୁତ ମସିହ । ତେଣୁ ତାଙ୍କର ସମାନ ନାମ ବହନ କରିଥିବା କାରଣରୁ ମୁଁ ତାଙ୍କର ଯଥେଷ୍ଟ ସମ୍ମାନ କରୁଛି । ସେହି ବ୍ୟକ୍ତି ଦୁଷ୍ଟ ଓ ମିଥ୍ୟାବାଦୀ ଯିଏ ମୋତେ କହୁଛି ଯେ ମୁଁ ମରିୟମ ପୁତ୍ର ଯୀଶୁଙ୍କର ସମ୍ମାନ କରୁନାହିଁ, ବରଂ ସେହି ଯୀଶୁ ମସିହଙ୍କ ସହିତ ମୁଁ ତାଙ୍କ ଚାରିଜଣ ଭ୍ରାତାଙ୍କୁ ମଧ୍ୟ ସମ୍ମାନ କରୁଛି ।* କାରଣ ପାଞ୍ଚଜଣ ଯାକ ଗୋଟିଏ ମାତାର ସନ୍ତାନ । କେବଳ ସେତିକି ନୁହେଁ, ମୁଁ ହଜରତ ମସିହଙ୍କ ଦୁଇ ଭଉଣୀଙ୍କୁ ମଧ୍ୟ ପବିତ୍ର ମଣୁଛି । କାରଣ ଏମାନେ ସମସ୍ତେ ପବିତ୍ର ମରିୟମଙ୍କ ଔରସରୁ ଜାତ । ମାତା ମେରୀ ଏପରି ଜଣେ ମହିୟସୀ ମହିଳା ଥିଲେ, ଯିଏ ଅନେକ ଦିନ ପର୍ଯ୍ୟନ୍ତ ନିଜକୁ ବିବାହ କରିବାରୁ କ୍ଷାନ୍ତ ରଖିଲେ । ପୁଣି ତାଙ୍କ ଜାତିର ଭଦ୍ରବ୍ୟକ୍ତିମାନଙ୍କ ବାରମ୍ବାର ଅନୁରୋଧ କ୍ରମେ ସେ ଗର୍ଭବତୀ ଥାଇ ମଧ୍ୟ ବିବାହ କଲେ । ଯଦିଚ ଲୋକମାନେ ତାଙ୍କ ପ୍ରତି ଏହି

* ଯୀଶୁ ମସିହଙ୍କ ଚାରିଜଣ ଭାଇ ଓ ଦୁଇଜଣ ଭଉଣୀ ଥିଲେ । ଏମାନେ ସମସ୍ତେ ଯୀଶୁଙ୍କର ନିଜ ଭାଇଭଉଣୀ । ଅର୍ଥାତ ସମସ୍ତେ ୟୁସୁଫ୍ ଓ ମରିୟମଙ୍କ ସନ୍ତାନ ଥିଲେ । ଚାରି ଭାଇଙ୍କର ନାମ ହେଉଛି ୟହୁଦା, ୟାକୁବ୍, ଶମ୍‌ଉନ୍, ୟୁଜସ୍ ଏବଂ ଦୁଇଜଣ ଭଉଣୀଙ୍କର ନାମ ଆସିୟା ଓ ଲିଦିୟା । (ଦେଖନ୍ତୁ ପୁସ୍ତକ 'ପାଷ୍ଟୋଲିକ୍ ରେକର୍ଡ୍‌ସ୍' ଲେଖକ: ପାଦ୍ରୀ ଜନ୍ ଇଲନ୍ ଗାଇଲଜ୍, ମୁଦ୍ରଣ ଲଣ୍ଡନ ୧୮୮୬, ପୃଷ୍ଠା ୧୫୯,୧୬୬) ।

ଆରୋପ ଲଗାଉଛନ୍ତି ଯେ ତୋରାହ ଶିକ୍ଷାର ବିରୁଦ୍ଧାଚରଣ କରି ସେ ଗର୍ଭାବସ୍ଥାରେ କାହିଁକି ବିବାହ କଲେ । ସେ କୁମାରୀ ସମ୍ଭୁତ ରହିବାର ପ୍ରତିଶ୍ରୁତିକୁ କାହିଁକି ବିନା କାରଣରେ ଭଙ୍ଗ କରାଗଲା ଓ ବହୁବିବାହ କରିବାର ଆଧାର ଶିଳା କାହିଁକି ପଡିଲା । ଅର୍ଥାତ୍ ୟୁସୁଫ ନଜାରଙ୍କ ପ୍ରଥମ ପତ୍ନୀ ଥିବା ସତ୍ତ୍ୱେ ପୁଣି ମରିୟମ କାହିଁକି ତାଙ୍କ ସହିତ ବିବାହ ପାଇଁ ରାଜି ହେଲେ । ମୁଁ ଏହା କହିବି ଯେ ଯାହା ସବୁ ଘଟିଗଲା ତାହା ଏକ ଅବସ୍ଥା ଚକ୍ରରେ ପଡି ବିବଶତା କାରଣରୁ ହୋଇଥିଲା । ଏହି ପରିସ୍ଥିତି ଯୋଗୁଁ ସେହି ଲୋକମାନେ ଦୟାର ପାତ୍ର ଥିଲେ, କିନ୍ତୁ ଅଭିଯୋଗରୁ ମୁକ୍ତ ନୁହନ୍ତି ।

ଏହି ସବୁ ବିଷୟ ବର୍ଣ୍ଣନା କରିସାରିବା ପରେ ପୁନଶ୍ଚ ମୁଁ କହୁଅଛି : ଏହା ଭାବ ନାହିଁ ଯେ ଆମେ ବାହ୍ୟ ରୂପେ ଦୀକ୍ଷା ଗ୍ରହଣ କରି ନେଇଛୁ । ବାହ୍ୟ କିଛି ବସ୍ତୁ ନାହିଁ । ପ୍ରଭୁ ତୁମର ହୃଦୟକୁ ଦେଖୁଛନ୍ତି ଓ ତଦନୁଯାୟୀ ତୁମ ସହିତ ବ୍ୟବହାର କରିବେ । ଦେଖ, ମୁଁ ଏହା କହି ମୋ କର୍ତ୍ତବ୍ୟ ସାରି ଦେଉଛି ଯେ ପାପ ହେଉଛି ଏକ ଜହର, ତାକୁ ଭକ୍ଷଣ କର ନାହିଁ । ଅଲ୍ଲାଃଙ୍କ ଅବଜ୍ଞା କରିବା ଏକ ଖରାପ ମୃତ୍ୟୁ ସଦୃଶ, ସେଥିରୁ ବଞ୍ଚିତ ହୁଅ । ପ୍ରାର୍ଥନା କର, ଫଳତଃ ତୁମକୁ ଶକ୍ତି ପ୍ରାପ୍ତ ହେବ । ଯେଉଁ ବ୍ୟକ୍ତି ପ୍ରାର୍ଥନା ସମୟରେ ଈଶ୍ୱରଙ୍କୁ ପ୍ରତ୍ୟେକ ଶକ୍ତିର ଆଧାର ବା ସର୍ବଶକ୍ତିମାନ ବୋଲି ମନେ କରୁନାହିଁ, ତାର ପ୍ରତିଶ୍ରୁତିର ଅପବାଦକୁ ଛାଡି ଦେଲେ ମଧ୍ୟ ସେ ମୋ ଜମାଅତ ଅନ୍ତର୍ଭୁକ୍ତ ନୁହେଁ । ଯେଉଁ ବ୍ୟକ୍ତି ମିଥ୍ୟା ଓ ପ୍ରବଞ୍ଚନାକୁ ପରିତ୍ୟାଗ କରେନାହିଁ ସେ ମଧ୍ୟ ମୋ ସମ୍ପ୍ରଦାୟଭୁକ୍ତ ନୁହେଁ । ଯେଉଁ ବ୍ୟକ୍ତି ସାଂସାରିକ ମୋହମାୟାର କବଳରେ ପଡି ରହିଛି ତଥା ପାର୍ଥିବ ବସ୍ତୁ ପ୍ରତି ଲାଳାୟୀତ ହେଉଛି ଏବଂ ପରକାଳ ଆଡ଼କୁ ଆଖି ଉଠାଇ ଦେଖୁନାହିଁ, ସେ ମୋ ସମ୍ପ୍ରଦାୟରେ ସାମିଲ ନୁହେଁ । ଯେଉଁ ବ୍ୟକ୍ତି ପ୍ରକୃତ ଅର୍ଥରେ ଧର୍ମକୁ ସଂସାର ଉପରେ ପ୍ରାଧାନ୍ୟ ଦେଉନାହିଁ ସେ ମୋ ଜମାଅତ ଅନ୍ତର୍ଭୁକ୍ତ ନୁହେଁ । ଯେଉଁ ବ୍ୟକ୍ତି ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟେକ ଦୁରାଚାର ଠାରୁ ଓ ପ୍ରତ୍ୟେକ ଅସତ କର୍ମରୁ ଯେପରିକି ମଦ୍ୟ ସେବନ, ଜୁଆ ଖେଳ, ବଦ ନଜର, ଅର୍ଥ ତୋଷାରପାତ, ଲାଞ୍ଚ ଓ ପ୍ରତ୍ୟେକ ପ୍ରକାର ଅନୁଚିତ କାର୍ଯ୍ୟ କଳାପରୁ ପ୍ରାୟଶ୍ଚିତ କରୁନାହିଁ, ସେ ମୋ ଜମାଅତ ମଧ୍ୟରେ ନାହିଁ । ଯେଉଁ ବ୍ୟକ୍ତି ନିୟମିତ ରୂପେ ପାଞ୍ଚବେଳା ନମାଜ ପାଠ କରିବାର ଆବଶ୍ୟକତାକୁ ସୁନିଶ୍ଚିତ କରୁନାହିଁ, ସେ ମୋ ଜମାଅତର ଅନ୍ତର୍ଭୁକ୍ତ ନୁହେଁ । ଯେଉଁ

ବ୍ୟକ୍ତି ପ୍ରାର୍ଥନାରେ ମନୋନିବେଶ କରୁନାହିଁ ଓ ବିନମ୍ରତାର ସହିତ ଈଶ୍ୱରଙ୍କୁ ସ୍ମରଣ କରୁନାହିଁ, ସେ ମୋ ସମ୍ପ୍ରଦାୟ ଭୁକ୍ତ ନୁହେଁ । ଯେଉଁ ବ୍ୟକ୍ତି କୁସଙ୍ଗ ପରିତ୍ୟାଗ କରୁନାହିଁ, ଯାହାକି ତା ଉପରେ କୁପ୍ରଭାବ ପକାଉଛି, ସେ ମୋର ଜମାଅତର ପରିସରଭୁକ୍ତ ନୁହେଁ । ଯେଉଁ ବ୍ୟକ୍ତି ନିଜ ପିତାମାତାଙ୍କୁ ସମ୍ମାନ ପ୍ରଦର୍ଶନ କରୁନାହିଁ, ଭଦ୍ର ବ୍ୟବହାର ଦେଖାଉ ନାହିଁ ଓ କୁରଆନ ବିରୁଦ୍ଧ ନଥିବା ସାଧାରଣ ନିର୍ଦ୍ଦେଶ ଅନୁଯାୟୀ ତାଙ୍କ କଥା ମାନୁନାହିଁ ଏବଂ ତାଙ୍କର ଯଥା ସମ୍ଭବ ସେବା କରିବାରେ ଯତ୍ନବାନ ହେଉନାହିଁ, ସେ ମୋ ଜମାଅତ ଅନ୍ତର୍ଗତ ସୀମାରେ ରହିବ ନାହିଁ । ଯେଉଁ ବ୍ୟକ୍ତି ନିଜ ପତ୍ନୀ ଓ ତାଙ୍କ ନିକଟ ସମ୍ପର୍କୀୟଙ୍କ ସହିତ ନମ୍ର ବ୍ୟବହାର ଦେଖାଉ ନାହିଁ ଓ ସେମାନଙ୍କର ଉପକାର କରୁନାହିଁ, ସେ ମୋ ସମ୍ପ୍ରଦାୟ ଭିତରେ ନାହିଁ । ଯେଉଁ ବ୍ୟକ୍ତି ନିଜ ପଡ଼ୋଶୀଙ୍କୁ ଛୋଟରୁ ଛୋଟ କଲ୍ୟାଣକାରୀ କାର୍ଯ୍ୟରୁ ବଞ୍ଚିତ କରି ରଖୁଛି, ସେ ମୋ ସମ୍ପ୍ରଦାୟ ଭିତରେ ନାହିଁ । ଯେଉଁ ବ୍ୟକ୍ତି ଏହା ଚାହୁଁନାହିଁ ଯେ ନିଜ ଦୋଷୀର ଦୋଷକୁ କ୍ଷମା କରିବ ଓ ତା ପ୍ରତି ଈର୍ଷା ଓ ଦ୍ୱେଷଭାବ ରଖୁଥିବ, ସେ ମୋ ଜମାଅତର ଅନ୍ତର୍ଭୁକ୍ତ ନୁହେଁ ।

ପ୍ରତ୍ୟେକ ବ୍ୟକ୍ତି ଯିଏ ନିଜ ପତ୍ନୀ ସହିତ କିମ୍ବା ପତ୍ନୀ ନିଜ ସ୍ୱାମୀଙ୍କ ସହିତ ବିଶ୍ୱାସଘାତକତା କରୁଛି, ସେ ମୋ ଜମାଅତର ଅନ୍ତର୍ଭୁକ୍ତ ନୁହେଁ । ଯେଉଁ ବ୍ୟକ୍ତି ଦୀକ୍ଷା ଗ୍ରହଣ ସମୟରେ କରିଥିବା ନିଜର ପ୍ରତିଶ୍ରୁତିକୁ କୌଣସି ଉପାୟରେ ଭଙ୍ଗ କରେ ସେ ମୋ ଜମାଅତର ଅନ୍ତର୍ଭୁକ୍ତ ନୁହେଁ । ଯେଉଁ ବ୍ୟକ୍ତି ବାସ୍ତବ ରୂପେ ମୋତେ **ମସିହ ମଉଦ ଓ ମେହେଦୀ ମାହୁଦ** ରୂପେ ବିବେଚନା କରୁନାହିଁ ସେ ମୋ ଜମାଅତର ଅନ୍ତର୍ଭୁକ୍ତ ନୁହେଁ । ଯେଉଁ ବ୍ୟକ୍ତି ସାଧାରଣତଃ ମୋ ଆଦେଶଗୁଡ଼ିକୁ ପାଳନ କରିବା ପାଇଁ ପ୍ରସ୍ତୁତ ନୁହେଁ, ସେ ମୋ ଜମାଅତର ଅନ୍ତର୍ଭୁକ୍ତ ନୁହେଁ । ଯେଉଁ ବ୍ୟକ୍ତି ବିରୋଧୀ ପ୍ରତିପକ୍ଷ ଗୋଷ୍ଠୀରେ ଯାଇ ବସୁଛି ଏବଂ ତାଙ୍କ କଥାରେ ହଁ ମାରୁଛି ଓ ତାଙ୍କୁ ସମର୍ଥନ କରୁଛି ସେ ମୋ ଜମାଅତର ଅନ୍ତର୍ଭୁକ୍ତ ନୁହେଁ । ପ୍ରତ୍ୟେକ ବ୍ୟଭିଚାରୀ, ଦୁରାଚାରୀ, ମଦ୍ୟପ, ହତ୍ୟାକାରୀ, ଚୋର, ଜୁଆରୀ, ବିଶ୍ୱାସଘାତକ, କପଟାଚାରୀ, ଅର୍ଥ ହଡପକାରୀ, ଅନ୍ୟର ଅଧିକାର ଛିନ୍ନକାରୀ, ଅତ୍ୟାଚାରୀ, ମିଥ୍ୟାଚାରୀ, ପ୍ରତାରକ ତଥା ନିଜ ସାଙ୍ଗସାଥି ଓ ନିଜ ଭାଇ ଭଉଣୀଙ୍କ ଉପରେ ମିଥ୍ୟାରୋପକାରୀ ଏବଂ ସେହିପରି ଯିଏ ନିଜର ଦୁଷ୍କର୍ମ ପାଇଁ ପ୍ରାୟଶ୍ଚିତ କରୁନାହିଁ ଓ

ଖରାପ ସଙ୍ଗତ ଛାଡୁନାହିଁ, ସେ ମୋ ଜମାଅତର ଅନ୍ତର୍ଭୁକ୍ତ ହୋଇପାରିବ ନାହିଁ । ଏହା ସବୁ ହଳାହଳ ବିଷ । ତୁମେ ଏହି ବିଷ ପାନ କରି କୌଣସି ମତେ ବଞ୍ଚିପାରିବ ନାହିଁ । ଅନ୍ଧାର ଓ ଆଲୋକ ଗୋଟିଏ ସ୍ଥାନରେ ଏକତ୍ର ମିଳିତ ହୋଇ ରହିପାରିବେ ନାହିଁ । ପ୍ରତ୍ୟେକ ବ୍ୟକ୍ତି ଯିଏ ରୁକ୍ଷ ଓ କର୍କଶ ସ୍ୱଭାବ ରଖିଥାଏ ଓ ପ୍ରଭୁଙ୍କ ସହିତ ସ୍ୱଚ୍ଛ ଓ ପବିତ୍ର ସମ୍ବନ୍ଧ ରଖେ ନାହିଁ, ସେ କଦାପି ଦୈବୀ ଅନୁକମ୍ପା ଲାଭ କରିପାରିବ ନାହିଁ, ଯାହା ନିର୍ମଳ ଓ ପବିତ୍ର ହୃଦୟକୁ ପ୍ରାପ୍ତ ହୋଇଥାଏ । ସେହି ବ୍ୟକ୍ତି କେତେ ସୌଭାଗ୍ୟଶାଳୀ ଯେଉଁମାନେ ନିଜ ମନକୁ ସଫା ରଖିଥାନ୍ତି ଓ ନିଜ ହୃଦୟକୁ ପ୍ରତ୍ୟେକ ଆବିଳତାରୁ ପବିତ୍ର ରଖିଥାନ୍ତି । ନିଜ ପ୍ରଭୁଙ୍କ ସହିତ ଅନୁରକ୍ତିର ଦୃଢ଼ ସଂକଳ୍ପ କରିଥାନ୍ତି । କାରଣ ସେମାନଙ୍କ ନିଷ୍ଠାପରତା କଦାପି ବ୍ୟର୍ଥ ହେବ ନାହିଁ । ଏହା କେବେ ସମ୍ଭବ ନୁହେଁ ଯେ ଈଶ୍ୱର ତାଙ୍କୁ କେବେ ଅପମାନିତ ହେବାକୁ ଦେବେ । କାରଣ ସେ ପ୍ରଭୁଙ୍କର ଓ ପ୍ରଭୁ ତାଙ୍କର । ତାଙ୍କୁ ପ୍ରତ୍ୟେକ ବିପତ୍ତି ଓ ଦୁର୍ଦ୍ଦଶାରୁ ସୁରକ୍ଷିତ ରଖାଯିବ । ସେହି ଶତ୍ରୁ ହେଉଛି ନିର୍ବୋଧ, ଯିଏ ତାଙ୍କ ପଛରେ ପଡ଼ିଥାଏ ଓ ଶତ୍ରୁ ସାଧିବା ପାଇଁ ଲକ୍ଷ୍ୟ ରଖିଥାଏ । କାରଣ ସେହି ଭକ୍ତମାନେ ପ୍ରଭୁଙ୍କ କୋଳରେ ଅଛନ୍ତି ଓ ପ୍ରଭୁ ତାଙ୍କ ସହାୟକ ହୋଇ ରହିଥାନ୍ତି । **ଈଶ୍ୱରଙ୍କ ପ୍ରତି କାହାର ଆସ୍ଥା ଅତୁଟ ରହିଛି** ? କେବଳ ସେହି ବ୍ୟକ୍ତିର ଯାହାର ଆମେ ଉପରେ ଉଲ୍ଲେଖ କରିଛୁ । ସେହିପରି ସେହି ବ୍ୟକ୍ତି ମଧ୍ୟ ମୁର୍ଖ ଯାହାର ମୁହଁ ଟାଣ, ଯିଏ ପାପୀ, ଦୁରାଚାରୀ ଓ ଦୁର୍ଜନଙ୍କ ଅଧିନରେ ରହିଥାଏ । କାରଣ ତାଙ୍କର ସ୍ୱୟଂ ବିନାଶ ହେବ । ଯେବେ ଠାରୁ ଈଶ୍ୱର ଆକାଶ ଓ ପୃଥିବୀକୁ ସର୍ଜନା କରିଛନ୍ତି, କଦାପି ଏପରି ଅବସର ଆସିନାହିଁ ଯେ ସେ ସଜ୍ଜନ ପୁରୁଷଙ୍କୁ ଧରଣୀରୁ ନିପାତ କରି ଦେଇଛନ୍ତି । ବରଂ ସେ ତାଙ୍କ ପାଇଁ ବଡ଼ ବଡ଼ କାର୍ଯ୍ୟ ସାଧନ କରି ଆସିଛନ୍ତି । ବର୍ତ୍ତମାନ ମଧ୍ୟ ତାହା ସେ ପ୍ରଦର୍ଶନ କରି ଦେଖାଇବେ । ସେହି ଈଶ୍ୱର ଅତ୍ୟନ୍ତ ବିଶ୍ୱସନୀୟ, ନିଷ୍ଠାବାନ ବ୍ୟକ୍ତିଙ୍କ ନିମନ୍ତେ ତାଙ୍କର ବିଚିତ୍ର ଲୀଳା ପ୍ରଦର୍ଶିତ ହୋଇଥାଏ । ସଂସାର ଚାହୁଥାଏ ଯେ ତାକୁ ଲୋପ କରିଦେବ ଓ ପ୍ରତ୍ୟେକ ଶତ୍ରୁ ତାଙ୍କ ଉପରେ ଦାନ୍ତ ରଗଡୁ ଥାଏ । କିନ୍ତୁ ସେ ବାସ୍ତବରେ ତାଙ୍କର ପରମ ସଖା ହୋଇଥିବା ଦୃଷ୍ଟିରୁ ପ୍ରତ୍ୟେକ ବିନାଶରୁ ତାଙ୍କୁ ରକ୍ଷା କରିଥାନ୍ତି ଏବଂ ପ୍ରତ୍ୟେକ କ୍ଷେତ୍ରରେ ତାଙ୍କୁ ବିଜୟ ପ୍ରଦାନ କରିଥାନ୍ତି । ସେହି ମନୁଷ୍ୟ ଅତ୍ୟନ୍ତ ସୌଭାଗ୍ୟଶାଳୀ ଯିଏ ଏପରି ପ୍ରଭୁଙ୍କ

**ପଣତକୁ ଛାଡ଼େ ନାହିଁ ।** ଆମେ ତାଙ୍କ ଉପରେ ବିଶ୍ୱାସ ଆଣିଛୁ ଓ ଆମେ ତାଙ୍କୁ ଚିହ୍ନିଛୁ । **ସମଗ୍ର ସଂସାରର ପ୍ରଭୁ ସେହି** ଯିଏ ମୋ ପ୍ରତି ଐଶ୍ୱରିକ ବାଣୀ ଅବତୀର୍ଣ୍ଣ କରୁଛନ୍ତି । ଯିଏ ମୋ ପାଇଁ **ଶକ୍ତିଶାଳୀ ନିଦର୍ଶନ** ଦେଖାଇଛନ୍ତି ଓ ଯିଏ ମୋତେ ଚଳିତ ଯୁଗର **ମସିହ ମଉଦ** ରୂପେ ପ୍ରେରଣ କରିଛନ୍ତି । ତାଙ୍କ ବ୍ୟତୀତ ଅନ୍ୟ କେହି ଈଶ୍ୱର ନାହାନ୍ତି ନା ଆକାଶରେ ନା ପୃଥିବୀରେ । ଯେଉଁ ବ୍ୟକ୍ତି ତାଙ୍କ ଉପରେ ବିଶ୍ୱାସ ସ୍ଥାପନ କରୁନାହିଁ, ସେ ସମସ୍ତ ସୌଭାଗ୍ୟରୁ ବଞ୍ଚିତ ଏବଂ ସେ ଲାଞ୍ଛିତ ଓ ଅପମାନିତ ହୋଇ ନାନାବିଧ ଅଡୁଆରେ ପଡି ରହିଛି । ଆମେ ଆମ ପ୍ରଭୁଙ୍କର ସ୍ୱର୍ଗୀୟ ବାଣୀକୁ ଉଜ୍ଜ୍ୱଳ ସୂର୍ଯ୍ୟ ସଦୃଶ ପାଇଛୁ । ଆମେ ତାଙ୍କୁ ଦେଖିସାରିଛୁ ଯେ ସେ ସମଗ୍ର ବ୍ରହ୍ମାଣ୍ଡର ବିଧାତା ଓ ତାଙ୍କ ବ୍ୟତୀତ ଅନ୍ୟ କେହି ନୁହେଁ । ଯାହାକୁ ଆମେ ପାଇଛୁ ସେ କେତେ ପରାକ୍ରମଶାଳୀ ଓ କିପରି ସ୍ୱୟଂ ପ୍ରତିଷ୍ଠିତ ଓ ସଦା ଜୀବିତ ଓ ଜୀବନଦାତା ପ୍ରଭୁ ! ଯାହାକୁ ଆମେ ଦେଖିଛୁ ସେ କେତେ ଅସୀମ, ଅନନ୍ତ, କ୍ଷମତାଶାଳୀ ସର୍ବକର୍ତ୍ତୃକ ଈଶ୍ୱର ! ଏହା ହିଁ ସତ୍ୟ ଯେ ତାଙ୍କ ପାଇଁ କୌଣସି ବିଷୟ ଅସମ୍ଭବ ଓ ଅପ୍ରତ୍ୟାଶିତ ନୁହେଁ । କିନ୍ତୁ ତାହା ବ୍ୟତୀତ ଯାହା ତାଙ୍କ ପୁସ୍ତକ ଓ ବଚନବଦ୍ଧତାର ବିରୁଦ୍ଧ ହୋଇଥାଏ । ତେଣୁ ଯେତେବେଳେ ତୁମେ ପ୍ରାର୍ଥନା କରିବ ତାହା ସେହି ଭୌତିକବାଦୀଙ୍କ ପରି କର ନାହିଁ, ଯିଏ ଆପଣା ବିଚାରଧାରାରେ ପ୍ରକୃତିର ଏକ ବିଧାନ ନିଜ ମନରୁ ଗଢ଼ିଛନ୍ତି । ତାହା ଉପରେ ଅଲ୍ଲାଃଙ୍କ ପୁସ୍ତକର ଅନୁମୋଦନୀୟ ମୋହର ନାହିଁ । କାରଣ ସେହି ନରାଧମ ଈଶ୍ୱରଙ୍କ ଠାରୁ ବହୁତ ଦୂରରେ ଓ ସେମାନଙ୍କ ପ୍ରାର୍ଥନା ଆଦୌ ଗ୍ରହୀତ ହେବ ନାହିଁ । କାରଣ ସେମାନେ ଅନ୍ଧ ଯାହାଙ୍କର ଜ୍ଞାନଚକ୍ଷୁ ନାହିଁ । ସେମାନେ ମୃତ ଯିଏ କେବେ ଜୀବିତ ନୁହନ୍ତି । ସେମାନେ ଈଶ୍ୱରଙ୍କ ସମ୍ମୁଖରେ ନିଜର ମନଗଢ଼ା ନିୟମକୁ ଉପସ୍ଥାପନ କରିଥାନ୍ତି । ସେମାନେ ଅଲ୍ଲାଃଙ୍କ ଅସୀମ ଐଶ୍ୱରିକ ଶକ୍ତିକୁ ସୀମିତ କରି ଦେଇଥାନ୍ତି ତଥା ତାଙ୍କ ଐଶୀ ପରାକ୍ରମକୁ ଦୁର୍ବଳ ମନେ କରୁଛନ୍ତି । ତେଣୁ ତାଙ୍କ ବିଚାରଧାରା ଅନୁଯାୟୀ ବ୍ୟବସ୍ଥା କରାଯିବ ତଥା ତାଙ୍କ ସହିତ ଯଥାରୀତି ବ୍ୟବହାର କରାଯିବ । ପରନ୍ତୁ ହେ ମନୁଷ୍ୟ ! ତୁମେ ଯେତେବେଳେ ପ୍ରାର୍ଥନା ପାଇଁ ଛିଡ଼ା ହେବ ତୁମ ପାଇଁ ଏହା ଅପରିହାର୍ଯ୍ୟ ହେବ, ଯେପରି ତୁମେ ସମ୍ପୂର୍ଣ୍ଣ ରୂପେ ଏହି ବିଶ୍ୱାସ ରଖିବ ଯେ ତୁମ ଈଶ୍ୱର ପ୍ରତ୍ୟେକ ବସ୍ତୁ ଉପରେ ପୂର୍ଣ୍ଣ ଅଧିକାର ରଖିଛନ୍ତି ଯିଏକି ପ୍ରତ୍ୟେକ କାର୍ଯ୍ୟ

କରିବାକୁ ସକ୍ଷମ । ତେବେ ଯାଇ ତୁମ ପ୍ରାର୍ଥନା ଗ୍ରହଣୀୟ ହେବ । ତୁମେ ଅଲ୍ଲାଃଙ୍କ ଅଲୌକିକ ଶକ୍ତିର ଚମତ୍କାରୀତାକୁ ଦେଖିବ, ଯାହା ଆମେ ଦେଖିସାରିଛୁ । ଏହି ସନ୍ଦର୍ଭରେ ଆମର ସାକ୍ଷ୍ୟ  ଈଶ୍ୱରଙ୍କ ପ୍ରତ୍ୟକ୍ଷ ଦର୍ଶନ  ଉପରେ ଆଧାରିତ । ମାତ୍ର ଏହା ଆଦୌ କପୋଳ କଳ୍ପିତ କାହାଣୀ ଉପରେ ଆଧାରିତ ନୁହେଁ ।

ସେହି ବ୍ୟକ୍ତିର ପ୍ରାର୍ଥନା କିପରି ଗୃହୀତ ହୋଇ ପାରିବ, ଯିଏ ବଡ ବଡ ବିପତ୍ତିକୁ ପ୍ରକୃତିର ନିୟମ ବିରୁଦ୍ଧ ବୋଲି ଭାବୁଛି । ଏପରି ମନୁଷ୍ୟ ପ୍ରାର୍ଥନା କରିବା ପାଇଁ ଈଶ୍ୱରଙ୍କ ସମକ୍ଷରେ କିପରି ସାହାସ ଜୁଟାଇ ପାରିବ, ଯିଏ ଈଶ୍ୱରଙ୍କୁ ପ୍ରତ୍ୟେକ ବସ୍ତୁ ଉପରେ ପୂର୍ଣ୍ଣ କର୍ତ୍ତୃକ ରଖିଥିବାର ଓ ସର୍ବଶକ୍ତି ସମ୍ପନ୍ନ ହୋଇ ଥିବାର ଭାବୁନାହିଁ । କିନ୍ତୁ ହେ ସୌଭାଗ୍ୟଶାଳୀ ମାନବ ! ତୁମେ ଏପରି କରନାହିଁ । ତୁମର ଈଶ୍ୱର ତ ଏପରି, ଯିଏ ଆକାଶରେ ଅସଂଖ୍ୟ ନକ୍ଷତ୍ରରାଶିକୁ ବିନା ସ୍ତମ୍ଭରେ ଓହଳାଇ ରଖିଛନ୍ତି । ଏବଂ ଯିଏ ପୃଥିବୀ ଓ ଆକାଶକୁ ମହାଶୂନ୍ୟରୁ ସୃଷ୍ଟି କରିଛନ୍ତି । କଣ ତୁମେ ଏହି ଧାରଣାର ବଶବର୍ତ୍ତୀ ହୋଇଛ ଯେ ସେ ତୁମ କାର୍ଯ୍ୟ କରିବାକୁ ଅସମର୍ଥ ହେବେ ?* ବରଂ ତୁମର ଏହି ବିଚାରଧାରା ହିଁ ପ୍ରଭୁଙ୍କ ସାନିଧ୍ୟରୁ ତୁମକୁ ବଞ୍ଚିତ କରିପାରେ । ଆମ ପ୍ରଭୁଙ୍କ ଠାରେ ଅସଂଖ୍ୟ ବୈଚିତ୍ର୍ୟ ଅଛି । ସେ ଅଗଣିତ ଚମତ୍କାରୀତାର ଗନ୍ତାଘର । କିନ୍ତୁ ସେମାନେ ହିଁ ଏହା ଦେଖି ପାରୁଛନ୍ତି, ଯିଏ ସମ୍ପୂର୍ଣ୍ଣ ସତ୍ୟତା ଓ ଆସ୍ଥାର ସହିତ ତାଙ୍କଠାରେ ସମର୍ପିତ । ସେ ଏପରି ମନୁଷ୍ୟ ଉପରେ ନିଜର ଅଲୌକିକ ଚମତ୍କାରୀତା ପ୍ରଦର୍ଶନ କରିବେ ନାହିଁ, ଯିଏ ତାଙ୍କ ଶକ୍ତି ଉପରେ

* ଈଶ୍ୱର କୌଣସି କାର୍ଯ୍ୟ କରିବାରେ ଅସମର୍ଥ ନୁହନ୍ତି । ହଁ, ଈଶ୍ୱରଙ୍କ ପୁସ୍ତକରେ ପ୍ରାର୍ଥନା ସମ୍ବନ୍ଧରେ ଏହି ନିୟମ ରହିଛି ଯେ ସେ ସଜ୍ଜନ ପୁରୁଷଙ୍କ ସହିତ ନିଜର ଅସୀମ କୃପା ବଳରେ ମୈତ୍ରୀପୂର୍ଣ୍ଣ ବ୍ୟବହାର କରିଥାନ୍ତି, ଅର୍ଥାତ କେବେ ତ ନିଜ ଇଚ୍ଛାକୁ ପରିତ୍ୟାଗ କରି ତାର ପ୍ରାର୍ଥନାକୁ ଶୁଣିଥାନ୍ତି । ଯେପରିକି ଈଶ୍ୱର କହିଛନ୍ତି **'ଉଦ୍‌ଉନି ଅସ୍‌ତଜିବ୍ ଲକୁମ'** (ଅଲ ମୋମିନ୍ ୬୧ ) ଏବଂ ଆଉ କେବେ ନିଜ ଇଚ୍ଛା ପୂରଣ କରିବାକୁ ଚାହାନ୍ତି । ଯେପରି ସେ କହିଛନ୍ତି **'ଓ୍ୱଲନବ୍ ଲୋଓ୍ୱନ୍ ନକୁମ୍ ବିଶୈଇନ୍ ମିନଲ୍ ଖୌଫେ ଓ୍ୱଲ୍‌ଜୁଏ'** (ଅଲ ବକରା ୧୫୬) ସେ ଏଥିପାଇଁ କରିଥାନ୍ତି ଯେ କେବେ ମନୁଷ୍ୟ ଠାରୁ ତାର ପ୍ରାର୍ଥନା ଅନୁଯାୟୀ ବ୍ୟବହାର କରି ବିଶ୍ୱାସ ଓ ଈଶ୍ୱର ପ୍ରାପ୍ତିର ଜ୍ଞାନରେ ତାକୁ ଉନ୍ନତି କରାଇବ ଓ ଆଉ କେବେ ନିଜ ଇଚ୍ଛା ଅନୁସାରେ ବ୍ୟବହାର କରି ନିଜର ପ୍ରସନ୍ନତା ମୂଳକ ପୁରସ୍କାର ପ୍ରଦାନ କରିବ, ତାର ପ୍ରତିଷ୍ଠା ବୃଦ୍ଧି କରାଇବ ଓ ତାକୁ ପ୍ରେମ କରି ସତମାର୍ଗ ଉପରେ ଅଗ୍ରସର କରାଇବ ।

ବିଶ୍ୱାସ ରଖୁନାହିଁ ଏବଂ ତାଙ୍କର ସତ୍ୟ ଓ ପରମ ଭକ୍ତ ନୁହେଁ ।

ସେହି ମନୁଷ୍ୟ କେଡେ ହତଭାଗା, ଯାହାକୁ ଏପର୍ଯ୍ୟନ୍ତ ଜଣାନାହିଁ ଯେ ତାର ଜଣେ ପ୍ରଭୁ ଅଛନ୍ତି ଓ ସେ ପ୍ରତ୍ୟେକ କାର୍ଯ୍ୟ କରିବାରେ ପାରଙ୍ଗମ । ଆମ ଈଶ୍ୱର ହେଉଛନ୍ତି ଆମର ସ୍ୱର୍ଗ । ଆମ ଈଶ୍ୱରଙ୍କ ଠାରେ ହିଁ ରହିଛି ଆମର ପରମ ଆନନ୍ଦ । କାରଣ ଆମେ ତାହାଙ୍କୁ ଦର୍ଶନ କରିଛୁ ଓ ତାହାଙ୍କ ଠାରୁ ହିଁ ପ୍ରତ୍ୟେକ ସୌନ୍ଦର୍ଯ୍ୟ ପାଇଛୁ । ଏହି ଅମୂଲ୍ୟ ସଂପଦକୁ ପାଇବା ଲାଗି ଜୀବନ ଦେବାକୁ ପଡ଼ିଲେ ମଧ ତାହା ଲାଭଯୋଗ୍ୟ । ଏହି ପଦ୍ମରାଗ ମଣିକୁ ପାଇବା ଲାଗି ନିଜର ସର୍ବାଙ୍ଗ ଅସ୍ତିତ୍ୱକୁ ଉତ୍ସର୍ଗ କରିବାକୁ ପଡ଼ିଲେ ମଧ ତାହା କ୍ରୟଯୋଗ୍ୟ । **ତୁମେ ଯେଉଁମାନେ ଏଥିରୁ ବଞ୍ଚିତ, ସେହି ନିର୍ଝର ନିକଟକୁ ଦଉଡ଼ି ଯାଅ** । ଏହା ତୁମର **ତୃଷା ନିବାରଣ** କରିବ । ଏହା ହିଁ ସେହି ଜୀବନ ନିର୍ଝର, ଯାହା ତୁମକୁ ରକ୍ଷା କରିବ । ମୁଁ କ'ଣ କରିବି, କିପରି ଏହି ଶୁଭ ସମ୍ବାଦକୁ ମୋ ହୃଦୟରେ ବସାଇବି ? କେଉଁ **ଢ଼ୋଲ ବାଦ୍ୟ** ଦ୍ୱାରା **ଢ଼େଙ୍ଗୁରା ଦେଇ** ଜନଗହଳି ପୂର୍ଣ୍ଣ ବଜାରରେ ଏହି ଘୋଷଣା କରିବି ଯେ ତୁମର ପ୍ରଭୁ ହେଉଛନ୍ତି ଏହିପରି । ଯଦ୍ୱାରା ଲୋକମାନେ ସରାଗରେ ମୋ କଥାକୁ କାନପାତି ଶୁଣିବେ ଏବଂ କେଉଁ ମହୌଷଧି ଦେଇ ମୁଁ ଏହାର ଉପଚାର କରିବି, ଯାଦ୍ୱାରା ଶୁଣିବା ଲୋକର କାନ ଖୋଲିବ ।

ଯଦି ତୁମେ ଈଶ୍ୱରଙ୍କର ହୋଇଯିବ, ନିଶ୍ଚିତ ରୂପେ ଜାଣିରଖ ଯେ ଈଶ୍ୱର ମଧ ତୁମର ହୋଇଯିବେ । ତୁମେ ଶୋଇ ରହିଥିବ, ଅଲ୍ଲାଃତାଲା ତୁମ ପାଇଁ ଜାଗ୍ରତ ରହିବେ । ତୁମେ ଶତ୍ରୁଙ୍କ ପ୍ରତି ଅମନଯୋଗୀ ଥିବ, କିନ୍ତୁ ପ୍ରଭୁ ତାଙ୍କ ପ୍ରତି ସତର୍କ ଦୃଷ୍ଟି ରଖିବେ । ଶତ୍ରୁର ସମସ୍ତ ମନ୍ଦ ଯୋଜନାକୁ ପଣ୍ଡ କରିଦେବେ । ତୁମକୁ ଏପର୍ଯ୍ୟନ୍ତ ଜଣାନାହିଁ ଯେ ତୁମ ପ୍ରଭୁଙ୍କ ନିକଟରେ କେଉଁ ଶକ୍ତି ରହିଛି । ଯଦି ତୁମେ ଜାଣନ୍ତ, ତେବେ ତୁମ ଉପରେ ଏପରି କୌଣସି ଦିନ ବିତନ୍ତା ନାହିଁ ଯେ ତୁମେ ସଂସାର ପାଇଁ ବହୁତ ଦୁଃଖି ହୋଇଯାଆନ୍ତ । ଜଣେ ବ୍ୟକ୍ତି ଯିଏ ନିଜ ପାଖରେ ଏକ ଧନର ଭଣ୍ଡାର ରଖିଥାଏ, ସେ କଣ ଗୋଟିଏ ପଇସା ବ୍ୟର୍ଥ ହୋଇଗଲେ କାନ୍ଦିବ କିମ୍ବା ଚିତ୍କାର କରିବ ଓ ନିଜ ମଥା ପିଟି ମରିବ ? ଯଦି ତୁମ ପାଖରେ ଏହି ଧନ ଭଣ୍ଡାରର ସୂଚନା ଥାଆନ୍ତା ଯଦ୍ୱାରା ପ୍ରଭୁ ତୁମର ପ୍ରତ୍ୟେକ ପ୍ରକାର ଅଭାବ ଓ ଆବଶ୍ୟକ ସମୟରେ କାମରେ ଆସିବେ, ତେବେ ତୁମେ ସଂସାର ପାଇଁ କାହିଁକି ବିଚଳିତ

ହୁଅନ୍ତ । ଈଶ୍ୱର ହେଉଛନ୍ତି ଏକ ପ୍ରିୟ ଦୁର୍ଲଭ ଭଣ୍ଡାର । ତାଙ୍କର ଆଦର ସମ୍ମାନ କର । ଫଳତଃ ସେ ତୁମକୁ ପାଦେ ପାଦେ ସାହାଯ୍ୟ କରିବେ । ତାଙ୍କ ବିନା ତୁମେ କିଛି ନୁହଁ ଓ ତୁମର ଅସ୍ତିତ୍ୱ ବୋଲି କିଛି ନାହିଁ । ତୁମର ସମସ୍ତ ସାଧନ, ପ୍ରଯତ୍ନ ଓ ଉପାୟ ସବୁକିଛି ମହତ୍ତ୍ୱହୀନ । ତୁମେ ଅନ୍ୟ ଜାତିର ପଦାଙ୍କ ଅନୁସରଣ କରନାହିଁ । କାରଣ ସେମାନେ ସମ୍ପୂର୍ଣ୍ଣ ରୂପେ ସାଂସାରିକ ସାଧନ ଓ ପାର୍ଥିବ ବସ୍ତୁର ମୋହରେ ପଡ଼ି ରହିଛନ୍ତି । ଯେପରି ସାପ ମାଟି ଖାଇଥାଏ ସେମାନେ ମଧ୍ୟ ସେହିପରି ହୀନ ବସ୍ତୁର ସାଧନ ଉପରେ ଆଶ୍ରା କରିଥାନ୍ତି । ଯେପରି ଶାଗୁଣା ଓ କୁକୁର ମୁର୍ଦ୍ଦାର ଖାଇଥାନ୍ତି, ସେମାନେ ମଧ୍ୟ ମୁର୍ଦ୍ଦାର ଉପରେ ଦାନ୍ତ ମାରୁଛନ୍ତି । ସେମାନେ ବାସ୍ତବ ଈଶ୍ୱରଙ୍କ ଠାରୁ ବହୁତ ଦୂରରେ ପଡ଼ିଛନ୍ତି । ସେମାନେ ମଣିଷ ପୂଜା କଲେ, ଘୁଷୁରି ଖାଇଲେ ଓ ପାଣି ପରି ମଦିରା ପାନ କଲେ । ମାତ୍ରାଧିକ ଭୌତିକ ସାଧନ ପଛରେ ପଡ଼ିବା ଦ୍ୱାରା ଏବଂ ଅଲ୍ଲାଃଙ୍କ ଠାରୁ ଶକ୍ତି ନମାଗିବା ଦ୍ୱାରା ତାଙ୍କର ମୃତ୍ୟୁ ହୋଇଗଲା । ସେମାନଙ୍କ ଠାରୁ ଆଧ୍ୟାତ୍ମିକତା ଏପରି ବାହାରି ଚାଲିଗଲା, ଯେପରି ପକ୍ଷୀର ନୀଡରୁ କପୋତ ଉଡ଼ି ଚାଲିଯାଏ । ସେମାନଙ୍କ ବସ୍ତୁବାଦ ଉପାସନା ଏକ କୁଷ୍ଠ ବ୍ୟାଧି ସ୍ୱରୂପ ତାଙ୍କୁ ଆକ୍ରାନ୍ତ କରିଛି । ଯାହା ସେମାନଙ୍କ ଅନ୍ତରର ସମସ୍ତ ଅଙ୍ଗକୁ କାଟି ଦେଇଛି । ତେଣୁ ତୁମେ ଏପରି କୁଷ୍ଠ ରୋଗକୁ ଭୟ କର । ମୁଁ ତୁମକୁ ବସ୍ତୁବାଦର ସାଧନରୁ ଏକ ସୀମା ପର୍ଯ୍ୟନ୍ତ ରହି ଲାଭ ଉଠାଇବାକୁ ମନା କରୁନାହିଁ । ବରଂ ମୁଁ ସେହି କଥାରୁ ବାରଣ କରୁଛି ଯେ ତୁମେ ଅନ୍ୟ ଜାତିଙ୍କ ପରି କେବଳ ବସ୍ତୁବାଦର ଦାସ ହୁଅ ନାହିଁ ଏବଂ ସେ ପ୍ରଭୁଙ୍କୁ ଭୁଲିଯାଅ ନାହିଁ, ଯିଏ ଭୌତିକ ସାଧନର ବ୍ୟବହାର୍ଯ୍ୟ ବସ୍ତୁକୁ ମଧ୍ୟ ତୁମକୁ ଯୋଗାଇ ଦେଇଛନ୍ତି । ତୁମର ନେତ୍ର ଥିଲେ ତୁମେ ଦେଖିପାରିବ ଯେ ସବୁକିଛି ଈଶ୍ୱରମୟ । ତାଙ୍କ ବିନା ବାକି ସବୁ ତୁଚ୍ଛ । ତାହାଙ୍କ ଆଜ୍ଞା ନହେଲେ ତୁମେ ନିଜ ହାତକୁ ପ୍ରସାରିତ କରିପାରିବ ନାହିଁ କି ସଙ୍କୁଚିତ କରିପାରିବ ନାହିଁ । ଆଧ୍ୟାତ୍ମିକ ରୂପେ ମୃତ ଶବ ପାଲଟି ଥିବା ଜଣେ ବ୍ୟକ୍ତି ଏହି କଥାକୁ ହସାଇ ଦେବ । କିନ୍ତୁ ହାୟ ! ତାର ସେହି ହସ ଠାରୁ ଏହା ଅଧିକ ଭଲ ହୋଇଥାନ୍ତା, ଯଦି ସେ ପ୍ରକୃତରେ ମରି ଯାଇଥାନ୍ତା କି ! ସାବଧାନ ! ତୁମେ ଅନ୍ୟ ସମ୍ପ୍ରଦାୟଗୁଡିକୁ ଦେଖି ତାଙ୍କ ପଛରେ ଧାଆଁ ନାହିଁ କି ତାଙ୍କ ସହିତ ଏପରି ପ୍ରତିଦ୍ୱନ୍ଦିତା କରନାହିଁ ଯେ ସେମାନେ ସଂସାରରେ ଯୋଜନାବଦ୍ଧ ରୂପେ ଅନେକ ପ୍ରଗତି

କରିଯାଇଛନ୍ତି । ତେଣୁ ଆସ ! ଆମେ ମଧ୍ୟ ତାଙ୍କ ପାଦରେ ପାଦ ମିଶାଇ ଚାଲିବା ନାହିଁ । ଶୁଣ ଓ ବୁଝ ଯେ ସେମାନେ ସେହି ପ୍ରଭୁଙ୍କ ଠାରୁ ସମ୍ପୂର୍ଣ୍ଣ ଅପରିଚିତ ଓ ଅମନଯୋଗୀ । ଯିଏ ତୁମକୁ ନିଜ ଆଡ଼କୁ ଡ଼ାକୁଛି ସେମାନଙ୍କର ପ୍ରଭୁ କିପରି ବସ୍ତୁ ? କେବଳ ତାହା ଏକ ନିମିତ୍ତ ମନୁଷ୍ୟ ମାତ୍ର । ସେଥିଯୋଗୁଁ ସେମାନଙ୍କୁ ସଜ୍ଞାହୀନ ଅବସ୍ଥାରେ ଛାଡ଼ି ଦିଆଯାଇଛି । ମୁଁ ତୁମକୁ ସଂସାର ଅର୍ଜନ କରିବା ତଥା କୌଣସି ବୃତ୍ତି ଅବଲମ୍ବନ କରିବା ପାଇଁ ବାରଣ କରୁନାହିଁ । କିନ୍ତୁ ତୁମେ ସେ ଲୋକମାନଙ୍କର ଅନୁସରଣ କରନାହିଁ, ଯେଉଁମାନେ ଏହି ଭବ ସଂସାରକୁ ସର୍ବସ୍ୱ ଭାବି ନେଇଛନ୍ତି । ତୁମର ପ୍ରତ୍ୟେକ କାର୍ଯ୍ୟ ସାଂସାରିକ ହେଉ ବା ଧାର୍ମିକ ହେଉ, ସେଥିପାଇଁ ଅଲ୍ଲାଃଠାରୁ ଶକ୍ତି ଓ ସାମର୍ଥ୍ୟ ଭିକ୍ଷା କରିବାର କ୍ରମାଗତ ଧାରା ଅବ୍ୟାହତ ରହିବା ଉଚିତ । କିନ୍ତୁ ତାହା କେବଳ ଶୃଙ୍ଖଳା ଓଠରେ କହିବା ଦ୍ୱାରା ନୁହେଁ, ବରଂ ପ୍ରକୃତରେ ତୁମର ଏହି ବିଶ୍ୱାସ ରହିବା ଉଚିତ ଯେ ପ୍ରତ୍ୟେକ ପ୍ରକାରର ଆଶୀଷ ଓ କଲ୍ୟାଣ ଆକାଶରୁ ହିଁ ଅବତୀର୍ଣ୍ଣ ହୋଇଥାଏ ।

ତୁମେ ସତ୍ୟବାଦୀ ସେତେବେଳେ ବୋଲାଇବ, ଯେତେବେଳେ ତୁମେ ପ୍ରତ୍ୟେକ କାର୍ଯ୍ୟ କରିବା ସମୟରେ, ପ୍ରତ୍ୟେକ କଠିନ ପରିସ୍ଥିତିରେ କୌଣସି ଉପାୟ ଚିନ୍ତା କରିବା ପୂର୍ବରୁ ନିଜ ବୁଦ୍ଧିର ଦ୍ୱାରକୁ ବନ୍ଦ କରିଦେବ । ତତସହିତ ସମର୍ପିତ ଭାବନା ନେଇ ଈଶ୍ୱରଙ୍କ ଛାମୁରେ ପଡ଼ିଯାଇ ଏପରି କୁହ ଯେ ଆମେ ଅନେକ ଦୁଃଖ କଷ୍ଟର ସମ୍ମୁଖୀନ ହୋଇଛୁ । ହେ ପ୍ରଭୁ ! ତୁମେ ଆମକୁ ନିଜ କୃପା ବଳରେ ଏହି କ୍ଲେଶରୁ ଉଦ୍ଧାର କର । ତେବେ ଯାଇ ପବିତ୍ର ଆତ୍ମା ତୁମକୁ ସାହାଯ୍ୟ କରିବେ ଓ ଶୂନ୍ୟରୁ ତୁମ ପାଇଁ କୌଣସି ସମାଧାନର ପନ୍ଥା ଖୋଲି ଦିଆଯିବ । ନିଜ ପ୍ରାଣ ଉପରେ ଦୟା କର ଓ ଯେଉଁ ଲୋକମାନେ ଈଶ୍ୱରଙ୍କ ଠାରୁ ସମ୍ପୂର୍ଣ୍ଣ ରୂପେ ଦୂରେଇ ଯାଇଛନ୍ତି ଏବଂ ସମ୍ପୂର୍ଣ୍ଣ ବସ୍ତୁ ଲୋଭରେ ପଡ଼ି ଯାଇଛନ୍ତି, ଏପରିକି ସାମର୍ଥ୍ୟ ଭିକ୍ଷା କରିବା ପାଇଁ ତାଙ୍କ ମୁହଁରୁ 'ଇନ୍‌ଶାଅଲ୍ଲାଃ' (ଯଦି ଈଶ୍ୱର ଇଚ୍ଛା କରିବେ) ପଦ ମଧ୍ୟ ବାହାର କରୁ ନାହାନ୍ତି, ତୁମେ ତାଙ୍କର ଅନୁସରଣ କରନାହିଁ । ପ୍ରଭୁ ତୁମ ଆଖି ଖୋଲି ଦିଅନ୍ତୁ, ଫଳତଃ ତୁମେ ଜାଣିପାରିବ ଯେ ତୁମ ଈଶ୍ୱର ତୁମର ସମସ୍ତ ଯୋଜନାର ମୂଳ ସ୍ତମ୍ଭ । ଯଦି ଏହି ଖୁଣ୍ଟ ଉପୁଡ଼ିଯାଏ, ତେବେ ଭାରବାହୀ ଶେଣୀଗୁଡିକ କଣ ଛାତରେ ତିଷ୍ଠି ରହି ପାରିବେ ? କେବେ ନୁହେଁ, ବରଂ ସବୁତକ

ତଳେ ପଡ଼ିଯିବେ । ଏପରି କି ତାହା ପଡିଗଲେ ତଳେ ଥିବା ଅନେକ ଲୋକ ରକ୍ତାକ୍ତ ହୋଇ ଯିବାର ସମ୍ଭାବନା ମଧ୍ୟ ଅଛି । ସେହିପରି ତୁମର ଉପାୟଗୁଡିକ ଈଶ୍ୱରଙ୍କ ସହାୟତା ବିନା ତିଷ୍ଠି ପାରିବ ନାହିଁ । ଯଦି ତୁମେ ପ୍ରଭୁଙ୍କ ଠାରୁ ସାହାଯ୍ୟ ନମାଗିବ ଓ ତାଙ୍କ ଠାରୁ ସାମର୍ଥ୍ୟ ଭିକ୍ଷା କରିବାର ନିୟମକୁ ଏକ ଧାରାରେ ନପକାଇବ, ତେବେ ତୁମେ କୌଣସି ପ୍ରକାରର ସଫଳତା ହାସଲ କରିପାରିବ ନାହିଁ । ଶେଷରେ ବହୁତ ସନ୍ତାପ କରି ମରିବ ।

ଏପରି ଭାବନାହିଁ ଯେ ଅନ୍ୟ ଜାତି ବା ସମ୍ପ୍ରଦାୟର ଲୋକ କାହିଁକି ସଫଳତା ଲାଭ କରୁଛନ୍ତି । ଯଦ୍ୟପି ସେମାନେ ସେହି ଈଶ୍ୱରଙ୍କ ପ୍ରତି ସମ୍ପୂର୍ଣ୍ଣ ଅଜ୍ଞ ଅଛନ୍ତି ଯିଏ କି ତୁମର ପୂର୍ଣ୍ଣବ୍ରହ୍ମ ଓ ପ୍ରଭୁତ୍ୱଶାଳୀ ଈଶ୍ୱର । ଏହାର ଉତ୍ତରରେ ଏତିକି କୁହାଯାଇପାରେ ଯେ ସେମାନେ ବାସ୍ତବ ଈଶ୍ୱରଙ୍କୁ ପରିତ୍ୟାଗ କରିଦେବା ଯୋଗୁଁ ସାଂସାରିକ ପରୀକ୍ଷାରେ ପଡ଼ି ଯାଇଛନ୍ତି । ଈଶ୍ୱରଙ୍କ ପରୀକ୍ଷା କେବେ ଏପରି ମଧ୍ୟ ହୋଇଥାଏ ଯେ ଯେଉଁବ୍ୟକ୍ତି ତାଙ୍କୁ ପରିତ୍ୟାଗ କରେ ଓ ସାଂସାରିକ ଭୋଗ ବିଳାସରେ ମନ ଲଗାଇଥାଏ ତଥା ଧନ ପ୍ରାଚୁର୍ଯ୍ୟର ମୋହରେ ବାନ୍ଧି ହୋଇ ରହିଥାଏ, ତା ପାଇଁ ଏହି ଭବ ସଂସାରର ଦ୍ୱାର ଖୋଲି ଦିଆଯାଇଥାଏ । କିନ୍ତୁ ଧର୍ମ କ୍ଷେତ୍ରରେ ସେ ସମ୍ପୂର୍ଣ୍ଣ ଦରିଦ୍ର ଓ ଉଲଗ୍ନ ହୋଇ ରହିଥାଏ । ପରିଶେଷରେ ସାଂସାରିକ ଚିନ୍ତାରେ ଘାରି ହୋଇ ମରିଯାଏ ଓ ସ୍ଥାୟୀ ନର୍କର ଦାବାନଳରେ ତାକୁ ନେଇ ପକାଇ ଦିଆଯାଏ । ବେଳେବେଳେ ତାକୁ ଏପରି ପରୀକ୍ଷାର ସମ୍ମୁଖୀନ ହେବାକୁ ମଧ୍ୟ ପଡିଥାଏ ଯେ ଏହି ସଂସାରରେ ସେ ବିଫଳତାର ସ୍ୱାଦ ଚାଖିଥାଏ । ଏଠାରେ ଦ୍ୱିତୀୟ ପ୍ରକାରର ପରୀକ୍ଷାଟି ସେପରି ବିପଦପୂର୍ଣ୍ଣ ନୁହେଁ, ଯେପରି ପ୍ରଥମେ ବର୍ଣ୍ଣିତ ହୋଇଥିବା ପରୀକ୍ଷା । କାରଣ ପ୍ରଥମ ପରୀକ୍ଷାର୍ଥୀ ଜଣକ ଅଧିକ ଅହଂକାରୀ । ତେବେ ସେ ଯାହା ହେଉ ନା କାହିଁକି ଏହି ଦୁଇ ଗୋଷ୍ଠୀ ହେଉଛନ୍ତି **ମଗ୍‌ଜୁବୁ ଆଲୈହିମ୍** ଯାହାଙ୍କ ଉପରେ ଅଲ୍ଲାହ୍‌ଙ୍କର ପ୍ରକୋପ ରହିଛି । ପ୍ରକୃତ ଆନନ୍ଦର ମୂଳ ଉତ୍ସ ହେଉଛନ୍ତି ଈଶ୍ୱର ଯେବେ କି ସେହି **ହୟୁ ଓ କୟୁମ୍** (ଚିରଞ୍ଜୀବି ଓ ସ୍ୱୟଂ ପ୍ରତିଷ୍ଠିତ)ଙ୍କ ସମ୍ବନ୍ଧରେ ଅଜ୍ଞ ଅଛନ୍ତି । ବରଂ ସେମାନେ ତାଙ୍କ ପ୍ରତି ବେଖାତିର ମନୋଭାବ ପୋଷଣ କରନ୍ତି ଏବଂ ତାଙ୍କ ଠାରୁ ମୁହଁ ଫେରାଇ ନିଅନ୍ତି । ତେଣୁ ସେମାନଙ୍କ ଭାଗ୍ୟରେ ପ୍ରକୃତ ଆନନ୍ଦ କାହୁଁ ମିଳି ପାରିବ । ସେହି ବ୍ୟକ୍ତି ଧନ୍ୟ ଯିଏ

ବାସ୍ତବ ଈଶ୍ୱରଙ୍କ ଗୁଢ ଭେଦକୁ ବୁଝି ନେଇଛି । କିନ୍ତୁ ନଷ୍ଟ ହୋଇଗଲା ସେହି ବ୍ୟକ୍ତି ଯିଏ ସେହି ଭେଦକୁ ବୁଝିଲା ନାହିଁ । ସେହିପରି ତୁମପାଇଁ ଏହା ବିଧେୟ ଯେ ଏହି ସାଂସାରିକ ଦାର୍ଶନିକମାନଙ୍କୁ ଅନୁସରଣ କରନାହିଁ । ସେମାନେ ମନରେ କଳ୍ପନା ପ୍ରସୂତ ତତ୍ତ୍ୱ ପୋଷଣ କରିଥିବା ଯୋଗୁଁ ସେମାନଙ୍କୁ ସମ୍ମାନ ଦୃଷ୍ଟିରେ ଦେଖ ନାହିଁ । କାରଣ ଏହାସବୁ ସେମାନଙ୍କ ନିର୍ବୋଧତା । ପ୍ରକୃତ ଦର୍ଶନ ହେଉଛି ସେହି ଆଧ୍ୟାତ୍ମିକ ତତ୍ତ୍ୱ ଯାହାକୁ ଈଶ୍ୱର ତାଙ୍କ ନିଜ ବାଣୀ ମାଧ୍ୟମରେ ତୁମକୁ ଶିଖାଇଛନ୍ତି । କିନ୍ତୁ ସେମାନଙ୍କର ସର୍ବନାଶ ଘଟିଛି ଯେଉଁମାନେ ଏହି ସାଂସାରିକ ଦର୍ଶନକୁ ପ୍ରେମ କରୁଛନ୍ତି । ଅଥଚ ଯେଉଁମାନେ ସତ୍‌ଜ୍ଞାନ ଓ ସତ୍ୟ ଦର୍ଶନ ତତ୍ତ୍ୱକୁ ଈଶ୍ୱରଙ୍କ ପୁସ୍ତକରେ ଖୋଜିଲେ, ସେମାନେ ସଫଳ ହୋଇଗଲେ । ଅଜ୍ଞାନର ମାର୍ଗ କାହିଁକି ଗ୍ରହଣ କରୁଛ ? କଣ ଈଶ୍ୱରଙ୍କୁ ତୁମେ ସେହି କଥା ଶିଖାଇବ, ଯାହା ତାଙ୍କୁ ଜଣା ନାହିଁ ? କଣ ତୁମେ ଅନ୍ଧମାନଙ୍କ ପଛରେ ଧାଉଁଛ, ଯଦ୍ୱାରା ସେମାନେ ତୁମକୁ ପଥ ପ୍ରଦର୍ଶନ କରିବେ ? **ହେ ନିର୍ବୋଧ !** ଯିଏ ନିଜେ ଅନ୍ଧ ସେ ତୁମକୁ କେଉଁ ମାର୍ଗ ଦେଖାଇବ ? ବରଂ ସତ୍‌ଦର୍ଶନ ପବିତ୍ର ଆତ୍ମାରୁ ହାସଲ ହୋଇଥାଏ ଯାହାର ପ୍ରତିଶ୍ରୁତି ଦିଆଯାଇଛି । ତୁମେ ସଦାତ୍ମା ମାଧ୍ୟମରେ ସେହି ପବିତ୍ର ଜ୍ଞାନକୁ ପାଇପାରିବ, ଯାହାକୁ ଅନ୍ୟମାନେ ପାଇପାରୁ ନାହାନ୍ତି । ଯଦି ସଂପୂର୍ଣ୍ଣ ଶ୍ରଦ୍ଧାର ସହିତ ପ୍ରଭୁଙ୍କ ଠାରେ ଯାଚନା କରିବ, ତାହା ଶେଷରେ ତୁମକୁ ପ୍ରାପ୍ତ ହେବ । ତେବେ ଯାଇ ବୁଝିବ ଯେ ଏହା ହେଉଛି ଯଥାର୍ଥ ଜ୍ଞାନ, ଯାହା ହୃଦୟକୁ ସତେଜତା ଆଣି ଦେଇଥାଏ ଓ ନୂଆ ଜୀବନ ପ୍ରଦାନ କରିଥାଏ । ଏପରିକି ବିଶ୍ୱାସର ଉଚ୍ଚ ଶିଖରକୁ ଯାଇ ଆସ୍ଥାର ମିନାର ପର୍ଯ୍ୟନ୍ତ ପହଞ୍ଚାଇ ଦିଏ । ଯିଏ ନିଜେ ମୁର୍ଦ୍ଦାର ଖାଇଥାଏ ସେ କାହୁଁ ତୁମ ପାଇଁ ପବିତ୍ର ଖାଦ୍ୟ ଆଣିଦେବ । ଯିଏ ନିଜେ ଅନ୍ଧ, ସେ କିପରି ତୁମକୁ ରାସ୍ତା ଦେଖାଇବ । ପ୍ରତ୍ୟେକ ତାତ୍ତ୍ୱିକ ଦିବ୍ୟଜ୍ଞାନ ଆକାଶରୁ ହିଁ ଆସିଥାଏ । ତେଣୁ ତୁମେ ଏହି ପୃଥିବୀବାସୀଙ୍କ ଠାରୁ କଣ ଖୋଜୁଛ ? ଯେଉଁମାନଙ୍କର ଆତ୍ମା ଆକାଶ ଅଭିମୁଖେ ଚାଲିଯାଏ, ସେହିମାନେ ହିଁ ତତ୍ତ୍ୱ ଜ୍ଞାନ ଓ ସତ୍ୟ ଦର୍ଶନର ଅଧିକାରୀ ହୋଇଥାନ୍ତି । ଯାହାଙ୍କୁ ଏଥି ସମ୍ବନ୍ଧରେ ସ୍ୱୟଂ ହୃଦ୍‌ବୋଧ ହୋଇନାହିଁ ସେ କିପରି ତୁମର ହୃଦ୍‌ବୋଧ କରାଇ ପାରିବ ? କିନ୍ତୁ ପ୍ରଥମେ ନିଜ ହୃଦୟରେ ସ୍ୱଚ୍ଛତା ଆଣ ଯାହା ଆତ୍ମଶୁଦ୍ଧି ଆବଶ୍ୟକ କରିଥାଏ । ପ୍ରଥମେ ସତ୍ୟ ଓ ସ୍ୱଚ୍ଛଭାବ ଜରୁରୀ,

ତାପରେ ସବୁକିଛି ମିଳିଯିବ । ଏପରି ଭାବନାହିଁ ଯେ ଈଶ୍ୱରଙ୍କର ଦିବ୍ୟବାଣୀ ଆଗକୁ ବଢ଼ିବ ନାହିଁ ଓ ତାହା ପଛରେ ଅଟକି ଯାଇଛି* । ଏବଂ ପବିତ୍ର ଆତ୍ମା ଆଉ ଏଣିକି ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇ ପାରିବ ନାହିଁ । କେବଳ ଅତୀତ ଯୁଗରେ ତାହା ଅବତୀର୍ଣ୍ଣ ହେଉଥିଲା । ମୁଁ ତୁମକୁ ସତ୍ୟ କହୁଛି ଯେ ସବୁ ଦ୍ୱାର ବନ୍ଦ ହୋଇଯାଏ କିନ୍ତୁ ପବିତ୍ର ଦୈବୀବାଣୀ ଅବତୀର୍ଣ୍ଣ ହେବାର ଦ୍ୱାର କେବେ ବି ବନ୍ଦ ହୋଇ ପାରିବ ନାହିଁ । ତୁମେ ନିଜ ହୃଦୟର ଦ୍ୱାରକୁ ଖୋଲିଦିଅ ଯଦ୍ୱାରା ସେହି ବାଣୀ ତା ଭିତରେ ପ୍ରବେଶ କରିବ । ତୁମେ ସେହି ସୂର୍ଯ୍ୟ ଠାରୁ ସ୍ୱୟଂ ନିଜକୁ ଦୂରେଇ ରଖୁଛ, ଯେବେକି ସେହି କିରଣ ପ୍ରବେଶ କରିବା ଝରକାକୁ ବନ୍ଦ କରିଦେଉଛ ।

ହେ ଅଜ୍ଞାନୀଜନ ! ଉଠ ଓ ସେହି ରୁଦ୍ଧ ଗବାକ୍ଷକୁ ଖୋଲିଦିଅ । ତେବେ ଯାଇ ସୂର୍ଯ୍ୟ ସ୍ୱତଃସ୍ପୃତ ଭାବେ ତୁମ ଅନ୍ତରରେ ପ୍ରବେଶ କରିବ । ଈଶ୍ୱର ସାଂସାରିକ ଉପଲବ୍ଧିଗୁଡ଼ିକୁ ଚଳିତ ଯୁଗରେ ତୁମପାଇଁ ବନ୍ଦ କରିନାହାନ୍ତି, ବରଂ ଆହୁରି ଅଧିକ ଉନ୍ମୁକ୍ତ କରିଛନ୍ତି । ତେବେ କଣ ତୁମର ଏହି ଚିନ୍ତାଧାରା ରହିଛି ଯେ ଆକାଶୀୟ ଉପଲବ୍ଧିର ମାର୍ଗ, ଯାହାର ବର୍ତ୍ତମାନ ସମୟରେ ତୁମ ପାଇଁ ଅତ୍ୟନ୍ତ ଆବଶ୍ୟକ ଥିଲା, ତାହାକୁ ସେ ବନ୍ଦ କରି ଦେଇଛନ୍ତି ? କଦାପି ନୁହେଁ, ବରଂ ଅତି ପରିଷ୍କାର ଭାବେ ସେହି ଦ୍ୱାରକୁ ଖୋଲି ଦିଆଯାଇଛି । ଯେବେ କି ଈଶ୍ୱର ନିଜ ଶିକ୍ଷା ଅନୁଯାୟୀ, ଯାହା ସୁରଃ ଫାତିହା (ପ୍ରଥମ ଅଧ୍ୟାୟ)ରେ ଉଲ୍ଲେଖ ରହିଛି, ବିଗତ ସମସ୍ତ ପୁରସ୍କାରର ଦ୍ୱାର ତୁମପାଇଁ ଖୋଲି ଦେଇଛନ୍ତି । ତେବେ ତୁମେ କାହିଁକି ସେଗୁଡ଼ିକ ନେବାପାଇଁ ଅସ୍ୱୀକାର କରୁଛ ? ସେହି ନିର୍ଝରରୁ ଜଳପାନ କରିବାର ପିପାସୁ ହୁଅ, ଯଦ୍ୱାରା ସେହି ଜଳ ତୁମ ପିପାସିତ ପ୍ରାଣ ନିକଟକୁ ସ୍ୱତଃ ଆସିଯିବ । ସେହି ଦୁଗ୍ଧ ପାନ ନିମନ୍ତେ ତୁମେ ନିରୀହ ଶିଶୁଟି ପରି କାନ୍ଦିବା ଆରମ୍ଭ କରିଦିଅ, ଯେବେ କି କ୍ଷୀର ସ୍ତନରୁ ଆପଣା ଛାଏଁ ଝରି ଆସିବ । କରୁଣା ପ୍ରାପ୍ତିର ଯୋଗ୍ୟ ହୁଅ, ଯଦ୍ୱାରା ତୁମ ଉପରେ ଦୟା କରାଯିବ । ଆତୁରତା ଦେଖାଅ, ଯଦ୍ୱାରା ତୁମେ

* ପବିତ୍ର କୁରଆନ ମାଧ୍ୟମରେ ଶରିୟତ୍ ଅର୍ଥାତ ଶାସ୍ତ୍ରୀୟ ବିଧାନ ଚୂଡ଼ାନ୍ତ ହୋଇ ଯାଇଛି । କିନ୍ତୁ ଓ୍ୱହି ଶେଷ ହୋଇନାହିଁ । କାରଣ ତାହା ସତ୍ୟ ଧର୍ମର ପ୍ରାଣକେନ୍ଦ୍ର । ଯେଉଁ ଧର୍ମରେ ଦୈବୀବାଣୀର ପ୍ରବାହ ଜାରି ହେଉ ନାହିଁ, ସେହି ଧର୍ମ ମୃତ ସଦୃଶ୍ୟ ଓ ଈଶ୍ୱର ତାହା ସହିତ ନାହାନ୍ତି ।

ସନ୍ତୋଷ ଲାଭ କରିବ । ଭାବରେ ବିହ୍ୱଳ ହୁଅ, ଫଳରେ ତୁମକୁ ସାନ୍ତ୍ୱନା ମିଳିବ । ବାରମ୍ବାର ଆର୍ତ୍ତନାଦ କର ଯଦ୍ୱାରା ଗୋଟିଏ ଅଦୃଶ୍ୟ ହାତ ତୁମକୁ ଧରିନେବ । କେତେ ଯେ କଠିନ ସେହି ମାର୍ଗ, ଯାହା ଈଶ୍ୱରଙ୍କର ମାର୍ଗ । କିନ୍ତୁ ସେମାନଙ୍କ ପାଇଁ ତାହାକୁ ସୁଗମ କରି ଦିଆଯାଏ, ଯେଉଁମାନେ ମୃତ୍ୟୁର କାମନା କରି ସେହି ଅତଳ ଗହ୍ୱରରେ  ପଡ଼ି ଯାଉଛନ୍ତି । ସେମାନେ ମନସ୍ଥ କରି ନେଇ ଥାଆନ୍ତି ଯେ ଆମକୁ ଅଗ୍ନି ସ୍ୱୀକାର ଅଛି । ଯାହାର ଜ୍ୱାଳାରେ ଦହନ ହୋଇ ଆମେ ନିଜ ପ୍ରେୟସୀର ପ୍ରେମ ପାଇଁ ସେଥିରେ ପଡି ଜଳିଯିବୁ । ପୁଣି ସେମାନେ ଅଗ୍ନିରେ ନିଜକୁ ଝାସ ଦେଇ ଥାଆନ୍ତି । କିନ୍ତୁ ଅଚାନକ ଯେ କଣ ଦେଖୁଛନ୍ତି, ତାହା ଅଗ୍ନି ନୁହେଁ ସ୍ୱର୍ଗ । ସୁତରାଂ ଈଶ୍ୱର ସେହି ବିଷୟରେ କହିଛନ୍ତି :

**وَاِنۡ مِّنۡكُمۡ اِلَّا وَارِدُهَا ۚ كَانَ عَلٰى رَبِّكَ حَتۡمًا مَّقۡضِيًّا**

**ୱ୍ୱଇମ୍ ମିନ୍‌କୁମ୍ ଇଲ୍ଲା ୱ୍ୱାରିଦୁହା କାନା ଆଲା ରବ୍‌ବିକା ହତ୍‌ମମ୍ ମକ୍‌ଜିୟା**

(ମରିୟମ୍ 19:72)

ଅର୍ଥାତ୍ 'ହେ ସତପୁରୁଷ ଓ ଅସତପୁରୁଷ ! ତୁମମାନଙ୍କ ମଧ୍ୟରୁ କେହି ବି ହେଲେ ଏପରି ନାହାନ୍ତି ଯିଏ ନର୍କର ଅଗ୍ନି ମଧ ଦେଇ ନଯିବ । କିନ୍ତୁ ସେହି ବ୍ୟକ୍ତି ଯିଏ ଈଶ୍ୱରଙ୍କ ନିମନ୍ତେ ନର୍କରେ ପଡ଼ିଥାଏ ତାକୁ ମୁକ୍ତି ଦିଆଯିବ ।' କିନ୍ତୁ  ଯେଉଁ ବ୍ୟକ୍ତି ନିଜ 'ନଫସେ ଅମାରା' ଅର୍ଥାତ ପାପାସକ୍ତ ଆତ୍ମା ଯୋଗୁଁ ଅଗ୍ନି ଉପରେ ଚାଲୁଥାଏ ତାକୁ ଅଗ୍ନି ଭକ୍ଷଣ କରିବ । ସୁତରାଂ ସେହି ହେଉଛି ଭାଗ୍ୟବାନ, ଯିଏ ଈଶ୍ୱରଙ୍କ ପାଇଁ ନିଜ ଅସ୍ତିତ୍ୱ ସହିତ ସଂଘର୍ଷ କରୁଛି । ହତଭାଗା ହେଉଛି ସେହି ବ୍ୟକ୍ତି, ଯିଏ ନିଜ ସ୍ୱାର୍ଥ ପାଇଁ ଈଶ୍ୱରଙ୍କ ସହିତ ଯୁଦ୍ଧ କରୁଛି ଓ ତାଙ୍କ ସହିତ ବନ୍ଧୁତା ସ୍ଥାପନ କରୁନାହିଁ । ଯେଉଁ ବ୍ୟକ୍ତି ଆତ୍ମସ୍ୱାର୍ଥ ପାଇଁ ଈଶ୍ୱରଙ୍କ ନିର୍ଦ୍ଦେଶକୁ ଟାଳି ଦେଉଛି, ସେ ସ୍ୱର୍ଗରେ କଦାପି ପ୍ରବେଶ କରିପାରିବ ନାହିଁ । ତେଣୁ ତୁମେ ପ୍ରୟାସ କର ଯେ ପବିତ୍ର କୁରଆନରେ ଗୋଟିଏ ବିନ୍ଦୁ ବିସର୍ଗ ବା ଗୋଟିଏ ମାତ୍ରା ମଧ ତୁମ ବିରୁଦ୍ଧରେ ସାକ୍ଷ୍ୟ ନଦେଉ, ଯାହା ଫଳରେ ତୁମେ ସେଥି ସକାଶେ ଧରା ପଡ଼ିଯିବ । କାରଣ ଅଣୁ ମାତ୍ର ଅସତକର୍ମର ମଧ ହିସାବ ନିଆଯିବ । ସମୟ ବହୁତ କମ ଅଛି ଓ ତୁମ ଆୟୁ ସୀମିତ । ତେଣୁ ଶୀଘ୍ର ଶୀଘ୍ର ପାଦ ବଢ଼ାଅ,  ଯେହେତୁ ସଞ୍ଜ ନଇଁ ଆସୁଛି । ଯାହା କିଛି ପ୍ରସ୍ତୁତ କରିବାର ଅଛି, ସେଗୁଡ଼ିକୁ ଭଲ ଭାବେ ପରଖି ନିଅ । ଏପରି ନହେଉ ଯେ କିଛି ରହିଯିବ ଓ ବ୍ୟର୍ଥ ହୋଇଯିବ ଅଥବା ଏପରି ହାନିକାରକ

ସାବ୍ୟସ୍ତ ହେବ ତଥା ଅଚଳ ହୋଇଯିବ, ଯାହା ରାଜ ଦରବାରରେ ଉପସ୍ଥାପନ କରିବା ପାଇଁ ଆଉ ଯୋଗ୍ୟ ହୋଇ ରହିବ ନାହିଁ ।

ମୁଁ ଶୁଣିଛି ଯେ ତୁମମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ହଦିସକୁ ମାନୁ ନାହାନ୍ତି । ଯଦି ସେମାନେ ଏପରି କରୁଛନ୍ତି ତେବେ ସେମାନେ ମସ୍ତବଡ ଭୁଲ୍ କରୁଛନ୍ତି । ମୁଁ ଏପରି କରିବାକୁ ଶିକ୍ଷା ଦେଇନାହିଁ । ବରଂ ମୋର ଦୃଷ୍ଟିକୋଣ ହେଉଛି ଯେ ତିନୋଟି ବିଷୟ ଏପରି ଅଛି ଯାହା ତୁମମାନଙ୍କ ପଥ ପ୍ରଦର୍ଶନ ନିମନ୍ତେ ଈଶ୍ୱର ତୁମକୁ ପ୍ରଦାନ କରିଛନ୍ତି । ସର୍ବପ୍ରଥମେ ପବିତ୍ର କୁରଆନ ।* ଯେଉଁଥିରେ ଏକେଶ୍ୱରବାଦ, ଐଶି ପରାକ୍ରମ ଓ ମହିମା ବିଷୟରେ ବର୍ଣ୍ଣନା କରାଯାଇଛି । ସେଥିରେ ପୁଣି ସେହି ମତଭେଦଗୁଡିକର ସମାଧାନ କରାଯାଇଛି, ଯାହା ଇହୁଦୀ ଓ ଖ୍ରୀଷ୍ଟିୟାନମାନଙ୍କ ଭିତରେ ରହିଥିଲା । ଯେପରିକି ଏହି ମତଭେଦ ତଥା ଭ୍ରାନ୍ତ ଧାରଣା ରହିଛି ଯେ ମରିୟମ ପୁତ୍ର ଯୀଶୁ କ୍ରୁଶବିଦ୍ଧ ଦ୍ୱାରା ହତ୍ୟାର ଶୀକାର ହୋଇଛନ୍ତି ଓ ସେ ଏଥିଯୋଗୁଁ ଅଭିଶପ୍ତ ମୃତ୍ୟୁ ଲାଭ କଲେ, ଯଦ୍ୱାରା ଅନ୍ୟ ନବୀମାନଙ୍କ ପରି ତାଙ୍କର 'ରଫା' ଆଧ୍ୟାତ୍ମିକ ଉନ୍ନତି ହୋଇପାରିଲା ନାହିଁ । ସେହିପରି ପବିତ୍ର କୁରଆନରେ ବାରଣ କରାଯାଇଛି ଯେ ଈଶ୍ୱରଙ୍କ ବ୍ୟତୀତ ତୁମେ ଅନ୍ୟ କାହାର ଉପାସନା କର ନାହିଁ । ନା ମନୁଷ୍ୟର ନା ପଶୁପକ୍ଷୀଙ୍କର ନା ସୂର୍ଯ୍ୟ ଚନ୍ଦ୍ରର କିମ୍ବା କୌଣସି ନକ୍ଷତ୍ରର । ନା ବସ୍ତୁପୂଜା ନା ଆତ୍ମପୂଜା । ସୁତରାଂ ତୁମେ

* ସତଶିକ୍ଷା (ହିଦାୟତ)ର ଦ୍ୱିତୀୟ ମାଧ୍ୟମ ହେଉଛି ସୁନ୍ନତ । ଅର୍ଥାତ୍ ସେହି ଉତ୍ତମ ଆଦର୍ଶ ଯାହାକୁ ହଜରତ ମୁହମ୍ମଦ[ସଅ] ନିଜ ଆଚରିତ କର୍ମପନ୍ଥା ଦ୍ୱାରା ଦେଖାଇ ଯାଇଛନ୍ତି । ଉଦାହରଣ ସ୍ୱରୂପ, ନମାଜ ପଢ଼ି ଦେଖାଇଛନ୍ତି ଯେ ନମାଜ ପାଠ କରିବାର ପଦ୍ଧତି ଏହିପରି ହେବା ଉଚିତ । ରୋଜା ରଖି ଦେଖାଇଛନ୍ତି ଯେ ଏହିପରି ଉପବାସ ପାଳନ କରିବା ଉଚିତ । ଏହାର ନାମ ହେଉଛି ସୁନ୍ନତ । ଅର୍ଥାତ୍ ନବୀଙ୍କ ଆଚରିତ ରୀତିନୀତି ଯେଉଁଥିରେ ଈଶ୍ୱରଙ୍କ ବଚନକୁ ସେ କାର୍ଯ୍ୟରେ କରି ଦେଖାଇଛନ୍ତି । ସତଶିକ୍ଷାର ତୃତୀୟ ମାଧ୍ୟମ ହେଉଛି ହଦିସ, ଯାହା ହଜରତ ମୁହମ୍ମଦ[ସଅ]ଙ୍କ ପରବର୍ତ୍ତୀ ସମୟରେ ତାଙ୍କ ମୁଖନିଃସୃତ ବାଣୀକୁ ସଂକଳନ କରାଯାଇଛି । ହଦିସର ସ୍ଥାନ ପବିତ୍ର କୁରଆନ ଓ ସୁନ୍ନତ୍ ପରେ ମାନ୍ୟତା ଦିଆଯାଇଛି । କାରଣ ଅଧିକାଂଶ ହଦିସ ଆନୁମାନିକ ତଥ୍ୟ ଉପରେ ପର୍ଯ୍ୟବସିତ । କିନ୍ତୁ ଯଦି ତାହା ସହିତ ସୁନ୍ନତ ମିଶି ରହିଥିବ ଓ ତଦନୁରୂପ ହୋଇଥିବ, ତା'ହେଲେ ସେହି ହଦିସର ପ୍ରାମାଣିକତାକୁ ସୁନିଶ୍ଚିତ କରାଯାଇ ପାରିବ ।

ସାବଧାନ ହୋଇଯାଅ ଏବଂ ଈଶ୍ୱର ପ୍ରଦତ୍ତ ସତଶିକ୍ଷା ଓ ପବିତ୍ର କୁରଆନର ନୀତି ଶିକ୍ଷା ବିରୁଦ୍ଧରେ ଗୋଟିଏ ପାଦ ମଧ୍ୟ ଉଠାଅ ନାହିଁ । ମୁଁ ତୁମକୁ ସତ୍ୟ କହୁଅଛି ଯେ ଯେଉଁ ବ୍ୟକ୍ତି ପବିତ୍ର କୁରଆନର ସାତ ଶହ ଧର୍ମାଦେଶ ମଧ୍ୟରୁ ଗୋଟିଏ ଛୋଟ ଆଦେଶକୁ ମଧ୍ୟ ଅମାନ୍ୟ କରେ, ସେ ନିଜ ମୋକ୍ଷର ଦ୍ୱାରକୁ ନିଜ ହାତରେ ବନ୍ଦ କରିଥାଏ । ବାସ୍ତବ ପକ୍ଷେ ସମ୍ପୂର୍ଣ୍ଣ ମୁକ୍ତିର ମାର୍ଗ ପବିତ୍ର କୁରଆନ ହିଁ ସ୍ପଷ୍ଟ ରୂପେ ଉନ୍ମୋଚନ କରି ଦେଇଛି । ଅନ୍ୟ ସବୁ ଶାସ୍ତ୍ର ଏହାର ପ୍ରତିଫଳନ । ତେଣୁ ତୁମେ ପବିତ୍ର କୁରଆନକୁ ଗଭୀର ମନଧ୍ୟାନ ଦେଇ ପାଠ କର ଓ ତାକୁ ବହୁତ ପ୍ରେମ କର । ଏପରି ପ୍ରେମ ଯାହା ତୁମେ କାହାକୁ କରି ନଥିବ । କାରଣ ଯେପରି ଈଶ୍ୱର ମୋତେ ସମ୍ବୋଧନ କରି କହିଛନ୍ତି

**ଅଲ୍‌ଖୈରୋ କୁଲ୍ଲୁହୁ ଫିଲ୍ କୁର୍‌ଆନ୍**   **اَلْخَيْرُ كُلُّهٗ فِى الْقُرْاٰنِ**

ଅର୍ଥାତ୍ 'ସମସ୍ତ ପ୍ରକାରର କଲ୍ୟାଣ ପବିତ୍ର କୁରଆନ ମଧ୍ୟରେ ଭରି ରହିଛି ଓ ଏହା ହିଁ ହେଉଛି ଉତ୍କୃଷ୍ଟ ଶିକ୍ଷା ।' ଏପରି ଲୋକମାନଙ୍କ ପାଇଁ ଦୁଃଖ ଲାଗୁଛି, ଯେଉଁମାନେ ଅନ୍ୟ କାହାକୁ ଏହା ଉପରେ ପ୍ରାଧାନ୍ୟ ଦେଉଛନ୍ତି । ତୁମର ସମସ୍ତ ସଫଳତା ଓ ମୁକ୍ତିର ମୂଳ ଉତ୍ସ ପବିତ୍ର କୁରଆନରେ ରହିଛି । ତୁମର ଏପରି କୌଣସି ଧର୍ମଗତ ଆବଶ୍ୟକତା ନାହିଁ, ଯାହା ପବିତ୍ର କୁରଆନରେ ଉପଲବ୍ଧ ହୋଇନାହିଁ । ମହାପ୍ରଳୟ ଦିନ ତୁମ ବିଶ୍ୱାସ ସତ କି ମିଛ ତାହାର କଷୋଟି ହେଉଛି  ପବିତ୍ର କୁରଆନ । ଆକାଶ ତଳେ ପବିତ୍ର କୁରଆନ ବ୍ୟତୀତ ଅନ୍ୟ କୌଣସି ପୁସ୍ତକ ନାହିଁ ଯାହା ପ୍ରତ୍ୟକ୍ଷ ରୂପେ ତୁମର ପଥ ପ୍ରଦର୍ଶନ କରିପାରିବ । ଈଶ୍ୱର ତୁମ ଉପରେ ଅପାର ଅନୁଗ୍ରହ କରିଛନ୍ତି ଯେ ପବିତ୍ର କୁରଆନ ପରି ପୁସ୍ତକ ତୁମକୁ ଅର୍ପଣ କରିଛନ୍ତି । ମୁଁ ତୁମକୁ ସତ୍ୟ କହୁଅଛି, ଯେଉଁ ପୁସ୍ତକଟି ତୁମ ସମ୍ମୁଖରେ ଆବୃତ୍ତି କରାଯାଇଛି, ଯଦି ତାହା ଖ୍ରୀଷ୍ଟିୟାନମାନଙ୍କ ପ୍ରତି ପଠନ କରାଯାଇ ଥାଆନ୍ତା, ତେବେ ସେମାନ ବିନାଶ ହୋଇ ନଥାନ୍ତେ । ଏହି ପୁରସ୍କାର ତଥା ନୀତିଶିକ୍ଷା ଯାହା ତୁମକୁ ଦିଆଯାଇଛି, ଯଦି ଇହୁଦୀମାନଙ୍କୁ ତୋରାହ ପରିବର୍ତ୍ତେ ଏହାକୁ ଉପଲବ୍ଧ କରାଯାଇ ଥାଆନ୍ତା, ତେବେ ସେମାନଙ୍କ ମଧ୍ୟରୁ କେତେକ ଗୋଷ୍ଠୀ ମହାପ୍ରଳୟର ସ୍ଥିତିକୁ ଅବଜ୍ଞା କରି ନଥାନ୍ତେ । ତେଣୁ ଏହି ଉପକାରର ମହତ୍ୱକୁ ବୁଝ, ଯାହା ତୁମକୁ ଦିଆଯାଇଛି । ଏହା ଅତି ଉତ୍ତମ ଉପକାର, ଏହା ଅଗାଧ ସମ୍ପତ୍ତି । ଯଦି ପବିତ୍ର

କୁରଆନ ସଂସାରକୁ ଆସି ନଥାନ୍ତା, ତେବେ ସଂସାର ଏକ ତୁଚ୍ଛ, ଅପବିତ୍ର ମାଂସ ପିଣ୍ଡୁଳା ପରି ରହି ଥାଆନ୍ତା । **ପବିତ୍ର କୁରଆନ** ହେଉଛି ସେହି ପୁସ୍ତକ ଯାହା ସମ୍ମୁଖରେ ଅନ୍ୟ ସମସ୍ତ ତତ୍ତ୍ୱଜ୍ଞାନ ଓ ପଥପ୍ରଦର୍ଶନର ଶିକ୍ଷା ନଗଣ୍ୟ । ବାଇବେଲକୁ ଆଣିଥିବା ସେହି **ପବିତ୍ର ଆତ୍ମା** କପୋତ ରୂପରେ ପ୍ରକାଶ ହୋଇଥିଲା, ଯାହାକି ଏକ ଦୁର୍ବଳ ପକ୍ଷୀ ଓ ଏହାକୁ ବିରାଡି ମଧ୍ୟ ଧରି ପକାଏ । ତେଣୁ ଖ୍ରୀଷ୍ଟିୟାନମାନେ ଦିନକୁ ଦିନ ଦୁର୍ବଳତାର ଶୀକାର ହୋଇ ଅନୈତିକତାର ଗାତ ମଧ୍ୟରେ ପଡ଼ି ଚାଲିଛନ୍ତି । ତାଙ୍କଠାରେ ଆଧ୍ୟାତ୍ମିକତା ଆଉ ରହିଲା ନାହିଁ । କାରଣ ସେମାନଙ୍କ ବିଶ୍ୱାସର ସମସ୍ତ ଆଧାର କପୋତ ଉପରେ ନ୍ୟସ୍ତ ଥିଲା । କିନ୍ତୁ କୁରଆନ ଭିତ୍ତିକ ପବିତ୍ର ଆତ୍ମା ଏପରି ଶ୍ରେଷ୍ଠତ୍ୱ ରୂପରେ ପ୍ରକଟ ହେଲା, ଯାହା ଧରଣୀରୁ ନେଇ ଆକାଶ ପର୍ଯ୍ୟନ୍ତ ନିଜ ଅସ୍ତିତ୍ୱ ଦ୍ୱାରା ସକଳ ବ୍ରହ୍ମାଣ୍ଡକୁ ଆଧ୍ୟାତ୍ମିକତାରେ ପରିପୂର୍ଣ୍ଣ କରି ଦେଇଥିଲା । ସୁତରାଂ କେଉଁଠି କପୋତର ପ୍ରତୀକ ଓ ଆଉ କେଉଁଠି ଅତି ଅଦ୍ଭୁତ ଓ ଆଲୌକିକ ମହିମାର ପ୍ରକାଶ, ଯାହାର ବିବରଣୀ ପବିତ୍ର କୁରଆନରେ ରହିଛି । ପବିତ୍ର କୁରଆନ ଗୋଟିଏ ସପ୍ତାହରେ ମନୁଷ୍ୟକୁ ପବିତ୍ର କରିପାରେ, ଯଦି ତୁମେ ସ୍ୱୟଂ ତାହାଠାରୁ ଦୂରକୁ ପଳାୟନ କରିବ ନାହିଁ । ଏବଂ ଯଦି କୌଣସି ପ୍ରକାରର ପ୍ରତିବନ୍ଧକ ସୃଷ୍ଟି ନହୁଏ, ତେବେ ପବିତ୍ର କୁରଆନ ତୁମକୁ ନବୀମାନଙ୍କ ସଦୃଶ ଗଢି ଦେଇପାରେ । ପବିତ୍ର କୁରଆନ ଗ୍ରନ୍ଥ ବ୍ୟତୀତ ଅନ୍ୟ କୌଣସି ଧର୍ମପୁସ୍ତକ ପ୍ରାରମ୍ଭରେ ହିଁ ନିଜର ଅଧ୍ୟୟନକାରୀମାନଙ୍କୁ ଏପରି ପ୍ରାର୍ଥନା ଶିଖାଇନାହିଁ ତଥା ଏପରି ଆଶାର ଆଲୋକ ଦେଇନାହିଁ, ଯାହା ଏହି ପବିତ୍ର ବାଣୀରେ ରହିଛି:

**اِهۡدِنَا الصِّرَاطَ الۡمُسۡتَقِيۡمَ صِرَاطَ الَّذِيۡنَ اَنۡعَمۡتَ عَلَيۡهِمۡ**

**ଏହ୍‌ଦେନସ୍ ସିରାତଲ୍ ମୁସ୍‌ତକୀମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଆଲୈହିମ୍**

(ଅଲ ଫାତିହା 1:6,7)

ଅର୍ଥାତ୍ 'ଆମମାନଙ୍କୁ ସେହି ପୁରସ୍କୃତ କରିବାର ମାର୍ଗ ଦେଖାଅ, ଯେଉଁ ମାର୍ଗ ଆମ ପୂର୍ବଜମାନଙ୍କୁ ଦେଖାଇ ଦିଆଯାଇଥିଲା । ଯେଉଁମାନେ ନବୀ, ସିଦ୍ଦିକ୍, ଶହିଦ୍ ଓ ସ୍ୱାଲେହ ହୋଇପାରିବାର ଉପାଧି ପାଇଥିଲେ । ଅର୍ଥାତ ଅବତାର, ସତ୍ୟନିଷ୍ଠ, ଶହିଦ ଓ ପୂଣ୍ୟବାନ ହୋଇଥିଲେ । ତେଣୁ ନିଜର ସାହସକୁ ଦୃଢ଼ କର ଓ

ପବିତ୍ର କୁରଆନର ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରନାହିଁ । କାରଣ ସେ ତୁମକୁ ସେହିସବୁ ପୁରସ୍କାର ଦେବାକୁ ଚାହୁଁଛନ୍ତି, ଯାହା ପୂର୍ବଜମାନଙ୍କୁ ଦିଆଯାଇଥିଲା । କଣ ସେ ଇସ୍ରାଇଲୀୟର ଦେଶ ଓ ସେଠାରେ ରହିଥିବା 'ବୈତୁଲ ମୋକଦସ୍'(ପବିତ୍ର ମହିମା ପୀଠ) ତୁମକୁ ପ୍ରଦାନ କରି ନାହାନ୍ତି, ଯାହା ଆଜି ପର୍ଯ୍ୟନ୍ତ ତୁମ କବ୍‌ଜାରେ ରହିଛି ? ତେଣୁ ହେ ନିର୍ବଳ ଆସ୍ଥାଧାରୀ ଓ ସାହାସରେ ଦୁର୍ବଳତା ପ୍ରକାଶ କରୁଥିବା ଲୋକମାନେ ! କଣ ତୁମେ ଭାବୁଛ ଯେ ତୁମ ଈଶ୍ୱର ଭୌତିକ ରୂପେ ଇସ୍ରାଇଲୀୟମାନଙ୍କ ସମସ୍ତ ସମ୍ପତ୍ତିର ଅଧିକାରୀ ତୁମମାନଙ୍କୁ ତ କରିଦେଲେ, କିନ୍ତୁ ଆଧ୍ୟାତ୍ମିକ ରୂପେ ତୁମକୁ ତାହାର ଉତ୍ତରାଧିକାରୀ କରିପାରିଲେ ନାହିଁ । ଯେବେ କି ଈଶ୍ୱରଙ୍କ ଇଚ୍ଛା ସେମାନଙ୍କ ଅପେକ୍ଷା ତୁମମାନଙ୍କୁ ଅଧିକ ଲାଭ ପହଞ୍ଚାଇବେ ଓ ବୈଭବଶାଳୀ କରିବେ । ଈଶ୍ୱର ତ ତୁମମାନଙ୍କୁ ସେମାନଙ୍କ ଆଧ୍ୟାତ୍ମିକ  ଓ ଭୌତିକ ସାଧନ ତଥା ଧନସମ୍ପତ୍ତିର ଉତ୍ତରାଧିକାରୀ କରିଦେଲେ । କିନ୍ତୁ ଯେପର୍ଯ୍ୟନ୍ତ ମହାପ୍ରଳୟ ନ ଆସିଛି ତୁମ ଉତ୍ତରାଧିକାରୀ ଅନ୍ୟ କେହି ହେବେ ନାହିଁ । ଈଶ୍ୱର ତୁମକୁ ନିଜ ବାଣୀ ଓ ଦିବ୍ୟ ପ୍ରକଟନରୁ କେବେ ବଞ୍ଚିତ କରି ରଖିବେ ନାହିଁ । ସେ ତୁମମାନଙ୍କୁ ସେହି ସବୁ ପୁରସ୍କାର ପ୍ରଦାନ କରିବେ, ଯାହା ଅତୀତରେ ତୁମ ପୂର୍ବଜମାନଙ୍କୁ ଦିଆଯାଇଥିଲା । କିନ୍ତୁ ଯେଉଁ ବ୍ୟକ୍ତି ଔଦ୍ଧତ୍ୟର ମାର୍ଗ ଆପଣାଇବା ସହିତ ଈଶ୍ୱରଙ୍କ ଉପରେ ମିଥ୍ୟାରୋପ ଲଗାଇ କହିବ ଯେ ଈଶ୍ୱରଙ୍କ ଦୈବୀବାଣୀ ଦ୍ୱାରା ମୋତେ ଗୌରବାନ୍ୱୀତ କରିଛନ୍ତି । ଅଥଚ ବାସ୍ତବ ପକ୍ଷେ ତାହା ତାଙ୍କ ପ୍ରତି ଅବତୀର୍ଣ୍ଣ ହୋଇ ନଥିବ । ତେବେ ମୁଁ ଈଶ୍ୱର ଓ ତାଙ୍କ ଦେବଦୂତମାନଙ୍କୁ ସାକ୍ଷୀ ରଖି କହୁଛି ଯେ ଅବଶ୍ୟ ତାଙ୍କୁ ବିନାଶ କରି ଦିଆଯିବ । କାରଣ ସେ ନିଜ ସୃଷ୍ଟିକର୍ତ୍ତାଙ୍କ ପ୍ରତି ମିଥ୍ୟାର କାଳିମା ଲଗାଇଛି, ତାଙ୍କୁ ପ୍ରତାରଣା କରିଛି ଓ ଅହଂକାର ପ୍ରଦର୍ଶନ କରିଛି । ତେଣୁ ତୁମେ ଏପରି କଥାକୁ ଭୟ କର । ସେହି ଲୋକମାନଙ୍କ ଉପରେ ଅଭିଶାପ ପଡିବ, ଯେଉଁମାନେ ମିଥ୍ୟା ସ୍ୱପ୍ନ ଗଢୁଛନ୍ତି ଓ ଈଶ୍ୱରଙ୍କ ସହିତ ସମ୍ଭାଷଣ ତଥା ବାଣୀ ଓ ଆଦେଶ ଦ୍ୱାରା ଗୌରବାନ୍ୱୀତ କରିଥିବାର ମିଥ୍ୟା  ଦାବୀ କରୁଛନ୍ତି । ଅନ୍ୟପକ୍ଷେ ସେମାନେ ମନରେ ଭାବୁଛନ୍ତି ଯେ ଈଶ୍ୱର ନାହାନ୍ତି । କିନ୍ତୁ ଈଶ୍ୱରଙ୍କ ପ୍ରକୋପିତ ଶାସ୍ତି ତାଙ୍କୁ ଅବଶ୍ୟ ମିଳିବ ଓ ସେମାନଙ୍କର ଖରାପ ଦିନ ତାଙ୍କ ଉପରୁ ଟଳି ପାରିବ ନାହିଁ । ତେଣୁ ତୁମେ ସତ୍ୟ, ଶାଳୀନତା ଓ ସଂଯମତା ଅବଲମ୍ବନ କରି

ଈଶ୍ୱର ଭୟ, ନିଷ୍ଠାବାଦୀତା ଓ ଈଶ୍ୱରଙ୍କ ସହିତ ପ୍ରେମରେ ଉନ୍ନତି କର । ନିଜ କାମକୁ ଏପରି ବୁଝିନିଅ ଯେ ଜୀବନ ଥିବା ପର୍ଯ୍ୟନ୍ତ ନିଜର କର୍ତ୍ତବ୍ୟକୁ ନିରନ୍ତର ସମ୍ପାଦନ କରି ଚାଲିବ । ପୁଣି ତୁମମାନଙ୍କ ମଧ୍ୟରୁ ସେ ଯାହାଙ୍କ ପାଇଁ ଇଚ୍ଛା କରିବେ, ତାଙ୍କୁ ନିଜର ବାଣୀ ଓ ବାର୍ତ୍ତାଳାପ ଦ୍ୱାରା ଗୌରବ ମଣ୍ଡିତ କରିବେ । ତୁମର ଏପରି ମଧ୍ୟ ଆକାଙ୍କ୍ଷା ରହିବା ଉଚିତ୍ ନୁହେଁ ଯଦ୍ୱାରା ନିଜର ଆଶା ଓ ଅଭିଳାଷ ଯୋଗୁଁ ଶୈତାନର ତାମସିକ ଆବେଗ ଜନ୍ମ ନେବ । ଏହାଦ୍ୱାରା ଅନେକ ଲୋକ ବିନାଶ ହୋଇ ଯାଉଛନ୍ତି । ତେଣୁ ତୁମେ ମାନବ ସେବା ଓ ପ୍ରଭୁ ଉପାସନାରେ ଲାଗି ରୁହ । ତୁମର ସମସ୍ତ ପ୍ରଚେଷ୍ଟା ଈଶ୍ୱରଙ୍କ ଆଦେଶ ପାଳନ କରିବାରେ ନିୟୋଜିତ ହେବା ଉଚିତ । ମୁକ୍ତିପ୍ରାପ୍ତି ପାଇଁ ବିଶ୍ୱାସ ଓ ଶ୍ରଦ୍ଧାରେ ଉନ୍ନତି କରିଚାଲ । ତାହା ଈଶ୍ୱରଙ୍କ ଦିବ୍ୟ ବାଣୀର ପ୍ରଦର୍ଶନ ପାଇଁ ନୁହେଁ ।

ପବିତ୍ର କୁରଆନ ତୁମମାନଙ୍କ ପାଇଁ ଅନେକ ନୀତି ଉପଦେଶ ଲିପିବଦ୍ଧ କରି ରଖିଛି । ସେଥି ମଧ୍ୟରୁ ଗୋଟିଏ ହେଉଛି ଯେ ତୁମେମାନେ ଶିର୍କ (ଈଶ୍ୱରଙ୍କ ସହିତ ଅନ୍ୟ କାହାକୁ ସମକକ୍ଷ କରିବା)ରୁ ସମ୍ପୂର୍ଣ୍ଣ ରୂପେ ନିବୃତ୍ତ ରୁହ । କାରଣ ମୁଶ୍ରିକ୍ (ଯିଏ ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିଥାଏ) ମୋକ୍ଷ ପ୍ରାପ୍ତିର ମୂଳ ଉତ୍ସକୁ ପାଏନାହିଁ । ତୁମେ ମିଥ୍ୟା କୁହନାହିଁ । କାରଣ ମିଥ୍ୟା ମଧ୍ୟ ହେଉଛି ଶିର୍କ୍‌ର ଗୋଟିଏ ଅଂଶ । **ପବିତ୍ର କୁରଆନ** ତୁମକୁ ବାଇବେଲ ସଦୃଶ ଏହା କହୁନାହିଁ ଯେ କେବଳ ବଦନଜର ଓ କାମ ବାସନାର ଭାବନାରେ ବହିଯାଇ ବିବାହଯୋଗ୍ୟା ମହିଳାମାନଙ୍କୁ ଦେଖନାହିଁ । ବରଂ ଅନ୍ୟ କୌଣସି ଭାବନା ରଖି ତାଙ୍କ ଉପରେ ଦୃଷ୍ଟି ପକାଇଲେ କିଛି ଅସୁବିଧା ହେବ ନାହିଁ ବୋଲି ଭାବ ନାହିଁ । କୁରଆନ କହୁଛି ତୁମେ ଆଦୌ ପରନାରୀକୁ ଖରାପ ଦୃଷ୍ଟିରେ ହେଉ କି ଭଲ ଦୃଷ୍ଟିରେ ହେଉ ଦେଖ ନାହିଁ । କାରଣ ଏହାସବୁ ତୁମପାଇଁ ଠୋକର ଖାଇବାର ସ୍ଥାନ । ଏହା ଉଚିତ ହେବ ଯେ ବିବାହଯୋଗ୍ୟା ମହିଳାମାନଙ୍କ ସମ୍ମୁଖୀନ ହେବା ସମୟରେ ତୁମ ଦୃଷ୍ଟି ତଳକୁ ରହୁ । ତୁମକୁ ତାଙ୍କ ଚେହେରା ବିଷୟରେ କିଛି ଜଣା ନପଡୁ । କିନ୍ତୁ ଝାପସା ଦୃଷ୍ଟିରେ ଦେଖ ଯେପରିକି ଏକ ଧୁଆଁଳିଆ ଦୃଶ୍ୟକୁ ବର୍ଷାର ଆରମ୍ଭ ହେବା ସମୟରେ ମନୁଷ୍ୟ ଦେଖିଥାଏ । **ପବିତ୍ର କୁରଆନ** ତୁମକୁ ବାଇବେଲ ସଦୃଶ ଏହା କହୁନାହିଁ ଯେ ଏତେ ମାତ୍ରାରେ ମଦିରା ପାନ କରନାହିଁ ଯେପରି କି ତୁମେ ମାତାଲ ହୋଇଯିବ ।

ବରଂ କହୁଛି ଯେ ତୁମେ କଦାପି ମଦ୍ୟପାନ କରନାହିଁ । ଅର୍ଥାତ ମଦ ନିକଟକୁ ଆଦୌ ଯାଅ ନାହିଁ । ଅନ୍ୟଥା ତୁମକୁ ଈଶ୍ୱରଙ୍କ ସତ୍‌ମାର୍ଗ ମିଳିବ ନାହିଁ ଓ ଈଶ୍ୱର ତୁମ ସହିତ ବାର୍ତ୍ତାଳାପ କରିବେ ନାହିଁ, ଆଉ ନା ଅପବିତ୍ରତାରୁ ତୁମକୁ ଶୁଦ୍ଧ କରିବେ । ଅଧିକନ୍ତୁ ଏହାସବୁ ଶୈତାନର କାମ । ତେଣୁ ତୁମେ ଏଥିରୁ ବଞ୍ଚିତ ରୁହ । **ପବିତ୍ର କୁରଆନ** ତୁମକୁ ବାଇବେଲ ପରି କେବଳ ଏହା କହୁନାହିଁ ଯେ ନିଜ ଭାଇ ଉପରେ ବିନା କାରଣରେ **କ୍ରୋଧିତ ହୁଅ ନାହିଁ,** ବରଂ କହୁଛି ଯେ ନା କେବଳ ନିଜର କ୍ରୋଧକୁ ଚାପି ରଖ । ବରଂ تَوَاصَوْا بِالْمَرْحَمَةِ **'ତଓ୍ୱାସଓ୍ ବିଲ୍ ମର୍‌ହମା'** (ଅଲ ବଲଦ :୧୮)ର ବାଣୀ ଉପରେ ମଧ୍ୟ ପାଳନ କର ଓ ଅନ୍ୟମାନଙ୍କୁ ମଧ୍ୟ ଏପରି କରିବା ପାଇଁ ପ୍ରୋତ୍ସାହିତ କର । ନା କେବଳ ନିଜେ ଅନ୍ୟ ପ୍ରତି ଦୟା କର ବରଂ ଦୟା କରିବା ପାଇଁ ନିଜର ସମସ୍ତ ଭାଇବନ୍ଧୁମାନଙ୍କୁ ଅନୁପ୍ରେରିତ କର । **ପବିତ୍ର କୁରଆନ** ତୁମକୁ ବାଇବେଲ ପରି ଏହା କହୁନାହିଁ ଯେ ବ୍ୟଭିଚାର ବ୍ୟତୀତ ନିଜ ପତ୍ନୀଙ୍କ ପ୍ରତ୍ୟେକ ଅପବିତ୍ର କର୍ମକୁ ସହ୍ୟ କରିଯାଅ ଓ ତାଙ୍କୁ ବିବାହ ବିଚ୍ଛେଦ କରନାହିଁ, ବରଂ ଏହିପରି କହୁଛି الطَّيِّبٰتُ لِلطَّيِّبِيْنَ **'ଅତ୍‌ତୈଇବାତୁ ଲିତ୍‌ତୈଇବିନା'** (ଅନ ନୁର:୨୮ ) ଅର୍ଥାତ୍ ପବିତ୍ର କୁରଆନର ସିଦ୍ଧାନ୍ତ ହେଉଛି ଅଶୁଦ୍ଧ ବ୍ୟକ୍ତି ବିଶୁଦ୍ଧ ବ୍ୟକ୍ତିଙ୍କ ସହିତ ରହିପାରିବ ନାହିଁ । ତେଣୁ ତୁମ ପତ୍ନୀ ପରପୁରୁଷ ସହିତ ବ୍ୟଭିଚାର କରୁ ନଥିଲେ ମଧ୍ୟ ଯଦି କାମ ବାସନାର ଲୋଲୁପ ଦୃଷ୍ଟିରେ ପରପୁରୁଷଙ୍କୁ ଦେଖୁଛି ତଥା ତାଙ୍କ ସହିତ ମିଳାମିଶା କରୁଛି, ଯଦ୍ୱାରା ଯୌନ ପ୍ରବଣତାର ସେପରି ଉତ୍ତେଜକ ସ୍ଥିତିରେ ପହଞ୍ଚି ଯାଇ ନଥିଲେ ସୁଦ୍ଧା ସେ ଅନ୍ୟକୁ ନିଜର ନଗ୍ନତା ଦେଖାଇ ସାରିଥିବା ଯୋଗୁଁ ଅନେକେଶ୍ୱରବାଦୀ ମଧ୍ୟରେ ଗଣ୍ୟ ହୋଇ ଜଣେ ଚରିତ୍ରହୀନା ନାରୀ ରୂପେ ନିଜକୁ ଦର୍ଶାଉଛି । ତେଣୁ ଯେଉଁ ଏକେଶ୍ୱରଙ୍କ ଅସ୍ତିତ୍ୱ ଉପରେ ତୁମେ ବିଶ୍ୱାସ ରଖିଛ ଯଦି ସେଥିରୁ ତୁମ ପତ୍ନୀ ବିମୁଖ ଥିବାର ଜଣାପଡୁଛି, ତେବେ ସେହି ପରିସ୍ଥିତିରେ ସେହି ଘୃଣିତ କାର୍ଯ୍ୟରୁ ନିବୃତ୍ତ ନରହିଲେ ତୁମେ ତାକୁ ତଲାକ୍ ଦେଇପାରିବ । କାରଣ ସେ ନିଜର କୁକର୍ମ ଯୋଗୁଁ ତୁମଠାରୁ ପୃଥକ ହୋଇଯାଇଛି ଓ ସେ ତୁମର ଆଉ ଅର୍ଦ୍ଧାଙ୍ଗିନୀ ହୋଇ ରହିଲା ନାହିଁ । ତେଣୁ ତୁମ ପାଇଁ ଏବେ ଏହା ବୈଧ ନୁହେଁ ଯେ ତୁମେ ନିର୍ଲଜ୍ଜ ଭାବେ ତା ସହିତ ଜୀବନ ଅତିବାହିତ କରିବ । କାରଣ ସେ ତୁମ ଶରୀରର ଏକ

ଅସନା ଓ ସଢ଼ିଯାଇଥିବା ଅଙ୍ଗ ଯାହା କଟା ହେବାର ଯୋଗ୍ୟ । ଏପରି ନହେଉ ଯେ ସେହି ଅଙ୍ଗଟି ବାକି ସମସ୍ତ ଅଙ୍ଗକୁ ଅପବିତ୍ର ଓ ଖରାପ କରିଦେବା ଫଳରେ ତୁମେ ମରିଯିବ । **କୁରଆନ** ତୁମକୁ ବାଇବେଲ ପରି ଏହା କହୁନାହିଁ ଯେ ତୁମେ କଦାପି ରାଣ ଖାଅ ନାହିଁ । ବରଂ କୁତ୍ସିତ ଓ ଅଯଥା ରାଣ ଖାଇବାରୁ ତୁମକୁ ପ୍ରତିରୋଧ କରୁଛି । କାରଣ କେତେକ ପରିସ୍ଥିତିରେ ରାଣ ଖାଇବା ନିଷ୍ପତ୍ତି ଗ୍ରହଣ କରିବାର ଏକ ମାଧ୍ୟମ ହୋଇଥାଏ ଓ ଈଶ୍ୱର କୌଣସି ପ୍ରକାରେ ପ୍ରମାଣର ମାଧ୍ୟମକୁ ନଷ୍ଟ କରିବାକୁ ଚାହାନ୍ତି ନାହିଁ । ଏହାଦ୍ୱାରା ତାହାର ଯଥାର୍ଥ ନୀତିନିୟମ ନଷ୍ଟ ହୋଇଥାଏ । ଏହା ସ୍ୱଭାବିକ କଥା ଯେ ଯେବେ କୌଣସି ବ୍ୟକ୍ତି ଏକ ବିବାଦ ମୂଳକ ବିଷୟରେ ସାକ୍ଷ୍ୟ ନଦିଏ, ତେବେ ଚୂଡ଼ାନ୍ତ ନିଷ୍ପତ୍ତି ନେବା ପାଇଁ ଈଶ୍ୱରଙ୍କ ସାକ୍ଷ୍ୟର ଆବଶ୍ୟକ ଥାଏ ତଥା ଈଶ୍ୱରଙ୍କ ସେହି ରାଣକୁ ସାକ୍ଷ୍ୟ ରୂପେ ଗ୍ରହଣ କରାଯାଏ । **ପବିତ୍ର କୁରଆନ୍** ତୁମକୁ ବାଇବେଲ ସଦୃଶ ଏହା କହୁନାହିଁ ଯେ ପ୍ରତ୍ୟେକ ସ୍ଥାନରେ ଅତ୍ୟାଚାରୀଙ୍କ ମୁକାବିଲା କରନାହିଁ । ବରଂ ତାହା ଏହିପରି କହୁଛି :

**جَزٰٓؤُا سَيِّئَةٍ سَيِّئَةٌ مِّثۡلُهَا فَمَنۡ عَفَا وَاَصۡلَحَ فَاَجۡرُهٗ عَلَى اللّٰهِ**

**ଜଯାଉ ସଇଆତିନ୍ ସଇଅତୁମ୍ ମିସ୍ଲୁହା ଫମନ୍ ଅଫା ୱଅସ୍ଲହା ଫଅଜ୍‌ରୁହୁ ଅଲଲ୍ଲାହ୍ ।** (ଅଲ ଶୋରା 42:41)

ଅର୍ଥାତ୍ 'ଅନିଷ୍ଟର ପ୍ରତିଶୋଧ ମାତ୍ରା ସେତିକି ଅନିଷ୍ଟ ହେବ, ଯେତିକି ଅନିଷ୍ଟକାରୀ ଦ୍ୱାରା କରାଯାଇଛି ।' କିନ୍ତୁ ଯିଏ କ୍ଷମା ପ୍ରଦାନ କରେ ଓ ତୁମର ସେହି କ୍ଷମା ଆଚରଣ ଯୋଗୁଁ ତାର ସୁଧାର ଆସିଯାଏ, ତେବେ ଈଶ୍ୱର ତାଙ୍କ ଉପରେ ପ୍ରସନ୍ନ ହୁଅନ୍ତି ଓ ତାକୁ ସେ ଏହାର ପ୍ରତିଫଳ ଅବଶ୍ୟ ପ୍ରଦାନ କରିବେ । ତେଣୁ ପବିତ୍ର କୁରଆନ ଅନୁସାରେ ନା ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଶୋଧ ନେବା ଉଚିତ ନା ପ୍ରତ୍ୟେକ ସ୍ଥାନରେ କ୍ଷମା ଦେବା ସମିଚୀନ ହେବ । ବରଂ ସ୍ଥାନ, ପରିସ୍ଥିତିର ଅନୁକୂଳରେ ଯଥୋଚିତ ବ୍ୟବହାର କରିବା ଉଚିତ । ଏହା ବିଧେୟ ହେବ ଯେ ପ୍ରତିଶୋଧ ଓ କ୍ଷମା ଆଚରଣ ସ୍ଥାନ, କାଳ, ପାତ୍ର ଅନୁଯାୟୀ କରାଯାଉ ଏବଂ ଆବଶ୍ୟକତା ଦୃଷ୍ଟିରୁ ତଥା ଉଭୟ ପକ୍ଷର ହିତକୁ ଦେଖି ତାହା ନିର୍ଦ୍ଦିଷ୍ଟ କରାଯାଉ । ମନ ଇଚ୍ଛାରେ କିମ୍ବା ପ୍ରତିକୂଳ ପରିସ୍ଥିତିରେ ଆଦୌ ନୁହେଁ । ଏହା ହିଁ ପବିତ୍ର କୁରଆନର ଅସଲ ଭାବାର୍ଥ । **ପବିତ୍ର କୁରଆନ** ବାଇବେଲ ପରି ଏହା କହୁନାହିଁ

ଯେ ନିଜ **ଶତ୍ରୁ**ଙ୍କ ସହିତ ପ୍ରେମ କର । ବରଂ ଏହା କହୁଛି ଯେ ତୁମର କେହି ଶତ୍ରୁ ହିଁ ରହିବା ଉଚିତ ନୁହେଁ ଓ ତୁମର ସହାନୁଭୂତି ସମସ୍ତଙ୍କ ପାଇଁ ସାଧାରଣ କରାଯାଉ । କିନ୍ତୁ ଯେଉଁ ବ୍ୟକ୍ତି ତୁମ ଈଶ୍ୱରଙ୍କ ଶତ୍ରୁ, ତୁମ ରସୁଲଙ୍କ ଶତ୍ରୁ ତଥା ଐଶ୍ୱରୀକ ପୁସ୍ତକର ଶତ୍ରୁ, ସେ ମଧ୍ୟ ତୁମର ଶତ୍ରୁ ପଦବାଚ୍ୟ ହେବ । ତୁମେ ଏପରି ଲୋକମାନଙ୍କୁ ଈଶ୍ୱରଙ୍କ ଆଡକୁ ନିମନ୍ତ୍ରଣ  କର ଓ ନିଜ ପ୍ରାର୍ଥନାରୁ ସେମାନଙ୍କୁ ବଞ୍ଚିତ କର ନାହିଁ । ଏହା କରିବା ଉଚିତ ହେବ ଯେ ତୁମେ ସେମାନଙ୍କ କାର୍ଯ୍ୟ ସହିତ ଶତ୍ରୁତା ରଖ, ସେମାନଙ୍କ ବ୍ୟକ୍ତିତ୍ୱ ସହିତ ନୁହେଁ ଏବଂ ପ୍ରୟାସ କର ଯେ ସେମାନେ କିପରି ସୁଧୁରି ଯାଆନ୍ତୁ । ଏଥି ସମ୍ବନ୍ଧରେ ଅଲ୍ଲାଃ କହିଛନ୍ତି :

إِنَّ اللّٰهَ يَأْمُرُ بِالْعَدْلِ وَالْإِحْسَانِ وَإِيتَآئِ ذِى الْقُرْبٰى

**ଇନ୍ନଲ୍ଲାହା ୟାମୁରୁ ବିଲ୍‌ଅଦ୍‌ଲି ୱଲ୍‌ଏହ୍‌ସାନେ ୱଇତାଏଜିଲ୍ କୁର୍‌ବା**

(ଅଲ ନହଲ 16:91)

ଅର୍ଥାତ୍ ଈଶ୍ୱର ତୁମଠାରୁ କଣ ଚାହୁଁଛନ୍ତି ? କେବଳ ଏୟା ଯେ ତୁମେ ସମସ୍ତ ମାନବ ସହିତ ନ୍ୟାୟ ବିଚାର କର । ପୁଣି ତା’ ଠାରୁ ଅଧିକ ଯେ ଯେଉଁମାନେ ତୁମର କୌଣସି ମଙ୍ଗଳ କରି ନାହାନ୍ତି, ସେମାନଙ୍କର ମଧ୍ୟ ତୁମେ କଲ୍ୟାଣ କର । ପୁଣି ତତୋଽଧିକ ଯେ ଯେପରି ମାତା ନିଜ ସନ୍ତାନ ସହିତ ସହାନୁଭୂତି ଓ ଉଦାରଭାବ ଦେଖାଇଥାଏ, ସେହିପରି ତୁମେ ଈଶ୍ୱରଙ୍କ ସୃଷ୍ଟଜଙ୍କ ସହିତ ସହାନୁଭୂତି ପ୍ରଦର୍ଶନ କର, ଯେପରିକି ତୁମେ ସେମାନଙ୍କର ପ୍ରକୃତ ବନ୍ଧୁ ଓ ନିକଟ ସମ୍ପର୍କୀୟ । କାରଣ ପରୋପକାର ଏକ ପ୍ରକାର ଆତ୍ମ ପ୍ରଦର୍ଶନର ଭାବ, ଯାହା ସୁପ୍ତ ଅବସ୍ଥାରେ ଥାଏ ଓ ସେହି ବ୍ୟକ୍ତି କେବେ ବେଳ ପଡିଲେ ନିଜର ଉପକାରକୁ ସର୍ବସାଧାରଣରେ ବଖାଣି ବସିଥାଏ । କିନ୍ତୁ ଯେଉଁ ବ୍ୟକ୍ତି ମାତା ସଦୃଶ ସୋହାଗ ପୂର୍ଣ୍ଣ ଆବେଗ ରଖି ପରର ହିତସାଧନ କରେ, ସେ କଦାପି ଆତ୍ମ ବଡିମା ପୂର୍ବକ ଆପଣାକୁ ପ୍ରଦର୍ଶିତ କରିପାରିବ ନାହିଁ । ତେଣୁ କଲ୍ୟାଣ ସାଧନ କରିବାର ପ୍ରକୃଷ୍ଟ ସ୍ତର ହେଉଛି ସ୍ୱାଭାବିକ ଆବେଗ ଯାହା ମାତା ସଦୃଶ ହେବା ଉଚିତ । ଏହି କୁରଆନ ପଙ୍କ୍ତିରେ ନା କେବଳ ମାନବ ପ୍ରଜାଙ୍କ ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି, ବରଂ ଈଶ୍ୱରଙ୍କ ସମ୍ବନ୍ଧରେ ମଧ୍ୟ ଏଥିରେ ଉଲ୍ଲେଖ ରହିଛି । ଈଶ୍ୱରଙ୍କ ସହିତ ନ୍ୟାୟ କରିବା ଅଭିପ୍ରାୟ ହେଉଛି, ତାଙ୍କ ପୁରସ୍କାରଗୁଡିକୁ ସ୍ମରଣ କରି ତାଙ୍କର ଆଜ୍ଞାବହ

ହେବା ଓ ଈଶ୍ୱରଙ୍କ ପ୍ରତି ଅନୁଗ୍ରହ ସ୍ୱରୂପ ତାଙ୍କ ଅସ୍ତିତ୍ୱ ଉପରେ ଏପରି ବିଶ୍ୱାସ ସ୍ଥାପନ କରିବା ଯେପରି ଈଶ୍ୱରଙ୍କୁ ସାକ୍ଷାତରେ ଦେଖୁଅଛି । ଈଶ୍ୱରଙ୍କ ସହିତ **'ଇତାଏଜିଲ୍ କୁର୍‌ବା'**ର ତାତ୍ପର୍ଯ୍ୟ ହେଉଛି ତାଙ୍କର ଉପାସନା କରିବା, ଯାହା କଦାପି ସ୍ୱର୍ଗ ପ୍ରାପ୍ତିର ଲାଳସା ରଖି ହୋଇ ନଥିବ କିମ୍ବା ନର୍କର ଭୟ ଯୋଗୁଁ ହୋଇ ନଥିବ । ବରଂ ଯଦି ଏହା ଧରି ନିଆଯାଏ ଯେ ନା ସ୍ୱର୍ଗ ଅଛି ନା ନର୍କ ଅଛି, ତଥାପି ପ୍ରେମର ଆବେଗ ଓ ଆଜ୍ଞାବହତା ମାନବ ସ୍ୱଭାବରେ କୌଣସି ଫରକ ପକାଇବ ନାହିଁ । ବାଇବେଲରେ ଲେଖାଯାଇଛି, ଯେଉଁ ଲୋକମାନେ ତୁମକୁ ଅଭିଶାପ ଦେଉଛନ୍ତି ସେମାନଙ୍କ ସକାଶେ ତୁମେ ବରଦାନର କାମନା କର । କିନ୍ତୁ ପବିତ୍ର କୁରଆନ କହୁଛି ଯେ ତୁମେ ତୁମ ଆପଣା ଇଚ୍ଛାରେ କିଛି ହେଲେ କରନାହିଁ । ତୁମେ ନିଜ ହୃଦୟକୁ ଯାହା ଈଶ୍ୱରଙ୍କ ଅଲୌକିକ ପ୍ରକାଶର ଗୃହ, ପଚାରି ବୁଝ ଓ ନିଜ ଅନ୍ତରାତ୍ମା ଠାରୁ ପରାମର୍ଶ ନିଅ ଯେ ଏପରି ବ୍ୟକ୍ତିଙ୍କ ସହିତ କିପରି ବ୍ୟବହାର କରିବା ଉଚିତ । ସୁତରାଂ ଯଦି ଈଶ୍ୱର ତୁମ ହୃଦୟରେ ଏହି ସତ୍‌ଚିନ୍ତାର ଭାବ ପକାଇ ଦିଅନ୍ତି ଯେ ଏହି ଅଭିଶାପ ଦେବା ବ୍ୟକ୍ତିଜଣକ ତୁମ ଦୟାର ପାତ୍ର ଓ ସେ କେବେ ଆକାଶରେ ଦୈବୀ ଅଭିଶାପ ଯୋଗ୍ୟ ନୁହେଁ, ତେବେ ତୁମେ ମଧ୍ୟ ତାକୁ ଅଭିଶାପ ଦିଅନାହିଁ ଯଦ୍ୱାରା ତୁମେ ଈଶ୍ୱର ବିରୋଧି ହେବ ନାହିଁ । କିନ୍ତୁ ଯଦି ତୁମେ ବିବେକାନୁମୋଦିତ ପନ୍ଥାରେ ତାକୁ ସମର୍ଥନ କରୁନାହଁ ଓ ତୁମ ହୃଦୟରେ ଏହି ଭାବନା ଜାଗ୍ରତ କରାଇ ଦିଆଯାଇଛି ଯେ ଆକାଶରୁ ସେହି ବ୍ୟକ୍ତି ଅଭିଶାପରେ କବଳିତ ହେବ, ତେବେ ତୁମେ ତା' ପାଇଁ ମଙ୍ଗଳ କାମନା କରନାହିଁ । ଯେପରି ଶୈତାନ ପାଇଁ କୌଣସି ନବୀ ବରଦାନ ଦେବାକୁ ଇଚ୍ଛା କରି ନାହାନ୍ତି ଓ କୌଣସି ନବୀ ତାକୁ ଅଭିଶାପରୁ ମୁକ୍ତ କରି ନାହାନ୍ତି, ତେବେ କାହାକୁ ଅଭିଶାପ ଦେବାରେ ତୁମେ ତତ୍ପରତା ପ୍ରକାଶ କରନାହିଁ । କାରଣ ଅଧିକାଂଶ ମନ୍ଦ ଭାବନାର ଆକଳନ ମିଥ୍ୟା ହୋଇଥାଏ, ଯଦ୍ୱାରା ଅନେକ ଅଭିଶାପ ଓଲଟି ତୁମ ନିଜ ଉପରେ ହିଁ ପଡ଼ିଥାଏ । ତେଣୁ ନିଜକୁ ସମ୍ଭାଳି ପାଦ ଉଠାଅ ଓ ସଂପୂର୍ଣ୍ଣ ସତର୍କତାର ସହିତ ପ୍ରତ୍ୟେକ କାର୍ଯ୍ୟ କର । ଈଶ୍ୱରଙ୍କଠାରୁ ସାହାଯ୍ୟ ଭିକ୍ଷା କର, ଯେହେତୁ ତୁମେ ଚକ୍ଷୁ ଥାଇ ବି ଅନ୍ଧ । ଏପରି ନହେଉ ଯେ ତୁମେ ନ୍ୟାୟଶୀଳ ବ୍ୟକ୍ତିକୁ ଅତ୍ୟାଚାରୀ ବୋଲି ବିଚାରିବ ଓ ସତ୍ୟବାଦୀକୁ ମିଥ୍ୟାବାଦୀ ରୂପେ ବିବେଚନା କରିବ । ଏହିପରି ତୁମେ

ନିଜ ଈଶ୍ୱରଙ୍କୁ ଅସନ୍ତୁଷ୍ଟ କରିଦେବ ଓ ତୁମର ସମସ୍ତ ପୁଣ୍ୟକର୍ମ ବ୍ୟର୍ଥ ହୋଇଯିବ ।

ସେହିପରି ବାଇବେଲରେ କୁହାଯାଇଛି ଯେ ତୁମେ ନିଜର ଶୁଭ କାର୍ଯ୍ୟକୁ ଲୋକ ଦେଖାଣିଆ ହୋଇ କର ନାହିଁ । କିନ୍ତୁ ପବିତ୍ର କୁରଆନ କହୁଛି ଯେ ତୁମେ ଏପରି କର ନାହିଁ, ଯଦ୍ୱାରା ତୁମର ସମସ୍ତ କାର୍ଯ୍ୟ ଜନମାନସ ଠାରୁ ଲୁକ୍କାୟିତ ହୋଇ ରହିବ । ବରଂ ତୁମେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନିଜର କିଛି ପୁଣ୍ୟ କର୍ମକୁ ଗୁପ୍ତ ରୂପେ କର, ଯେବେ କି ତୁମେ ଏହା ଅନୁଭବ କରିବ ଯେ ଏହି କାର୍ଯ୍ୟକୁ ଲୁଚାଇ ରଖି କରିବା ତୁମ ସକାଶେ ମଙ୍ଗଳକର ହେବ । ଏବଂ କେତେକ କର୍ମ ଅନ୍ୟମାନଙ୍କୁ ଦେଖାଇ ମଧ୍ୟ କର । ଯେବେ କି ତୁମେ ଏହା ଦେଖ ଯେ ଏହାର ବାହ୍ୟ ପ୍ରଦର୍ଶନ କରିବା ଦ୍ୱାରା ସେଥିରେ ସାଧାରଣ ଲୋକଙ୍କର ହିତ ଅଛି । ଏହାର ପ୍ରତି ବଦଳରେ ତୁମକୁ ଦୁଇଗୁଣା ପୂଣ୍ୟ ମିଳିବ । ଯେଉଁ ଦୁର୍ବଳ ଲୋକମାନେ ସତକର୍ମ କରିବା ପାଇଁ ମନରେ ସାହସ ଜୁଟାଇ ପାରୁ ନଥିଲେ, ଏହାଦ୍ୱାରା ସେମାନେ ମଧ୍ୟ ତୁମକୁ ଅନୁସରଣ କରି ସେହି ପୁଣ୍ୟ କାର୍ଯ୍ୟକୁ ସମ୍ପାଦନ କରିବେ । ସୁତରାଂ ଅଲ୍ଲାଃତାଲା ପବିତ୍ର କୁରଆନରେ କହିଛନ୍ତି :

**ସିର୍‌ରଉଁ ଓ୍ୱ ଅଲାନିୟାଃ** سِرًّا وَّعَلَانِيَةً (ଅଲ ରାଦ୍ 13:23)

ଅର୍ଥାତ୍ 'ଲୋକଙ୍କ ଅଗୋଚରରେ ମଧ୍ୟ ସତକର୍ମ କର ଓ ଲୋକଙ୍କୁ ଦେଖାଇ ସେମାନଙ୍କ ଜ୍ଞାତସାରରେ ମଧ୍ୟ ସତକର୍ମ କର ।' ଏହି ନିର୍ଦ୍ଦେଶର ତାତ୍ପର୍ଯ୍ୟ ମଧ୍ୟ ଅଲ୍ଲାଃ ସ୍ୱୟଂ କହି ଦେଇଛନ୍ତି । ଯାହାର ସାରମର୍ମ ହେଉଛି ଯେ କେବଳ ବଚନ ଦ୍ୱାରା ନୁହେଁ ନିଜର କାର୍ଯ୍ୟ ଦ୍ୱାରା ମଧ୍ୟ ଲୋକମାନଙ୍କୁ ବୁଝାଅ ଓ ତାହା କରିବା ପାଇଁ ପ୍ରୋତ୍ସାହିତ କର । କାରଣ ବହୁ ସ୍ଥାନରେ ନିଜର ବଚନ ଲୋକଙ୍କୁ ପ୍ରଭାବିତ କରି ନଥାଏ, ବରଂ ଅଧିକାଂଶ କ୍ଷେତ୍ରରେ ନିଜର କର୍ମର ଆଦର୍ଶ ଦୃଷ୍ଟାନ୍ତ ଲୋକଙ୍କ ପ୍ରତି ବିଶେଷ ପ୍ରଭାବ ପକାଇଥାଏ ।

ସେହିପରି ବାଇବେଲରେ ଏହା ମଧ୍ୟ ଉଲ୍ଲେଖ ଅଛି ଯେ ଯେବେ ତୁମେ ପ୍ରାର୍ଥନା କରିବାକୁ ମନ ବଳାଉଛ, ତେବେ ନିଜ କୋଠରୀ ଭିତରକୁ ଯାଅ ଓ ନିଭୃତରେ ପ୍ରାର୍ଥନା କର । କିନ୍ତୁ ପବିତ୍ର କୁରଆନ ଏହି ଶିକ୍ଷା ଦେଉଛି ଯେ ନିଜ ପ୍ରାର୍ଥନାକୁ ପ୍ରତ୍ୟେକ ସ୍ଥଳରେ ଗୋପନ ରଖ ନାହିଁ । ବରଂ ତୁମେ ଲୋକମାନଙ୍କ ସମ୍ମୁଖରେ ଓ ନିଜ ଭାଇବନ୍ଧୁଙ୍କ ଗହଣରେ ଏକତ୍ରିତ ହୋଇ ଖୋଲାଖୋଲି ଭାବରେ

ପ୍ରାର୍ଥନା କର । କାରଣ ଯଦି କୌଣସି ପ୍ରାର୍ଥନା ଈଶ୍ୱରଙ୍କ ଛାମୁରେ ଗୃହୀତ ହୋଇଯାଏ, ତେବେ ସେଠାରେ ରୁଣ୍ଡ ହୋଇଥିବା ସେହି ବ୍ୟକ୍ତିମାନଙ୍କ ଆସ୍ଥା ଓ ବିଶ୍ୱାସ ଉନ୍ନତିର କାରଣ ହେବ ଓ ସେମାନେ ପ୍ରାର୍ଥନାରେ ଆଗ୍ରହ ପ୍ରକାଶ କରିବା ସହିତ ଅନ୍ୟ ଲୋକମାନେ ମଧ୍ୟ ଈଶ୍ୱର ଉପାସନା ପ୍ରତି ଆକୃଷ୍ଟ ହେବେ ।

ବାଇବେଲରେ ଲେଖାଅଛି ଯେ ତୁମେମାନେ ଏହିପରି ପ୍ରାର୍ଥନା କର, 'ହେ ଆମର ପିତା ଯିଏ ଆକାଶରେ ଅଛ ! ତୁମ ନାମ ପବିତ୍ର, ପୃଥିବୀରେ ତୁମ ସାମ୍ରାଜ୍ୟ ପ୍ରତିଷ୍ଠା ହେଉ । ତୁମ୍ଭ ଇଚ୍ଛା ଯେପରି ଆକାଶରେ କାର୍ଯ୍ୟକାରୀ ହେଉଛି, ତାହା ଭୂପୃଷ୍ଠରେ ମଧ୍ୟ ପ୍ରଚଳିତ ହେଉ । ଆଜି ଆମକୁ ଆମର ଦୈନନ୍ଦିନ ରୁଟି ଦେଇଦିଅ । ଯେପରି ଆମେ ଋଣ ଗ୍ରହୀତା ବ୍ୟକ୍ତିଙ୍କୁ ଋଣମୁକ୍ତ କରି ଦେଉଛୁ, ତୁମ୍ଭେ ସେପରି ଆମର ଋଣ ବୋଝରୁ ଆମକୁ ମୁକ୍ତ କରିଦିଅ । ତୁମ୍ଭେ ଆମମାନଙ୍କୁ ପରୀକ୍ଷାରେ ପକାଅ ନାହିଁ । ବରଂ ତୁମ୍ଭେ ଆମମାନଙ୍କୁ ପାପରୁ ଉଦ୍ଧାର କର । କାରଣ ସାମ୍ରାଜ୍ୟ, କ୍ଷମତା ଓ ପ୍ରତିପତ୍ତି ଏସବୁ କେବଳ ତୁମ୍ଭ ସକାଶେ ଉଦ୍ଦିଷ୍ଟ ।'

(ମାଥିଉ 6:9,13)

କିନ୍ତୁ ପବିତ୍ର କୁରଆନ ଏହି ଶିକ୍ଷା ଦିଏ ଯେ ଏହି ପୃଥିବୀ ଈଶ୍ୱରଙ୍କ ପବିତ୍ରତାରୁ ଶୂନ୍ୟ ନୁହେଁ । କେବଳ ଆକାଶରେ ନୁହେଁ, ଏହି ଧରଣୀ ବକ୍ଷରେ ମଧ୍ୟ ପ୍ରଭୁଙ୍କ ପବିତ୍ରତାର ମହିମାଗାନ କରାଯାଇଛି ।

ଯେପରି କି ସେ କହିଛନ୍ତି :

وَاِنْ مِّنْ شَيْءٍ اِلَّا يُسَبِّحُ بِحَمْدِهٖ

**ଓ୍ୱଇମ୍‌ମିନ୍ ଶୈଇନ୍ ଇଲ୍ଲା ୟୁସବ୍‌ବିହୁ ବିହମ୍‌ଦିହୀ ।**

(ବନି ଇସ୍ରାଇଲ୍ 17:45)

يُسَبِّحُ لِلّٰهِ مَا فِي السَّمٰوٰتِ وَمَا فِي الْاَرْضِ

**ୟୁସବ୍‌ବିହୂ ଲିଲ୍ଲାହି ମାଫିସ୍ ସମାଓ୍ୱାତି ଓ୍ୱମାଫିଲ୍ ଅର୍‌ଜ୍ ।**

(ଅଲ୍ ଜୁମା 62:2)

ଅର୍ଥାତ 'ଏହି ପୃଥିବୀ ଓ ଆକାଶର ଅଣୁ ପରମାଣୁ ପ୍ରଭୁଙ୍କ ପ୍ରଶଂସା ଗାନ କରୁଛନ୍ତି ଓ ତାଙ୍କ ପବିତ୍ରତାର ଅହରହ ଜୟଗାନ କରୁଛନ୍ତି ।' ଏବଂ ଯାହାକିଛି

ଏମାନଙ୍କ ମଧ୍ୟରେ ରହିଛି, ସେ ସକଳ ବସ୍ତୁ ଈଶ୍ୱରଙ୍କ ମହିମା ଓ ପବିତ୍ରତାର ଗୁଣଗାନ କରିବାରେ ନିୟୋଜିତ ରହିଛନ୍ତି । ପର୍ବତ ତାଙ୍କ ଯଶଗାନ କରିବାରେ ନିମଜ୍ଜିତ । ସାଗର ତାହାଙ୍କ ସ୍ତୁତିଗାନ କରୁଛି । ବୃକ୍ଷରାଜି ତାହାଙ୍କ ସେବାରେ ଧ୍ୟାନରତ । ବହୁ ସଦାଚାରୀ ଧର୍ମପ୍ରାଣ ବ୍ୟକ୍ତି ତାଙ୍କ ଉପାସନାରେ ନିମଗ୍ନ । କିନ୍ତୁ ଯେଉଁ ବ୍ୟକ୍ତି ତା'ର ହୃଦୟ ଓ ଜିହ୍ୱାରୁ ଉଚ୍ଚାରିତ ବାକ୍ୟ ଦ୍ୱାରା ଈଶ୍ୱରଙ୍କ ଜୟଗାନ କରିବାରେ ମଗ୍ନ ରହୁନାହିଁ ତଥା ପ୍ରଭୁଙ୍କ ସମକ୍ଷରେ ବିନମ୍ରତା ପ୍ରଦର୍ଶନ କରୁନାହିଁ, ସେପରି ବ୍ୟକ୍ତିଙ୍କୁ ଈଶ୍ୱର ଯାବତୀୟ ଦୈବି ବିପତ୍ତି ଓ ଦୁଃଖ ଦୁର୍ଦ୍ଦଶା ଦ୍ୱାରା ପରୀକ୍ଷାରେ ପକାଇ ତାକୁ ବିନମ୍ର କରାଇଥାନ୍ତି । ଦେବଦୂତଗଣ ଯେପରି ଏକାଗ୍ରତାର ସହିତ ପ୍ରଭୁଙ୍କର ସଂପୂର୍ଣ୍ଣ ଆଜ୍ଞାବହ ହୋଇ କାର୍ଯ୍ୟ କରୁଛନ୍ତି, ଯାହାର ଉଲ୍ଲେଖ ପବିତ୍ର କୁରଆନରେ ରହିଛି । ତଦନୁରୂପ ପ୍ରତିଟି ପତ୍ରଲତା, ପ୍ରତ୍ୟେକ ପଦାର୍ଥ କଣିକା ଈଶ୍ୱରଙ୍କ ପ୍ରତି ଆଜ୍ଞାନୁବର୍ତ୍ତୀତାର ଭାବ ବ୍ୟକ୍ତ କରୁଥିବା ବିଷୟ ମଧ୍ୟ ସେଥିରେ ରହିଛି । ତାହାଙ୍କ ଆଜ୍ଞା ନହେଲେ ଗଛରୁ ପତ୍ରଟିଏ ମଧ୍ୟ ତଳେ ପଡେ ନାହିଁ । ତାହାଙ୍କ ଆଦେଶ ବିନା କୌଣସି ଔଷଧ ମଧ୍ୟ ରୋଗୀକୁ ଆରୋଗ୍ୟ ପ୍ରଦାନ କରିପାରେ ନାହିଁ, ନା କୌଣସି ସୁଷମ ଖାଦ୍ୟ କାହାକୁ ଉତ୍ତମ ସ୍ୱାସ୍ଥ୍ୟ ଦେଇପାରେ । ପାର୍ଥିବ ଜଗତର ପ୍ରତ୍ୟେକ ଉପାଦାନ ଈଶ୍ୱରଙ୍କ ଶ୍ରୀଚ୍ଛାମୁରେ ଶରଣାଗତ ହୋଇ ମସ୍ତକ ପ୍ରଣିପାତ କରୁଛି ଓ ଅହରହ ନିଜର ଆନୁଗତ୍ୟ ପ୍ରକାଶ କରୁଛି । ପାହାଡ ପର୍ବତର ଶୀଳାଖଣ୍ଡ ଓ ଭୂପୃଷ୍ଠର ପ୍ରତ୍ୟେକ ବସ୍ତୁକଣିକା, ସାଗର ଓ ନଦୀର ପ୍ରତ୍ୟେକ ଜଳବିନ୍ଦୁ, ବୃକ୍ଷ ଲତାର ପ୍ରତିଟି ପତ୍ର, ମନୁଷ୍ୟ ଓ ପଶୁର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗ ନିଜ ପରମକର୍ତ୍ତା ପରମେଶ୍ୱରଙ୍କ ପରିଚୟ ପ୍ରଦାନ କରନ୍ତି, ତାଙ୍କ ଆଜ୍ଞା ପାଳନ କରନ୍ତି ଓ ତାଙ୍କ ବଶତା ସ୍ୱୀକାର କରନ୍ତି । ତାହାଙ୍କ ଗୌରବର ଗୁଣଗାନ ମଧ୍ୟ କରନ୍ତି । ସୁତରାଂ ପବିତ୍ର କୁରଆନରେ ଅଲ୍ଲାଃତାଲା ଏହିପରି କହିଛନ୍ତି :

يُسَبِّحُ لِلّٰهِ مَا فِي السَّمٰوٰتِ وَمَا فِي الْاَرْضِ

**ୟୁସବ୍‌ବିହୁ ଲିଲ୍ଲାହି ମାଫିସ୍ ସମାୱ୍ୱାତି ୱ୍ୱମା ଫିଲ୍ ଅର୍‌ଜେ ।**

(ଅଲ୍ ଜୁମା 62:2)

ଅର୍ଥାତ 'ଯେପରି ଆକାଶର ପ୍ରତ୍ୟେକ ବସ୍ତୁ ଅଲ୍ଲାଃଙ୍କ ଗୁଣ କୀର୍ତ୍ତନ ଓ ପବିତ୍ରତାର ଘୋଷଣା କରିଥାଏ, ସେହିପରି ପୃଥିବୀରେ ମଧ୍ୟ ପ୍ରତ୍ୟେକ ବସ୍ତୁ

ତାହାଙ୍କ ଜୟଗାନ ଓ ପବିତ୍ର ହେବାର ଘୋଷଣା କରିଥାଏ ।’

ତେବେ ଏହା କିପରି କୁହାଯାଇ ପାରିବ ପୃଥିବୀ ପୃଷ୍ଠରେ ଈଶ୍ୱରଙ୍କ ପବିତ୍ର ମହିମା ଉଦ୍‌ଘୋଷିତ ହେଉନାହିଁ । କାରଣ ଜଣେ ପ୍ରବୀଣ ବିଦ୍ୱାନ ବ୍ୟକ୍ତିଙ୍କ ତୁଣ୍ଡରେ ଏପରି କହିବା ଶୋଭା ପାଏ ନାହିଁ ଏବଂ ଏହି ଆବେଗପୂର୍ଣ୍ଣ ବିଷୟ ମୁଖରେ କେବେ ଉଚ୍ଚାରିତ ହୋଇ ନଥାଏ । ବରଂ ପାର୍ଥିବ ଉପାଦାନ ମଧ୍ୟରୁ କୌଣସି ବସ୍ତୁ ଈଶ୍ୱରଙ୍କ ବିଧାନଗତ ଆଦେଶ ମାନିଥାନ୍ତି ତ ଅନ୍ୟ କେହି ଐଶି ନିର୍ଦ୍ଦେଶିତ ନିୟମର ପାଳନ କରିଥାନ୍ତି । ଅନ୍ୟ କେତେକ ଉଭୟ ବିଷୟ ପ୍ରତି ବିଧିବଦ୍ଧ ଭାବେ ଆଜ୍ଞାବହ ହେବାର ପ୍ରୟାସରେ ଅଣ୍ଟା ଭିଡି ବାହାରି ପଡନ୍ତି । କି ମେଘ କି ବାୟୁ, କି ଅଗ୍ନି କି ପୃଥିବୀ ସମସ୍ତେ ଈଶ୍ୱରଙ୍କ ଆଜ୍ଞାନୁବହ ହେବା ଓ ତାଙ୍କ ମହିମା ଗାନ କରିବା ସହିତ ପ୍ରଗାଢ଼ ଭକ୍ତି ଓ ଉତ୍ସର୍ଗୀକୃତ ଭାବ ପ୍ରଦର୍ଶନ କରିଥାନ୍ତି ।

ଯଦି କୌଣସି ମନୁଷ୍ୟ ଐଶ୍ୱରିକ ନିୟମଗତ ଆଦେଶକୁ ଅମାନ୍ୟ କରୁଛି, ତା’ ହେଲେ ସେ ପ୍ରକୃତି ବିଧାନଗତ ଆଦେଶକୁ ଅବଶ୍ୟ ପାଳନ କରୁଥିବ । କେହି ହେଲେ ଏହି ଦୁଇଟିଯାକ ଦୈବି ଆଜ୍ଞାର ପରିସରରୁ ବାହାରେ ରହି ପାରିବେ ନାହିଁ । ପ୍ରତ୍ୟେକ ପ୍ରାଣୀ କୌଣସି ନା କୌଣସି ରୂପରେ ଏହି ସ୍ୱର୍ଗୀୟ ସାମ୍ରାଜ୍ୟ ପ୍ରତି ନତମସ୍ତକ ହେବାକୁ ବାଧ ହୋଇଥାନ୍ତି । ଏହା ସତ୍ୟ ଯେ ମନୁଷ୍ୟ ହୃଦୟର ସ୍ୱଚ୍ଛତା ଓ ଅନୈତିକତା ରହିଥିବା ଦୃଷ୍ଟିକୋଣରୁ ଦେଖିଲେ ଈଶ୍ୱରଙ୍କୁ ସ୍ମରଣ କରିବା ଓ ତାଙ୍କ ପ୍ରତି ଅମନଯୋଗୀ ହେବା ଆଦି ଏହି ଦୁଇଟିଯାକ ବିଷୟ ପୃଥିବୀରେ ଦେଖିବାକୁ ମିଳିଥାଏ । କିନ୍ତୁ ଏହି ଉତ୍‌ଥାନ ପତନ ମନକୁ ମନ ଘଟେ ନାହିଁ । ବରଂ ଈଶ୍ୱରଙ୍କ ଭେଦ ଓ ଇଚ୍ଛା ଉପରେ ଏହା ନିର୍ଭର କରେ । ସେ ଯାହା ଚାହିଁଛନ୍ତି, ତାହା ହିଁ ଘଟିଛି । ଦିନ ଓ ରାତିର ପରିବର୍ତ୍ତନ ହେବା ପରି ଈଶ୍ୱରଙ୍କ ମାର୍ଗଦର୍ଶନ ଓ ଏଥିରେ ବ୍ୟତିକ୍ରମ ପଛକୁ ପଛ ଗୋଟିଏ ପରେ ଗୋଟିଏ ପରିବର୍ତ୍ତନ କେବେ ଆପଣା ଛାଏଁ ନହୋଇ ତାହାଙ୍କ ଦିବ୍ୟଦୃଷ୍ଟି ଓ ନିର୍ଦ୍ଦେଶ ଅନୁଯାୟୀ ଘଟିଥାଏ । ଏସବୁ ସତ୍ତ୍ୱେ ପ୍ରତ୍ୟେକ ବସ୍ତୁ ତାହାଙ୍କ ଦିବ୍ୟ ସ୍ୱର ଶୁଣନ୍ତି ଓ ତାଙ୍କର ମହିମା ଗାନ କରନ୍ତି । ମାତ୍ର ବାଇବେଲ କହେ ଯେ ପୃଥିବୀ ଈଶ୍ୱରଙ୍କ ମହିମାରୁ ବଞ୍ଚିତ ହୋଇ ରହିଛି । ଏହାର କାରଣ ସେହି ଗ୍ରନ୍ଥରେ ଉଲ୍ଲେଖ ଥିବା ପ୍ରାର୍ଥନାର ପରବର୍ତ୍ତୀ ପଙ୍‌କ୍ତିରେ ସଙ୍କେତ ସ୍ୱରୂପ ଏହିପରି ବର୍ଣ୍ଣନା କରାଯାଇଛି ଯେ ଏବେ ସୁଦ୍ଧା ପୃଥିବୀରେ ଈଶ୍ୱରଙ୍କ ସାମ୍ରାଜ୍ୟ ସ୍ଥାପିତ

ହୋଇନାହିଁ । ତାହାଙ୍କ ସ୍ୱର୍ଗୀୟ କ୍ଷମତା ମର୍ତ୍ତ୍ୟରେ ଅଧିଷ୍ଠିତ ନହେବା ଯୋଗୁଁ ତାହାଙ୍କ ଇଚ୍ଛା କାର୍ଯ୍ୟକାରୀ ହୋଇ ପାରିନାହିଁ, ଯାହା ସ୍ୱର୍ଗରେ ହୋଇଛି । ଅପର ପକ୍ଷେ ପବିତ୍ର କୁରଆନର ଶିକ୍ଷା ଏହାଠାରୁ ସଂପୂର୍ଣ୍ଣ ବିପରୀତ । ଏହା ସ୍ପଷ୍ଟ ରୂପେ କହିଛି ଯେ କୌଣସି ଚୋର, ହତ୍ୟାକାରୀ, ବ୍ୟଭିଚାରୀ, ଅବିଶ୍ୱାସୀ, ଧର୍ମଦ୍ରୋହୀ ଓ ଅତ୍ୟାଚାରୀ ବ୍ୟକ୍ତି କୌଣସି ପ୍ରକାର ଅସତ୍‌କର୍ମ ସେ ପର୍ଯ୍ୟନ୍ତ ପୃଥିବୀରେ କରିପାରିବ ନାହଁ, ଯେ ପର୍ଯ୍ୟନ୍ତ ଆକାଶରେ ତାହା କରିବାର ଅଧିକାର ତାକୁ ଦିଆ ନଯାଇଛି । ତେଣୁ ଏହା କିପରି କୁହାଯାଇ ପାରିବ ଯେ ସ୍ୱର୍ଗର ରାଜତ୍ୱ ମର୍ତ୍ତ୍ୟରେ କାର୍ଯ୍ୟକାରୀ ହୋଇନାହିଁ ? କ'ଣ ପୃଥିବୀରେ ଈଶ୍ୱରଙ୍କ କ୍ଷମତାର ପ୍ରୟୋଗ ଓ ଆଦେଶକୁ କାର୍ଯ୍ୟକାରୀ କରିବାରେ କେତେକ ପ୍ରତିକୂଳ ବାଧାବିଘ୍ନ ସୃଷ୍ଟିକାରୀ ଶକ୍ତି ବାଟ ଓଗାଳିଛନ୍ତି ? ନା, ଏହା କଦାପି ନୁହେଁ । ଅଲ୍ଲାଃ ହିଁ ପବିତ୍ର, ଗୌରବଶାଳୀ !

ସୁତରାଂ ସ୍ୱୟଂ ପରମେଶ୍ୱର ସ୍ୱର୍ଗରେ ଦେବଦୂତଗଣଙ୍କ ସକାଶେ ଏକ ନିୟମ ପ୍ରଣୟନ କଲେ ଏବଂ ମର୍ତ୍ତ୍ୟଲୋକରେ ମନୁଷ୍ୟମାନଙ୍କ ପାଇଁ ଭିନ୍ନ ଏକ ନିୟମ । ପୁଣି ଈଶ୍ୱର ନିଜର ଆକାଶୀୟ ସାମ୍ରାଜ୍ୟରେ ଦେବଦୂତମାନଙ୍କୁ କୌଣସି ସ୍ୱତନ୍ତ୍ର ଅଭିରୁଚି ଦେଇ ନାହାନ୍ତି । କେବଳ ସେମାନଙ୍କ ସ୍ୱଭାବରେ ଆଜ୍ଞାବହ ହେବା ଗୁଣ ନିହିତ ଅଛି । ଏହି ବୈଶିଷ୍ଟ୍ୟ ଥିବା ଯୋଗୁଁ ଈଶ୍ୱରଙ୍କ ଆଦେଶର ଅବଜ୍ଞା କରିବାର ସାମର୍ଥ୍ୟ ତାଙ୍କଠାରେ ନାହିଁ । କୌଣସି ତ୍ରୁଟି ନକରିବା ଓ କୌଣସି ବିଷୟ ପାଶୋରି ନଯିବା ସେମାନଙ୍କର ସହଜାତ ପ୍ରବୃତ୍ତି । କିନ୍ତୁ ମନୁଷ୍ୟର ପ୍ରକୃତିରେ ଗ୍ରହଣ କରିବା ଓ ଅଗ୍ରାହ୍ୟ କରିବାର ଉଭୟ ରୁଚି ରହିଛି । ଯେହେତୁ ସେମାନଙ୍କୁ ଏହି ସାମର୍ଥ୍ୟ ଉର୍ଦ୍ଧ୍ୱରୁ ପ୍ରଦାନ କରାଯାଇଛି, ତେଣୁ ଏହା କୁହାଯାଇ ପାରିବ ନାହିଁ ଯେ ଜଣେ ଅବଜ୍ଞାକାରୀ ବ୍ୟକ୍ତି ରହିଥିବା ଯୋଗୁଁ ଈଶ୍ୱରଙ୍କ ରାଜତ୍ୱ ପୃଥିବୀ ପୃଷ୍ଠରୁ ଉଠି ଯାଇଛି । ବରଂ ଈଶ୍ୱରଙ୍କ ରାଜତ୍ୱ ପ୍ରତ୍ୟେକ କ୍ଷେତ୍ରରେ ଓ ସବୁ ସମୟରେ ପୃଥିବୀରେ ପ୍ରଚଳିତ ହୋଇ ଆସୁଛି । ହଁ, କେବଳ ଦୁଇଟି ପ୍ରଣାଳୀ ପାଇଁ ନିୟମର ବ୍ୟବସ୍ଥା ରହିଛି । ଗୋଟିଏ ହେଉଛି ସ୍ୱର୍ଗରେ ଦେବଦୂତମାନଙ୍କ ପାଇଁ ଐଶ୍ୱରିକ ଆଇନଗତ ଆଦେଶ । ଯାହାକୁ ସେମାନେ କେତେବେଳେ ହେଲେ ଅମାନ୍ୟ କରିପାରିବେ ନାହିଁ କି କଦାପି କୌଣସି ଖରାପ କର୍ମ ମଧ୍ୟ କରିପାରିବେ ନାହିଁ । ଅନ୍ୟ ନିୟମଟି ପୃଥିବୀରେ ମନୁଷ୍ୟ ସକାଶେ ଉଦ୍ଦିଷ୍ଟ । ଏହି ଐଶ୍ୱରିକ ବିଧାନ ଅନ୍ତର୍ଗତ ବ୍ୟବସ୍ଥାରେ

ମନୁଷ୍ୟ ମନ୍ଦ କର୍ମ କରିବାର ଅବସର ପାଇଥାଏ । କିନ୍ତୁ ଯଦି ସେ ଈଶ୍ୱରଙ୍କ ଠାରୁ ଏଥିରୁ ଦୂରେଇ ରହିବା ପାଇଁ ଶକ୍ତି ମାଗିବ, ଅର୍ଥାତ 'ଇସ୍ତଗ୍‌ଫାର୍'(କ୍ଷମାଭିକ୍ଷା) କରିବ, ତେବେ ପବିତ୍ର ଆତ୍ମାଙ୍କ ସମର୍ଥନ ହାସଲ କରି ସେ ନିଜ ଦୋଷ ଦୁର୍ବଳତାକୁ ଦୂରେଇ ଦେଇ ପାରିବ । ଈଶ୍ୱରଙ୍କ ଅବତାର ଓ ବାର୍ତ୍ତାବହମାନଙ୍କ ପରି ସେ ପାପରୁ ନିଜକୁ ନିରାପଦ ରଖି ପାରିବ ।

ଯେଉଁମାନେ ପାପରେ କବଳିତ ହୋଇ ସାରିଛନ୍ତି, ସେମାନେ ପ୍ରଭୁଙ୍କ ଠାରୁ କ୍ଷମା ଯାଚନା କଲେ ଏହି ଲାଭ ମିଳେ ଯେ ପାପର ପ୍ରତିଫଳରୁ ଅର୍ଥାତ ଦୈବି ଶାସ୍ତିରୁ ରକ୍ଷା ପାଇଯା'ନ୍ତି । କାରଣ ଆଲୋକ ଆସିଲେ ଅନ୍ଧାର ଅପସରି ଯାଏ । କିନ୍ତୁ ଯେଉଁ ଦୋଷୀମାନେ ପ୍ରାର୍ଥନା କରନ୍ତି ନାହିଁ, ଅର୍ଥାତ ଈଶ୍ୱରଙ୍କ ଠାରୁ ସାମର୍ଥ୍ୟ ଭିକ୍ଷା କରି ନଥା'ନ୍ତି, ସେ ନିଜ କୁକର୍ମର ଶାସ୍ତି ଭୋଗ କରୁଥାନ୍ତି । ଦେଖ, ଆଜିକାଲି ପ୍ଲେଗର ବ୍ୟାଧି ମଧ୍ୟ ଦୈବି ଶାସ୍ତି ସ୍ୱରୂପ ପୃଥିବୀରେ ଅବତରଣ କରିଛି ଏବଂ ଈଶ୍ୱର ବିରୋଧି ଦୁଷ୍ଟ ବ୍ୟକ୍ତିମାନେ ଏହାର ପ୍ରକୋପ ଯୋଗୁଁ ବିନାଶ ହୋଇ ଚାଲିଛନ୍ତି । ପୁଣି କାହିଁକି କୁହାଯିବ ଯେ ଈଶ୍ୱରଙ୍କ ସାମ୍ରାଜ୍ୟ ପୃଥିବୀ ଉପରେ ଆଧିପତ୍ୟ ବିସ୍ତାର କରିନାହିଁ ?

ଏହି ଧାରଣା ମନରେ ଆଣ ନାହିଁ ଯେ ଯଦି ପୃଥିବୀରେ ଈଶ୍ୱରଙ୍କ ସାମ୍ରାଜ୍ୟ ତିଷ୍ଠି ରହିଛି, ତେବେ କାହିଁକି ଜନମାନସରେ ଅପରାଧ ଘଟୁଛି ? କାରଣ ଅତ୍ୟାଚାର ଆଦି ଅପରାଧ ମଧ୍ୟ ଈଶ୍ୱରଙ୍କ ବୈଧାନିକ ନିଷ୍ପତ୍ତି ଅଧୀନରେ ଆସୁଛି । ଯଦିଚ ଅପରାଧ କରୁଥିବା ବ୍ୟକ୍ତି ଶରୀୟତ ନିୟମର ବହିର୍ଭୁତ ହୋଇଯାଆନ୍ତି, ମାତ୍ର ସେମାନେ ଅବଶ୍ୟ ଆଇନଗତ ଆଦେଶର ଅନ୍ତର୍ଭୁକ୍ତ । ଅର୍ଥାତ ଈଶ୍ୱରଙ୍କ ବୈଧାନିକ ନିଷ୍ପତ୍ତି ବାହାରକୁ ଯାଇପାରିବେ ନାହିଁ । ତା'ହେଲେ କେମିତି କୁହାଯିବ ଯେ ପାପାଚାରୀ ତଥା ଦୋଷ କରୁଥିବା ବ୍ୟକ୍ତି ଐଶି ସାମ୍ରାଜ୍ୟର ଜୁଆଳି ନିଜ ବେକରେ ଲଦି ନାହାନ୍ତି ?......

ଯଦି ଐଶ୍ୱରିକ ନିୟମ ଏତେ କଠୋର ହୋଇଯିବ ଯେ ପ୍ରତ୍ୟେକ ବ୍ୟଭିଚାରୀ ଉପରେ ବିଜୁଳିର ଚଡକ ପଡିବ, ପ୍ରତ୍ୟେକ ଚୋର ଏପରି ରୋଗରେ ଆକ୍ରାନ୍ତ ହେବ ଯେ ହାତ ଗୋଡ ସଢ଼ି ଖସି ପଡିବ ଓ ପ୍ରତ୍ୟେକ ଦୁଷ୍ଟ ବ୍ୟକ୍ତି ଈଶ୍ୱରଙ୍କ ଅମାନ୍ୟକାରୀ ତଥା ଧର୍ମଦ୍ରୋହୀ ହେବା ଦ୍ୱାରା ପ୍ଲେଗ ରୋଗରେ ଛଟପଟ ହୋଇ

ମରିବ, ତା'ହେଲେ ସପ୍ତାହଟାଏ ବିତିବା ଆଗରୁ ହିଁ ସମଗ୍ର ଦୁନିଆ ସତ୍ୟନିଷ୍ଠ, ଧର୍ମନିଷ୍ଠ ତଥା ନୈତିକ ଆଚରଣର ଆଭୁଷଣ ପରିଧାନ କରିପାରେ । ସୁତରାଂ ଈଶ୍ୱରଙ୍କ ତିଆରି ମର୍ତ୍ତ୍ୟ ଭୁବନରେ ତାଙ୍କର ସାମ୍ରାଜ୍ୟ ତ ରହିଛି, କିନ୍ତୁ ସ୍ୱର୍ଗୀୟ ନିୟମକୁ କୋହଳ କରାଯିବା ଯୋଗୁଁ ଏପରି ସ୍ୱାଧୀନତା ଦିଆଯାଇଛି ଯେ ଦୁରାଚାରୀ ଓ ଅପରାଧି ବ୍ୟକ୍ତି ଶୀଘ୍ର ଧରା ପଡନ୍ତି ନାହିଁ । ହଁ, ସେମାନଙ୍କୁ ଶାସ୍ତି ତ ମିଳେ, ଭୁମିକମ୍ପ ଆସେ, ଆକସ୍ମିକ ବଜ୍ରପାତ ହୁଏ, ଅଗ୍ନି ଉଦ୍‌ଗୀରଣ ହୋଇ ବାଣ ଫୁଟିଲା ପରି ହଜାର ହଜାର ଧନ ଜୀବନର ପ୍ରଭୂତ କ୍ଷୟକ୍ଷତି ଘଟାଏ । ଜାହାଜ ବୁଡିଯାଆନ୍ତି, ରେଳ ଦୁର୍ଘଟଣାରେ ଶହ ଶହ ଜୀବନ ଚାଲିଯାଏ । ଝଡ ବାତ୍ୟା ଆସେ, ଘରଦ୍ୱାର ନିମିଷକେ ଭାଙ୍ଗି ପଡେ, କାଳସର୍ପ ଦଂଶନ କରେ, ହିଂସ୍ରଜନ୍ତୁ ଚିରି ଫାଡି ଖାଇଯାଏ, ରୋଗ ସଂକ୍ରମିତ ହୋଇ ବ୍ୟାପିଯାଏ । ଏପରି ଗୋଟିଏ ନୁହେଁ, ବିଧ୍ୱଂସର ଅନେକ ଦ୍ୱାର ଖୋଲି ଯାଏ ଓ ମନୁଷ୍ୟ ଜୀବନକୁ ଛାରଖାର କରିଦିଏ । ସେହି ଅପରାଧିମାନଙ୍କୁ ଶାସ୍ତି ଦେଇ ଧୂଳିସାତ କରିବା ପାଇଁ ଈଶ୍ୱରଙ୍କ ପ୍ରାକୃତିକ ନିୟମ ଏହିସବୁ ବିପର୍ଯ୍ୟୟକୁ ପୂର୍ବରୁ ନିୟୋଜିତ କରି ରଖିଥାଏ । ଏପରି ସ୍ଥଳେ ପୁଣି କିପରି କୁହାଯିବ ଯେ ଈଶ୍ୱରଙ୍କର ସାମ୍ରାଜ୍ୟ ପୃଥିବୀରେ ଅବସ୍ଥାପିତ ହୋଇ ନାହିଁ ?

ଏହା ହିଁ ସତ୍ୟ ଯେ ସାମ୍ରାଜ୍ୟ ତ ଅଛି । ପ୍ରତ୍ୟେକ ଅପରାଧିଙ୍କ ହାତରେ ହାତକଡି ଓ ପାଦରେ ବେଡି ପଡିଛି । କିନ୍ତୁ ସେହି ବୌଦ୍ଧିକ ଐଶି ଶକ୍ତି ବିଜ୍ଞତାର ପରିଚୟ ଦେଇ ଏପରି ଭାବରେ ନିଜ ନିୟମକୁ କୋହଳ କରିଦେଇଛି ଯେ ସେହି ହାତର କଡି ଓ ପାଦର ବେଡି ତତ୍‌କ୍ଷଣାତ ନିଜର ପ୍ରଭାବ ଦେଖାନ୍ତି ନାହିଁ । ମନୁଷ୍ୟ ଯଦି ଶେଷରେ ନିଜ କୁକର୍ମରୁ କ୍ଷାନ୍ତ ହୁଏ ନାହିଁ, ସେମାନେ ତାକୁ ନର୍କ ମୁହଁରେ ନେଇ ପହଞ୍ଚାଇ ଦିଅନ୍ତି । ଏପରି ନର୍କାଗ୍ନିର ଜ୍ୱାଳାରେ ପଡି ଘାଣ୍ଟି ହେଉଥାଏ, ଯେପରିକି ଜଣେ ପାପାଚାରୀ ବ୍ୟକ୍ତି ନା ବଞ୍ଚିରହି ପାରିବ ନା ମରି ପାରିବ ।

ସଂକ୍ଷେପରେ କହିଲେ, ଦୁଇ ପ୍ରକାର ନିୟମର ବ୍ୟବସ୍ଥା ଲାଗୁ କରା ଯାଇଥାଏ । ତନ୍ମଧ୍ୟରୁ **ପ୍ରଥମ ନିୟମ** ଦେବଦୂତମାନଙ୍କ ସହିତ ସଂପୃକ୍ତ । ଅର୍ଥାତ ସେମାନେ କେବଳ ଆଜ୍ଞାପାଳନ କରିବା ସକାଶେ ସୃଷ୍ଟି ହୋଇଛନ୍ତି । ସେମାନଙ୍କ ଆଜ୍ଞାନୁବର୍ତ୍ତୀତା କେବଳ ସେମାନଙ୍କ ଉଜ୍ଜ୍ୱଳ ସ୍ୱଭାବର ବିଶେଷତ୍ୱ । ସେମାନେ ପାପ କରିପାରିବେ ନାହିଁ । ମାତ୍ର ପୁଣ୍ୟରେ ଉନ୍ନତି ବି କରିପାରିବେ ନାହିଁ । **ଦ୍ୱିତୀୟ**

**ନିୟମ**ର ବ୍ୟବସ୍ଥା ମନୁଷ୍ୟ ସକାଶେ ପ୍ରଣିଧାନ କରାଯାଇଛି । ଅର୍ଥାତ ମନୁଷ୍ୟର ସ୍ୱଭାବରେ ରଖାଯାଇଛି ଯେ ସେମାନେ ପାପ କରିପାରନ୍ତି । କିନ୍ତୁ ପୁଣ୍ୟରେ ମଧ୍ୟ ଉନ୍ନତି ଲାଭ କରିପାରନ୍ତି । ଏହି ଦୁଇଟିଯାକ ପ୍ରକୃତିଗତ ନିୟମ ସେମାନଙ୍କ ସହଜାତ ପ୍ରବୃତ୍ତିକୁ ଦର୍ଶାଉଛି ଯାହା ଅପରିବର୍ତ୍ତନୀୟ । ଯେପରି ଦେବଦୂତ ମନୁଷ୍ୟ ହୋଇପାରିବେ ନାହିଁ, ସେହିପରି ମନୁଷ୍ୟ ମଧ୍ୟ ଦେବଦୂତ ହୋଇପାରିବେ ନାହିଁ । ଏହା ଅଟଳ ଓ ଶାଶ୍ୱତ । ସେଥିପାଇଁ ଆକାଶୀୟ ବିଧାନ ପୃଥିବୀକୁ ଆସିପାରିବ ନାହିଁ । ଆଉ ନା ପୃଥିବୀର ନିୟମ ଦେବଦୂତଙ୍କ ପାଇଁ ଲାଗୁ ହୋଇପାରିବ । ଯଦି ମନୁଷ୍ୟ ନିଜର ଅସତ କର୍ମ ତଥା ଅପରାଧର ଅନ୍ତ ଘଟାଇବ, ଯାହା ସକାଶେ ତାକୁ ପ୍ରାୟଶ୍ଚିତ କରିବାକୁ ପଡିବ । ତାହା ମନୁଷ୍ୟକୁ ଦେବଦୂତ ଠାରୁ ମଧ୍ୟ ଅଧିକ ଶ୍ରେଷ୍ଠତର କରି ଦେଇପାରେ । କାରଣ ଦେବଦୂତମାନଙ୍କର ପ୍ରଗତି କରିବାର ପଥ ଆଦୌ ନଥାଏ । କିନ୍ତୁ ମନୁଷ୍ୟର ପାପକୁ ପ୍ରାୟଶ୍ଚିତ ଦ୍ୱାରା କ୍ଷମା କରାଯାଇଥାଏ । ଈଶ୍ୱରଙ୍କ ଭେଦ ଏଥିରେ ରହିଛି ଯେ କେତେକ ମନୁଷ୍ୟକୁ ସେ ପାପ କରିବା ପାଇଁ ଛାଡି ଦେଇଥାନ୍ତି । ଯାହା କରିବା ଦ୍ୱାରା ସେମାନେ ନିଜର ଦୋଷ ଦୁର୍ବଳତା ପ୍ରତି ସଚେତନ ହୋଇ ପାରିବେ ଓ ହୁଏତ ସେମାନେ ପ୍ରାୟଶ୍ଚିତ ମାଧ୍ୟମରେ କ୍ଷମା ପାଇଯିବେ । ଏହି ନିୟମ ହିଁ ମନୁଷ୍ୟ ସକାଶେ ନିର୍ଦ୍ଧାରଣ କରାଯାଇଛି ଓ ଏହା ମନୁଷ୍ୟର ସ୍ୱଭାବ ସହିତ ଖାପ ଖାଉଛି ।

ଭୁଲ କରିବା ଓ ଭୁଲିଯିବା ହେଉଛି ମନୁଷ୍ୟ ପ୍ରକୃତିର ବିଶେଷତ୍ୱ । ଏହି ବିଶେଷତ୍ୱ ଦେବଦୂତଙ୍କ ପାଖରେ ନାହିଁ । ସୁତରାଂ ଦେବଦୂତମାନଙ୍କ ପାଇଁ ଲାଗୁ କରାଯାଇଥିବା ନିୟମ ମନୁଷ୍ୟ ଉପରେ ଲଦି ଦିଆଯାଇ ପାରିବ ନାହିଁ । ଏହା ପ୍ରକାରାନ୍ତେ ଏକ ଭୁଲ ହେବ, ଯଦି ଶକ୍ତିମାନ ଈଶ୍ୱରଙ୍କ ପ୍ରତି କୌଣସି ପ୍ରକାର ଦୋଷ ଦୁର୍ବଳତାକୁ ଆରୋପିତ କରାଯିବ । କେବଳ ନିୟମ କାର୍ଯ୍ୟକାରୀ ହେବାର ପରିଣତି ହିଁ ପୃଥିବୀରେ ଦୃଷ୍ଟିଗୋଚର ହୋଇଥାଏ । ଅଲ୍ଲାଃ କ୍ଷମା କରନ୍ତୁ, କ'ଣ ଈଶ୍ୱର ଏତେ ମାତ୍ରାରେ ଦୁର୍ବଳ ଯାହାଙ୍କ ରାଜତ୍ୱ, ଆଧିପତ୍ୟ, କର୍ତ୍ତୃତ୍ୱ ତଥା ଗୌରବ କେବଳ ଆକାଶ ପର୍ଯ୍ୟନ୍ତ ସୀମିତ ହୋଇ ରହିଛି ? ଅଥବା ପୃଥିବୀର ଅନ୍ୟ କେହି ଈଶ୍ୱର ଅଛନ୍ତି, ଯିଏ କି ପୃଥିବୀକୁ ଜବର ଦଖଲ କରିରଖିଛି ? ତେଣୁ ଖ୍ରୀଷ୍ଟଧର୍ମୀମାନେ ଏହି କଥା ଉପରେ ଜୋର ଦେବା ଉଚିତ ନୁହେଁ ଯେ ଈଶ୍ୱରଙ୍କ ସାମ୍ରାଜ୍ୟ କେବଳ ଆକାଶରେ ନିଜର ଆଧିପତ୍ୟ ଜାହିର କରିଛି ଓ ଏହା ଅଦ୍ୟାବଧି

ପୃଥିବୀକୁ ଆସିନାହିଁ । କାରଣ ସେମାନେ ଏହି ଧାରଣାର ବଶବର୍ତ୍ତୀ ହୋଇଛନ୍ତି ଯେ ଆକାଶ କିଛି ନୁହେଁ ଅର୍ଥାତ ଏହାର ସ୍ଥିତି ମୂଲ୍ୟହୀନ । ଯଦି ଆକାଶର କିଛି ହେଲେ ସ୍ଥିତି ନାହିଁ, ଯେଉଁଠାରେ ଈଶ୍ୱରଙ୍କ ସାମ୍ରାଜ୍ୟ ଚାଲିବା କଥା ଏବଂ ପୃଥିବୀ ଉପରେ ଏ ପର୍ଯ୍ୟନ୍ତ ଈଶ୍ୱରଙ୍କ ସାମ୍ରାଜ୍ୟ ପ୍ରତିଷ୍ଠା ହୋଇନାହିଁ, ତା' ହେଲେ ଏହାର ଅର୍ଥ ତାହାଙ୍କ ରାଜତ୍ୱ କେଉଁଠାରେ ହେଲେ ଶାସନ କରୁନାହିଁ ? ଅଥଚ ଆମେ ଏହା ସ୍ୱଚକ୍ଷୁରେ ଦେଖୁଛୁ ଯେ ଈଶ୍ୱରଙ୍କ ସାମ୍ରାଜ୍ୟ ପୃଥିବୀରେ ଅନୁଭୂତ ହେଉଛି । ତାହାଙ୍କ ନିୟମ ଅନୁସାରେ କେତେବେଳେ ହେଲେ ବି ଆମ ଜୀବନର ଅନ୍ତ ଘଟୁଛି ଓ ଆମ ଅବସ୍ଥାରେ କ୍ରମାଗତ ପରିବର୍ତ୍ତନ ହେଉଛି । ଆମେ ନାନାଦି ପ୍ରକାର ସୁଖ ସ୍ୱାଚ୍ଛନ୍ଦ୍ୟ ଓ ଦୁଃଖ ଯନ୍ତ୍ରଣା ଭୋଗ କରୁଥାଇଁ । ଆମେ ଏହା ଦେଖୁଛୁ ଯେ ହଜାର ହଜାର ଲୋକ ଈଶ୍ୱରଙ୍କ ଆଜ୍ଞାରେ ମୃତ୍ୟୁ ଲାଭ କରୁଛନ୍ତି ଓ ହଜାର ହଜାର ପୁଣି ଜନ୍ମ ନେଉଛନ୍ତି । ପ୍ରାର୍ଥନା ଗୃହୀତ ହେଉଛି, ନିଦର୍ଶନମାନ ପ୍ରକାଶ ହେଉଛି । ହଜାରେ କିସମର ପନିପରିବା ଓ ଫଳପୁଷ୍ପ ଇତ୍ୟାଦିକୁ ତାଙ୍କ ନିର୍ଦ୍ଦେଶ କ୍ରମେ ଭୁପୃଷ୍ଠ ଉପୁଜାଉଛି । ତେବେ କ'ଣ ଏ ସବୁ ଈଶ୍ୱରଙ୍କ ସାମ୍ରାଜ୍ୟ ବ୍ୟତୀତ ସମ୍ଭବ ହୋଇପାରେ ? ଅଧିକନ୍ତୁ ଆକାଶୀୟ ପିଣ୍ଡ ଗୋଟିଏ ଆକାର ଧାରଣ କରି ଏକ ନିର୍ଦ୍ଦିଷ୍ଟ ଅବସ୍ଥାରେ କ୍ରମାଗତ ଭାବେ ଚଳମାନ ହେଉଥିବାର ପ୍ରତୀତ ହୁଏ । ସେଗୁଡିକର ବହିର୍ପାର୍ଶ୍ୱ ବଦଳୁଥିବାର କିଛିବି ଅନୁଭୂତ ହୁଏ ନାହିଁ, ଯଦ୍ଦ୍ୱାରା ଜଣେ ପରିବର୍ତ୍ତନକାରୀ ସତ୍ତା ରହିଥିବାର ଜଣା ପଡନ୍ତା । ମାତ୍ର ପୃଥିବୀ ହଜାରେ ପ୍ରକାର ଆକୃତି ପରିବର୍ତ୍ତନ, ବିବର୍ତ୍ତନ ତଥା ବିପ୍ଳବର ଚିହ୍ନ ଦେଖାଇଥାଏ । ପ୍ରତି ଦିନ କୋଟି କୋଟି ଲୋକ ମୃତ୍ୟୁ ମୁଖରେ ପଡୁଛନ୍ତି ତ କୋଟି କୋଟି ଶିଶୁ ଜନ୍ମ ଗ୍ରହଣ କରୁଛନ୍ତି । ପ୍ରତ୍ୟେକ ଦିଗରୁ ଓ ପ୍ରତି କ୍ଷେତ୍ରରେ ଜଣେ ପରାକ୍ରମଶାଳୀ ସୃଷ୍ଟିକର୍ତ୍ତାଙ୍କ ନିୟନ୍ତ୍ରଣ ଅନୁଭୂତ ହେଉଛି । ତଥାପି କ'ଣ ଆଜି ପର୍ଯ୍ୟନ୍ତ ଈଶ୍ୱରଙ୍କ ଦ୍ୱାରା ଶାସିତ ସାମ୍ରାଜ୍ୟ ପୃଥିବୀରେ ପ୍ରତିଷ୍ଠା ହୋଇନାହିଁ ?

କିନ୍ତୁ ବାଇବେଲ ଅଦ୍ୟାବଧି ଏହାର କାରଣ ଦର୍ଶାଇ ନାହିଁ ଯେ ଈଶ୍ୱରଙ୍କ ସାମ୍ରାଜ୍ୟ କାହିଁକି ପୃଥିବୀରେ ପହଞ୍ଚିନାହିଁ । ହଁ ଅବଶ୍ୟ ଏହା ସତ୍ୟ ଯେ ଯୀଶୁ ମସିହ କ୍ରୁଶରୁ ରକ୍ଷା ପାଇବା ସକାଶେ ରାତିସାରା ଉଦ୍ୟାନରେ ବସି ପ୍ରାର୍ଥନା କରିବା ଏବଂ ତାହା ଗୃହୀତ ହେବା ବିଷୟ ହିବ୍ରୁ ୫:୭ରେ ଉଲ୍ଲେଖ ରହିଛି । ଏହା ସତ୍ତ୍ୱେ ତାଙ୍କୁ

ସେଥିରୁ **ଉଦ୍ଧାର କରିବାର** କୌଣସି ଶକ୍ତି ଈଶ୍ୱରଙ୍କର ନଥିଲା ବୋଲି କିପରି **ଅସ୍ୱୀକାର କରାଯାଇ** ପାରିବ ? ଖ୍ରୀଷ୍ଟିୟ ମତବାଦ ଅନୁଯାୟୀ ଏହା ମଧ୍ୟ ଏକ ପ୍ରମାଣ ହୋଇପାରେ ଯେ କ୍ରୁଶବିଦ୍ଧ ଘଟଣା ସମୟରେ ପୃଥିବୀ ଉପରେ ଈଶ୍ୱରଙ୍କ ସାମ୍ରାଜ୍ୟ ଚାଲୁ ନଥିଲା । ମାତ୍ର ଆମେ (ହଜରତ ମିର୍ଜା ଗୁଲାମ ଅହମଦ-ଅନୁବାଦକ) ତ ଏହାଠାରୁ ଅଧିକ ବିପତ୍ତିର ସମ୍ମୁଖୀନ ହୋଇଛୁ ଓ ସେସବୁ ଦୁର୍ଦ୍ଦଶାରୁ ମୁକ୍ତି ପାଇଛୁ । ଦୃଷ୍ଟାନ୍ତ ସ୍ୱରୂପ, ମୋର ଜଣେ ବିରୋଧି ମାର୍ଟିନ୍ କ୍ଲାର୍କ୍ ଦ୍ୱାରା ମୋତେ ଏକ ମିଥ୍ୟା ହତ୍ୟା ଅପରାଧରେ ଆରୋପିତ କରାଯାଇ କ୍ୟାପଟେନ ଡଗ୍‌ଲସ୍‌ଙ୍କ ଅଦାଲତକୁ ଟଣାଯାଇଛି, ଠିକ ଯେପରି ଇହୁଦୀମାନଙ୍କ ପକ୍ଷରୁ ଯୀଶୁଙ୍କ ବିରୁଦ୍ଧରେ ପିଲାଟ୍‌ଙ୍କ ଦରବାରରେ ଧର୍ମଦ୍ରୋହର ଅଭିଯୋଗ ଅଣାଯାଇଥିଲା, କିନ୍ତୁ ତାହା ହତ୍ୟାର କାରଣ ନଥିଲା । ମାତ୍ର ଯେହେତୁ ଈଶ୍ୱର କେବଳ ଆକାଶ ନୁହେଁ ପୃଥିବୀର ମଧ୍ୟ ମାଲିକ, ସେଥିପାଇଁ ମୋତେ ସେହି ମକଦ୍ଦମା ପୂର୍ବରୁ ସୂଚନା ଦେଇଥିଲେ ଯେ ଏହି ବିପତ୍ତି ଆସିବାର ଅଛି । ସେ ଏହା ମଧ୍ୟ ନିଜ ଦୈବିବାଣୀ ଦ୍ୱାରା ମୋତେ ଅବଗତ କରାଇଲେ ଯେ ମୁଁ ତୁମକୁ ଏହି ସଙ୍କଟରୁ ଅବଶ୍ୟ ମୁକ୍ତ କରିବି । ଏହି ପୂର୍ବ ସୂଚନା ସହସ୍ରାଧିକ ଲୋକଙ୍କୁ ମଧ୍ୟ ଦିଆଯାଇଥିଲା ଓ ଶେଷରେ ମୁଁ ସେଥିରୁ ଉଦ୍ଧାର ହେଲି । ଏହା କେବଳ ସେହି ଐଶୀ ସାମ୍ରାଜ୍ୟର ଶକ୍ତି ଥିଲା, ଯାହା ମୋତେ ସେହି ମକଦ୍ଦମାରୁ ସସମ୍ମାନେ ଦୋଷମୁକ୍ତ କରାଇଲା । ଯାହାକୁ ମୋ ବିରୁଦ୍ଧରେ ମୁସଲମାନ, ହିନ୍ଦୁ ଓ ଖ୍ରୀଷ୍ଟିୟାନଙ୍କ ମିଳିତ କାର୍ଯ୍ୟାନୁଷ୍ଠାନ ଦ୍ୱାରା ଛିଡା କରାଗଲା । କେବଳ ଥରେ ନୁହେଁ, ଏପରି ଅନେକ ଥର ଈଶ୍ୱରୀୟ ସାମ୍ରାଜ୍ୟର ପ୍ରଭାବକୁ ମୁଁ ପୃଥିବୀରେ ଦେଖି ଆସିଛି । ସେହି ପ୍ରଭୁଙ୍କ ଦିବ୍ୟବାଣୀ ଉପରେ ବିଶ୍ୱାସ ସ୍ଥାପନ କରିବାକୁ ମୁଁ ବାଧ୍ୟ ହୋଇଛି । ତାହା ହେଉଛି :

لَهٗ مُلْكُ السَّمٰوٰتِ وَالْاَرْضِ

**'ଲହୁ ମୁଲ୍‌କୁସ୍ ସମାଓ୍ୱାତି ଓ୍ୱଲ୍ ଅର୍‌ଜ୍'** (ଅଲ ହଦିଦ୍ 57:3)

ଅର୍ଥାତ୍ 'ଆକାଶ ଓ ପୃଥିବୀରେ ତାଙ୍କର ହିଁ ସାମ୍ରାଜ୍ୟ ଆଧିପତ୍ୟ ବିସ୍ତାର କରିଛି ।'

ସେହିପରି ତାଙ୍କର ଅନ୍ୟ ଏକ ବାଣୀ ପ୍ରତି ମଧ୍ୟ ମୋତେ ବିଶ୍ୱାସ କରିବାକୁ ପଡିଲା ।

اِنَّمَآ اَمۡرُهٗۤ اِذَآ اَرَادَ شَيۡـًٔا اَنۡ يَّقُوۡلَ لَهٗ كُنۡ فَيَكُوۡنُ

**'ଇନ୍‌ନମା ଅମ୍‌ରୁହୂ ଇଜାଆ ଅରଦା ଶୈଅନ୍ ଅଇଁୟକୁଲା ଲହୁ କୁନ୍‌ଫୟକୁନ୍'**
(ୟାସିନ 36:83)

ଅର୍ଥାତ 'ସମଗ୍ର ପୃଥିବୀ ଓ ଆକାଶ ତାହାଙ୍କ ଆଜ୍ଞାବହ ହୋଇଛନ୍ତି । ଯଦି ସେ କୌଣସି କାର୍ଯ୍ୟ କରିବାକୁ ମନସ୍ଥ କରନ୍ତି, ତା' ହେଲେ ଏତିକି କୁହନ୍ତି 'ହୋଇ ଯା' ଓ ତାହା ତତ୍‌କ୍ଷଣାତ୍ ହୋଇଯାଏ' । ସେ ପୁଣି କହିଛନ୍ତି :

وَاللّٰهُ غَالِبٌ عَلٰۤى اَمۡرِهٖ وَلٰـكِنَّ اَكۡثَرَ النَّاسِ لَا يَعۡلَمُوۡنَ

**'ଓଲ୍ଲାହୁ ଗାଲିବୁନ୍ ଅଲାଅମ୍‌ରିହୀ ଓ୍ୱଲାକିନ୍ନା ଅକ୍‌ସରନ୍‌ନାସି ଲା ୟା' ଲମୁନ୍'**
(ୟୁସୁଫ୍ 12:22)

ଅର୍ଥାତ 'ଈଶ୍ୱର ନିଜର ସଂକଳ୍ପରେ ପୂର୍ଣ୍ଣ ପରାକ୍ରମଶାଳୀ । ମାତ୍ର ଅଧିକାଂଶ ଲୋକ ଈଶ୍ୱରଙ୍କ ପ୍ରକୋପ ଓ ଶକ୍ତିମାନ ହେବା ସମ୍ବନ୍ଧରେ ଜାଣି ନାହାନ୍ତି ।'

ତେବେ ବାଇବେଲରେ ବର୍ଣ୍ଣିତ ପ୍ରାର୍ଥନା ମନୁଷ୍ୟକୁ ଈଶ୍ୱରଙ୍କ କରୁଣା ପ୍ରତି ନୈରାଶ୍ୟ ଭାବନା ଜାଗ୍ରତ କରାଇଥାଏ । ତାଙ୍କର ପାଳନକର୍ତ୍ତା ହେବାର ବୈଶିଷ୍ଟ୍ୟକୁ ଖ୍ରୀଷ୍ଟିୟାନମାନେ ଏକବାରେ ପାଶୋରି ଦିଅନ୍ତି ।

କର୍ମର ପ୍ରତିଫଳ ସ୍ୱରୂପ ପୁରସ୍କାର ଓ ଶାସ୍ତି ବିଧାନ ପ୍ରତି ସେମାନେ ଉଦାସୀନ ହୋଇଥା'ନ୍ତି । ସେମାନଙ୍କ ଧାରଣାରେ ଯେପର୍ଯ୍ୟନ୍ତ ଈଶ୍ୱରଙ୍କ ସାମ୍ରାଜ୍ୟ ପୃଥିବୀରେ ସ୍ଥାପିତ ନହୋଇ ଯାଇଛି, ସେ ପର୍ଯ୍ୟନ୍ତ ଈଶ୍ୱରଙ୍କ ସାହାଯ୍ୟ ସମର୍ଥନ ଭୂପୃଷ୍ଠରେ ସମ୍ଭବ ନୁହେଁ । କିନ୍ତୁ ଏହି ମତବାଦ ତୁଳନାରେ ଯେଉଁ ପ୍ରାର୍ଥନା ମୁସଲମାନମାନଙ୍କୁ ପବିତ୍ର କୁରଆନରେ ଶିଖାଯାଇଛି, ତଦନୁଯାୟୀ ତାଙ୍କ ଆଧିପତ୍ୟ ଓ ରାଜତ୍ୱର ଗାରିମା ମନୁଷ୍ୟ ପରି ଅକାରଣ ହୁଏ ନାହିଁ କି ସେହି ସିଂହାସନାଧିପତି ଈଶ୍ୱର ଦୁନିଆର ନରପତିଙ୍କ ସଦୃଶ ରାଜଗାଦିରୁ ବିତାଡିତ ହୁଅନ୍ତି ନାହିଁ । କିନ୍ତୁ ତାହାଙ୍କ ଦୈବି ଶାସନ ବ୍ୟବସ୍ଥା 'ରବୁବିୟତ୍', ରହମାନିୟତ' ଓ 'ରହମିୟତ୍' ଆଦି ବୈଶିଷ୍ଟ୍ୟ ମାଧ୍ୟମରେ ପୃଥିବୀରେ କାର୍ଯ୍ୟକାରୀ ହୋଇ ଆସୁଛି । ତାଙ୍କର ଉପାସନାକାରୀଙ୍କୁ ସେ ସହାୟତା ପ୍ରଦାନ କରିବାର ସାମର୍ଥ୍ୟ ରଖିଥାନ୍ତି ତଥା ତାଙ୍କ ଅପରାଧିମାନଙ୍କୁ ନିଜ ପ୍ରକୋପିତ ଶାସ୍ତି ଦ୍ୱାରା ବିନାଶ କରିଦେଇ ପାରନ୍ତି ।

ଏହି କୁରଆନ ପଙ୍କ୍ତିରେ ସେହି ପ୍ରାର୍ଥନାର ଉଲ୍ଲେଖ ରହିଛି :

اَلْحَمْدُ لِلّٰهِ رَبِّ الْعٰلَمِيْنَ ○ الرَّحْمٰنِ الرَّحِيْمِ ○ مٰلِكِ يَوْمِ الدِّيْنِ ○

اِيَّاكَ نَعْبُدُ وَاِيَّاكَ نَسْتَعِيْنُ ○ اِهْدِنَا الصِّرَاطَ الْمُسْتَقِيْمَ ○

صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ○

**ଅଲ୍‌ହମଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ । ଅର୍‌ରହମା ନିର୍‌ରହିମ୍ । ମାଲିକେ ୟୋମିଦ୍‌ଦୀନ୍ । ଇୟାକା ନା' ବୁଦୁ ୱ୍ୱଇୟାକା ନସ୍‌ତୟିନ୍ । ଏହ୍‌ଦେ ନସ୍‌ସିରାତଲ୍ ମୁସ୍‌ତକିମ୍ । ସିରାତଲ୍ ଲଜିନା ଅନ୍‌ଅମତା ଅଲୈହିମ୍ । ଗୈରିଲ୍ ମଗ୍‌ଜୁବି ଆଲୈହିମ୍ ୱ୍ୱଲଜ୍ ଜ୍ୱାଲୀନ ।** (ଅଲ୍ ଫାତିହା 1:2-7)

ଅର୍ଥାତ 'ସେହିଁ ଇଶ୍ୱର ଯିଏ ସମସ୍ତ ପ୍ରଶଂସାର ଅଧିକାରୀ ଅର୍ଥାତ ତାଙ୍କ ସାମ୍ରାଜ୍ୟରେ କୌଣସି ତ୍ରୁଟି ନାହିଁ । ତାଙ୍କ ବୈଶିଷ୍ଟ୍ୟଗୁଡିକ ଯାହାର ସ୍ଥିତି ଆଜି ନଥିଲେ ବି କାଲିକି ଏହାର ଲକ୍ଷ୍ୟ ସାଧିତ ହେବ । ତାହାଙ୍କ ସାମ୍ରାଜ୍ୟରେ କୌଣସି ବିଷୟ କେବେହେଲେ ବ୍ୟର୍ଥ ଯାଏ ନାହିଁ କି ତାହା ଅକାରଣ ହୋଇ ନଥାଏ । ସମଗ୍ର ବିଶ୍ୱର ପ୍ରଭୁଙ୍କ ପ୍ରତିପାଳନର ସକଳ ବସ୍ତୁ ସେ ଖଞ୍ଜି ଦେଇଛନ୍ତି । ମନୁଷ୍ୟର କର୍ମ ବିନା ସେ କରୁଣା ପ୍ରଦାନ କରିଥାନ୍ତି ଓ କର୍ମର ପ୍ରତିଫଳ ସ୍ୱରୂପ ମଧ୍ୟ କୃପା କରିଥାନ୍ତି । ସେ ଯଥା ସମୟରେ ପୁରସ୍କାର ଓ ଶାସ୍ତି ବିଧାନ କରନ୍ତି । ତାଙ୍କର ଆମେ ଉପାସନା କରୁଛୁ ଓ ତାଙ୍କରି ଠାରୁ ହିଁ ଆମେ ସାହାଯ୍ୟ ଲୋଡୁଅଛୁ । ତାଙ୍କ ଠାରେ ଏହି ପ୍ରାର୍ଥନା କରୁଛୁ ଯେ ସେ ଆମକୁ ସମସ୍ତ ପ୍ରକାର ପୁରସ୍କାରର ପଥ ଦେଖାନ୍ତୁ ଓ ତାଙ୍କ ପ୍ରକୋପିତ ଶାସ୍ତିର ପଥ ତଥା ଦୋଷତ୍ରୁଟିରୁ ଦୂରରେ ରଖନ୍ତୁ ।'

ଏହି ପ୍ରାର୍ଥନା ଯାହା **ଅଲ୍-ଫାତିହା** ଅଧ୍ୟାୟରେ ଅଛି, ତାହା ବାଇବେଲ ଅନ୍ତର୍ଗତ ପ୍ରାର୍ଥନାର ସଂପୂର୍ଣ୍ଣ ବିପରୀତ । କାରଣ ବାଇବେଲରେ ଈଶ୍ୱରଙ୍କ ସାମ୍ରାଜ୍ୟ ପୃଥିବୀରେ ବିଦ୍ୟମାନ ହେବା ବିଷୟକୁ ଖଣ୍ଡନ କରାଯାଇଛି । ତେଣୁ ବାଇବେଲ ଆଧାରରେ ପୃଥିବୀ ପୃଷ୍ଠରେ ଈଶ୍ୱରଙ୍କ ସାମ୍ରାଜ୍ୟ ପ୍ରଚଳିତ ହେଉ ନଥିବାର କେବଳ ଏହି କାରଣ ଦର୍ଶାଯାଇଛି ଯେ ନା ପୃଥିବୀରେ ଈଶ୍ୱରଙ୍କ ରବୁବିୟତ୍ କିଛି କାମ କରୁଛି ଯେପରି ଆକାଶରେ ଈଶ୍ୱରଙ୍କ ସାମ୍ରାଜ୍ୟ ବିଦ୍ୟମାନ । ସେହି କାରଣ ଯୋଗୁଁ ଏହି ଅଧ୍ୟାୟରେ ଐଶି ସାମ୍ରାଜ୍ୟର ସମସ୍ତ ଆବଶ୍ୟକୀୟ ବୈଶିଷ୍ଟ୍ୟ ସମ୍ବନ୍ଧରେ ବର୍ଣ୍ଣନା

କରାଯାଇଛି ।

ତେଣୁ ଏହା ସ୍ୱାଭାବିକ ଯେ ଜଣେ ସମ୍ରାଟଙ୍କର ଏହିସବୁ ବୈଶିଷ୍ଟ୍ୟ ରହିବା ଉଚିତ, ଯେପରି କି ସେ ଲୋକମାନଙ୍କର ପ୍ରତିପାଳନ କରିବାରେ ସାମର୍ଥ୍ୟ ରଖିଥିବ । ସୁରଃ ଫାତିହାରେ ଈଶ୍ୱର ପୃଥିବୀର ସଂରକ୍ଷକ ରୂପେ 'ରବ୍‌ବୁଲ୍ ଆ'ଲମୀନ୍' (ବିଶ୍ୱର ପାଳନକର୍ତ୍ତା) ଗୁଣକୁ ପ୍ରତିପାଦନ କରାଯାଇଛି । ପୁଣି ସମ୍ରାଟଙ୍କ ଦ୍ୱିତୀୟ ଗୁଣ ଏହା ହେବା ଉଚିତ ଯେ ପ୍ରଜାମାନଙ୍କୁ ଧରାପୃଷ୍ଠରେ ବସବାସ କରିବା ପାଇଁ ଯାହା ଜରୁରୀ ସାମଗ୍ରୀର ଆବଶ୍ୟକତା ରହିଛି, ସେସବୁକୁ ସେ ଅନନ୍ତ ଦୟାସାଗର ରୂପେ ସ୍ୱରାଜକୀୟ ଗୁଣ ବଳରେ ଯୋଗାଇ ଦେବେ । କିନ୍ତୁ ତାହା ସେମାନଙ୍କର ସେବା କର୍ମର ପ୍ରତିଦାନରେ ନୁହେଁ । ଏହିପରି 'ରହମାନ୍' (ଅଶେଷ ଦୟାବାନ) ଶବ୍ଦ ସେହି ପରମ ଗୁଣକୁ ସତ୍ୟ ସାବ୍ୟସ୍ତ କରିଦେଇଛି । ତୃତୀୟ ଗୁଣଟି ଏହା ଆବଶ୍ୟକ କରୁଛି ଯେ ଯେଉଁ କାର୍ଯ୍ୟଗୁଡିକୁ ପ୍ରଜାଗଣ ନିଜ ପ୍ରୟାସରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇ ପାରୁନାହାନ୍ତି, ଈଶ୍ୱର ଏକ ସମ୍ରାଟ ରୂପେ ସେହି ଲକ୍ଷ୍ୟ ସାଧନ ସକାଶେ ସ୍ୱୟଂ ସହାୟତା ପ୍ରଦାନ କରିବେ । ସେଥିପାଇଁ ଏହି ଦୈବି ଗୁଣଟି ଉପରୋକ୍ତ ଅଧ୍ୟାୟରେ 'ରହିମ୍' (ସଦା କରୁଣାମୟ) ଶବ୍ଦ ପ୍ରୟୋଗ କରି ପ୍ରମାଣିତ କରାଯାଇଛି । ରାଜାଧିଶ୍ୱରଙ୍କ ଚତୁର୍ଥ ଗୁଣ ବଳରେ ମନୁଷ୍ୟ କର୍ମଫଳ ଜନିତ ପୁରସ୍କାର ଓ ଦଣ୍ଡ ବିଧାନର କ୍ଷମତା ତାଙ୍କ ପାଖରେ ରହିବା ଆବଶ୍ୟକ । ଯଦ୍ଦ୍ୱାରା ସାମାଜିକ ସ୍ଥିତିରେ ବିଶୃଙ୍ଖଳା ଉପୁଜିବ ନାହିଁ । ଏହି ଅଧ୍ୟାୟ ଈଶ୍ୱରଙ୍କ ବିଶେଷ ଗୁଣ 'ମାଲିକେ ୟୋମିଦ୍‌ଦୀନ୍' (ଅନ୍ତିମ ବିଚାର ଦିବସର ପ୍ରଭୁ) ଶବ୍ଦରେ ପ୍ରମାଣିତ କରୁଛି । ସଂକ୍ଷେପରେ ଅଧ୍ୟାୟ 'ଅଲ୍ ଫାତିହା' ସେହି ସମସ୍ତ ରାଜକୀୟ ବିଶେଷତ୍ୱକୁ ଉପସ୍ଥାପନ କରୁଛି, ଯାହାକି ଈଶ୍ୱରଙ୍କ ସାମ୍ରାଜ୍ୟ ପୃଥିବୀରେ ପ୍ରତିଷ୍ଠା ହୋଇଥିବା ତଥା ତାହାର ପରିଚାଳନା ବ୍ୟବସ୍ଥାକୁ ନିୟନ୍ତ୍ରଣ କରାଯିବା ବିଷୟକୁ ପ୍ରମାଣସିଦ୍ଧ କରୁଛି ।..

ତେବେ ଶୁଣ ଓ ବୁଝ ! ଏହା ହିଁ ସବୁଠାରୁ ବଡ ଉପଲବ୍ଧି ଯେ ପୃଥିବୀର ପ୍ରତ୍ୟେକ କ୍ଷୁଦ୍ରତମ ଉପଦାନ ଯେପରି ପ୍ରଭୁଙ୍କ ନିୟନ୍ତ୍ରଣାଧୀନରେ ପରିଚାଳିତ, ସେହିପରି ପ୍ରତ୍ୟେକ କ୍ଷୁଦ୍ରତମ ଆକାଶୀୟ ପିଣ୍ଡ ମଧ୍ୟ ତାହାଙ୍କ ସାମ୍ରାଜ୍ୟର ଏକ ଅଂଶ ବିଶେଷ । ଯେପରି ଆକାଶରେ ତାଙ୍କର ଦିବ୍ୟ ମହିମାର ସ୍ପଷ୍ଟ ପରିପ୍ରକାଶ

ହୋଇଥାଏ, ସେହିପରି ପୃଥିବୀରେ ମଧ୍ୟ ତାଙ୍କ ଅପାର ମହିମାର ଜ୍ୟୋତି ଉଦ୍‌ଭାସିତ ହୋଇଥାଏ । ଏପରିକି ଆକାଶରେ ଐଶ୍ୱରିକ ମହିମା ଏକ ଆସ୍ଥାର ବିଷୟ । ସାଧାରଣ ମନୁଷ୍ୟ ନା ଆକାଶକୁ ଆରୋହଣ କରି ଯାଇଛି ନା ସେହି ମହିମାର ପ୍ରତ୍ୟକ୍ଷ ପ୍ରମାଣ ପାଇଛି । ମାତ୍ର ପୃଥିବୀରେ ଈଶ୍ୱରଙ୍କ ସାମ୍ରାଜ୍ୟର ଯେଉଁ ଲୀଳା ପ୍ରଦର୍ଶିତ ହୋଇଥାଏ, ତାହା ତ ପ୍ରତ୍ୟେକ ବ୍ୟକ୍ତିର ଚକ୍ଷୁରେ ସ୍ୱଷ୍ଟ ରୂପେ ଦୃଷ୍ଟିଗୋଚର ହୋଇଥାଏ ।*

ପ୍ରତ୍ୟେକ ମଣିଷ ସେ ଯେତେ ବଡ ଧନଶାଳୀ ହୋଇଥାଉ ପଛକେ ସେ ନିଜ ଇଚ୍ଛା ବିରୁଦ୍ଧରେ ମୃତ୍ୟୁର ସ୍ୱାଦ ଅବଶ୍ୟ ଚାଖିଥାଏ । ସୁତରାଂ ଦେଖ ଥରେ ସେହି ପ୍ରକୃତ ରାଜାଧିରାଜଙ୍କ ଆଦେଶ ବଳରେ କିପରି ତାଙ୍କ ଅପାର ମହିମା ପୃଥିବୀରେ ପ୍ରଦର୍ଶିତ ହେଉଛି । ଯେଉଁ ମୁହୂର୍ତ୍ତରେ ତାଙ୍କର ଆଜ୍ଞା ହେଉଛି କେହିହେଲେ ନିଜ ମୃତ୍ୟୁକୁ ଗୋଟିଏ ସେକେଣ୍ଡ ପାଇଁ ମଧ୍ୟ ଅଟକାଇ ରଖିପାରୁ ନାହିଁ । ଯେତେବେଳେ କୌଣସି ବ୍ୟକ୍ତି ସଂଘାତିକ ବ୍ୟାଧିରେ ଆକ୍ରାନ୍ତ ହେଉଛି, କୌଣସି ଚିକିତ୍ସକ ତାଙ୍କ ରୋଗ ଦୂର କରିବାରେ ସମର୍ଥ ହେଉନାହିଁ । ତେଣୁ ଚିନ୍ତା କର ଯେ ପୃଥିବୀରେ ଅନୁଭୂତ ହେଉଥିବା ସ୍ୱର୍ଗୀୟ ସାମ୍ରାଜ୍ୟରେ ତାଙ୍କ ଲୀଳା କେଡେ ଅଦ୍ଭୁତ, ଯାହା ଯୋଗୁଁ ତାଙ୍କ ଆଦେଶ କେବେ ହେଁ ରଦ୍ଦ ହୋଇପାରିବ ନାହିଁ ? ତେବେ କିପରି ଏହା କୁହାଯିବ ଯେ ପୃଥିବୀରେ ଈଶ୍ୱରଙ୍କ ରାଜତ୍ୱ ତଥାପି ଆଜିଯାଏ ସ୍ଥାପିତ ହୋଇନାହିଁ ଏବଂ ଆଗାମୀ କୌଣସି ଯୁଗରେ ଏହା ପୃଥିବୀକୁ ଆସିବାର ସମ୍ଭାବନା ରହିଛି ?

ଦେଖ, ଏହି ଯୁଗରେ ଈଶ୍ୱରଙ୍କ ସ୍ୱର୍ଗୀୟ ଆଦେଶ ବଳରେ ପ୍ଳେଗ ରୋଗ ପୃଥିବୀକୁ ଥରାଇଦେଲା, ଯାହା ତାହାଙ୍କ ପ୍ରେରିତ ପ୍ରତିଶ୍ରୁତ ମସିହ (ଅବତାର)ଙ୍କ ପାଇଁ ଏକ ଜ୍ୱଳନ୍ତ ନିଦର୍ଶନ ହେବ । ତେଣୁ ତାହାଙ୍କ ଇଚ୍ଛା ନହେଲେ କିଏ ତାହା ଦୂର କରିପାରିବ ? ସୁତରାଂ ଏହା କିପରି କୁହାଯାଇ ପାରିବ ଯେ ଈଶ୍ୱରଙ୍କ ସାମ୍ରାଜ୍ୟ

* ଆରବୀ ପଙ୍କ୍ତି 'ଓ୍ୱହମଲହଲ ଇନ୍‌ସାନ' (ଅଲ ଅହଜାବ ୭୩) ଏହା ପ୍ରମାଣିତ କରୁଛି ଯେ ଈଶ୍ୱରଙ୍କ ପ୍ରକୃତ ଆଜ୍ଞାକାରୀ ମନୁଷ୍ୟ ହିଁ ନିଜ ଶକ୍ତିକୁ ପ୍ରେମ ଓ ଶ୍ରଦ୍ଧା ପର୍ଯ୍ୟନ୍ତ ପହଞ୍ଚାଇ ଦିଏ ଏବଂ ଈଶ୍ୱରଙ୍କ ରାଜତ୍ୱକୁ ସେ ହଜାରେ ପ୍ରକାରର ବିପତ୍ତିକୁ ନିଜ ମୁଣ୍ଡରେ ବହନ କରି ପୃଥିବୀରେ ସିଦ୍ଧ କରିଥାଏ । ତେଣୁ ଏହି ଆଜ୍ଞାକାରୀତା ଯାହା ମନୁଷ୍ୟର କ୍ଳେଶରୁ ଓ ହୃଦୟର ଯନ୍ତ୍ରଣାରୁ ପ୍ରାପ୍ତ ହୋଇଥାଏ, ତାହା ଦେବଦୂତମାନେ କରିବାରେ ସମର୍ଥ ହୋଇ ପାରିବେ ନାହିଁ ।

ତଥାପି ପୃଥିବୀକୁ ଆସିନାହିଁ ? ହଁ, ଜଣେ ମନ୍ଦ ବ୍ୟକ୍ତି କଏଦୀ ପରି ତାଙ୍କ ପୃଥିବୀରେ ବସବାସ କରି ଜୀବନ ନିର୍ବାହ କରୁଛି ଏବଂ ସେ ଋହୁଛି ଯେ କେବେ ବି ମରିବ ନାହିଁ । କିନ୍ତୁ ପ୍ରକୃତ ଐଶି ସାମ୍ରାଜ୍ୟ ତାର ଅସ୍ତିତ୍ୱକୁ ଲୋପ କରିଦେଉଛି ଏବଂ ଶେଷରେ ମନୁଷ୍ୟ ମୃତ୍ୟୁର ଯମଦୂତ କବଳରେ ପଡିଯାଉଛି । ତଥାପି ଏହା କିପରି କୁହାଯାଇ ପାରିବ ଯେ ଈଶ୍ୱରଙ୍କ ସାମ୍ରାଜ୍ୟ ପୃଥିବୀରେ ଉପନୀତ ହୋଇନାହିଁ ? ପ୍ରତିଦିନ ଈଶ୍ୱରଙ୍କ ଆଦେଶରେ କୋଟି କୋଟି ଲୋକ ଘଣ୍ଟାଏ ଭିତରେ ମୃତ୍ୟୁବରଣ କରୁଛନ୍ତି ତ ଅଗଣିତ ଶିଶୁ ତାଙ୍କ ଆଦେଶରେ ଜନ୍ମଗ୍ରହଣ କରୁଛନ୍ତି । ତାହାଙ୍କ ଇଚ୍ଛାରେ ବହୁ ସଂଖ୍ୟକ ଗରୀବ ଧନୀ ହୋଇ ଯାଉଛନ୍ତି ତ ସଂଖ୍ୟାଧିକ ଧନୀ ଦାଣ୍ଡର ଭିକାରୀ ହୋଇ ଯାଉଛନ୍ତି । ଏପରି ସ୍ଥଳେ କିପରି ଏହା କହିବା ଯୁକ୍ତିଯୁକ୍ତ ହେବ ଯେ ଏ ପର୍ଯ୍ୟନ୍ତ ପୃଥିବୀରେ ସ୍ୱର୍ଗୀୟ ରାଜତ୍ୱ ପ୍ରତିଷ୍ଠା ହୋଇନାହିଁ ?

ସ୍ୱର୍ଗରେ ତ କେବଳ ଦେବଦୂତ ରହନ୍ତି । ମାତ୍ର ମର୍ତ୍ତ୍ୟରେ ତ ମନୁଷ୍ୟ ବାସ କରୁଛନ୍ତି ଓ ଈଶ୍ୱରଙ୍କ ଆଦେଶ ବାହକ କର୍ମୀ ରୂପେ ଦେବଦୂତଗଣ ମଧ୍ୟ ରହିଥନ୍ତି । ସେହି ଦେବ ପ୍ରତିନିଧିଗଣ ପୃଥିବୀରେ ସ୍ୱର୍ଗୀୟ ସାମ୍ରାଜ୍ୟର ସେବକ ସାଜି ମନୁଷ୍ୟର ବିଭିନ୍ନ ସୁରକ୍ଷା ପାଇଁ ପଠା ଯାଇଥାନ୍ତି । ସେମାନଙ୍କ ଦ୍ୱାରା ପ୍ରତିକ୍ଷଣ ଈଶ୍ୱରଙ୍କ ଆଜ୍ଞାପାଳନ ତଥା ନିଜ ନିଜ କାର୍ଯ୍ୟ ନିର୍ବାହୀ ରିପୋର୍ଟ ତାଙ୍କ ନିକଟକୁ ସେମାନେ ପ୍ରେରଣ କରିଥାନ୍ତି । ଏହା ସତ୍ତ୍ୱେ ଈଶ୍ୱରଙ୍କ ରାଜତ୍ୱ ଧରାପୃଷ୍ଠରେ ଅଦ୍ୟାବଧି ବିସ୍ତାରିତ ହୋଇନାହିଁ ବୋଲି କିପରି କୁହାଯାଇପାରେ ?

ବରଂ ଈଶ୍ୱର ସବୁଠାରୁ ଅଧିକ ନିଜର ସଂସାରିକ ରାଜତ୍ୱରୁ ହିଁ ପରିଚିତ ହୋଇଥା'ନ୍ତି । କାରଣ ପ୍ରତ୍ୟେକ ବ୍ୟକ୍ତି ଏହି ଧାରଣା କରିଥାଏ ଯେ ଆକାଶର ରହସ୍ୟ ଗୋପନୀୟ ତଥା ଅପ୍ରାମାଣିକ । ଏପରିକି ବର୍ତ୍ତମାନ ଯୁଗରେ ପ୍ରାୟ ସମସ୍ତ ଖ୍ରୀଷ୍ଟଜଗତ ଓ ତାଙ୍କ ଦାର୍ଶନିକମାନେ ଆକାଶର ଅସ୍ତିତ୍ୱକୁ ସ୍ୱୀକାର କରନ୍ତି ନାହିଁ । ଯାହା ସମ୍ବନ୍ଧରେ ଈଶ୍ୱରଙ୍କ ସାମ୍ରାଜ୍ୟ ବାଇବଲେର ତତ୍ତ୍ୱ ଉପରେ ଆଧାରିତ ହୋଇ ରହିଛି । ଅପର ପକ୍ଷେ ପ୍ରକୃତ କଥା ହେଉଛି ଯେ ପୃଥିବୀ ଆମ ପାଦ ତଳେ ଏକ ଗୋଲାକାର ପିଣ୍ଡ ସଦୃଶ ରହିଛି, ଯାହାର ପୃଷ୍ଠ ଉପରେ ଶତସହସ୍ର ଐଶି ଆଇନଗତ ଆଦେଶ ସ୍ପଷ୍ଟ ରୂପେ ପ୍ରଦର୍ଶିତ ହେଉଛି । ଯେଉଁଥିରୁ ଏହା ବୁଝାପଡୁଛି ଯେ ଏ ସମସ୍ତ ପରିବର୍ତ୍ତନ ତଥା ଜନ୍ମ ଓ ମୃତ୍ୟୁ ଜଣେ କେହି ବିଶିଷ୍ଟ ମୁନିବ ଓ ବିଶ୍ୱ ବିଧାତାଙ୍କ

ଆଦେଶରେ ସମ୍ପାଦିତ ହେଉଛି । ପୁଣି କିପରି ଏହା କୁହାଯାଇ ପାରିବ ଯେ ଏହି ଧରାପୃଷ୍ଠ ଏବେ କୌଣସି ଐଶି ସାମ୍ରାଜ୍ୟ ଅଧୀନରେ ପରିଚାଳିତ ହେଉନାହିଁ ?

ଆମ ପ୍ରଭୁ ପରମବ୍ରହ୍ମ ପ୍ରଥମ ଅଧ୍ୟାୟ ସୁରଃ ଫାତିହାରେ ନା ଆକାଶର ନାମ ନା ପୃଥିବୀର ନାମ ଧରିଛନ୍ତି । ଏହା କହି ଆମକୁ ବାସ୍ତବିକତାର ସୂଚନା ଦେଇଛନ୍ତି ଯେ ସେ ହେଉଛନ୍ତି **'ରବ୍‌ବୁଲ୍ ଆ'ଲମୀନ୍'** ଅର୍ଥାତ ଯେତେ ଦୂର ପର୍ଯ୍ୟନ୍ତ ତାଙ୍କର ସମଗ୍ର ସୃଷ୍ଟିଜଗତ ବିସ୍ତାରିତ, ଶରୀର ଓ ଆତ୍ମା ପରିବ୍ୟାପ୍ତ, ସେହି ସକଳ ବସ୍ତୁର ସେ ହେଉଛନ୍ତି ସୃଷ୍ଟିକର୍ତ୍ତା ଓ ପାଳନକର୍ତ୍ତା ଯେ କି ପ୍ରତ୍ୟେକ ସମୟରେ ସେମାନଙ୍କର ପ୍ରତିପାଳନ କରୁଛନ୍ତି ଏବଂ ସେମାନଙ୍କର ଅବସ୍ଥା ଦେଖି ବ୍ୟବସ୍ଥା କରୁଛନ୍ତି । ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ଉପରେ ପ୍ରତିକ୍ଷଣ ତାଙ୍କର ଦୈବି ବ୍ୟବସ୍ଥା **'ରବୁବିୟତ', 'ରହମାନିୟତ୍', 'ରହମିୟତ'** ତଥା କର୍ମ ପ୍ରତିଫଳ ବିଧାନର ପ୍ରଭୁତ୍ୱ ପ୍ରଚଳିତ ହୋଇ ଆସୁଛି । ଏଠାରେ ସ୍ମରଣଯୋଗ୍ୟ ଯେ ସୁରଃ ଫାତିହାରେ ଆରବୀ ବାକ୍ୟ **'ମାଲିକେ ୟୋମିଦ୍‌ଦୀନ'**ର ତାତ୍ପର୍ଯ୍ୟ କେବଳ ଏହା ନୁହେଁ ଯେ କୟାମତ ବା ମହାପ୍ରଳୟ ଦିନ ମନୁଷ୍ୟ କର୍ମର ହିସାବ ନିକାଶ କରାଯିବ । ବରଂ ପବିତ୍ର କୁରଆନରେ ତ ବାରମ୍ବାର ଓ ସ୍ପଷ୍ଟ ଶବ୍ଦରେ ବର୍ଣ୍ଣନା କରାଯାଇଛି ଯେ ସେହି ଅନ୍ତିମ ବିଚାର ଦିବସ ମହାନ ପୁରସ୍କାର ଅଥବା ପ୍ରଚଣ୍ଡ ଶାସ୍ତି ବିଧାନର ସମୟ ନେଇ ଆସିବ । କିନ୍ତୁ ଏକ ପ୍ରକାର ସେହି କର୍ମ ପ୍ରତିଫଳର ବିଧାନ ଏହି ଭବ ସଂସାରରେ ମଧ୍ୟ ଆରମ୍ଭ ହୋଇ ଯାଇଥାଏ । ଯାହାର ସଙ୍କେତ* ଏହି କୁରଆନ ପଙ୍କ୍ତିରୁ ମିଳିଥାଏ:

**ୟଜ୍‌ଅଲ୍ ଲକୁମ୍ ଫୁର୍‌କାନା** يَجۡعَل لَّكُمۡ فُرۡقَانٗا

ଅର୍ଥାତ 'ସେ ତୁମମାନଙ୍କ ମଧ୍ୟରେ ଜାତି, ଲିଙ୍ଗ ଭେଦରେ ବିବିଧତା ସୃଷ୍ଟି କରାଇଛନ୍ତି ।' (ଅଲ୍ ଅନଫାଲ 8:30)

ଏବେ ଏକଥା ମଧ୍ୟ ଶୁଣିନିଅ ! ବାଇବେଲ ଭିତ୍ତିକ ପ୍ରାର୍ଥନାରେ ତ

* ଦେଖ 'ରବ୍‌ବୁଲ୍ ଆ'ଲମୀନ୍' କିପରି ଏକ ପୂର୍ଣ୍ଣ ବାକ୍ୟ । ଯଦି ଏହା ପ୍ରମାଣିତ ହୁଏ ଯେ ଆକାଶୀୟ ପିଣ୍ଡମାନଙ୍କରେ ଜୀବନର ସତ୍ତା ରହିଛି, ତେବେ ସେହି ଜୀବନର ସତ୍ତା ମଧ୍ୟ ଏହି ବାଣୀର ଅଧିନକୁ ଆସିବେ ।

ପ୍ରତ୍ୟେକ ଦିନ ରୁଟି ମଗାଯାଇଛି । ଯେପରିକି ସେଥିରେ କୁହାଯାଇଛି 'ଆମର ପ୍ରତ୍ୟେକ ଦିନର ରୁଟି ଆଜି ଆମକୁ ଦିଅ ।' କିନ୍ତୁ ବଡ ଆଶ୍ଚର୍ଯ୍ୟର କଥା ଯେ ଯାହାଙ୍କ ରାଜତ୍ୱ ଏପର୍ଯ୍ୟନ୍ତ ପୃଥିବୀ ପୃଷ୍ଠକୁ ଆସିନାହିଁ, ସେ କିପରି ରୁଟି ଦେଇପାରନ୍ତି ? ଏପର୍ଯ୍ୟନ୍ତ ସମସ୍ତ ଶସ୍ୟକ୍ଷେତ୍ର ଓ ସକଳ ପ୍ରକାରର ଫଳପୁଷ୍ପ ତାଙ୍କ ନିର୍ଦ୍ଦେଶରେ ଉତ୍ପନ୍ନ ହେଉନାହିଁ । ବରଂ ସେ ସବୁ ଆପଣା ଛାଏଁ ଉତ୍ପାଦିତ ହୋଇଛନ୍ତି ଓ ବର୍ଷା ମଧ୍ୟ ସ୍ୱତଃପ୍ରବୃତ୍ତ ଭାବେ ହେଉଅଛି । ତେଣୁ ତାଙ୍କର କେଉଁ ଅଧିକାର ଅଛି ଯେ ସେ କାହାକୁ ରୁଟି ଦେବେ ? ଯେତେବେଳେ ତାଙ୍କ ରାଜତ୍ୱ ପୃଥିବୀରେ ଆସିଯିବ ତେବେ ତାଙ୍କଠାରୁ ରୁଟି ମାଗିବା ଉଚିତ୍ ହେବ । ଏବେ ତ ପୃଥିବୀର ସମସ୍ତ ପଦାର୍ଥ ଠାରୁ ସେ ଅନଧିକୃତ ହୋଇ ରହିଛନ୍ତି । ଯେବେ ସେ ସେହି ପ୍ରାକୃତିକ ସମ୍ପଦ ଉପରେ ସମ୍ପୂର୍ଣ୍ଣ ରୂପେ କବ୍ଜା କରିନେବେ, ତେବେ ଯାଇ କାହାକୁ ସେ ରୁଟି ଖଣ୍ଡେ ଦେଇପାରିବେ । ତେଣୁ ବର୍ତ୍ତମାନ ତାଙ୍କ ଠାରୁ କିଛି ମାଗିବା ମଧ୍ୟ ଅଶୋଭନୀୟ । ଏହାପରେ  କୁହାଯାଇଛି ଯେ ଯେଉଁଭଳି ଆମେ ନିଜର ଋଣ ଗ୍ରହୀତାଙ୍କ ଋଣକୁ ସାମୟିକ ରୂପେ କ୍ଷମା କରି ଦେଉଛୁ, ତୁମ୍ଭେ ମଧ୍ୟ **ନିଜ କରଜକୁ** ଆମ ପାଇଁ କ୍ଷମା କରିଦିଅ । ଏପରି ପରିସ୍ଥିତିରେ ଏହା ମଧ୍ୟ କହିବା ଠିକ୍ ନୁହେଁ । କାରଣ ପୃଥିବୀ ପୃଷ୍ଠରେ ଏପର୍ଯ୍ୟନ୍ତ ତାଙ୍କୁ ରାଜତ୍ୱ ହାସଲ ହୋଇନାହିଁ ଏବଂ ଖ୍ରୀଷ୍ଟିୟାନମାନେ ଏପର୍ଯ୍ୟନ୍ତ କିଛି ହେଲେ ତାଙ୍କ ହାତରୁ ନେଇ ଖାଇ ନାହାନ୍ତି । ତେବେ ତାହା ପୁଣି କେଉଁ ପ୍ରକାର ଋଣ ହେଲା ? ସୁତରାଂ ଏପରି ଶୂନ୍ୟହସ୍ତ ଥିବା ଈଶ୍ୱରଙ୍କ ଠାରୁ ଋଣ କ୍ଷମା କରାଇବାର କୌଣସି ଆବଶ୍ୟକତା ନାହିଁ । କୌଣସି ପ୍ରକାର ଭୟ କରିବାର ମଧ୍ୟ ନାହିଁ । କାରଣ ପୃଥିବୀରେ ଏପର୍ଯ୍ୟନ୍ତ ତାଙ୍କର **ରାଜତ୍ୱ ପ୍ରତିଷ୍ଠା ହୋଇନାହିଁ** । ତାଙ୍କ ହାତରେ ନଥିବା ଶାସନ କ୍ଷମତା କୌଣସି ପ୍ରକାର ପ୍ରତିପତ୍ତି ଦେଖାଇ ପାରିବ ନାହିଁ । ତେଣୁ ସେ କାହାକୁ ଶାସ୍ତି ଦେଇ ପାରିବାର ସାହାସ କିପରି ହେବ ? ଅତୀତରେ ମୋସେସଙ୍କ ଯୁଗର ଅମାନ୍ୟକାରୀ ଜାତିଙ୍କୁ ପ୍ଲେଗ ମହାମାରୀ ଦ୍ୱାରା ନା କେବେ ନିଃଶେଷ କରାଯାଇ ପାରିବ ନା ଲୁତ୍‌ଙ୍କ ଜାତି ଉପରେ ପଥର ବର୍ଷା କରାଯାଇ ପାରିବ ? ଭୂମିକମ୍ପର ତାଣ୍ଡବ ଅଥବା ବିଜୁଳିର ଚଡକ ଆଦି ଅନ୍ୟ କୌଣସି ବିଭୁକୋପ ଦ୍ୱାରା ଅମାନ୍ୟକାରୀଙ୍କର ସର୍ବନାଶ କରାଯାଇ ପାରିବ । କାରଣ ଏପର୍ଯ୍ୟନ୍ତ ଈଶ୍ୱରଙ୍କ ରାଜତ୍ୱ ପୃଥିବୀରେ ସ୍ଥାପିତ ହୋଇନାହିଁ । ଯେହେତୁ

ଖ୍ରୀଷ୍ଟିୟାନମାନଙ୍କ ଈଶ୍ୱର ଏତେ ଦୁର୍ବଳ, ଯେପରି ତାଙ୍କ ପୁତ୍ର ଯୀଶୁ ଦୁର୍ବଳ ଥିଲେ । ସେ ଏପରି ଅଧିକାର ବିହୀନ ଯେପରି ତାଙ୍କ ପୁତ୍ର ଅଧିକାର ବିହୀନ ଥିଲେ । ତେବେ ତାଙ୍କ ଠାରୁ ଏପରି ପ୍ରାର୍ଥନା ମାଗିବା ନିରର୍ଥକ ଯେ ଆମ ଋଣ କ୍ଷମା କରିଦିଅ । ସେ କେବେ କରଜ ଦେଇଥିଲେ ଯେ ଏବେ ତାକୁ କ୍ଷମା କରିଦେବେ । କାରଣ ଏପର୍ଯ୍ୟନ୍ତ ପୃଥିବୀରେ ତାଙ୍କ ସାମ୍ରାଜ୍ୟର ସତ୍ତା ହିଁ ନାହିଁ । ଯେବେ ପୃଥିବୀରେ ତାଙ୍କର ରାଜତ୍ୱ ହିଁ ନାହିଁ, ତେବେ ତାହାଙ୍କ ନିର୍ଦ୍ଦେଶରେ ଶସ୍ୟ ଶ୍ୟାମଳରେ ଭରା ଧରଣୀ କାହୁଁ ଆସିବ ? ତାଙ୍କ ଆଜ୍ଞାରେ ବୃକ୍ଷଲତା ଆଦି ଉଦ୍ଭିଦ କାହୁଁ ଉପୁଜିବ ? ପାର୍ଥିବ ବସ୍ତୁଗୁଡିକ ତାଙ୍କର ବା କିପରି ହେବ ? ବରଂ ସେଗୁଡିକ ସ୍ୱତଃସ୍ଫୂତ ଭାବେ ସୃଷ୍ଟି ହୋଇଛନ୍ତି ବୋଲି ଧରାଯିବ । କାରଣ ତାଙ୍କର ଦୈବୀ ଆଦେଶ ଭୂପୃଷ୍ଠରେ ଲାଗୁ ହୋଇନାହିଁ । ଯେହେତୁ ପୃଥିବୀର ସେ ମାଲିକ କି ସମ୍ରାଟ ନୁହନ୍ତି, ପୃଥିବୀର କୌଣସି ବସ୍ତୁ ତାଙ୍କ ରାଜକୀୟ ନିର୍ଦ୍ଦେଶ ଦ୍ୱାରା କେବେ ପରିଚାଳିତ ହେବେନାହିଁ । ଏବଂ ଧରାପୃଷ୍ଠରେ କୌଣସି ସୁଖ ସ୍ୱାଚ୍ଛନ୍ଦ୍ୟରେ ଭରା ବିଳାସିତ ଉପଭୋଗ୍ୟ ବସ୍ତୁ ତାଙ୍କ ଅଧିନରେ ନାହାନ୍ତି । ସେପରି ସ୍ଥଳେ ତାଙ୍କର ନା ଶାସ୍ତି ଦେବାର କୌଣସି ଅଧିକାର ଅଛି ନା ପ୍ରଭୁତ୍ୱ ଦେଖାଇବାର କ୍ଷମତା ଅଛି । ସୁତରାଂ ସେମାନେ ନିଜର ଦୟନୀୟ ଈଶ୍ୱର ସୃଷ୍ଟି କରିବା ଓ ପୃଥିବୀରେ ରହି ତାଙ୍କ ଠାରୁ କୌଣସି ପ୍ରକାରର କାର୍ଯ୍ୟ ନିର୍ବାହର ଆଶା ରଖିବା ହେଉଛି ଏକ **ବୃଥା ଆସ୍ଫାଳନ** । କାରଣ ଏବେ ତାଙ୍କର ରାଜତ୍ୱ ପୃଥିବୀ ପୃଷ୍ଠକୁ ଆସିନାହିଁ ।

ସୁରଃ ଫାତିହାର ପ୍ରାର୍ଥନା ଆମକୁ ଏହା ଶିଖାଇଛି ଯେ ଏହି ପୃଥିବୀରେ ଈଶ୍ୱରଙ୍କର କ୍ଷଣ ପ୍ରତିକ୍ଷଣ ସେହି **ଅଧିକାର ପ୍ରାପ୍ତ ହୋଇଛି,** ଯେପରି କି ବିଶ୍ୱ ବ୍ରହ୍ମାଣ୍ଡର ଅନ୍ୟ ଭାଗରେ ତାଙ୍କର ପ୍ରଭୁତ୍ୱ ରହିଛି । ସୁରଃ ଫାତିହାର ପ୍ରାରମ୍ଭରେ ଈଶ୍ୱରଙ୍କ ସେହି ସବୁ ଅଧିକାରମାନଙ୍କରେ ପରିପୂର୍ଣ୍ଣ ବୈଶିଷ୍ଟ୍ୟଗୁଡିକର ଉଲ୍ଲେଖ କରାଯାଇଛି, ଯାହାର ଅନ୍ୟ କୌଣସି ଧର୍ମପୁସ୍ତକ ଏପରି ସ୍ପଷ୍ଟ ରୂପେ ବର୍ଣ୍ଣନା କରିନାହିଁ । ଯେପରିକି ଅଲ୍ଲାଃତାଲା କହିଛନ୍ତି ଯେ ସେ ରହ୍‌ମାନ୍ ଅର୍ଥାତ ଅଶେଷ ଦୟାବାନ୍, ସେ ରହିମ୍ ଅର୍ଥାତ ସଦା କରୁଣାମୟ, ସେ ମାଲିକେ ୟୋମିଦ୍ଦିନ୍ ଅର୍ଥାତ କର୍ମ ପ୍ରତିଫଳ ଦିବସର ପ୍ରଭୁ । ପୁଣି ତାଙ୍କ ନିକଟରେ ପ୍ରାର୍ଥନା କରିବାର ଶିକ୍ଷା ଦିଆଯାଇଛି । ଯେଉଁ ପ୍ରାର୍ଥନାରେ ଯୀଶୁ ମସିହ୍‌ଙ୍କ ଶିକ୍ଷାରେ ଥିବା ପ୍ରାର୍ଥନା ପରି

କେବଳ ପ୍ରତ୍ୟହ ରୁଟି ଭିକ୍ଷା କରିବାର ନିବେଦନ ନାହିଁ, ବରଂ ମାନବୀୟ ସ୍ୱଭାବରେ ପ୍ରାରମ୍ଭରୁ ଯେଉଁ ଶକ୍ତି ଓ ସାମର୍ଥ୍ୟ ତାକୁ ପ୍ରଦାନ କରାଯାଇଛି ଏବଂ ତାହାଠାରେ ମାଗିବାର ତୃଷ୍ଣା ଲଗାଇ ଦିଆଯାଇ ଏହିପରି ପ୍ରାର୍ଥନା ଶିଖାଯାଇଛି । ତାହା ହେଉଛି

اِهۡدِنَا الصِّرَاطَ الۡمُسۡتَقِيۡمَ صِرَاطَ الَّذِيۡنَ اَنۡعَمۡتَ عَلَيۡهِمۡ

**'ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକୀମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଆଲୈହିମ୍'**

(ଅଲ ଫାତିହା 1:6,7)

ଅର୍ଥାତ୍ ହେ ଏହି ସମସ୍ତ ବିଶେଷ ଗୁଣର ସ୍ୱାମୀ ଓ ମହାଦାନୀ ! ତୁମଠାରୁ ପ୍ରତିଟି ଅଣୁ କଣିକା ପ୍ରତିପୋଷଣ ପାଉଛନ୍ତି । ତୁମର ରହ୍‌ମାନିୟତ୍, ରହ୍‌ମିୟତ୍‌ର ବିଶେଷତ୍ୱ ମଧ୍ୟରୁ ତଥା ପୁରସ୍କାର ଓ ଶାସ୍ତି ବିଧାନର କ୍ଷମତାରୁ ଲାଭ ଉଠାଉଛନ୍ତି । ତୁମେ ଆମକୁ ପୂର୍ବବର୍ତ୍ତୀ ସତ୍ୟସିଦ୍ଧ ପୁରୁଷମାନଙ୍କ ଉତ୍ତରାଧିକାରୀ କରିଦିଅ ଏବଂ ସେହି ସମସ୍ତ ପୁରସ୍କାର ଯାହା ସବୁ ସେମାନଙ୍କୁ ଦେଇଅଛ ଆମକୁ ମଧ୍ୟ ଅର୍ପଣ କର । ତୁମର ଅବଜ୍ଞାକାରୀ ହେବା ଯୋଗୁଁ ତୁମ୍ଭ କ୍ରୋଧର କବଳିତ ହେବାରୁ ଆମକୁ ରକ୍ଷା କରନ୍ତୁ ଓ ଆମକୁ ଏପରି ସୁରକ୍ଷିତ ରଖନ୍ତୁ, ଯେପରି ପଥଭ୍ରଷ୍ଟ ହେବାରୁ ଆମେ ବଞ୍ଚି ଯିବୁ । ଆମିନ୍ !

ବର୍ତ୍ତମାନ ଏହି ସମସ୍ତ ପର୍ଯ୍ୟାଲୋଚନାରୁ ବାଇବେଲର ପ୍ରାର୍ଥନା ଓ ପବିତ୍ର କୁରଆନରେ ପ୍ରାର୍ଥନା ମଧ୍ୟରେ ଯେଉଁ ପାର୍ଥକ୍ୟ ରହିଛି, ତାହା ସ୍ପଷ୍ଟ ହୋଇଯାଇଛି ଯେ ବାଇବେଲ ଈଶ୍ୱରଙ୍କ ସାମ୍ରାଜ୍ୟ ପୃଥିବୀକୁ ଆସିବାର ଏକ ପ୍ରତିଶ୍ରୁତି ଦେଇଛି । କିନ୍ତୁ ପବିତ୍ର କୁରଆନ କହୁଛି ଯେ ଈଶ୍ୱରଙ୍କ ରାଜତ୍ୱ ତୁମମାନଙ୍କ ମଧ୍ୟରେ ପ୍ରଥମରୁ ହିଁ ବିଦ୍ୟମାନ ଅଛି । ନା କେବଳ ବିଦ୍ୟମାନ ଅଛି, ବରଂ ବାସ୍ତବରେ କ୍ରୀୟାତ୍ମକ ରୂପରେ ତୁମକୁ ଏହାର ଏକ ସ୍ଥାୟୀ ଲାଭ ମଧ୍ୟ ପହଞ୍ଚାଉଛି । ସୁତରାଂ ବାଇବେଲରେ କେବଳ ଏକମାତ୍ର ପ୍ରତିଶ୍ରୁତି ରହିଛି । କିନ୍ତୁ ପବିତ୍ର କୁରଆନରେ ନା କେବଳ ପ୍ରତିଶ୍ରୁତି ବରଂ ଏକ ପ୍ରତିଷ୍ଠିତ ରାଜତ୍ୱ ଓ ଏହାର ଉପକାରୀତାକୁ ପ୍ରଦର୍ଶନ କରୁଛି । ଏବେ ପବିତ୍ର କୁରଆନର ଶ୍ରେଷ୍ଠତା ଏଥିରୁ ସ୍ପଷ୍ଟ ବାରି ହୋଇ ପଡୁଛି ଯେ ତାହା ଏପରି ଈଶ୍ୱରଙ୍କୁ ଉପସ୍ଥାପନ କରୁଛି ଯିଏ ଏହି ସାଂସାରିକ ଜୀବନରେ ସତ୍ୟ ମାର୍ଗରେ ପରିଚାଳିତ ହୋଉଥିବା ବ୍ୟକ୍ତିଙ୍କ ମୋକ୍ଷଦାତା ଓ ସେମାନଙ୍କ ଆଶ୍ରୟଦାତା

ହୋଇଥାନ୍ତି ଏବଂ କୌଣସି ପ୍ରାଣୀ ତାଙ୍କ ବଦାନ୍ୟତାରୁ ବଞ୍ଚିତ ନୁହେଁ । ବରଂ ପ୍ରତ୍ୟେକ ଜୀବ ଉପରେ ପ୍ରତିପାଳନ କରିବା, କର୍ମର ପ୍ରତିଫଳ ଦେବା ଓ କର୍ମ କରିବା ବିନା ଅଜସ୍ର ଦାନ କରିବା ଆଦି ବିଧାନ ଜାରି ରହିଛି । କିନ୍ତୁ ବାଇବେଲ ଏପରି ଈଶ୍ୱରଙ୍କୁ ପ୍ରଦର୍ଶିତ କରୁଛି ଯାହାଙ୍କ ରାଜତ୍ୱ ବର୍ତ୍ତମାନ ପୃଥିବୀକୁ ଆସିନାହିଁ, ତାହା କେବଳ ଏକ ଆଶ୍ୱାସନା ମାତ୍ର । ଏବେ ଚିନ୍ତା କର ଯେ ମନୁଷ୍ୟର ବୁଦ୍ଧି ବିବେକ କାହାକୁ ଅନୁସରଣ ଯୋଗ୍ୟ ବୋଲି ଭାବୁଛି ।......... ଏହାର ତାତ୍ପର୍ଯ୍ୟ ଏହି ପାର୍ସି କାବ୍ୟରେ ଏହିପରି :

**'ମୁରିଦ୍ ପୀର ମଗାନମ ଜମନ ମରଞ୍ଜ ଅଏ ଶୈଖ୍**
**ଚରା କେ ଓ୍ୱାଦା ତୋ କରଦି ଓ୍ୱ ଉବଜା ଆଉଦ୍ ।'**

ବାଇବେଲରେ ଶାଳୀନତା ରକ୍ଷାକାରୀ ବ୍ୟକ୍ତି, ଦରିଦ୍ର ଓ ଦୀନହୀନ ଅସହାୟ ବ୍ୟକ୍ତିମାନଙ୍କୁ ପ୍ରଶଂସା କରାଯାଇଛି । ତତ୍‌ସହିତ ସେମାନଙ୍କର ମଧ୍ୟ ଯେଉଁମାନେ ଅତ୍ୟାଚାର ପ୍ରପୀଡ଼ିତ ଓ ଏହାର ମୁକାବିଲା କରିବାକୁ ଅସମର୍ଥ । କିନ୍ତୁ ପବିତ୍ର କୁରଆନ କେବଳ ଏହା କୁହେ ନାହିଁ ଯେ ତୁମେ ସବୁବେଳେ ଦୀନହୀନ ଅବସ୍ଥାରେ ରୁହ ଓ ଦୁଷ୍ଟାମିର ମୁକାବିଲା କରନାହିଁ, ବରଂ କହୁଛି ଯେ ଶାଳୀନତା, ଅସହାୟତା ଓ ନିର୍ଧନତାର ସମ୍ମୁଖୀନ ହେବାରୁ ନିଜକୁ ଅଲଗା ରଖିବା ଉତ୍ତମ । କିନ୍ତୁ ଯଦି ସ୍ଥାନ କାଳ ପାତ୍ର ଦେଖି ଏହାର ଉପଯୁକ୍ତ ବ୍ୟବହାର ନକରାଯାଏ, ତେବେ ତାହା ଖରାପ । ସୁତରାଂ ତୁମେ ସଠିକ ଅବସର ଓ ସମୟୋପଯୋଗୀ ବ୍ୟବସ୍ଥା ଦେଖି ପ୍ରତ୍ୟେକ ପୁଣ୍ୟ କାର୍ଯ୍ୟ କର । କାରଣ ସେହି ପୁଣ୍ୟ ହେଉଛି ପାପ ସଦୃଶ ଯାହା ସଠିକ ସମୟରେ କରାଯାଏ ନାହିଁ । ଯେପରିକି ତୁମେ ଦେଖୁଛ ଯେ ବର୍ଷା ଆମ ପାଇଁ କେତେ ହିତକର ଓ ଆବଶ୍ୟକ । କିନ୍ତୁ ଯଦି ତାହା ସମୟ ଅନୁକୂଳ ନହୁଏ, ତେବେ ତାହା ଧ୍ୱଂସର କାରଣ ହୋଇଯାଏ । ତୁମେ ଦେଖୁଛ ଯେ ଏକା ପ୍ରକାରର ଥଣ୍ଡା ବା ଗରମ ଖାଦ୍ୟ ସବୁବେଳେ ଖାଇବା ଯୋଗୁଁ ତୁମର ସ୍ୱାସ୍ଥ୍ୟ ଠିକ୍ ରହିପାରେ ନାହିଁ । କିନ୍ତୁ ସ୍ୱାସ୍ଥ୍ୟ ସେତେବେଳେ ଠିକ ରହିବ ଯେବେ ଉଚିତ ସମୟରେ ସ୍ୱାସ୍ଥ୍ୟ ଉପଯୋଗୀ ଖାଦ୍ୟ ଓ ପାନୀୟ ସେବନରେ ପରିବର୍ତ୍ତନ ହେଉଥିବ । ସୁତରାଂ କଠୋର ହେବା ଓ ବିନମ୍ରତା ଦେଖାଇବା, କ୍ଷମା ପ୍ରଦାନ କରିବା ଓ ପ୍ରତିଶୋଧ ନେବା, ସେହିପରି ପ୍ରାର୍ଥନା କରିବା ଓ ଅଭିଶାପ ଦେବା ତଥା

ଅନ୍ୟ ସବୁ ସଦାଚାରୀତା ମଧ୍ୟରେ ଯାହା ତୁମ ପାଇଁ ସମୟୋପଯୋଗୀ ହୋଇପାରିବ, ସେ ସବୁରେ ମଧ୍ୟ ପରିବର୍ତ୍ତନ ଆସିବା ଉଚିତ । ତୁମେ ଉଚ୍ଚକୋଟିର ବିନୟୀ ଓ ଚରିତ୍ରବାନ୍ ହୁଅ, କିନ୍ତୁ ଅନୁପଯୁକ୍ତ ସ୍ଥାନ କିମ୍ବା ଅନୁପଯୁକ୍ତ ସମୟରେ ନୁହେଁ । ତତ୍‌ସହିତ ଏହା ମଧ୍ୟ ମନେରଖ ଯେ ବାସ୍ତବ ଉତ୍ତମ ଚରିତ୍ର ଓ ନୈତିକତା ଯେଉଁଥିରେ ସ୍ୱାର୍ଥପରତାର କୌଣସି ବିଷ ମିଶି ନଥାଏ, ତାହା ଉର୍ଦ୍ଧ୍ୱରୁ ପବିତ୍ର ଆତ୍ମାଙ୍କ ଦ୍ୱାରା ଆସିଥାଏ । ସୁତରାଂ ତୁମେ ସେହି ଶ୍ରେଷ୍ଠ ସଦାଚାରଗୁଡ଼ିକୁ ନିଜ ପ୍ରୟାସ ବଳରେ ହାସଲ କରିପାରିବ ନାହିଁ, ଯେପର୍ଯ୍ୟନ୍ତ ତୁମକୁ ଈଶ୍ୱରଙ୍କ ଠାରୁ ଉତ୍କୃଷ୍ଟ ଚରିତ୍ର ପ୍ରଦାନ କରାଯାଇଛି ନାହିଁ । ପ୍ରତ୍ୟେକ ବ୍ୟକ୍ତି ଯିଏ ଆକାଶୀୟ ଅନୁଗ୍ରହ ବଳରେ ପବିତ୍ର ଆତ୍ମା ଦ୍ୱାରା ଉତ୍ତମ ଚରିତ୍ରରୁ ଭାଗ ପାଏ ନାହିଁ, ତାର ଚରିତ୍ରବାନ ହେବାର ଦାବି ହେଉଛି ମିଥ୍ୟା । ତାଙ୍କ ଚାରିତ୍ରିକ ଜୀବନର ପାଣି ତଳେ ବହୁତ କାଦୁଅ, ଗୋବର ଭରି ରହିଛି ଯାହା ତାମସିକ ଆବେଗ ସମୟରେ ପ୍ରକଟିତ ହୋଇଥାଏ । ତେଣୁ ତୁମେ ଈଶ୍ୱରଙ୍କ ଠାରୁ ସର୍ବଦା ଶକ୍ତି ଓ ସାମର୍ଥ୍ୟ ଭିକ୍ଷା କର, ଯଦ୍ୱାରା ସେହି କାଦୁଅ ଓ ଗୋବରରୁ ତୁମକୁ ମୁକ୍ତି ମିଳିବ । ଏବଂ ପବିତ୍ର ଆତ୍ମା ତୁମ ମଧ୍ୟରେ ବାସ୍ତବ ପବିତ୍ରତା ଓ ଉଦାରତା ସୃଷ୍ଟି କରନ୍ତୁ । ମନେରଖ ଯେ ସତ୍ୟତା ଓ ପବିତ୍ର ଆଚରଣ ହେଉଛି ସତ୍ୟବାଦୀମାନଙ୍କ ଉତ୍କର୍ଷତାର ପରିଚୟ, ଯେଉଁଥିରେ ଅନ୍ୟ କେହି ଭାଗିଦାର ନୁହନ୍ତି । କାରଣ ଯେଉଁମାନେ ଈଶ୍ୱରଙ୍କ ସତ୍ତା ମଧ୍ୟରେ ବିଲୀନ ହୁଅନ୍ତି ନାହିଁ, ସେମାନେ ଉର୍ଦ୍ଧ୍ୱରୁ ଶକ୍ତି ପାଆନ୍ତି ନାହିଁ । ତେଣୁ ସେମାନଙ୍କ ପକ୍ଷେ ଏହା ସମ୍ଭବ ନୁହେଁ ଯେ ସେମାନେ ପବିତ୍ର ଚରିତ୍ର ହାସଲ କରିପାରିବେ । ସୁତରାଂ ତୁମେ ନିଜ ଈଶ୍ୱରଙ୍କ ସହିତ ପବିତ୍ର ସମ୍ବନ୍ଧ ସ୍ଥାପନ କର । ଥଟ୍ଟା, ପରିହାସ, ଗାଳିଗୁଲଜ, ମୋହ, ଲୋଭ, ମିଥ୍ୟା, ବ୍ୟଭିଚାର, କୁଦୃଷ୍ଟି, ମନ୍ଦ ଭାବନା, ଭୌତିକବାଦୀତା, ଅହଂକାର, ସ୍ୱେଚ୍ଛାଚାରିତା, ଅଯଥା କଳହ ଓ ଔଦ୍ଧତ୍ୟ ଆଦିକୁ ପରିତ୍ୟାଗ କର । ପୁଣି ସେହି ସବୁକିଛି ତୁମକୁ ଆକାଶରୁ ମିଳିବ, ଯେପର୍ଯ୍ୟନ୍ତ ସେହି ସର୍ବଶ୍ରେଷ୍ଠ ଶକ୍ତିର ଉଚ୍ଚ ଅଧିକାରୀ ଯିଏ ତୁମକୁ ଉର୍ଦ୍ଧ୍ୱକୁ ଟାଣି ନିଅନ୍ତି, ସେ ଯଦି ତୁମ ସହିତ ନାହାନ୍ତି ଏବଂ ପବିତ୍ର ଆତ୍ମା ଯାହା ଜୀବନ ପ୍ରଦାନ କରିଥାନ୍ତି, ସେ ଯଦି ତୁମ ମଧ୍ୟରେ ପ୍ରବେଶ କରିନାହାନ୍ତି ସେପର୍ଯ୍ୟନ୍ତ ତୁମେ ଅତ୍ୟନ୍ତ ଦୁର୍ବଳ ହୋଇଯିବ ଓ ଅନ୍ଧକାର ମଧ୍ୟରେ ପଡି ରହିଥିବ । ବରଂ ତୁମେ ଏକ ମୁର୍ଦ୍ଦାର, ଯାହା ମଧ୍ୟରେ ପ୍ରାଣ

ନାହିଁ । ଏପରି ପରିସ୍ଥିତିରେ ନା ତ ତୁମେ କୌଣସି ପ୍ରକାର ବିପଦର ସମ୍ମୁଖୀନ ହୋଇପାରିବ ଓ ନା ସାମାଜିକ ପ୍ରତିଷ୍ଠା ଓ ଧନଧାନ୍ୟରେ ପରିପୂର୍ଣ୍ଣ ହେବା ଅବସ୍ଥାରେ ଆତ୍ମଗର୍ବ ଓ ଅହଂକାରରୁ ସୁରକ୍ଷିତ ରହିପାରିବ । ପ୍ରତ୍ୟେକ ପାର୍ଶ୍ୱରୁ ତୁମେ ଶୈତାନର ଓ ଆପଣା ସ୍ୱାର୍ଥର ଦାସ ହୋଇ ରହିବ । ତେଣୁ ପ୍ରତ୍ୟେକ ଦିଗରୁ ବାସ୍ତବରେ ତୁମର ଏହା ଏକମାତ୍ର ଉପଚାର ହେବ ଯେ ପବିତ୍ର ଆତ୍ମା ଯିଏ ଈଶ୍ୱରଙ୍କ ବିଶେଷ ଅନୁଗ୍ରହ ଦ୍ୱାରା ଅବତୀର୍ଣ୍ଣ ହୋଇଥାନ୍ତି, ସେ ତୁମର ମୁଖକୁ ପୁଣ୍ୟ ଓ ସତ୍ୟତା ଆଡକୁ ବୁଲାଇ ଦେବେ । ତୁମେ ଆକାଶର ପୁତ୍ର ହୁଅ, ନା କି ଭୂମିପୁତ୍ର ଏବଂ ପ୍ରକାଶର ଉତ୍ତରାଧିକାରୀ ହୁଅ, ନା କି ଅନ୍ଧକାର ପ୍ରେମୀ । ଯଦ୍ୱାରା ତୁମେ ଶୈତାନର ପଥ ଛାଡି ଶାନ୍ତିର ମାର୍ଗକୁ ଆସିଯିବ । କାରଣ ଶୈତାନର ଲକ୍ଷ୍ୟ ସର୍ବଦା ରାତିକୁ ନିଜର ସ୍ୱାର୍ଥ ସାଧନରେ ଲଗାଇବା ଓ ଦିନରେ ତାର କିଛି ସ୍ୱାର୍ଥର ଲକ୍ଷ୍ୟ ନାହିଁ । କାରଣ ସେ ହେଉଛି ପୁରୁଣା ଚୋର ଯିଏ ରାତିରେ ପାଦ ଥାପିଥାଏ ।

ସୁରଃ ଫାତିହା କେବଳ ଏକ ଶିକ୍ଷା ନୁହେଁ, ବରଂ ଏଥିରେ ଏକ ମହାନ ଭବିଷ୍ୟତ ବାଣୀ ମଧ୍ୟ ନିହିତ ଅଛି । ତାହା ହେଉଛି ଈଶ୍ୱର ନିଜର ଚାରୋଟି ବିଶେଷ ଗୁଣ 'ରବୁବିୟତ୍' (ପାଳନକର୍ତ୍ତା), 'ରହ୍‌ମାନିୟତ୍' (ଅଶେଷ ଦୟାବାନ୍), 'ରହିମିୟତ୍' (ସଦା କରୁଣାମୟ), 'ମାଲିକିୟତ୍ ୟୋମିଦ୍ଦିନ'୍ ଅର୍ଥାତ୍ ପୁରସ୍କାର ଓ ଦଣ୍ଡବିଧାନର ଅଧିକାରକୁ ବର୍ଣ୍ଣନା କରି ନିଜର ସାଧାରଣ ଚରିତ୍ରକୁ ପ୍ରକାଶ କରିଛନ୍ତି । ପୁଣି ଏହାର ପରବର୍ତ୍ତୀ ପଙ୍‌କ୍ତିଗୁଡିକରେ ଏହି ପ୍ରାର୍ଥନା ଶିଖାଇଛନ୍ତି ଯେ 'ହେ ଈଶ୍ୱର! ଏପରି କରନ୍ତୁ ଯେ ପୂର୍ବବର୍ତ୍ତୀ ସମୟର ସତ୍ୟବାଦୀ ନବୀ ଓ ରସୁଲ୍‌ମାନଙ୍କର ଆମେ ଯେପରି ଉତ୍ତରାଧିକାରୀ ହେବୁ । ସେମାନଙ୍କ ସତମାର୍ଗକୁ ଆମ ପାଇଁ ଉନ୍ମୁକ୍ତ କରନ୍ତୁ । ସେମାନଙ୍କୁ ମିଳିଥିବା ଦିବ୍ୟ ପୁରସ୍କାର ମଧ୍ୟ ଆମକୁ ମିଳୁ । ହେ ପ୍ରଭୁ ! ଆମକୁ ସେହି ମାର୍ଗରୁ ବଞ୍ଚିତ ରଖ ଅର୍ଥାତ୍ ଆମେ ସେହି ଜାତିଙ୍କ ସଦୃଶ ନହୋଇଯାଉ, ଯାହାଙ୍କ ଉପରେ ତୁମ୍ଭର ପ୍ରକୋପିତ ଶାସ୍ତି ଅବତୀର୍ଣ୍ଣ ହୋଇଅଛି ।' ଯେଉଁ ଇହୁଦୀମାନେ ହଜରତ ଇସାଙ୍କ ସମୟରେ ତାଙ୍କର ବିରୁଦ୍ଧାଚରଣ କରୁଥିଲେ, ସେମାନଙ୍କୁ ପ୍ଲେଗ ବ୍ୟାଧି ଦ୍ୱାରା ବିନାଶ କରିଦିଆ ଯାଇଥିଲା । ହେ ପ୍ରଭୁ ! ଆମକୁ ସେହି ଅସତପଥରୁ ନିବୃତ୍ତ କରାନ୍ତୁ ଅର୍ଥାତ୍ ଆମେ ସେହି ଜାତିଙ୍କ ପରି ନହୋଇଯାଉ, ଯାହାଙ୍କ ସହିତ ତୁମର ସତପଥ ପ୍ରଦର୍ଶନ

ହୋଇନାହିଁ ଓ ସେମାନେ ପଥଭ୍ରଷ୍ଟ ହୋଇ ଯାଇଛନ୍ତି ଅର୍ଥାତ୍ ସେମାନେ ହେଲେ ଖ୍ରୀଷ୍ଟିୟାନ। ଏହି ପ୍ରାର୍ଥନା ମଧ୍ୟରେ ଏକ ଭବିଷ୍ୟତ ବାଣୀ ଲୁଚି ରହିଛି ଯେ ମୁସଲମାନମାନଙ୍କ ମଧ୍ୟରୁ କେତେକ ଏହିପରି ହେବେ, ଯେଉଁମାନେ ନିଜର ସତ୍ୟତା ଓ ପବିତ୍ର ଆଚରଣ ଯୋଗୁ ପୂର୍ବବର୍ତ୍ତୀ ନବୀମାନଙ୍କ ଉତ୍ତରାଧିକାରୀ ହୋଇଯିବେ ତଥା ଅବତାରତ୍ୱ ଓ ଈଶ୍ୱର ପ୍ରେରିତ ହେବାର ପୁରସ୍କାର ଲାଭ କରିବେ। ସେମାନଙ୍କ ମଧ୍ୟରୁ ଅନ୍ୟ କେତେକ ଏପରି ମଧ୍ୟ ହେବେ ଯେଉଁମାନେ ଇହୁଦୀ ଚରିତ୍ର ସମ୍ପନ୍ନ ହେବେ, ଯାହାଙ୍କ ଉପରେ ଏହି ସଂସାରରେ ହିଁ ଐଶ୍ୱରୀକ ଶାସ୍ତି ଅବତୀର୍ଣ୍ଣ ହେବ। ପୁଣି କେତେକ ଏପରି ହୋଇଯିବେ ଯେ ସେମାନେ ପଥଭ୍ରଷ୍ଟ ଖ୍ରୀଷ୍ଟିୟ ପୋଷାକ ପିନ୍ଧି ନେବେ। କାରଣ ଈଶ୍ୱରଙ୍କ ବାଣୀରେ ଏହି ଐଶି ପରମ୍ପରା ରହି ଆସିଛି ଯେ ଯେବେ ଗୋଟିଏ ଜାତିକୁ କୌଣସି କାର୍ଯ୍ୟ କରିବାରୁ ବାରଣ କରାଯାଏ, ସେମାନଙ୍କ ମଧ୍ୟରୁ ନିଶ୍ଚିତ ରୂପେ କେତେକ ବ୍ୟକ୍ତି ସେହି ନିଷିଦ୍ଧ କର୍ମକୁ ଈଶ୍ୱରଙ୍କ ଜ୍ଞାତସାରରେ କରିଥାଆନ୍ତି। ଏବଂ ଅନ୍ୟ କେତେକ ଏପରି ଥାଆନ୍ତି, ଯେଉଁମାନେ ଐଶି ନିର୍ଦ୍ଦେଶିତ କର୍ମ କରି ଏହାର ପୁଣ୍ୟ ଓ ସୌଭାଗ୍ୟରେ ଅଂଶଗ୍ରହଣ କରିଥାନ୍ତି। ସୃଷ୍ଟିର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଈଶ୍ୱର ଯେତେଗୁଡ଼ିଏ ଧର୍ମପୁସ୍ତକ ପ୍ରେରଣ କରିଛନ୍ତି, ସେହି ସମସ୍ତ ଧର୍ମଶାସ୍ତ୍ରରେ ଈଶ୍ୱରଙ୍କର ଏହି ଚିରାଚରିତ ନିୟମ ରହିଛି ଯେ ଯେବେ ସେ ଗୋଟିଏ ଜାତି ପାଇଁ କୌଣସି ଏକ କାର୍ଯ୍ୟ କରିବାକୁ ବାରଣ କରନ୍ତି କିମ୍ବା କୌଣସି କାର୍ଯ୍ୟ କରିବା ପାଇଁ ଅନୁପ୍ରେରିତ କରନ୍ତି, ତେବେ ଈଶ୍ୱରଙ୍କ ଜ୍ଞାତସାରରେ ଏହା ହୋଇଥାଏ ଯେ କେତେକ ଲୋକ ସେହି କାର୍ଯ୍ୟକୁ କରିବେ ତ ଅନ୍ୟ କେତେକ ତାହା କରିବେ ନାହିଁ। ତେଣୁ ଏହି ଅଧ୍ୟାୟଟି ଭବିଷ୍ୟତ ବାଣୀ କରୁଅଛି ଯେ ମୁସଲିମ ସମ୍ପ୍ରଦାୟ ମଧ୍ୟରୁ କୌଣସି ବ୍ୟକ୍ତି ସମ୍ପୂର୍ଣ୍ଣ ରୂପେ ନବୀମାନଙ୍କ ସ୍ୱରୂପରେ ଧରାଧାମରେ ପ୍ରକଟ ହେବ। ଯଦ୍ୱାରା ଏହି ଭବିଷ୍ୟତ ବାଣୀ ଯାହା **'ସିରାତଲ୍ ଲଜିନା ଅନ୍‌ଅମ୍‌ତା ଆଲୈହିମ୍'** ପଙ୍କ୍ତିର ନିଷ୍କର୍ଷ, ତାହା ସମ୍ପୂର୍ଣ୍ଣ ରୂପେ ପୂରଣ ହେବ। ପୁଣି ସେମାନଙ୍କ ମଧ୍ୟରୁ ଅମାନ୍ୟକାରୀଙ୍କର କୌଣସି ଗୋଷ୍ଠୀ ସେହି ଇହୁଦୀମାନଙ୍କ ରଙ୍ଗରେ ବିଭୁଷିତ ହୋଇ ପ୍ରକଟ ହେବେ, ଯାହାଙ୍କ ପ୍ରତି ହଜରତ୍ ଇସା ଅଭିଶାପ ପକାଇ ଥିଲେ। ଫଳତଃ ସେମାନେ ଈଶ୍ୱରଙ୍କ ପ୍ରକୋପିତ ଶାସ୍ତିରେ କବଳିତ ହୋଇଥିଲେ, ଯଦ୍ୱାରା **'ଗଏରିଲ୍ ମଗ୍‌ଜୁବେ ଆଲୈହିମ୍'** ଆୟତର

ତାତ୍ପର୍ଯ୍ୟ ପ୍ରକାଶିତ ହେବ । ଏବଂ ସେମାନଙ୍କ ମଧ୍ୟରୁ କୌଣସି ଏକ ଦଳ ଖ୍ରୀଷ୍ଟିୟାନମାନଙ୍କ ସ୍ୱରୂପରେ ରଙ୍ଗାୟୀତ ହୋଇଯିବେ, ଯାହା ଈଶ୍ୱରଙ୍କ ମାର୍ଗଦର୍ଶନରୁ ବଞ୍ଚିତ ହୋଇ ମଦ୍ୟପାନ, ପ୍ରଭୁଙ୍କ ଆଦେଶର ଅବଜ୍ଞା, ପଥଭ୍ରଷ୍ଟତା ତଥା ନିଷିଦ୍ଧ କର୍ମକୁ ସିଦ୍ଧ କରିବା ଦ୍ୱାରା **'ଓ୍ୱଲଜ୍ ଜ୍ୱାଲିନ୍'** ଆୟତର ଭବିଷ୍ୟତ ବାଣୀ ପ୍ରକାଶିତ ହୋଇଯିବ । ଯେହେତୁ ମୁସଲମାନମାନଙ୍କ ମଧ୍ୟ ଏହି ଧାରଣା ପ୍ରଚଳିତ ଅଛି ଯେ ଶେଷ ଯୁଗରେ ମୁସଲମାନ ବୋଲାଉଥିବା ହଜାର ହଜାର ସଂଖ୍ୟକ ଲୋକ ଇହୁଦୀ ଚରିତ୍ର ସମ୍ପନ୍ନ ବ୍ୟକ୍ତି ହୋଇଯିବେ । ପବିତ୍ର କୁରଆନର ଅନେକ ସ୍ଥାନରେ ମଧ୍ୟ ଏହି ଭବିଷ୍ୟତ ବାଣୀର ଉଲ୍ଲେଖ ରହିଛି ଓ ଶହ ଶହ ସଂଖ୍ୟକ ମୁସଲମାନ ଖ୍ରୀଷ୍ଟଧର୍ମରେ ପରିବର୍ତ୍ତୀତ ହୋଇଯିବ ଅଥବା ଖ୍ରୀଷ୍ଟମତାବଲମ୍ବୀଙ୍କ ପରି ସେମାନଙ୍କ କାର୍ଯ୍ୟକଳାପ ଅଣାୟତ୍ତ ହୋଇଯିବ । ଏପରି କି ଶେଷରେ ସେମାନେ ମୁକ୍ତ ବିହଙ୍ଗ ପରି ସ୍ୱାଧୀନ ଜୀବନ ଯାପନ କରିବା ଏବେ ଦୃଷ୍ଟିଗୋଚର ହେଉଛି । ବରଂ ଅନେକ ମୁସଲମାନ ଖ୍ରୀଷ୍ଟିୟାନ ଜୀବନଶୈଳୀ ତଥା ସେମାନଙ୍କ ସାମାଜିକ ଚଳଣିକୁ ପସନ୍ଦ କରୁଛନ୍ତି । ନିଜକୁ ମୁସଲମାନ ବୋଲାଇ ନମାଜ ରୋଜା ଏବଂ ହଲାଲ୍ ଓ ହରାମ (ବୈଧ ଓ ଅବୈଧ) ସମ୍ପର୍କିତ ନିର୍ଦ୍ଦେଶାବଳୀକୁ ଅତ୍ୟନ୍ତ ଘୃଣା ଚକ୍ଷୁରେ ଦେଖୁଛନ୍ତି । ଏହି ଦୁଇଟି ଗୋଷ୍ଠୀ ଅର୍ଥାତ ଇହୁଦୀ ଓ ଖ୍ରୀଷ୍ଟିୟାନ ଚରିତ୍ର ସମ୍ପନ୍ନ ଗୋଷ୍ଠୀଗୁଡ଼ିକ ଏହି ଦେଶରେ ବ୍ୟାପି ଯାଇଥିବାର ଦେଖାଯାଉଛି । ସୁତରାଂ ସୁରଃ ଫାତିହାର ସେହି ଦୁଇଟି ଭବିଷ୍ୟତ ବାଣୀ ପୂରଣ ହୋଇଥିବାର ତୁମେମାନେ ଦେଖିସାରିଛ ଓ ଏହା ସ୍ୱଚକ୍ଷୁରେ ଅବଲୋକନ କରିସାରିଛ ଯେ କେତେକ ମୁସଲମାନ ଇହୁଦୀ ଚରିତ୍ରର ଓ ଅନ୍ୟ କେତେକ ଖ୍ରୀଷ୍ଟିୟାନମାନଙ୍କ ପୋଷାକ ପରିଧାନ କରିଛନ୍ତି ।

ଏବେ ତୃତୀୟ ଭବିଷ୍ୟତ ବାଣୀଟି ଏଠାରେ ସ୍ୱୀକାର୍ଯ୍ୟ ଯେ ଯେପରି ମୁସଲମାନମାନେ ଇହୁଦି ଓ ଖ୍ରୀଷ୍ଟିୟାନରେ ପରିଣତ ହୋଇଯିବା ଯୋଗୁ ସେମାନଙ୍କ ଅସତ୍ କର୍ମରେ ଭାଗିଦାର ହେଲେ, ସେହିପରି ସେମାନେ ଏହି ଅଧିକାର ମଧ୍ୟ ପ୍ରାପ୍ତ କରିଛନ୍ତି ଯେ ତାଙ୍କ ମଧ୍ୟରୁ କେତେକ ସଦାଚାରୀ ବ୍ୟକ୍ତି ସେହି ପବିତ୍ର ଲୋକମାନଙ୍କର ପଦମର୍ଯ୍ୟାଦା ଓ ବୈଭବରୁ ମଧ୍ୟ ଭାଗ ପାଇବେ, ଯେଉଁମାନେ ଇସ୍ରାଇଲୀୟମାନଙ୍କ ସନ୍ତାନ ମଧ୍ୟରେ ଜୀବନ ଅତିବାହିତ କରିଛନ୍ତି । ଈଶ୍ୱରଙ୍କ

ଉପରେ ଏପରି ମନ୍ଦ ଧାରଣା ରଖାଯାଇଛି ଯେ ସେ ମୁସଲମାନମାନଙ୍କୁ ଇହୁଦୀ ଓ ଖ୍ରୀଷ୍ଟିୟାନମାନଙ୍କ ଅସତ୍ କର୍ମକୁ ଆପଣାଇବାରେ ଭାଗିଦାର ତ କରାଇଛନ୍ତି, ଏପରିକି ସେମାନଙ୍କର ନାମକରଣ ମଧ୍ୟ ଇହୁଦୀ ଓ ଖ୍ରୀଷ୍ଟିୟ କରିଛନ୍ତି ସତ, କିନ୍ତୁ ସେମାନଙ୍କ ରସୁଲ ଓ ନବୀଙ୍କ ପଦମର୍ଯ୍ୟାଦାରୁ ଏହି ମୁସଲିମ ଜାତି କିଛିହେଲେ ଭାଗ ଦେଲେ ନାହିଁ । ତେବେ ପୁଣି ଏହି ଉମ୍ମତ୍ 'ଖୈରୁଲ୍ ଉମମ୍' ଅର୍ଥାତ ସର୍ବୋତ୍କୃଷ୍ଟ ସମ୍ପ୍ରଦାୟ କିପରି ହେଲା ? ବରଂ ଏହା 'ଶର୍‌ରୁଲ୍ ଉମମ୍' (ଖରାପ ସମ୍ପ୍ରଦାୟ) ହେବା ଉଚିତ ଥିଲା । ପ୍ରତ୍ୟେକ ଆଦର୍ଶହୀନ ମନ୍ଦକର୍ମର ଭାଗ ତ ତାଙ୍କୁ ମିଳିଲା, କିନ୍ତୁ ପୁଣ୍ୟ କର୍ମର ଆଦର୍ଶ ମିଳିଲା ନାହିଁ । କ'ଣ ଏହା ଆବଶ୍ୟକ ନଥିଲା ଯେ ମୁସଲିମ ସମ୍ପ୍ରଦାୟରେ ମଧ୍ୟ କୌଣସି ବ୍ୟକ୍ତି ରସୁଲ୍ ଓ ନବୀଙ୍କ ରଙ୍ଗରେ ବିଭୁଷିତ ହେବାର ଦୃଷ୍ଟିଗୋଚର ହୁଅନ୍ତୁ, ଯିଏ କି ଇସ୍ରାଇଲୀୟ ଜାତିର ସମସ୍ତ ନବୀମାନଙ୍କ ଉତ୍ତାରାଧିକାରୀ ତଥା ସେମାନଙ୍କର ଅନୁରୂପ ହୁଅନ୍ତୁ ? କାରଣ ଈଶ୍ୱରଙ୍କ କରୁଣାରୁ ଏହା ଆଶା କରାଯାଇପାରେ ଯେ ସେ ଏହି ସମ୍ପ୍ରଦାୟରେ ବର୍ତ୍ତମାନ ଯୁଗରେ ହଜାର ହଜାର ଇହୁଦୀ ଗୁଣ ବିଶିଷ୍ଟ ଲୋକମାନଙ୍କୁ ସୃଷ୍ଟି କରାଇଦେବେ ଓ ହଜାର ହଜାର ଲୋକଙ୍କୁ ଖ୍ରୀଷ୍ଟିଧର୍ମରେ ଅନ୍ତର୍ଭୂକ୍ତ କରାଇଦେବେ । କିନ୍ତୁ ଏପରି ଜଣେ ହେଲେ ବ୍ୟକ୍ତିକୁ ମଧ୍ୟ ସୃଷ୍ଟି କରିପାରିବେ ନାହିଁ, ଯିଏ ପୂର୍ବବର୍ତ୍ତୀ ନବୀମାନଙ୍କ ଉତ୍ତରାଧିକାରୀ ହୋଇପାରିବ ଓ ସେମାନଙ୍କ ପୁରସ୍କାରଗୁଡିକୁ ପ୍ରାପ୍ତ କରୁଥିବ । ଏହା ଦ୍ୱାରା ଉକ୍ତ ଭବିଷ୍ୟତ ବାଣୀଟି

اِهْدِنَا الصِّرَاطَ الْمُسْتَقِيْمَ صِرَاطَ الَّذِيْنَ اَنْعَمْتَ عَلَيْهِمْ

**'ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍ ସିରାତର୍ଲ୍‌ଲଜିନା ଅନ୍‌ଅମ୍‌ତା ଆଲୈହିମ୍'** ପଙ୍କ୍ତିରୁ ସ୍ପଷ୍ଟ ହେଉଛି । ତାହା ମଧ୍ୟ ଏହିପରି ପୂରଣ ହେଉ, ଯେପରି ଇହୁଦୀ ଓ ଖ୍ରୀଷ୍ଟିୟାନ ହେବାର ଭବିଷ୍ୟତ ବାଣୀ ପୂରଣ ହୋଇଥିଲା ଓ ଯେଉଁ ପରିସ୍ଥିତିରେ ଏହି ଜାତିକୁ ହଜାରେ ପ୍ରକାର ଦୁର୍ନାମ ଦିଆଗଲା । ପବିତ୍ର କୁରଆନ ଓ ହଦିସରୁ ପ୍ରମାଣିତ ହେଉଛି ଯେ ଇହୁଦୀ ହୋଇଯିବା ମଧ୍ୟ ସେମାନଙ୍କର ଭାଗ୍ୟରେ ଲେଖାଅଛି । ତେବେ ଏପରି ପରିସ୍ଥିତିରେ ଈଶ୍ୱରଙ୍କ କୃପାଦୃଷ୍ଟି ଏହା ଚାହୁଥିଲା ଯେ ଯେପରି ଅତୀତ କାଳର ଖ୍ରୀଷ୍ଟିୟାନଙ୍କ ଠାରୁ ସେମାନେ ଖରାପ କଥାକୁ ଗ୍ରହଣ କଲେ, ସେହିଭଳି ସମସ୍ତ ସତକର୍ମର ମଧ୍ୟ ଉତ୍ତରାଧିକାରୀ ହୁଅନ୍ତୁ । ସେଇଥି ପାଇଁ ଈଶ୍ୱର

ସୁରଃ ଫାତିହାର **'ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍'** اِهۡدِنَا الصِّرَاطَ الۡمُسۡتَقِيۡمَ ପଙ୍‌କ୍ତିରେ ଏହି ସୁସମାଚାର ଦେଇଛନ୍ତି ଯେ ଏହି ସମ୍ପ୍ରଦାୟର କେତେକ ବ୍ୟକ୍ତି ପୂର୍ବବର୍ତ୍ତୀ ଅବତାରମାନଙ୍କ ପୁରସ୍କାରକୁ ମଧ୍ୟ ପ୍ରାପ୍ତ କରିବେ । ସେମାନେ ନା କେବଳ ଇହୁଦୀ ହୋଇ ରହିବେ କିମ୍ବା ଖ୍ରୀଷ୍ଟିୟାନ ରହିବେ । ସେହି ଜାତିର ଖରାପ କଥାଗୁଡିକୁ ତ ଗ୍ରହଣ କରିନେଲେ, କିନ୍ତୁ ଭଲ କଥାଗୁଡିକୁ ଗ୍ରହଣ କରିପାରିଲେ ନାହିଁ । ଏଥି ପ୍ରତି ସୁରଃ 'ତହ୍‌ରିମ୍'ରେ ମଧ୍ୟ ସଂକେତ ଦିଆଯାଇଛି ଯେ ସମ୍ପ୍ରଦାୟର କେତେକ ସଦସ୍ୟମାନଙ୍କ ସମ୍ବନ୍ଧରେ ଏହା କୁହାଯାଇଛି ଯେ ସେମାନେ ପବିତ୍ର ମରିୟମଙ୍କ ସହିତ ସମାନତା ରଖିବେ, ଯିଏ ସ୍ୱୟଂ ସଦାଚାରିତାକୁ ଗ୍ରହଣ କରିଥିଲେ । ସେତେବେଳେ ମାତା ମେରୀଙ୍କ ଗର୍ଭରେ ଯୀଶୁଙ୍କ ଆତ୍ମା ଫୁଙ୍କାଗଲା ଓ ଯୀଶୁ ତାଙ୍କଠାରୁ ଜନ୍ମ ହେଲେ । ଏହି ପଙ୍‌କ୍ତିରେ ଏହି କଥା ପ୍ରତି ମଧ୍ୟ ସଂକେତ ଥିଲା ଯେ ମୁସଲିମ ସମ୍ପ୍ରଦାୟରେ ଜଣେ ଏପରି ବ୍ୟକ୍ତି ହେବେ ଯାହାଙ୍କୁ ପ୍ରଥମେ ମରିୟମଙ୍କ ମର୍ଯ୍ୟାଦା ମିଳିବ, ପୁଣି ତାଙ୍କ ଭିତରେ ଯୀଶୁଙ୍କ ଆତ୍ମା ଫୁଙ୍କାଯିବ । ତା'ପରେ ଯାଇ ମରିୟମ୍‌ଙ୍କ ଠାରୁ ଯୀଶୁ ଶିଶୁପୁତ୍ର ହୋଇ ବାହାରି ଆସିବେ । ଅର୍ଥାତ୍ ସେ ମରିୟମ୍ ଗୁଣରୁ ଯୀଶୁଙ୍କ ବିଶେଷ ଗୁଣଆଡକୁ ପରିବର୍ତ୍ତିତ ହେବେ । ଏହିଭଳି ଭାବରେ ସେ 'ଇବ୍‌ନେ ମରିୟମ'ଅର୍ଥାତ ମରିୟମ ପୁତ୍ର ବୋଲାଇବ । ଯେପରି ବରାହିନେ ଅହମଦୀୟାରେ ମୋର ପ୍ରଥମ ନାମ 'ମରିୟମ୍' ରଖାଯାଇଛି, ତାହା ସେହି ଦୈବୀବାଣୀ ଆଡକୁ ଇଙ୍ଗିତ କରୁଛି ଯାହା ପୃଷ୍ଠା ୨୪୧ରେ ଲେଖାହୋଇଛି । **'ଅନ୍ନା ଲକି ହାଜା'** اَنّٰى لَكِ هٰذَا ଅର୍ଥାତ୍ 'ହେ ମରିୟମ୍ ! ତୁମେ ଏହି ପୁରସ୍କାର କେଉଁଠାରୁ ପାଇଲ ?' ତାହା ପୃଷ୍ଠା୨୨୬ରେ ଥିବା ଦୈବୀବାଣୀ ପ୍ରତି ଇଙ୍ଗିତ କରୁଛି ଯେ 'ହାଜା ଇଲୈକା ବିଜିଜିଇନ୍ ନଖ୍‌ଲାଃ' ଅର୍ଥାତ୍ 'ହେ ମରିୟମ୍ ! ଖଜୁରୀ ଡାଳକୁ ହଲାଇ ଦିଅ' ଓ ପୁଣି ଏହାପରେ ବରାହିନେ ଅହେମଦୀୟାର ୪୯୬ ପୃଷ୍ଠାରେ ଏହି ସ୍ୱର୍ଗବାଣୀର ମଧ୍ୟ ଉଲ୍ଲେଖ ଅଛି

**يا مريم اسكن انت وزوجك الجنة نفخت فيك من لدنى روح الصدق**

'ୟା ମରିୟମୁ ଉସ୍‌କୁନ୍ ଅନ୍‌ତା ଓ୍ୱଜଉଜକଲ୍ ଜନ୍ନତା ନଫଂକ୍‌ତୁ ଫିକା ମିଲ୍ଲଦୁନି ରୁହୁସ୍ ସିଦ୍ଦକ୍' ଅର୍ଥାତ୍ 'ହେ ମରିୟମ ! ତୁମେ ନିଜ ସାଙ୍ଗସାଥିଙ୍କ ସହିତ ସ୍ୱର୍ଗରେ ପ୍ରବେଶ କରିଯାଅ । ମୁଁ ତୁମ ଭିତରେ ନିଜ ସମୀପରୁ ସତ୍ୟତାର ଆତ୍ମାକୁ ଫୁଙ୍କି ଦେଇଛି ।'

ଈଶ୍ୱର ଏହି ଆୟତରେ ମୋ ନାମ 'ରୁହୁସ୍ ସିଦ୍ଦିକ୍' (ସତ୍ୟ ଆତ୍ମା) ରଖିଛନ୍ତି । ଏହା ସେହି ପଙ୍କ୍ତିର ତୁଳନାରେ ରହିଛି 'ନଫକ୍‌ନା ଫିହି ମିର୍‌ରୁହିନା' । ତେଣୁ ଏହି ସ୍ଥାନରେ ଯଦିଓ ଆକ୍ଷରିକ ରୂପେ ମରିୟମ୍‌ଙ୍କ ଗର୍ଭରେ ଯୀଶୁଙ୍କ ସତ୍ତା ଆତ୍ମା ସ୍ୱରୂପ ରହିଲେ, ତାହାର ନାମ ହେଉଛି ରୁହୁସ୍ ସିଦ୍ଦିକ୍ । ପୁଣି ବରାହିନେ ଅହମଦୀୟାର ଶେଷ ପୃଷ୍ଠା ୫୫୬ରେ ସେହି ଯୀଶୁଙ୍କ ଜନ୍ମ ହେବା ସମ୍ବନ୍ଧରେ ନିମ୍ନଲିଖିତ ଐଶୀବାଣୀ ହେଲା । 'ୟାଇସା ଇନ୍ନି ମୁତଓ୍ୱଫିଇକା ଓ୍ୱରାଫିଉକା ଇଲୈୟା ଓ୍ୱଜାଏଲୁଲ୍ ଲଜିନା ଇତ୍‌ତବେଉକା ଫୈକଲ୍‌ଲଜିନା କଫରୁ ଇଲା ୟୋମିଲ୍ କିୟମାଃ'

ଏଠାରେ ମୋ ନାମ ଯୀଶୁ ରଖାଗଲା ଓ ଏହି ସ୍ୱର୍ଗବାଣୀ ସ୍ପଷ୍ଟ କରିଦେଲା ଯେ ସେହି ଯୀଶୁ ଜନ୍ମ ହୋଇ ଗଲେଣି, ଯାହାଙ୍କ ଆତ୍ମାକୁ ଫୁଙ୍କିବା ବିଷୟରେ ୪୯୬ ପୃଷ୍ଠାରେ ପ୍ରକାଶ କରାଯାଇଥିଲା । ସୁତରାଂ ଏହି ଆଧାରରେ ମୁଁ 'ଇସା ଇବ୍‌ନେ ମରିୟମ୍' ବା ମରିୟମ ପୁତ୍ର ଯୀଶୁ ବୋଲାଇଲି । କାରଣ ମୋର ଅସ୍ତିତ୍ୱ ଯୀଶୁଙ୍କ କ୍ରିୟାତ୍ମକ ଅବସ୍ଥାରୁ ମରିୟମଙ୍କ କ୍ରିୟାତ୍ମକ ଅବସ୍ଥାକୁ ଈଶ୍ୱର ଫୁଙ୍କି ଦେବା ଦ୍ୱାରା ସୃଷ୍ଟି ହେଲା । (ଦେଖନ୍ତୁ ପୃଷ୍ଠା ୪୯୬ ଏବଂ ୫୫୬ ବରାହିନେ ଅହମଦୀୟା) ଏହି ଘଟଣାଟିକୁ ସୁରଃ ତହ୍‌ରିମ୍‌ରେ ଭବିଷ୍ୟତ ବାଣୀ ଆକାରରେ ସମ୍ପୂର୍ଣ୍ଣ ବ୍ୟାଖ୍ୟା କରାଯାଇ ବର୍ଣ୍ଣନା କରାଯାଇଛି । ଇସା ଇବ୍‌ନେ ମରିୟମ ଏହି ମୁସଲିମ ସମ୍ପ୍ରଦାୟ ମଧ୍ୟରେ ଏପରି ଜନ୍ମ ହେବେ, ଯେପରି ପ୍ରଥମ ପ୍ରକ୍ରିୟାରେ କୌଣସି ଏକ ବ୍ୟକ୍ତିକୁ ମରିୟମ କରି ଦିଆଯିବ ଓ ତା'ପରେ ସେହି ମରିୟମଙ୍କ ଅନ୍ତରରେ ଯୀଶୁଙ୍କ ଆତ୍ମା ଫୁଙ୍କି ଦିଆଯିବ । ତେଣୁ ସେ ମରିୟମ ରୂପୀ ଗର୍ଭରେ ଏକ ନିର୍ଦ୍ଦିଷ୍ଟ ଅବଧି ପର୍ଯ୍ୟନ୍ତ ପ୍ରତିପୋଷଣ ହେବା ପରେ ଯୀଶୁଙ୍କ ଆଧ୍ୟାତ୍ମିକ ରୂପ ଧାରଣ କରି ଜନ୍ମ ହେବ । ଏହିଭଳି ଏକ ଆଧ୍ୟାତ୍ମିକ ପ୍ରକ୍ରୀୟା ଦ୍ୱାରା 'ଇସା ଇବ୍‌ନେ ମରିୟମ' ଅର୍ଥାତ ମରିୟମ ପୁତ୍ର ଯୀଶୁ ବୋଲି କୁହାଯିବ । ହଜରତ ମୁହମ୍ମଦ[ସଅ]ଙ୍କ ଦ୍ୱାରା ଏକ ମହତ୍ତ୍ୱପୂର୍ଣ୍ଣ ଅଗ୍ରୀମ ସୂଚନା ଇବ୍‌ନେ ମରିୟମଙ୍କ ସମ୍ବନ୍ଧରେ ଦିଆଯାଇଥିଲା । ପବିତ୍ର କୁରଆନ ଅନ୍ତର୍ଗତ ସୁରଃ ତହ୍‌ରିମ୍‌ରେ ଆଜିଠାରୁ ତେରଶହ ବର୍ଷ ପୂର୍ବେ ଏହି ରୋଚକ ବିଷୟ ବର୍ଣ୍ଣନା କରାଯାଇଛି । ପୁଣି ବରାହିନେ ଅହମଦୀୟା ପୁସ୍ତକରେ ସେହି କୁରଆନ ବାଣୀ ବିଷୟରେ ଈଶ୍ୱର ନିଜେ ହିଁ ବ୍ୟାଖ୍ୟା କରିଛନ୍ତି ।

ପବିତ୍ର କୁରଆନ ବିଦ୍ୟମାନ ଅଛି ଓ ରହିଥିବ । ଗୋଟିଏ ପାର୍ଶ୍ୱରେ ପବିତ୍ର କୁରଆନକୁ ରଖ ଓ ଅନ୍ୟ ପାର୍ଶ୍ୱରେ 'ବରାହିନେ ଅହମଦୀୟା' ପୁସ୍ତକକୁ ରଖ । ପୁଣି ନ୍ୟାୟ, ବୁଦ୍ଧି ବିବେକ ସହିତ ସଂଯମତା ରକ୍ଷା କରି ଚିନ୍ତା କର ଯେ ସୁରଃ ତହ୍‌ରିମ୍‌ରେ ଯେଉଁ ଭବିଷ୍ୟତ ବାଣୀ ଥିଲା, ଅର୍ଥାତ୍ ଏହି ଉମ୍ମତ୍‌ରେ ମଧ୍ୟ କେହି ଜଣେ ବ୍ୟକ୍ତି 'ମରିୟମ' ବୋଲାଇବ । ପୁଣି ମରିୟମ ଭିତରୁ ଯୀଶୁଙ୍କୁ ସୃଷ୍ଟି କରାଯିବ, ଯେପରି ତା'ଠାରୁ ହିଁ ସେ ଜାତ ହେବ । ତାହା ବରାହିନେ ଅହମଦୀୟାରେ ଲିଖିତ ଏକ ପ୍ରକାର ସ୍ୱର୍ଗୀୟ ବାଣୀ ଦ୍ୱାରା କେଉଁ ରୂପରେ ପୂରଣ ହେଲା । କଣ ଏହା ମନୁଷ୍ୟକୃତ ଶକ୍ତି ? କଣ ଏହା ମୋ ଅକ୍ତିଆରରେ ଥିଲା ? କଣ ମୁଁ ସେ ସମୟରେ ଉପସ୍ଥିତ ଥିଲି ଯେଉଁ ସମୟରେ ପବିତ୍ର କୁରଆନ୍ ଅବତୀର୍ଣ୍ଣ ହେଉଥିଲା ? ଯଦ୍ୱାରା ମୁଁ ନିବେଦନ କରି ପାରିଥାନ୍ତି ଯେ ମୋତେ ମରିୟମ୍ ପୁତ୍ର କରିବା ପାଇଁ କୌଣସି ଏକ ଆୟତ ଅବତୀର୍ଣ୍ଣ କରାଯାଉ ଓ ଏହି ଅଭିଯୋଗରୁ ମୋତେ ମୁକ୍ତ କରାଯାଉ ଯେ ତୁମକୁ କାହିଁକି 'ଇବ୍‌ନେ ମରିୟମ୍' କୁହାଯିବ । କଣ ଆଜିଠାରୁ କୋଡିଏ ବାଇଶ ବର୍ଷ ପୂର୍ବେ ବରଂ ଏହା ଠାରୁ ମଧ୍ୟ ଅଧିକ ବର୍ଷ ପୂର୍ବରୁ ମୋ ତରଫରୁ ଏପରି ଯୋଜନା କରାଯାଇ ପାରିଥାଆନ୍ତା ଯେ ମୁଁ ନିଜ ଆଡୁ ସ୍ୱର୍ଗୀୟ ବାଣୀ ସୃଷ୍ଟି କରି ପ୍ରଥମେ ନିଜ ନାମକୁ 'ମରିୟମ' ରଖିଥାନ୍ତି ଓ ପୁଣି ଆଗକୁ ବଢ଼ି ଏପରି ମନଗଢ଼ା ଐଶ୍ୱରିକ ବାଣୀ ସୃଷ୍ଟି କରିଥାଆନ୍ତି ଯେ ଅତୀତ ଯୁଗର ମରିୟମ୍‌ଙ୍କ ପରି ମୋ ଭିତରେ ମଧ୍ୟ  ଯୀଶୁଙ୍କ ଆତ୍ମା ଫୁଙ୍କା ଯାଇଛି । ପରିଶେଷରେ ବରାହିନେ ଅହମଦୀୟାର ୫୫୬ ପୃଷ୍ଠାରେ ଲେଖି ଦେଇଥାଆନ୍ତି ଯେ ବର୍ତ୍ତମାନ ମୁଁ ମରିୟମରୁ ଇସା ହୋଇଗଲି ।

ହେ ପ୍ରିୟ ଲୋକମାନେ ! ବିଚାର କର ଓ ଈଶ୍ୱରଙ୍କୁ ଭୟ କର । ଏହି କାର୍ଯ୍ୟ କଦାପି ମନୁଷ୍ୟର ନୁହେଁ । ଏହି ସୂକ୍ଷ୍ମ ଓ ଗୁଢ଼ ତତ୍ତ୍ୱଗୁଡିକ ମନୁଷ୍ୟର ଜ୍ଞାନ ଓ କଳ୍ପନାରୁ ଉର୍ଦ୍ଧ୍ୱରେ ରହିଛି । ଯଦି ବରାହିନେ ଅହମଦୀୟାର ରଚନା ସମୟରେ ଯାହାକୁ ଲେଖା ହେବାକୁ ଏକ ଯୁଗ ବିତିଗଲାଣି, ସେତେବେଳେ ଯଦି ମୋର ଏହି ଉଭଟ ଚିନ୍ତା କରିବାର ଥାଆନ୍ତା, ତେବେ ମୁଁ ସେହି ପୁସ୍ତକରେ ଏହା କାହିଁକି ଲେଖିଥାଆନ୍ତି ଯେ ମରିୟମ୍ ପୁତ୍ର ଯୀଶୁ ଆକାଶରୁ ପୁନର୍ବାର ଆସିବେ । ସୁତରାଂ ଯେହେତୁ ଈଶ୍ୱର ଜାଣିଥିଲେ ଯେ ଏହି ଭେଦ ବିଷୟରେ ଆଗରୁ ଅବଗତ ଥିଲେ

ଏହି ପ୍ରମାଣଟି ଦୁର୍ବଳ ହୋଇଯିବ । ସେଥିପାଇଁ ଯଦିଚ ସେ ବରାହିନେ ଅହମଦୀୟାର ତୃତୀୟ ଭାଗରେ ମୋ ନାମକୁ 'ମରିୟମ' ରଖିଛନ୍ତି । ପୁଣି ଯେପରିକି ସେହି ପୁସ୍ତକରୁ ଏହା ସ୍ପଷ୍ଟ ହୋଇଗଲା ଯେ ଦୁଇବର୍ଷ ପର୍ଯ୍ୟନ୍ତ ମରିୟମ ବିଶିଷ୍ଟ ଗୁଣ ବହନ କରି ମୁଁ ପାଳିତ ହେଲି ଓ ପରଦା ଆଢୁଆଳରେ ବଢ଼ିବାକୁ ଲାଗିଲି । ପୁଣି ଏହାକୁ ଯେତେବେଳେ ଦୁଇବର୍ଷ ବିତିଗଲା, ଯେପରିକି ବରାହିନେ ଅହମଦୀୟାର ଚତୁର୍ଥ ଭାଗ ପୃଷ୍ଠା ୪୯୬ରେ ଦର୍ଶାଯାଇଛି, ମରିୟମଙ୍କ ପରି ଯୀଶୁଙ୍କ ଆତ୍ମା ମୋ ଭିତରେ ଫୁଙ୍କା ଯାଇଛି । ଉପମା ସ୍ୱରୂପ ମୋତେ ଗର୍ଭବତୀ ରୂପେ ଅଭିହିତ କରାଗଲା ଏବଂ କେତେ ମାସ ବିତିଯିବା ପରେ ଯାହା ଦଶ ମାସରୁ ଅଧିକ ନୁହେଁ । ପରିଶେଷରେ ସେହି ପୁସ୍ତକର ପୃଷ୍ଠା ୫୫୬ରେ ଉଲ୍ଲେଖ କରାଯାଇଥିବା ଦୈବୀବାଣୀ ମାଧ୍ୟମରେ ମୋତେ ମରିୟମ୍‌ରୁ ଯୀଶୁ ରୂପେ ମୋର ଅସ୍ତିତ୍ୱ ପରିବର୍ତ୍ତନ କରାଗଲା । ସୁତରାଂ ଏହିପରି ମୁଁ ଇବ୍‌ନେ ମରିୟମ ଅର୍ଥାତ ମରିୟମ ପୁତ୍ରରେ ପରିଣତ ହୋଇଗଲି । ଈଶ୍ୱର ବରାହିନେ ଅହମଦୀୟା ଲେଖାଯିବା ସମୟରେ ଏହି ଗୁପ୍ତ ରହସ୍ୟ ସମ୍ବନ୍ଧରେ ମୋତେ ଖବର ଦେଇ ନଥିଲେ । ଯେବେ କି ଏହି ସଂପୂର୍ଣ୍ଣ ଐଶ୍ୱରିକ ବାଣୀ ଯାହା ସେହି ରହସ୍ୟାବୃତ୍ତ ତଥ୍ୟକୁ ନିଜ ଭିତରେ ଲୁଚାଇ ରଖିଥିଲା, ତାହା ମୋ ଉପରେ ଅବତୀର୍ଣ୍ଣ ହୋଇଥିଲା । ପୁଣି ଏପରି ସୂଚନା ବରାହିନେ ଅହମଦୀୟାରେ ଲିପିବଦ୍ଧ କରାଗଲା । କିନ୍ତୁ ତାର ପ୍ରକୃତ ଅର୍ଥ ଓ ତାର କ୍ରମାନ୍ୱୟ ପ୍ରକ୍ରୀୟା ସମ୍ବନ୍ଧରେ ମୋତେ ଅବଗତ କରାଯାଇ ନଥିଲା । ସେଥିପାଇଁ ମୁଁ ମୁସଲମାନମାନଙ୍କ ପରାମ୍ପରାଗତ ଆସ୍ଥାକୁ ବରାହିନେ ଅହମଦୀୟା ପୁସ୍ତକରେ ଲେଖିଦେଲି । ଯଦ୍ୱାରା ମୋ ସରଳ ସ୍ୱଭାବ ତଥା ମୋର ନିରାଡମ୍ବର ହେବା ଅବସ୍ଥାର ସେମାନେ ସାକ୍ଷୀ ହୋଇ ରହିବେ । ତାହା ଲେଖିବା ଐଶିବାଣୀ ଉପରେ ଆଧାରିତ ନଥିଲା କେବଳ ଗତାନୁଗତିକ ପ୍ରଥା ଥିଲା, ଯାହା ବିରୋଧିମାନଙ୍କ ପାଇଁ ପ୍ରମାଣଯୋଗ୍ୟ ତଥ୍ୟ ନୁହେଁ । କାରଣ ମୁଁ ସ୍ୱୟଂ ଅନ୍ତର୍ଯ୍ୟାମୀ ହେବାର ଦାବୀ କରିନାହିଁ, ଯେପର୍ଯ୍ୟନ୍ତ ସ୍ୱୟଂ ପ୍ରଭୁ ମୋତେ ବୁଝାଇ ଦେଇନାହାନ୍ତି । ସୁତରାଂ ସେପର୍ଯ୍ୟନ୍ତ ଈଶ୍ୱରଙ୍କର ଇଚ୍ଛା ଏହାହିଁ ଥିଲା ଯେ ବରାହିନେ ଅହମଦୀୟାର କେତେକ ଦୈବୀବାଣୀ ଭିତ୍ତିକ ରହସ୍ୟ ମୋତେ ବୁଝା ନପଡୁ । କିନ୍ତୁ ଯେବେ ପ୍ରକୃଷ୍ଟ ସମୟ ଆସିଲା, ସେତେବେଳେ ଉକ୍ତ

ରହସ୍ୟକୁ ମୋତେ ବୁଝାଇ ଦିଆଗଲା । ତା'ପରେ ମୁଁ ଜାଣିପାରିଲି ଯେ ମୋର ଏହି ମସିହ ମଉଦ ହେବାର ଦାବୀ କରିବା କୌଣସି ନୂଆ କଥା ନୁହେଁ । ଏହା ସେହି ଦାବୀ ଯାହାକୁ ବରାହିନେ ଅହମଦୀୟାରେ ବାରମ୍ବାର ସ୍ପଷ୍ଟ ରୂପେ ଉଲ୍ଲେଖ କରାଯାଇଛି । ଏଠାରେ ଅନ୍ୟ ଏକ ଦୈବୀବାଣୀ ସମ୍ବନ୍ଧରେ ମୁଁ ବ୍ୟାଖ୍ୟା କରୁଛି । ମୋର ଅବଶ୍ୟ ମନେ ପଡୁନାହିଁ ଯେ ମୁଁ ସେହି ଦୈବୀବାଣୀକୁ ନିଜର କୌଣସି ପତ୍ରପତ୍ରିକା ବା ଇସ୍ତହାରରେ ପ୍ରକାଶ କରିଛି କି ନାହିଁ । କିନ୍ତୁ ମୋର ଏହା ମନେଅଛି ଯେ ସେ ବିଷୟରେ ମୁଁ ଶହ ଶହ ଲୋକଙ୍କୁ ଶୁଣାଇଥିଲି । ମୋ ମାନସ ପଟରେ ରହିଥିବା ଦୈବୀବାଣୀଗୁଡିକ ମଧ୍ୟରେ ତାହା ଉପଲବ୍ଧ ଅଛି । ଏହା ହେଉଛି ସେହି ସମୟର କଥା ଯେବେ ମୋତେ ଈଶ୍ୱର ମରିୟମ୍ ଆଖ୍ୟା ଦେଇଥିଲେ ଏବଂ ଆତ୍ମା ଫୁଙ୍କିବାର ସ୍ୱର୍ଗବାଣୀ କରିଥିଲେ । ତା'ପରେ ଯାଇ ଏହି ଐଶ୍ୱରିକ ବାଣୀ ହୋଇଥିଲା । 'ଫଅଜାଅହଲ ମଖାଜୁ ଇଲାଜିଜିଇନ୍ ନଖଲତି କାଲତ୍ ୟାଲୈତନି ମିତ୍ତୁ କବ୍ଲା ହାଜା ଓ୍ୱକୁନ୍ତୁ ନସିୟମ୍ ମନ୍‌ସିୟା'

ଅର୍ଥାତ୍ 'ପୁନଶ୍ଚ ମରିୟମ୍‌କୁ ଯାହାଙ୍କ ସ୍ୱରୂପରେ ଏହି ଅଧମକୁ ନିଜର ପ୍ରସବର ପୀଡା ଖଜୁରୀ ଗଛର ଡାଳ ଆଡକୁ ନେଇ ଆସିଲା' ଅର୍ଥାତ ସାଧାରଣ ଜନତା, ମୂର୍ଖ ଓ ଅଜ୍ଞାନୀ ମୌଲବୀମାନଙ୍କର ମୋତେ ସମ୍ମୁଖୀନ ହେବାକୁ ପଡିଲା । ସେମାନଙ୍କ ନିକଟରେ ବିଶ୍ୱାସର ଫଳ ନଥିଲା ଯେଉଁମାନେ କାଫିର କହି ମୋର ଅବମାନନା ଓ ତିରସ୍କାର କଲେ, ମୋତେ ଗାଳିଗୁଲଜ କଲେ ଏବଂ ଏକ ବିବାଦର ତୁମ୍ବିତୋଫାନ୍ ସୃଷ୍ଟି କଲେ । ସେତେବେଳେ ମରିୟମ୍ କହିଲେ 'ହାୟ, ଏହା ପୂର୍ବରୁ ମୁଁ ମରିଯାଇ ଥାଆନ୍ତି କି ! ମୋର ନାମ ଓ ଚିହ୍ନବର୍ଣ୍ଣ ରହି ନଥାନ୍ତା କି !' ଏହା ସେହି ହଟ୍ଟଗୋଳ ପ୍ରତି ଇଙ୍ଗିତ କରାଯାଇଛି, ଯାହା ପ୍ରାରମ୍ଭରେ ମୌଲବୀମାନଙ୍କ ପକ୍ଷରୁ ସାମୁହିକ ରୂପେ କରାଯାଇଥିଲା । ସେମାନେ ମୋର ଏହି ଦାବୀକୁ ବରଦାସ୍ତ କରି ପାରିଲେ ନାହିଁ ଓ ମୋତେ ପ୍ରତ୍ୟେକ ପ୍ରକାର ଆଳ ଦେଖାଇ ବିନାଶ କରିଦେବା ପାଇଁ ଉଦ୍ୟମ କଲେ । ସେହି ନିର୍ବୋଧମାନଙ୍କ କୋଳାହଳକୁ ଦେଖି ମୋ ହୃଦୟରେ ସେତେବେଳେ ଯେଉଁ ପୀଡା ଓ ବ୍ୟାକୁଳତା ସୃଷ୍ଟି ହେଲା, ପ୍ରଭୁ ତାହାର ଏହିପରି ନକ୍‌ସା ଏଠାରେ ଅଙ୍କନ କରିଛନ୍ତି । ଯେପରିକି ସେ ସମ୍ବନ୍ଧରେ ଆହୁରି ମଧ୍ୟ ଐଶିବାଣୀ ଏହିପରି ହେଲା: 'ଲକଦ୍ ଜିଇତା ଶୈଅନ୍ ଫରିୟନ୍ ମାକାନା ଅବୁକିମ୍

ରଅସଓଇନ୍ ଓ୍ୱମା କାନତ୍ ଉମ୍ମୁକି ବଗିୟ୍ୟା' ତତ୍‌ସହିତ ବରାହିନେ ଅହମଦୀୟାର ପୃଷ୍ଠା ୫୨୧ରେ ମୋ ପ୍ରତି ହୋଇଥିବା ଅନ୍ୟ ଏକ ଦୈବୀବାଣୀ ଏହିପରି: 'ଆଲୈସଲ୍ଲାହୋ ବେକାଫିନ୍ ଅବ୍‌ଦୁହୁ ଓ୍ୱଲି ନଜ୍‌ଅଲ୍‌ହୁ ଆୟତନ୍ ଲିନ୍‌ନାସି ଓ୍ୱରହ୍‌ମତମ୍ ମିନ୍ନା ଓ୍ୱକାନା ଅମ୍‌ରମ୍ ମକ୍‌ଜିୟ୍ୟା କୌଲୁଲ୍ ହକ୍‌କୁଲ୍ଲଜି ଫିହି ତମ୍‌ତରୁନ୍'

(ଦେଖନ୍ତୁ ବରାହିନେ ଅହମଦୀୟା, ପୃଷ୍ଠା ୫୧୬, ଧାଡି ୧୨,୧୩)

ଅନୁବାଦ: 'ଏବଂ ଲୋକମାନେ କହିଲେ, ହେ ମରିୟମ ! ତୁମେ ଏପରି କୁତ୍ସିତ ଓ ଅଶୋଭନୀୟ କାର୍ଯ୍ୟ କରି ଦେଖାଇଛ, ଯାହା ସତମାର୍ଗରୁ ବହୁ ଦୂରରେ ଅଛି । ତୁମ ବାପ*ଏବଂ ତୁମ ମାତା ତ ଏପରି ନଥିଲେ । କିନ୍ତୁ ଈଶ୍ୱର ସେହି ମିଥ୍ୟାରୋପଗୁଡିକରୁ ନିଜ ଭକ୍ତଙ୍କୁ ନିର୍ଦ୍ଦୋଷରେ ମୁକ୍ତ କରିବେ ଏବଂ ଆମ୍ଭେ ତାକୁ ଲୋକମାନଙ୍କ ନିମନ୍ତେ ଏକ ନିଦର୍ଶନ କରିବୁ ।' ଏକଥା ପ୍ରାରମ୍ଭରୁ ସୁନିଶ୍ଚିତ ଥିଲା ଓ ଏପରି ହିଁ ହେବାର ଥିଲା । ସେହିଁ ଇସା ଇବ୍‌ନେ ମରିୟମ, ଯାହାଙ୍କ ସମ୍ବନ୍ଧରେ ଲୋକମାନେ ସନ୍ଦେହ କରୁଛନ୍ତି । ଏହା ହିଁ ସତ୍ୟବଚନ । ଏହାସବୁ ବରାହିନେ ଅହମଦୀୟାର ଉଲ୍ଲିଖିତ ବାକ୍ୟ । ଏହି ଐଶରିକ ବାଣୀ ଅସଲରେ ହେଉଛି ପବିତ୍ର କୁରଆନ୍‌ର ପଙ୍‌କ୍ତି, ଯାହା ହଜରତ ଇସା ଓ ତାଙ୍କ ମାତାଙ୍କ ସମ୍ବନ୍ଧରେ ରହିଛି । ସେହି ପଙ୍‌କ୍ତିଗୁଡିକରେ ଯେଉଁ ଯୀଶୁଙ୍କୁ ଲୋକମାନେ ଅବୈଧ ଭାବରେ ଜନ୍ମ ହୋଇଥିବା ମନୁଷ୍ୟ ପୁତ୍ର ରୂପେ ଅଭିହିତ କରିଛନ୍ତି ତାଙ୍କ ସମ୍ବନ୍ଧରେ ଅଲ୍ଲାଃତାଲା କହିଛନ୍ତି ଯେ 'ଆମେ ତାକୁ ନିଜର ନିଦର୍ଶନ କରି ଦେଖାଇବୁ । ଯେ ସେହି ମରିୟମ

* **ପାଦଟୀକା** – ମୋ ପ୍ରତି ଏହି ଐଶ୍ୱରିକ ବାଣୀ ହେବା ସମ୍ବନ୍ଧରେ ମୋର ମନେ ପଡିଗଲା ଯେ ବଟାଲାରେ ଫଜଲ ଶାହ ବା ମହେର ଶାହ ନାମକ ଜଣେ ସୟଦ ଥିଲେ ଯିଏ ମୋ ବାପାଙ୍କ ସହିତ ପ୍ରେମ ଓ ସ୍ନେହଭାବ ରଖୁଥିଲେ ଏବଂ ସେମାନଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ଥିଲା । ଯେବେ ମୋର ମସିହ ମଉଦ ହେବାର ଦାବି କରିଥିବାର କେହି ଜଣେ ବ୍ୟକ୍ତି ତାଙ୍କୁ ଖବର ଦେଲେ, ସେ ଏହା ଶୁଣି ବହୁତ କାନ୍ଦିଲେ ଓ କହିଲେ ଯେ 'ତାଙ୍କ ବାପା ତ ବହୁତ ଭଲ ଲୋକ ଥିଲେ' ଅର୍ଥାତ ଏହି ବ୍ୟକ୍ତି କାହା ଠାରୁ ଜନ୍ମ ହେଲା । ତାଙ୍କ ବାପା ତ ପୁଣ୍ୟବନ୍ତ ଥିଲେ ଓ ମିଥ୍ୟାଚାରୀ କାର୍ଯ୍ୟକଳାପରୁ ବହୁତ ଦୂରରେ ଥିଲେ ଏବଂ ଏକ ସାଧାସିଧା ଓ ସରଳ ହୃଦୟ ଗ୍ରାହୀ ମୁସଲମାନ ଥିଲେ । ଏହିପରି ଅନେକ ଲୋକ ମୋତେ ଲାଞ୍ଛନା ଦେଇ କହିଛନ୍ତି ଯେ 'ତୁମେ ଏପରି ଦାବି କରି ନିଜ କୂଳ କୁଟୁମ୍ବ ଉପରେ କଳଙ୍କ ଲଗାଇଛ' ।

ପୁତ୍ର ଯୀଶୁ, ଯାହାଙ୍କ ଆଗମନକୁ ପ୍ରତୀକ୍ଷା କରା ଯାଉଥିଲା । ସେହି ଐଶି ବାକ୍ୟଗୁଡିକରେ ଯେଉଁ ମରିୟମ ଏବଂ ଇସା ଅଭିପ୍ରେତ, ସେହିଁ ସ୍ୱୟଂ ମୁଁ । ମୋ ସଂକ୍ରାନ୍ତରେ ହିଁ ଏହା କୁହାଯାଇଛି ଯେ ଆମେ ତାକୁ ଏକ ନିଦର୍ଶନ କରିବୁ ଏବଂ ଏହା ମଧ୍ୟ କୁହାଯାଇଛି ଯେ ଇଏ ହେଉଛନ୍ତି ସେହି 'ଇସା ଇବ୍‌ନେ ମରିୟମ୍' ଯାହାଙ୍କ ଆସିବା ବିଧି ନିର୍ଦ୍ଦିଷ୍ଟ ଥିଲା ଓ ଯାହାଙ୍କ ସମ୍ବନ୍ଧରେ ଲୋକମାନେ ସନ୍ଦେହ କରୁଛନ୍ତି । ଏହାହିଁ ସତ୍ୟ ଏବଂ ବାସ୍ତବରେ ଆସିବାକୁ ଥିବା ଇସା ହେଉଛନ୍ତି ଏହି ବ୍ୟକ୍ତି । ଏପରି ସନ୍ଦେହର ଆଶଙ୍କା କେବଳ ଅଜ୍ଞାନତା ଯୋଗୁଁ ହୋଇଛି, ଯେଉଁମାନେ ଈଶ୍ୱରଙ୍କ ସୂକ୍ଷ୍ମ ରହସ୍ୟକୁ ବୁଝୁ ନାହାନ୍ତି । ଯେଉଁମାନେ ପ୍ରତିମା ପୂଜକ, ବାସ୍ତବିକତା ପ୍ରତି ସେମାନଙ୍କର ନଜର ନାହିଁ ।

ଏହା ମଧ ମନେ ରଖିବା ଉଚିତ ଯେ ସୁରଃ ଫାତିହାର ଆଭିମୁଖ୍ୟ ମଧରେ ଏହି ପ୍ରାର୍ଥନା ମଧ ରହିଛି

اِهْدِنَا الصِّرَاطَ الْمُسْتَقِيْمَ صِرَاطَ الَّذِيْنَ اَنْعَمْتَ عَلَيْهِمْ

**'ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଆଲୈହିମ୍'** ।

ଯେପରି ବାଇବେଲର ପ୍ରାର୍ଥନାଗୁଡିକରେ ରୁଟି ମଗାଯାଇଛି, ଏହି ପ୍ରାର୍ଥନାରେ ପ୍ରଭୁଙ୍କ ଠାରୁ ସେ ସମସ୍ତ ଐଶୀ ପୁରସ୍କାର ମଗାଯାଇଛି । ଯାହାସବୁ ପୂର୍ବରୁ ଆସିଥିବା ରସୁଲ ଓ ନବୀମାନଙ୍କୁ ପ୍ରଦାନ କରାଯାଇଥିଲା । ଏହାକୁ ତୁଳନାତ୍ମକ ଦୃଷ୍ଟିରେ ମଧ ଦେଖିବାକୁ ହେବ । ଯେପରି ଯୀଶୁ ମସିହଙ୍କ ପ୍ରାର୍ଥନା ଗୃହୀତ ହେବା ଦ୍ୱାରା **ଖ୍ରୀଷ୍ଟିୟାନମାନଙ୍କୁ ରୁଟି ସମ୍ବନ୍ଧୀୟ ଅନେକ ସାମଗ୍ରୀ** ମିଳିଗଲା, ସେହିପରି ପବିତ୍ର କୁରଆନର ଏହି ପ୍ରାର୍ଥନାଟି ହଜରତ ମୁହମ୍ମଦ[ସଅ]ଙ୍କ ମାଧମରେ ଗୃହୀତ ହେବା ଯୋଗୁଁ ଏହି ସମ୍ପ୍ରଦାୟରେ **ସୁଯୋଗ୍ୟ ଓ ସଂଯମୀ** ମୁସଲମାନ ମିଳିଗଲେ । ବିଶେଷତଃ ଏହି ପ୍ରାର୍ଥନା ଆଧାତ୍ମିକତାରେ ପରିପୂର୍ଣ୍ଣ ସେମାନଙ୍କ ପୂର୍ବବର୍ତ୍ତୀ ଇସ୍ରାଇଲୀୟ ଜାତିର ନବୀମାନଙ୍କ **ଉତ୍ତରାଧିକାରୀ** ରୂପେ ବିବେଚିତ କରାଇଲା ଏବଂ ମସିହ ମଉଦଙ୍କ ଏହି ସମ୍ପ୍ରଦାୟରେ ଜନ୍ମଗ୍ରହଣ କରିବା ମଧ ପ୍ରାର୍ଥନା ଗ୍ରୁହୀତ ହେବାର **ପରିଣାମ** । କାରଣ ଯଦି ଗୁପ୍ତ ରୂପେ ଅନେକ ଯୋଗ୍ୟ ସଜ୍ଜନ ବ୍ୟକ୍ତି ଓ ସଂଯମୀ ସିଦ୍ଧପୁରୁଷ ଇସ୍ରାଇଲୀୟ ଜାତିର ନବୀମାନଙ୍କ ସାଦୃଶ୍ୟ ରକ୍ଷା କରିବାରେ ସମାନ ଭାଗ ପାଇଛନ୍ତି । କିନ୍ତୁ ଏହି ସମ୍ପ୍ରଦାୟର ମସିହ

ମଉଦଙ୍କୁ ସ୍ୱଷ୍ଟ ରୂପେ ପ୍ରଭୁଙ୍କ ଆଜ୍ଞା ଓ ଅନୁମତି ବଳରେ ଇସ୍ରାଇଲୀୟ ମସିହଙ୍କ ମୁକାବିଲାରେ ଛିଡା କରାଯାଇଛି । ଯଦ୍ୱାରା **ମୁସୁୱି** ଓ **ମୁହମ୍ମଦି** ଅର୍ଥାତ ମୋସେସ ଓ ମୁହମ୍ମଦଙ୍କ ଧର୍ମଧାରା ମଧ୍ୟରେ ସମାନତା ରହିବା କଥା ବୁଝାପଡ଼ିବ । ସେଥିପାଇଁ **ଏହି ମସିହଙ୍କୁ** ମରିୟମ୍ ପୁତ୍ରଙ୍କ ଅସ୍ତିତ୍ୱ ସହିତ ପ୍ରତ୍ୟେକ ଦିଗରୁ ଉପମା ଛଳରେ କୁହାଯାଇଛି । ଏପରିକି ବର୍ତ୍ତମାନ ଯୁଗର ଏହି ମରିୟମ ପୁତ୍ରଙ୍କ ଉପରେ ପୂର୍ବ ଇସ୍ରାଇଲୀୟ ନବୀ ମରିୟମ ପୁତ୍ରଙ୍କ ସଦୃଶ ଅନେକ ଅଗ୍ନିପରୀକ୍ଷାର ସମ୍ମୁଖୀନ ହେବାକୁ ପଡିବ । ପ୍ରଥମତଃ ଯେପରି ଇସା ଇବ୍‌ନେ ମରିୟମ କେବଳ ଈଶ୍ୱରଙ୍କ ଫୁଙ୍କରୁ ସୃଷ୍ଟି କରାଗଲେ, ସେହିଭଳି ଏହି ମସିହଙ୍କୁ ମଧ୍ୟ ସୁରଃ ତହ୍‌ରିମ୍‌ରେ ଦିଆଯାଇଥିବା ପ୍ରତିଶ୍ରୁତି ଅନୁଯାୟୀ କେବଳ ଈଶ୍ୱରଙ୍କ ଫୁଙ୍କ ଦ୍ୱାରା ମରିୟମ୍‌ଙ୍କ ଜରାୟୁ ମଧ୍ୟରେ ପ୍ରବେଶ କରାଗଲା । ଯେପରି ମରିୟମ ପୁତ୍ର ଯୀଶୁ ଜନ୍ମ ହେବା ପରେ ପ୍ରବଳ ପାଟିତୁଣ୍ଡ ଓ କୋଳାହଳ ସୃଷ୍ଟି ହୋଇଥିଲା ଏବଂ ଅନ୍ଧବିଶ୍ୱାସୀ ଇହୁଦୀମାନେ ମରିୟମଙ୍କୁ କହିଲେ, 'ଲକଦ୍ ଜିଇତି ଶଇଅନ୍ ଫରିୟ୍ୟନ୍' ସେହିଭଳି ବର୍ତ୍ତମାନ କ୍ଷେତ୍ରରେ ମଧ୍ୟ ବହୁତ କୋଳାହଳମୟ ପରିସ୍ଥିତି ସୃଷ୍ଟି କରାଗଲା । ଯେପରି କି ତାଙ୍କୁ ଭଣ୍ଡୁର କରିବା ପାଇଁ ଘୋର ବିବାଦର ସୂତ୍ରପାତ କରାଗଲା ଏବଂ ଇସ୍ରାଇଲୀୟ ମରିୟମଙ୍କ ପ୍ରସବ ସମୟରେ ବିରୋଧିମାନଙ୍କୁ ଈଶ୍ୱର ଯୀଶୁଙ୍କ ଜନ୍ମ ସଂକ୍ରାନ୍ତରେ ଏହି ଉତ୍ତର ଦେଲେ 'ୱଲି ନଜ୍‌ଅଲହୁ ଆୟତଲ୍ ଲିନ୍ନାସି ୱରହ୍‌ମତମ୍ ମିନ୍ନା ୱ କାନା ଅମ୍‌ରମ୍ ମକ୍‌ଜିୟା' । ଏଠାରେ **ଅନୁରୂପ ଉତ୍ତର** ଈଶ୍ୱର ମୋ ସମ୍ବନ୍ଧରେ ମଧ୍ୟ ବରାହିନେ ଅହମଦୀୟା ପୁସ୍ତକରେ ଆଧ୍ୟାତ୍ମିକ ପ୍ରସବର ଯନ୍ତ୍ରଣା ସମୟରେ ବିରୋଧିମାନଙ୍କୁ ଉପମା ସ୍ୱରୁପ ଦେଇଛନ୍ତି । ତାଙ୍କୁ ଚେତାବନୀ ଦେଇଛନ୍ତି ଯେ ତୁମେ ନିଜର ମିଥ୍ୟାରୋପ ଓ ଛଳ କପଟ ଦ୍ୱାରା ତାଙ୍କୁ ମିଟାଇ ପାରିବ ନାହିଁ । ମୁଁ ଏହାକୁ ଲୋକମାନଙ୍କ ପାଇଁ ଏକ **କରୁଣାର ନିଦର୍ଶନ** କରିଦେବି । ସୁତରାଂ ଏପରି ଘଟିବା ପ୍ରାରମ୍ଭରୁ ହିଁ ପ୍ରଭୁଙ୍କ ଦ୍ୱାରା ବିଧି ନିର୍ଦ୍ଦିଷ୍ଟ ଥିଲା । ଇହୁଦୀ ଧର୍ମ ପଣ୍ଡିତ ଯୀଶୁଙ୍କ ପ୍ରତି ଧର୍ମର ଅବମାନନା କରିବା ଓ ଅମାନ୍ୟକାରୀ ହେବାର ଅଧ୍ୟାଦେଶ (ଫତ୍‌ୱା) ଜାରି କରିଥିଲେ । ଜଣେ ଦୁଷ୍ଟ ବିଦ୍ୱାନ ସେହି ଅଧ୍ୟାଦେଶର ଲିପି ପ୍ରସ୍ତୁତ କରି ଅନ୍ୟ ବିଦ୍ୱାନମାନଙ୍କୁ ଦେଇଥିଲା । ଏପରିକି ବୈତୁଲ୍ ମୋକଦସର ଶହ ଶହ ମୌଳବାଦୀ ବିଦ୍ୱାନ ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ

ଅହଲେ ହଦିସ୍ (ହଦିସ୍ ଗ୍ରନ୍ଥାଧାରୀ) ଗୋଷ୍ଠୀର ଅନ୍ତର୍ଭୁକ୍ତ ଥିଲେ, ସେମାନେ ଯୀଶୁଙ୍କ ଉପରେ ଅବଜ୍ଞାକାରୀର ମୋହର ଲଗାଇଦେଲେ ।* ଏହି ସମସ୍ୟା ମୋ ସହିତ ମଧ୍ୟ

* ହଜରତ ଇସା[ଅସ]ଙ୍କ ସମୟରେ ଇହୁଦୀମାନେ ଯଦିଚ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇଥିଲେ, କିନ୍ତୁ ଯେଉଁମାନେ ସତ୍ୟ ଉପରେ ପ୍ରତିଷ୍ଠିତ ବୋଲି ବିବେଚିତ ହେଉଥିଲେ, ସେମାନେ ଦୁଇଟି ଗୋଷ୍ଠୀରେ ବିଭାଜିତ ହୋଇଗଲେ । (୧) ପ୍ରଥମ ଗୋଷ୍ଠୀର ଲୋକ ତୋରାହ ଗ୍ରନ୍ଥ ଉପରେ ପରିଚାଳିତ ହେଉଥିଲେ ଓ ସେଥିରୁ ସମସ୍ୟାଗୁଡ଼ିକର ସମାଧାନ ବାହାର କରୁଥିଲେ । (୨) ଦ୍ୱିତୀୟଟି ଅହ୍‌ଲେ ହଦିସ୍ ଗୋଷ୍ଠୀ, ଯେଉଁମାନେ ମୋସେସଙ୍କ ବାଣୀ ସମ୍ବଳିତ ହଦିସମାନଙ୍କ ପୃଷ୍ଠପୋଷକ ଥିଲେ । ଏହି ଗୋଷ୍ଠୀ ଇସ୍ରାଇଲୀୟ ସହରରେ ବହୁତ ମାତ୍ରାରେ ବ୍ୟାପି ଯାଇଥିଲେ । ସେମାନେ ଏପରି ହଦିସଗୁଡ଼ିକ ଉପରେ ପାଳନ କରୁଥିଲେ, ଯାହାର ଅଧିକାଂଶ ତୋରାହ ଐଶୀବିଧାନ ପୁସ୍ତକକୁ ବିରୋଧ କରୁଥିଲା । ସେମାନେ ଯୁକ୍ତି ବାଢ଼ୁଥିଲେ ଯେ କେତେକ ବୈଧାନିକ ପ୍ରସଙ୍ଗ ଯେପରି କି ଉପାସନା କରିବା ଓ ତତସଂକ୍ରାନ୍ତୀୟ କର୍ମକାଣ୍ଡ ଓ ଅଧିକାର ଜନିତ ନିୟମ ତୋରାହ ଗ୍ରନ୍ଥରେ ଉପଲବ୍ଧ ନାହିଁ । ତେଣୁ ଏଥି ସମ୍ବନ୍ଧରେ ହଦିସ ଉପରେ ନିର୍ଭର କରିବାକୁ ପଡ଼ୁଥିବାର ସୂଚନା ମିଳୁଛି । ସେହି ହଦିସ୍ ପୁସ୍ତକର ନାମ ଥିଲା 'ତାଲ୍‌ମୁଦ୍' ଓ ସେଥିରେ ପ୍ରତ୍ୟେକ ନବୀମାନଙ୍କ ଐତିହାସିକ ଯୁଗର ହଦିସ୍ ଥିଲା । ଏହି ହଦିସ୍‌ଗୁଡ଼ିକ ଦୀର୍ଘକାଳ ଧରି ବାଚନିକ ହୋଇ ରହିଥିଲା ଓ ବହୁକାଳ ପରେ ଏହାକୁ ଲିଖିତ ରୂପ ଦିଆଗଲା । ସେଥିପାଇଁ ସେଥିରେ କେତେ ମନଗଢ଼ା ତତ୍ତ୍ୱ ମଧ୍ୟ ମିଶି ଯାଇଥିଲା । ଏହାର କାରଣ ହେଉଛି ଯେ ସେ ସମୟରେ ଇହୁଦୀମାନଙ୍କ ମଧ୍ୟରେ ୭୩ ଗୋଷ୍ଠୀର ମତାବଲମ୍ବୀ ସୃଷ୍ଟି ହୋଇ ଯାଇଥିଲା । ପ୍ରତ୍ୟେକ ଗୋଷ୍ଠୀ ସ୍ୱ ସ୍ୱ ହଦିସ୍ ପୃଥକ କରି ରଖିଥିଲେ । ହଦିସ ବିଶାରଦମାନେ ତୋରାହ ଗ୍ରନ୍ଥ ପ୍ରତି ଧ୍ୟାନ ଦେବା ଛାଡ଼ି ଦେଇଥିଲେ । ଅଧିକାଂଶ କର୍ମକାଣ୍ଡ ହଦିସ୍ ଉପରେ ପର୍ଯ୍ୟବସିତ ହେଉଥିଲା । ମୌଳିକ ଐଶୀଗ୍ରନ୍ଥ ତୋରାହକୁ ଏକ ପରିତ୍ୟକ୍ତ ଅବସ୍ଥାରେ ଛାଡ଼ି ଦିଆ ଯାଇଥିଲା । ଯଦି କୌଣସି ବିଷୟ ହଦିସ ଅନୁଯାୟୀ ଅନୁକରଣୀୟ ହେଉଥିଲା, ତେବେ ତାକୁ ଲୋକମାନେ ମାନୁଥିଲେ ନଚେତ୍ ରଦ୍ଦ କରି ଦେଉଥିଲେ । ସୁତରାଂ ସେ ସମୟରେ ହଜରତ ଇସା[ଅସ] ଧରାପୃଷ୍ଠରେ ଜନ୍ମ ଗ୍ରହଣ କଲେ । ସେମାନଙ୍କ ସମ୍ମୁଖରେ ଅହ୍‌ଲେ ହଦିସ୍‌ର ଲୋକମାନେ ତୋରାହ ଅପେକ୍ଷା ହଦିସକୁ ଅଧିକ ସମ୍ମାନ କରୁଥିଲେ । ନବୀମାନଙ୍କ ଐଶି ପୁସ୍ତକରେ ପ୍ରଥମରୁ ଏହି ଖବର ଦିଆଯାଇଥଲା ଯେ ଯେତେବେଳେ ଇହୁଦୀମାନେ ଅନେକ ଗୋଷ୍ଠୀରେ ପରିଣତ ହୋଇଯିବେ ଏବଂ ଐଶ୍ୱରିକ ପୁସ୍ତକକୁ ପରିତ୍ୟାଗ କରି ତା'ପରିବର୍ତ୍ତେ ହଦିସ ଉପରେ ପାଳନ କରିବେ, ସେତେବେଳେ ସେମାନଙ୍କୁ ଜଣେ 'ହକମ୍ ଅଦଲ୍' (ନ୍ୟାୟ ନିଷ୍ପତ୍ତିକାରୀ) ଦିଆଯିବ ଯିଏ ନିଜକୁ ମସିହ ବୋଲାଇବ । କିନ୍ତୁ ସେମାନେ ତାକୁ ଗ୍ରହଣ କରିବେ ନାହିଁ । ଶେଷରେ ସେମାନଙ୍କ ଉପରେ ମହାବିନାଶକ ପ୍ରଚଣ୍ଡ ଶାସ୍ତି ଅବତୀର୍ଣ୍ଣ ହେବ । ତାହାହିଁ ପ୍ଲେଗ ବ୍ୟାଧି ରୂପକ ଶାସ୍ତି ।

ଦେଖାଦେଲା । ଯେପରିକି ସେହି ଘୋଷଣା ପରେ ହଜରତ ଇସାଙ୍କ ସହିତ ଶତ୍ରୁତା ଆଚରଣ କରାଯାଇଥିଲା । ଗାଲିଗୁଲଜ କରାଯାଇଥିଲା ତଥା କଟୁ ବାକ୍ୟ ପ୍ରୟୋଗ କରାଯାଇ ପୁସ୍ତକଗୁଡ଼ିକ ଲେଖାଯାଇଥିଲା, **ସେହି ଅବସ୍ଥା**ର ଏଠାରେ ମଧ୍ୟ ପୁନରାବୃତ୍ତି ଘଟିଛି । ୧୮୦୦ ବର୍ଷ ପରେ ସେହି ଯୀଶୁ ପୁଣି ଥରେ ଉତ୍ପନ୍ନ ହୋଇଗଲେ ଓ ସେହି ସମସ୍ତ ଇହୁଦୀମାନେ ପୁଣି ଥରେ ଜନ୍ମ ନେଲେ । ହାୟ ବିଧିର କି ବିଡମ୍ବନା ! ଏହି ଭବିଷ୍ୟତ ବାଣୀ ପବିତ୍ର କୁରଆନରେ ପ୍ରଥମରୁ ହିଁ ରହିଥିଲା 'ମଗ୍‌ଜୁବେ ଆଲୈହିମ୍' **مَغۡضُوۡبِ عَلَيۡهِمۡ** ଯାହାର ଭାବାର୍ଥ ଈଶ୍ୱର ପ୍ରଥମରୁ ବୁଝାଇ ଦେଇଥିଲେ । କିନ୍ତୁ ସେହି ଲୋକମାନେ ସେ ପର୍ଯ୍ୟନ୍ତ ନିଜକୁ ସମ୍ଭାଳି ରଖି ପାରିଲେ ନାହିଁ ଓ ଟିକିଏ ଧୈର୍ଯ୍ୟ ଧରି ରହିପାରିଲେ ନାହିଁ, ଯେପର୍ଯ୍ୟନ୍ତ ସେମାନେ ଇହୁଦୀମାନଙ୍କ ପରି ମଗ୍‌ଜୁବେ ଆଲୈହିମ୍ ଅର୍ଥାତ ଈଶ୍ୱରଙ୍କ କୋପଗ୍ରସ୍ତ ନହୋଇ ଯାଇଛନ୍ତି । ଏପରି ସମାନ ଚରିତ୍ର ସମ୍ପନ୍ନ ଅଧର୍ମତାର ଏକ ଇଟା ଈଶ୍ୱର ନିଜ ହାତରେ ଲଗାଇଛନ୍ତି । ଅର୍ଥାତ ଯେପରିକି ମରିୟମ୍ ପୁତ୍ର ଯୀଶୁ ମୋସେସଙ୍କ ପରେ ଚତୁର୍ଦ୍ଦଶ ଶତାବ୍ଦୀ ପ୍ରାରମ୍ଭରେ ଆସିଥିଲେ, ସେହିପରି ମୋତେ ଚଉଦ ଶତାବ୍ଦୀ ହିଜ୍ରୀର ପ୍ରାରମ୍ଭରେ **'ମସିହୁଲ ଇସଲାମ'** ଅର୍ଥାତ ଇସଲାମ ଧର୍ମର ମସିହ କରି ପଠାଇଛନ୍ତି । ମୋ ପାଇଁ ନିଜର ଶକ୍ତିଶାଳୀ ନିଦର୍ଶନ ଦେଖାଇଛନ୍ତି । ଆକାଶ ତଳେ କୌଣସି ବିରୁଦ୍ଧାଚରଣ ବ୍ୟକ୍ତି ସେ ମୁସଲମାନ ହୁଅନ୍ତୁ, ଇହୁଦୀ ହୁଅନ୍ତୁ କିମ୍ବା ଖ୍ରୀଷ୍ଟିୟାନ ହୁଅନ୍ତୁ, ସେମାନଙ୍କର ଏପରି ଶକ୍ତି ନାହିଁ ଯେ ତାଙ୍କର ମୁକାବିଲା କରିବ । ଈଶ୍ୱରଙ୍କ ମୁକାବିଲା ଜଣେ ଅସମର୍ଥ ଓ ତୁଚ୍ଛ ମଣିଷ କିପରି ବା କରିପାରିବ ? ଏହା ହେଉଛି ସେହି ମୂଳ ଇଟା, ଯାହାର ଭିତ୍ତି ଈଶ୍ୱରଙ୍କ ତରଫରୁ ସ୍ଥାପନ କରାଯାଇଛି ।

ପ୍ରତ୍ୟେକ ବ୍ୟକ୍ତି ଯିଏ ଏହି ଇଟାକୁ ଭାଙ୍ଗିବାକୁ ଚାହିଁବ, ସେ କସ୍ମିନ କାଳେ ଏହାକୁ ଭାଙ୍ଗି ପାରିବ ନାହିଁ । କିନ୍ତୁ ଏହି ଇଟା ଯେତେବେଳେ ତା'ଉପରେ ପଡ଼ିବ ତାକୁ ଖଣ୍ଡ ବିଖଣ୍ଡ କରିଦେବ । କାରଣ ଏହି ଇଟା ମଧ୍ୟ ପ୍ରଭୁଙ୍କର ଓ ହାତ ମଧ୍ୟ ପ୍ରଭୁଙ୍କର । ଦ୍ୱିତୀୟ ଇଟାଟି ମୋ ବିରୋଧୀମାନେ ପ୍ରସ୍ତୁତ କରି ମୋ ବିରୁଦ୍ଧରେ ରଖି ଦେଇଛନ୍ତି ଅର୍ଥାତ୍ ମୋ ମୁକାବିଲାରେ ସେମାନେ ଏପରି ହୀନକାର୍ଯ୍ୟ କରିଛନ୍ତି, ଯାହା ତତ୍‌କାଳୀନ ଇହୁଦୀମାନେ କରିଥିଲେ । ଏପରିକି ମୋତେ ଜୀବନରୁ ଶେଷ କରିଦେବା ପାଇଁ ମୋ ଉପରେ ହତ୍ୟାର ଆରୋପ ଲଗାଇ ମିଥ୍ୟା ମକଦ୍ଦମା

କରାଗଲା । ପ୍ରଭୁ ମୋତେ ଏହାର ଅଗ୍ରୀମ ସୂଚନା ବହୁ ପୂର୍ବରୁ ଦେଇଥିଲେ ।

ମୋ ବିରୁଦ୍ଧରେ ଲଗାଯାଇଥିବା ମକଦ୍ଦମା ମରିୟମ ପୁତ୍ର ଯୀଶୁଙ୍କ ମକଦ୍ଦମା ଠାରୁ ଅଧିକ ସଙ୍ଗୀନ ଥିଲା । କାରଣ ହଜରତ ଇସାଙ୍କ ପ୍ରତି ଯେଉଁ ଅଭିଯୋଗ କରାଯାଇଥିଲା, ତାହା କେବଳ ଏକ ଧାର୍ମିକ ବିବାଦ ଉପରେ ଆଧାରିତ ଥିଲା । ତାହା ବିଚାରପତିଙ୍କ ନିକଟରେ ଏକ ସାମାନ୍ୟ ଘଟଣା ଥିଲା । ବରଂ ଏହାର ଗୁରୁତ୍ୱ କିଛି ବି ନଥିଲା କହିଲେ ଚଳେ । କିନ୍ତୁ ମୋ ବିରୁଦ୍ଧରେ ଯେଉଁ ମକଦ୍ଦମା କରାଯାଇଥିଲା, ତାହା ହତ୍ୟା କରିବାର ସଙ୍ଗୀନ ଅଭିଯୋଗ ଥିଲା । ଯେପରି ମସିହଙ୍କ ବିରୁଦ୍ଧରେ ଇହୁଦୀ ମୌଳବାଦୀ ପଣ୍ଡିତଗଣ ଯାଇ ସାକ୍ଷ୍ୟ ଦେଇଥିଲେ । ଠିକ୍ ସେହିପରି ଏହି ମକଦ୍ଦମାରେ ମଧ୍ୟ ମୁସଲିମ ମୌଲବୀମାନଙ୍କ ମଧ୍ୟରୁ ଆସି ସାକ୍ଷ୍ୟ ଦେବା ଆବଶ୍ୟକ । ତେଣୁ ଏହି କାର୍ଯ୍ୟ ନିମନ୍ତେ ଈଶ୍ୱର ବଟାଲା ବାସିନ୍ଦା ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲୁଭିଙ୍କୁ ଚୟନ କଲେ ଓ ସେ ଏକ ଲମ୍ୱା କୋଟ ପରିଧାନ କରି ସାକ୍ଷ୍ୟ ଦେବା ପାଇଁ ଆସିଲେ । ଯେପରି କାହିନ୍‌ର ସର୍ଦ୍ଦାର ଯୀଶୁ ମସିହଙ୍କୁ କ୍ରୁଶ ଉପରେ ଚଢ଼ାଇବା ସପକ୍ଷରେ ଅଦାଲତରେ ସାକ୍ଷ୍ୟ ଦେବାପାଇଁ ଆସିଥିଲେ, ଅନୁରୂପ ଭାବେ ସେହି ମୌଲବୀ ମଧ୍ୟ ଯାଇ ଅଦାଲତରେ ଉପସ୍ଥିତ ହେଲେ ।  କେବଳ ଫରକ ଏତିକି ଯେ ଯୀଶୁଙ୍କ ପ୍ରତିପକ୍ଷ କାହିନ୍‌ର ସର୍ଦ୍ଦାରଙ୍କୁ ଗଭର୍ଣ୍ଣର ପୋଣ୍ଟିଅସ ପିଲାଟଙ୍କ ଅଦାଲତରେ ବସିବା ପାଇଁ ଚୌକି ମିଳିଥିଲା । କାରଣ ଇହୁଦୀମାନଙ୍କ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କୁ ଆସନ ଗ୍ରହଣ କରିବା ପାଇଁ ରୋମାନ ସରକାରଙ୍କ ଦ୍ୱାରା ଚୌକି ଅର୍ପଣ କରା ଯାଇଥାଏ । ସେମାନଙ୍କ ମଧ୍ୟରେ କେତେକ ସ୍ୱେଚ୍ଛାସେବୀ ମାଜିଷ୍ଟ୍ରେଟ ମଧ୍ୟ ଥିଲେ । ସେଥିପାଇଁ ସେହି କାହିନ ସର୍ଦ୍ଦାରଙ୍କୁ ଅଦାଲତର ନିୟମ ଅନୁଯାୟୀ ଚୌକି ଖଣ୍ଡେ ମିଳିଲା । ମରିୟମ ପୁତ୍ର ଯୀଶୁଙ୍କୁ ଜଣେ ଅପରାଧୀଙ୍କ ପରେ ଅଦାଲତ ସମ୍ମୁଖରେ ହାଜର କରା ଯାଇଥିଲା । କିନ୍ତୁ ମୋ କ୍ଷେତ୍ରରେ ଏହାର ଠିକ୍ ଓଲଟା ହେଲା ଅର୍ଥାତ ଶତ୍ରୁମାନଙ୍କ ଆଶାର ବିପରୀତରେ କ୍ୟାପଟେନ୍ ଡଗ୍‌ଲାସ୍ ଯିଏ ପିଲାଟଙ୍କ ସ୍ଥାନରେ ବିଚାରପତି ଆସନରେ ବସିଥିଲେ, ସେ ମୋତେ ବସିବା ପାଇଁ ଚୌକି ଅର୍ପଣ କଲେ । ଏହି ପିଲାଟ ତତକାଳୀନ ପିଲାଟଙ୍କ ତୁଳନାରେ ଅଧିକ ନୈତିକବାନ ଓ ନ୍ୟାୟ ପରାୟଣ ସିଦ୍ଧ ହେଲେ । କାରଣ ଅଦାଲତର ଆଦେଶଧାରା ଅନୁଯାୟୀ ଏପରି ସାହସ ଓ

ଦୃଢ଼ତାର ସହିତ ସେ ଅଦାଲତର କାର୍ଯ୍ୟ ପରିଚାଳନା କରିଥିଲେ । ଏପରିକି ଉଚ୍ଚାଧିକାରୀମାନଙ୍କ ସୁପାରିଶଗୁଡ଼ିକୁ କୌଣସି ଖାତିର କଲେ ନାହିଁ । ଜାତିଗତ ଓ ଧର୍ମଗତ ଭାବନା ମଧ୍ୟ ତାଙ୍କଠାରେ କିଛି ହେଲେ ପରିବର୍ତ୍ତନ ସୃଷ୍ଟି କରିପାରିଲା ନାହିଁ । ସେ ଅଦାଲତ ଗାରିମାର ସଂମ୍ପୂର୍ଣ୍ଣ ଧ୍ୟାନ ରଖି ପରିଚାଳନଗତ ନିୟମକୁ ଏପରି ଉତ୍ତମ ଆଦର୍ଶ ଦ୍ୱାରା ବଜାୟ ରଖିଲେ ଯେ ତାଙ୍କ ବ୍ୟକ୍ତିତ୍ୱକୁ ଜାତିର ଗର୍ବ ଓ ସରକାରଙ୍କ ପାଇଁ ଏକ ଉଦାହରଣ ରୂପେ ବିବେଚନା କରାଗଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । କୋର୍ଟ ପରିଚାଳନା କରିବା ଏକ କଠିନ ବ୍ୟାପାର । ଯେପର୍ଯ୍ୟନ୍ତ ମନୁଷ୍ୟ ମାନବୀୟ ସମ୍ପର୍କର ଭାବନାରୁ ସଂମ୍ପୂର୍ଣ୍ଣ ରୂପେ ମୁକ୍ତ ହୋଇ ଅଦାଲତର ବିଚାରପତି ଆସନରେ ନବସିଛି, ସେପର୍ଯ୍ୟନ୍ତ ସେ ଏହି ଗୁରୁ ଦାୟିତ୍ୱକୁ ସଠିକ ରୂପେ ତୁଲାଇ ପାରିବ ନାହିଁ । କିନ୍ତୁ ଆମେ ସେହି ପିଲାଟ ରୂପୀ ପ୍ରକୃତ ସାକ୍ଷ୍ୟକୁ ଉପସ୍ଥାପନ କରୁଛୁ ଯିଏ ତାଙ୍କର କର୍ତ୍ତବ୍ୟକୁ ସୂଚାରୁ ରୂପେ ସମ୍ପାଦନ କରିଛନ୍ତି । ଯଦିଚ ପ୍ରଥମ ପିଲାଟ ଯିଏ ରୋମୀୟ ଥିଲେ, ସେ ତାଙ୍କ ଦାୟିତ୍ୱକୁ ସଠିକ ରୂପେ ତୁଲାଇ ପାରି ନଥିଲେ ଓ ତାଙ୍କର କାପୁରୁଷତା ଯୀଶୁ ମସିହ୍‌ଙ୍କୁ ଅତ୍ୟନ୍ତ କଷ୍ଟକର ପରିସ୍ଥିତିରେ ପକାଇଲା । ଏହି ପାର୍ଥକ୍ୟ ଆମ ଜମାଅତରେ ସର୍ବଦା ସ୍ମରଣଯୋଗ୍ୟ ଓ ଏହାକୁ ପର୍ଯ୍ୟାଲୋଚନା କରିବା ଉଚିତ । ଯେପର୍ଯ୍ୟନ୍ତ ଏହି ସଂସାର ତିଷ୍ଠି ରହିଛି ଏବଂ ଏହି ଜମାଅତର ଅନୁଗାମୀ ଯେତେ ଅଧିକ ସଂଖ୍ୟାରେ ବିଶ୍ୱର ଲକ୍ଷ ଲକ୍ଷ ଓ କୋଟି କୋଟି ଲୋକଙ୍କ ପର୍ଯ୍ୟନ୍ତ ପହଞ୍ଚିବ, ସେତେ ଅଧିକ ମାତ୍ରାରେ ଏହି ସ୍ୱଚ୍ଛ ହୃଦୟଗ୍ରାହୀ ଶାସକଙ୍କୁ ପ୍ରଶଂସାର ସହିତ ମନେ ପକାଯାଉଥିବ । ଏହା ତାଙ୍କର ସୌଭାଗ୍ୟ ଯେ ଈଶ୍ୱର ଏହି ମହାନ କାର୍ଯ୍ୟ ପାଇଁ ତାଙ୍କୁ ହିଁ ମନୋନୀତ କଲେ । ଜଣେ ପ୍ରଶାସକ ପକ୍ଷେ ଏହା ଏକ ଜଟିଳ ପରୀକ୍ଷାର ଅବସର ଯେ ଦୁଇପକ୍ଷ ତାଙ୍କ ନିକଟକୁ ଆସିଥିବେ, ଯାହା ମଧ୍ୟରୁ ଗୋଟିଏ ପକ୍ଷ ତାଙ୍କ ନିଜ ଧର୍ମର ପ୍ରଚାରକ ହୋଇଥିବେ ଏବଂ ଅନ୍ୟ ପକ୍ଷଟି ତାଙ୍କ ଧର୍ମର କଠୋର ବିରୋଧିଙ୍କର ହୋଇଥିବ । କିନ୍ତୁ ଏହି ବାହାଦୂର୍ ପିଲାଟ ସେହି ଧର୍ମ ସଙ୍କଟର ସମ୍ମୁଖୀନ ହୋଇ ଅତ୍ୟନ୍ତ ଦୃଢ଼ତାର ସହିତ ସବୁ କିଛି ସହ୍ୟ କଲେ ତଥା ଅସୀମ ଧୈର୍ଯ୍ୟ ଓ ସାହସ ଦେଖାଇଲେ । ତାଙ୍କୁ ସେହି ପୁସ୍ତକଗୁଡ଼ିକରେ ଉଲ୍ଲେଖ ରହିଥିବା ସ୍ଥାନ ମଧ୍ୟ ଦେଖାଇ ଦିଆଗଲା ଯେଉଁଥିରେ ଖ୍ରୀଷ୍ଟଧର୍ମ ସମ୍ବନ୍ଧରେ ନିର୍ବୋଧ ଭାବରେ କଡା ଭାଷା ପ୍ରୟୋଗ

କରାଯାଇଥିଲା । ଏବଂ ଏକ ବିରୋଧାତ୍ମକ ଅଭିଯାନ ଚାଲୁ କରାଯାଇଥିଲା । କିନ୍ତୁ ତା ଚେହେରାରେ କୌଣସି ପ୍ରକାର ପରିବର୍ତ୍ତନର ଲକ୍ଷଣ ଦେଖା ଗଲାନାହିଁ । କାରଣ ସେ ନିଜର ପ୍ରକାଶମୟ ଅନ୍ତରାତ୍ମାର ସ୍ୱର ଯୋଗୁ ବାସ୍ତବିକତା ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲେ । ଯେହେତୁ ସେ ମକଦ୍ଦମାର ପ୍ରକୃତ କାରଣକୁ ସ୍ୱଚ୍ଛ ହୃଦୟର ସହିତ ବିଶ୍ଳେଷଣ କରିଥିଲେ, ସେଥିପାଇଁ ଈଶ୍ୱର ତାଙ୍କୁ ସାହାଯ୍ୟ କଲେ ଓ ତାଙ୍କ ମନ ଭିତରେ ସତ୍ୟତା ପ୍ରତି ଐଶୀବାଣୀ ପ୍ରକଟିତ ହେଲା । ତା ନିକଟରେ ପ୍ରକୃତ ସତ୍ୟ ଉନ୍ମୋଚନ ହୋଇଗଲା । ଯଦ୍ୱାରା ସେ ଅତ୍ୟନ୍ତ ଆନନ୍ଦିତ ହୋଇ ନ୍ୟାୟର ମାର୍ଗକୁ ଦେଖିନେଲା । ସେ ମୋତେ କେବଳ ନ୍ୟାୟୀକ ଦୃଷ୍ଟିକୋଣରୁ ବିପକ୍ଷଙ୍କ ସମ୍ମୁଖରେ ମର୍ଯ୍ୟାଦାର ଆସନ ଅର୍ପଣ କଲେ ତା'ନୁହେଁ, ବରଂ ଯେବେ ମୌଲବୀ ମୁହମ୍ମଦ୍ ହୁସେନ ଯିଏ ସର୍ଦ୍ଦାର କାହିନ୍‌ଙ୍କ ପରି ବିରୁଦ୍ଧାଚରଣ ପୂର୍ବକ ସାକ୍ଷ୍ୟ ଦେବା ପାଇଁ ଆସିଥିଲା, ମୋତେ ଚୌକି ଉପରେ ବସିବାର ଦେଖିଲା । ମୋତେ ସେ ଯେପରି ନିନ୍ଦିତ ଓ ଅପମାନିତ ହେବାର ଦେଖିବା ପାଇଁ ମନସ୍କାମନା କରିଥିଲା, ସେହି ଅପମାନକୁ ସେ ଦେଖିବାରୁ ବଞ୍ଚିତ ହେଲା । ତେବେ ସମାନ ବ୍ୟବହାର ପାଇବାକୁ ଉପଯୁକ୍ତ ବିବେଚନା କରି ସେ ମଧ୍ୟ ସେହି ପିଲାଟଙ୍କ ଠାରୁ ଚୌକିରେ ବସିବା ପାଇଁ ଇଛା ପ୍ରକାଶ କଲା । ଅଥଚ ପ୍ରଥମ ପିଲାଟ ସଦୃଶ ବିଚାରପତି ତାଙ୍କୁ ଅଦାଲତ ଭିତରେ ଭର୍ତ୍ସନା କଲେ ଓ କଠୋର ଶବ୍ଦରେ ତାଙ୍କୁ ତାଗିଦ କରି କହିଲେ 'ତୁମକୁ ଏବଂ ତୁମ ବାପକୁ ଏଠାରେ ବସିବା ପାଇଁ କେବେ ଚୌକି ମିଳିନାହିଁ । ଆମ କାର୍ଯ୍ୟାଳୟରେ ତୁମକୁ ଚୌକି ଦେବା ପାଇଁ କୌଣସି ଆଦେଶ ନାହିଁ ।' ଏବେ ତୁଳନାତ୍ମକ ରୂପେ ଦେଖିଲେ ଜଣାପଡିବ ଯେ ପୂର୍ବବର୍ତ୍ତୀ ପ୍ରଥମ ପିଲାଟଙ୍କ ଦରବାରରେ ଇହୁଦୀମାନଙ୍କ ପ୍ରତି ଭୟଭୀତ ହୋଇ ସେମାନଙ୍କର କେତେକ ସମ୍ମାନୀୟ ସାକ୍ଷୀକୁ ବସିବା ପାଇଁ ଚୌକି ଦେଇଥିଲେ । ତତ୍କାଳୀନ ରାଜସଭାରେ ଅପରାଧୀ ରୂପେ ଅଣାଯାଇ ଥିବା ଯୀଶୁଙ୍କୁ  ଛିଡା କରି ରଖାଗଲା । ଯେବେକି ସେହି ପିଲାଟ ଅନ୍ତରରେ ମସିହଙ୍କ ଶୁଭଚିନ୍ତକ ଥିଲେ । ଏପରିକି ତାଙ୍କର ଶିଷ୍ୟ ପରି ଥିଲେ । ତାଙ୍କ ପତ୍ନୀ ମଧ୍ୟ ମସିହଙ୍କର ବିଶେଷ ଅନୁଚର ଥିଲେ, ଯାହାଙ୍କୁ ଅଲ୍ଲାଃଙ୍କ ପରମଭକ୍ତ ଓ ସାଧ୍ୱୀ କୁହାଯାଉଥିଲା । କିନ୍ତୁ ଅତ୍ୟନ୍ତ ଭୟାତୁର ହୋଇ ସେ ଅକାରଣରେ ନିଷ୍ପାପ ମସିହଙ୍କୁ ଇହୁଦୀଙ୍କ ହାତରେ ଟେକି ଦେଲେ । ଅଥଚ ମୋ

ପରି ତାଙ୍କ ବିରୁଦ୍ଧରେ କୌଣସି ହତ୍ୟାର ଆରୋପ ଲାଗି ନଥିଲା । କେବଳ ଧର୍ମ ସମ୍ବନ୍ଧୀୟ ସାମାନ୍ୟ ବିଭେଦ ଥିଲା । କିନ୍ତୁ ସେହି ରୋମାନ ପିଲାଟ ଦୃଢ଼ମନା ନଥିଲା । ତେଣୁ ସେ ଏକଥା ଶୁଣି ଡରିଗଲା ଯେ କାଳେ ରୋମ ସମ୍ରାଟ ନିକଟରେ ତା' ବିରୁଦ୍ଧରେ ଅଭିଯୋଗ ଅଣାଯିବ । ପୁଣି ଅନ୍ୟ ଏକ ସମାନତା ଦୃଷ୍ଟିକୋଣରୁ ଲକ୍ଷ୍ୟ କଲେ ପ୍ରଥମ ପିଲାଟ ଓ ବର୍ତ୍ତମାନ ସମୟର ଏହି ପିଲାଟଙ୍କ ମଧ୍ୟରେ ତୁଳନା କରାଯାଇ ପାରେ । ଏଠାରେ ସ୍ମରଣଯୋଗ୍ୟ ଯେ ପ୍ରଥମ ପିଲାଟ ମରିୟମ୍ ପୁତ୍ର ଯୀଶୁଙ୍କୁ ଅଦାଲତରେ ହାଜର କରାଯିବା ସମୟରେ ଇହୁଦୀମାନଙ୍କୁ କହିଥିଲେ 'ମୁଁ ଏହି ବ୍ୟକ୍ତିଙ୍କ ଠାରେ କୌଣସି ପ୍ରକାର ପାପ ଦେଖୁନାହିଁ ।' ତଦନୁରୂପ ଅନ୍ତିମ ଯୁଗର ମସିହ ଯେବେ ଏହି ଦ୍ୱିତୀୟ ପିଲାଟଙ୍କ ସମ୍ମୁଖରେ ଉପସ୍ଥିତ ହେଲେ, ସେ କହିଲେ 'ମୋତେ ଉତ୍ତର ଦେବା ପାଇଁ କିଛି ଦିନ ମହଲତ୍ ଦେବା ଉଚିତ୍ ହେବ, ଯେହେତୁ ମୋ ଉପରେ ହତ୍ୟାର କଳଙ୍କ ଲଗାଯାଇଛି ।' ସେତେବେଳେ ଏହି ଦ୍ୱିତୀୟ ପିଲାଟ କହିଲେ 'ମୁଁ ଆପଣଙ୍କ ଉପରେ କୌଣସି ପ୍ରକାର ମିଥ୍ୟା ଅଭିଯୋଗ କରି ନାହିଁ ।' ଏହି ଦୁଇଟି କଥନ ଦୁଇଜଣଯାକ ପିଲାଟଙ୍କ ପରସ୍ପର ମଧ୍ୟରେ ହୋଇଥିବା କଥାରେ ସମ୍ପୂର୍ଣ୍ଣ ସମାନତା ଦର୍ଶାଉଛି । ଯଦି କିଛି ପାର୍ଥକ୍ୟ ଅଛି,ତାହା କେବଳ ଏତିକି ଯେ ପ୍ରଥମ ପିଲାଟ ନିଜର ସେହି କଥନ ଉପରେ ଦୃଢ ରହିପାରି ନଥିଲା ଏବଂ ଯେତେବେଳେ ତାଙ୍କୁ କୁହାଗଲା ଯେ ରୋମାନ ସମ୍ରାଟଙ୍କ ନିକଟରେ ତୁମ ବିରୁଦ୍ଧରେ ଅଭିଯୋଗ ଅଣାଯିବ, ସେତେବେଳେ ସେ ଭୟଭୀତ ହୋଇଗଲେ । ପରିଣାମ ସ୍ୱରୂପ ହଜରତ ମସିହଙ୍କୁ ସେ ଜାଣିଶୁଣି ସେହି ନିର୍ଦ୍ଦୟୀ ରକ୍ତମୁଖା ଇହୁଦୀମାନଙ୍କ ହସ୍ତରେ ଦେଇଦେଲେ । ଯେବେକି ସେ ଏଥିରେ ଗଭୀର ଅନୁତପ୍ତ ହେଲେ । ସେ ଓ ତାଙ୍କ ସ୍ତ୍ରୀ ଯୀଶୁଙ୍କୁ ଶତ୍ରୁଙ୍କ ହାତରେ ସମର୍ପଣ କରି ଅତ୍ୟନ୍ତ ମର୍ମାହତ ହୋଇଥିଲେ । କାରଣ ଦୁଇଜଣଯାକ ମସିହଙ୍କୁ ଅତି ଭକ୍ତି କରୁଥିଲେ, କିନ୍ତୁ ଇହୁଦୀମାନଙ୍କର ପ୍ରବଳ କୋଳାହଳକୁ ଦେଖି ତାଙ୍କ ଉପରେ ଭୀରୁତାର ଛାୟା ଖେଳିଯାଇଥିଲା । କିନ୍ତୁ ନେପଥ୍ୟରେ କିପରି ମସିହଙ୍କ ଜୀବନକୁ କ୍ରୁଶ ଉପରୁ ବଞ୍ଚାଇ ଦିଆଯିବ, ସେଥିପାଇଁ ସେ ବହୁତ ଉଦ୍ୟମ କରିଥିଲେ । ପିଲାଟ ଏହି ପ୍ରୟାସରେ ସଫଳ ମଧ୍ୟ ହେଲେ । କିନ୍ତୁ ଯୀଶୁଙ୍କୁ କ୍ରୁଶରେ ଚଢ଼ାଇବା ପରେ ଅତ୍ୟଧିକ ପୀଡ଼ା ଯୋଗୁଁ ସେ ଏପରି ଅଚେତ ହୋଇଗଲେ, ସତେ ଯେପରି ତାଙ୍କର ମୃତ୍ୟୁ

ହୋଇଗଲା । ତେବେ ସେ ଯାହା ହେଉ, ଗଭର୍ଣ୍ଣର ପୋଣ୍ଟିଅସ ପିଲାଟଙ୍କ ଚେଷ୍ଟା ବଳରେ ମରିୟମ ପୁତ୍ର ଯୀଶୁଙ୍କ ଜୀବନ ରକ୍ଷା ହୋଇଗଲା, ସତେ ଯେପରି ସେ ମୃତ୍ୟୁଲୋକରୁ ଫେରି ଆସିଲେ । ତେବେ ଜୀବନ ଫେରି ପାଇବା ପାଇଁ ଯୀଶୁ ମସିହଙ୍କ ପ୍ରାର୍ଥନା ଗୃହୀତ ହୋଇ ସାରିଥିଲା ।

(ଦେଖନ୍ତୁ ଏବ୍ରୀ, ଭାଗ ୫, ଶ୍ଳୋକ ୭)*

ଏହାପରେ ମସିହ ସେହି ଭୂଭାଗରୁ ଗୋପନରେ କାଶ୍ମୀର ଆଡକୁ ପଳାୟନ କରି ଆସିଲେ ଏବଂ ସେଠାରେ ହିଁ ମୃତ୍ୟୁବରଣ କଲେ । ଯେପରିକି ତୁମେ ଶୁଣି ସାରିଛ ଯେ ଶ୍ରୀନଗର ସ୍ଥିତ ଖାନିୟାର ମହଲା ଠାରେ ତାଙ୍କ କବର ଅଛି । ଏହି ସବୁ ବିଷୟ ଗଭର୍ଣ୍ଣର ପୋଣ୍ଟିଅସ ପିଲାଟଙ୍କ ପ୍ରୟାସର ପରିଣାମ ଥିଲା । କିନ୍ତୁ ସେହି ପ୍ରଥମ ପିଲାଟଙ୍କ ସମସ୍ତ କାର୍ଯ୍ୟ କଳାପରେ କାପୁରୁଷତାର ରଙ୍ଗ ଝଲସୁଥିଲା । ଯଦି ସେ ନିଜ ବଚନ ବଦ୍ଧତାକୁ ରକ୍ଷା କରିଥାନ୍ତେ ଅର୍ଥାତ୍ ତାଙ୍କର ଏହି ଉକ୍ତି 'ମୁଁ ଏହି ବ୍ୟକ୍ତିଙ୍କ ଠାରେ କୌଣସି ପାପ ଦେଖୁନାହିଁ' ବିଚାରକୁ ନେଇ ଯୀଶୁଙ୍କୁ ଛାଡି ଦେଇ ଥାଆନ୍ତେ, ତେବେ ତାହା ତାଙ୍କ ପାଇଁ କିଛି କଷ୍ଟସାଧ କାର୍ଯ୍ୟ ନଥିଲା ଏବଂ ସେ ଅକ୍ଲେଶରେ ଯୀଶୁଙ୍କୁ ମୁକ୍ତ କରିଦେବା ପାଇଁ ସାମର୍ଥ୍ୟ ରଖିଥିଲେ । କିନ୍ତୁ ସେ ରୋମ ସମ୍ରାଟଙ୍କ ରାଜ ଦରବାରରେ ଇହୁଦୀଙ୍କ ହଟଗୋଳ ପୂର୍ଣ୍ଣ ଧମକକୁ ଶୁଣି ଡରିଗଲା । କିନ୍ତୁ ଏହି ଶେଷ ଯୁଗର ଦ୍ୱିତୀୟ ପିଲାଟ୍ ପାଦ୍ରୀମାନଙ୍କ ବିଶାଳ ସମାବେଶକୁ ଦେଖି ଡରିଗଲେ ନାହିଁ । ଯେବେକି ଏଠାରେ ମଧ୍ୟ ବ୍ରିଟିଶ ସାମ୍ରାଜ୍ୟ (କୈସରାଃ)ଙ୍କ ରାଜତ୍ୱ ଥିଲା । କିନ୍ତୁ ଏହି କୈସରାଃ ଅତୀତର କୈସରଙ୍କ ଠାରୁ ବହୁଗୁଣରେ ଶ୍ରେଷ୍ଠ

* ଯୀଶୁ ଭବିଷ୍ୟବାଣୀ କରି ସ୍ୱୟଂ କହିଥିଲେ ଯେ ୟୁନୁସ୍‌ଙ୍କ ଚିହ୍ନ ବ୍ୟତୀତ ଅନ୍ୟ କୌଣସି ଚିହ୍ନ ଦେଖାଯିବ ନାହିଁ । ତେଣୁ ମସିହ ନିଜର ଏହି ଉକ୍ତିରେ ସଂକେତ ଦେଇଥିଲେ ଯେ ଯେପରି ୟୁନୁସ୍ ମାଛର ପେଟ ଭିତରେ ଜୀବିତ ହୋଇ ପ୍ରବେଶ କଲେ ଓ ଜୀବିତ ବାହାରି ଆସିଲେ, ସେହିପରି ମୁଁ ମଧ୍ୟ ଜୀବିତ ଅବସ୍ଥାରେ କବରରେ ପ୍ରବେଶ କରିବି ଓ ଜୀବନ୍ତ ହିଁ ବାହାରିବି । ତେଣୁ ଏହି ନିଦର୍ଶନ ବ୍ୟତୀତ ଯେ ଯୀଶୁ ମସିହ ଜୀବନ୍ତ କ୍ରୁଶ ଉପରୁ ତଳକୁ ଓହ୍ଲାଇ ଆସିବା ଓ ଜୀବନ୍ତ ରୂପେ କବରରେ ପ୍ରବେଶ କରିବା କିପରି ପୂରଣ ହୋଇ ପାରିଥାନ୍ତା ? ଯୀଶୁ ଏହା ମଧ୍ୟ କହିଛନ୍ତି ଯେ ଅନ୍ୟ କୌଣସି ନିଦର୍ଶନ ଦେଖା ଯିବ ନାହିଁ । ଏହି ବାକ୍ୟରେ ଯୀଶୁ ସେହି ଲୋକମାନଙ୍କ କଥାକୁ ରଦ୍ଦ କରୁଛନ୍ତି, ଯେଉଁମାନେ କହୁଛନ୍ତି ଯେ ମସିହ ଏତାଦୃଶ ନିଦର୍ଶନ ଦେଖାଇଛନ୍ତି ଯେ ସେ ଆକାଶ ଉପରକୁ ଆରୋହଣ କରି ଯାଇଛନ୍ତି ।

ଥିଲା । ସେଥିଯୋଗୁ କୌଣସି ବ୍ୟକ୍ତିଙ୍କ ପକ୍ଷେ ଏହା ସମ୍ଭବ ନଥିଲା ଯେ ନ୍ୟାୟାଧୀଶଙ୍କ ଉପରେ ଉଚିତ ନ୍ୟାୟ ପାଇଁ ବ୍ରିଟିଶ ସମ୍ରାଟଙ୍କ ଭୟ ଦେଖାଇ ଚାପ ପକାଇ ପାରିବ । ସୁତରାଂ ପ୍ରଥମ ମସିହଙ୍କ ତୁଳନାରେ ଶେଷ ମସିହଙ୍କ ବିରୁଦ୍ଧରେ ପ୍ରବଳ ପାଟିତୁଣ୍ଡ ଓ ହୋହଲ୍ଲା ସୃଷ୍ଟି କରାଗଲା ତଥା ଯୋଜନାବଦ୍ଧ ଭାବରେ ମୋର ଦୃଢ଼ ବିରୋଧ କରାଗଲା । ସେଠାରେ ମୋ ପ୍ରତିପକ୍ଷ ଗୋଷ୍ଠୀ ଓ ସମସ୍ତ ସମ୍ପ୍ରଦାୟର ମୁଖିଆମାନେ ମୋ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଏକତ୍ର ରୁଣ୍ଡ ହୋଇ ଯାଇଥିଲେ । କିନ୍ତୁ ଶେଷ ପିଲାଟ ସତ୍ୟକୁ ହିଁ ଭଲ ପାଉଥିଲେ ଓ ନିଜର ସେହି ବଚନ ରକ୍ଷା କରି ଦେଖାଇଦେଲେ । ଯେପରିକି ସେ ମୋତେ ସମ୍ବୋଧନ କରି କହିଥିଲେ 'ମୁଁ ତୁମ ଉପରେ ହତ୍ୟାର ଆରୋପ ଲଗାଉ ନାହିଁ ।' ସୁତରାଂ ସେ ମୋତେ କୌଶଳ କରି ଅତି ସାହସର ସହିତ ମୁକ୍ତ କଲେ । ପ୍ରଥମ ପିଲାଟ ଯୀଶୁଙ୍କୁ ରକ୍ଷା କରିବା ପାଇଁ ଅନେକ ପ୍ରକାର ଛଳନାର ଆଶ୍ରୟ ନେଇଥିଲେ । କିନ୍ତୁ ଏହି ପିଲାଟ ଅଦାଲତର ସମସ୍ତ ନୀତିନିୟମ ଓ ପରମ୍ପରାର ଏପରି ପାଳନ କଲେ ଯେଉଁଥିରେ ଭୀରୁତାର ଲେଶମାତ୍ର ଚିହ୍ନ ନଥିଲା । ଯେଉଁଦିନ ମୁଁ ମୁକ୍ତ ହେଲି, ସେହି ଦିନ ଉକ୍ତ ଅଦାଲତରେ ମୁକ୍ତିସେନାର ଜଣେ ଚୋରକୁ ମଧ୍ୟ ଅଣାଯାଇଥିଲା । ଏହି ଘଟଣା ଏଥିପାଇଁ ଘଟିଲା ଯେ ପ୍ରଥମ ମସିହଙ୍କ ସହିତ ମଧ୍ୟ ଜଣେ ଚୋର ଥିଲା । କିନ୍ତୁ ଏହି ଶେଷ ମସିହ୍‌ଙ୍କ ସହିତ ଯେଉଁ ଚୋରଙ୍କୁ ଧରାଯାଇଥିଲା, ସେ ସେହି ପ୍ରଥମ ଚୋର ସଦୃଶ ଥିଲା ଯାହାକୁ ପ୍ରଥମ ମସିହଙ୍କ ସହିତ ଅଣା ଯାଇଥିଲା । ଅଥଚ କ୍ରୁଶ ଉପରେ ତାକୁ ଚଢ଼ାଗଲା ନାହିଁ କି ତାର ହାଡ ଭଙ୍ଗାଗଲା ନାହିଁ । ବରଂ କେବଳ ତିନି ମାସ ପାଇଁ ତାକୁ ବନ୍ଦୀ କରି ରଖାଗଲା ।

ଏବେ ପୁଣି ଆମେ ନିଜ ପ୍ରସଙ୍ଗ ଆଡକୁ ଫେରିଆସିବା । ଏଠାରେ ଏହା ଲେଖିବା ଉଚିତ ହେବ ଯେ ସୁରଃ ଫାତିହାରେ ଏତେ ମାତ୍ରାରେ ବାସ୍ତବିକତାରେ ପରିପୂର୍ଣ୍ଣ ନିଗୁଢ଼ ସତ୍ୟ ଓ ତତ୍ତ୍ୱଜ୍ଞାନ ମୂଳକ ସିଦ୍ଧାନ୍ତ ଠୁଳ ହୋଇ ରହିଛି ଯେ ଯଦି ସେ ସବୁକୁ ବ୍ୟାଖ୍ୟା କରାଯାଏ, ତେବେ ସେସବୁ ଏକ ବୃହତ ଗ୍ରନ୍ଥରେ ମଧ୍ୟ ଶେଷ ହୋଇପାରିବ ନାହିଁ । ତନ୍ମଧ୍ୟରୁ ଗୋଟିଏ ତାତ୍ତ୍ୱିକ ପ୍ରାର୍ଥନାକୁ ପରଖି ନିଅନ୍ତୁ । ଯାହାକୁ ଏହି ସୁରଃରେ ଶିଖା ଯାଇଛି **'ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍'** ଏହି ପ୍ରାର୍ଥନା ଭିତରେ ଏପରି ପରିପୂର୍ଣ୍ଣ ଭାବାର୍ଥ ବିସ୍ତାର ପୂର୍ବକ ଭରି ରହିଛି, ଯାହା ସମସ୍ତ ଧାର୍ମିକ

ଓ ସାଂସାରିକ ଉଦ୍ଦେଶ୍ୟ ହାସଲ କରିବାର ଚାବିକାଠି । ଆମେ କୌଣସି ବସ୍ତୁ ବିଷୟରେ ବାସ୍ତବିକ ଜ୍ଞାନ ଅର୍ଜନ କରିପାରିବା ନାହିଁ କି ସେଥିରୁ ଲାଭାନ୍ୱୀତ ହୋଇପାରିବା ନାହିଁ, ଯେ ପର୍ଯ୍ୟନ୍ତ ଆମେ ତାକୁ ପ୍ରାପ୍ତ କରିବା ପାଇଁ ଏକ ସଳଖ ପଥ ନପାଇଛୁ । ସଂସାରର ଯେତେକ ଜଟିଳ ବିଷୟ ରହିଛି ତାହା ଶାସନତନ୍ତ୍ର ହେଉ କି ମନ୍ତ୍ରୀପଦର ଉତ୍ତରଦାୟିତ୍ୱ ସମ୍ବନ୍ଧିତ ବିଷୟ ହେଉ । ତାହା ସୈନିକ କିମ୍ବା ଯୁଦ୍ଧ ସମ୍ବନ୍ଧିତ ହେଉ ଅଥବା ତାହା ପ୍ରକୃତିର ପର୍ଯ୍ୟବେକ୍ଷଣ ଖଗୋଳ ବିଦ୍ୟା ସମ୍ବନ୍ଧିତ ସୂକ୍ଷ୍ମ ବିଷୟ ହେଉ । ତାହା ଚିକିତ୍ସା ଶାସ୍ତ୍ରରେ ରୋଗ ନିରୂପଣ ଓ ଏହାର ନିଦାନ ସମ୍ପର୍କିତ ତଥ୍ୟ ହେଉ ନତୁବା ବାଣିଜ୍ୟ ଓ କୃଷି ସମ୍ବନ୍ଧିତ ବିଷୟ ହେଉ । ଏହି ସମସ୍ତ ବିଷୟରେ ସଫଳତା ପ୍ରାପ୍ତ କରିବା ସେପର୍ଯ୍ୟନ୍ତ କଷ୍ଟକର ଓ ଅସମ୍ଭବ ହେବ, ଯେପର୍ଯ୍ୟନ୍ତ ଏହି ବିଷୟରେ ଏକ ସଳଖ ଓ ସରଳ ମାର୍ଗ ପ୍ରାପ୍ତ ନହୋଇଛି ଯେ କେଉଁ ବିଧି ଆପଣାଇ ଏହି କାର୍ଯ୍ୟକୁ ଆରମ୍ଭ କରିବା ଉଚିତ । ପ୍ରତ୍ୟେକ ବୁଦ୍ଧିମାନ ମନୁଷ୍ୟ କଠିନ ପରିସ୍ଥିତିରେ ଏହାକୁ ନିଜର କର୍ତ୍ତବ୍ୟ ରୂପେ ଧରିନେବ ଯେ ସେହି ଜଟିଳ ସମସ୍ୟା ଆସିଲେ ସେ କିପରି ସମାଧାନର ସୂତ୍ର ବାହାର କରିବ, ସେ ବିଷୟରେ ଦିନରାତି ଚିନ୍ତା କରିବାକୁ ପଡିବ । ପ୍ରତ୍ୟେକ କାରିଗରୀ ବିଦ୍ୟା, କଳା କୌଶଳ, ନୂତନ ଆବିଷ୍କାର ତଥ ବିଭିନ୍ନ ଅଡୁଆ କାର୍ଯ୍ୟକୁ ସଜାଡିବାର ଏକ ସୁଗମ ପଥ ତାକୁ କିପରି ମିଳିଯାଉ । ଧର୍ମ ଓ ସଂସାରର ଆଭିମୁଖ୍ୟ ହାସଲ କରିବା ପାଇଁ ଅସଲ ପ୍ରାର୍ଥନା ହେଉଛି ମାର୍ଗ ପ୍ରଶସ୍ତ ହୋଇ ବାହାରିବାର ପ୍ରାର୍ଥନା । ଯଦି କୌଣସି ପ୍ରକୃଷ୍ଟ ଉପାୟ ମିଳିଯାଏ ଓ ଏକ ସଳଖ ମାର୍ଗଟିଏ ହାତକୁ ଆସେ, ତେବେ ନିଶ୍ଚିତ ରୂପେ ସେହି କାର୍ଯ୍ୟଟି ମଧ୍ଯ ଈଶ୍ୱରଙ୍କ କରୁଣା ବଳରେ ହିଁ ମନୁଷ୍ୟକୁ ହାସଲ ହୋଇଥାଏ । ଈଶ୍ୱରଙ୍କ ନିୟତି ଓ ବିଧାନ ପ୍ରତ୍ୟେକ ଲକ୍ଷ୍ୟ ପ୍ରାପ୍ତି ପାଇଁ ଏକ ମାର୍ଗ ରଖିଥାଏ । ଉଦାହରଣ ସ୍ୱରୂପ ସେପର୍ଯ୍ୟନ୍ତ କୌଣସି ରୋଗର ସଠିକ୍ ଚିକିତ୍ସା ହୋଇ ପାରିବ ନାହିଁ, ଯେପର୍ଯ୍ୟନ୍ତ ସେହି ରୋଗକୁ ଚିହ୍ନିବା ଓ ପ୍ରକୃତ କାରଣକୁ ବୁଝିବାରେ ସେ ସମର୍ଥ ନହୋଇଛି । ଔଷଧର ସଠିକ ନିର୍ଣ୍ଣୟ କରିବା ପାଇଁ ଏକ ବାଟ ନ ବାହାରିବା ପର୍ଯ୍ୟନ୍ତ ସେଥିରେ ସଫଳତା ପାଇଗଲା ବୋଲି ତାର ଅନ୍ତରାତ୍ମା କହିବ ନାହିଁ । ବରଂ ଏହି ସଂସାରରେ ସେପର୍ଯ୍ୟନ୍ତ କଦାପି କୌଣସି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରିବ ନାହିଁ, ଯେପର୍ଯ୍ୟନ୍ତ ସେହି ବ୍ୟବସ୍ଥା ନିମନ୍ତେ ଉପଯୁକ୍ତ ରାସ୍ତା

ନବାହାରିଛି । ସୁତରାଂ ରାସ୍ତା ଖୋଜିବା ହେଉଛି ସେହି ଜିଜ୍ଞାସୁ ବ୍ୟକ୍ତିର କର୍ତ୍ତବ୍ୟ, ଯେପରି ସାଂସାରିକ ସଫଳତାର ସଠିକ୍ ଧାରାକୁ ହାତରେ ସାଉଁଟି ନେବାପାଇଁ ପ୍ରଥମେ ଏକ ମାର୍ଗର ଆବଶ୍ୟକତା ରହିଛି ଯାହା ଉପରେ ପାଦ ଥୋଇବାକୁ ହେବ । ସେହିପରି ଈଶ୍ୱରଙ୍କ ସଖା ଓ ପ୍ରେମର ପାତ୍ର ହେବା ଓ କୃପା ଭାଜନ ହେବା ପାଇଁ ସଦାସର୍ବଦା ଏକ ମାର୍ଗର ଆବଶ୍ୟକତା ରହିଛି । ସେଥିପାଇଁ କୁରଆନର ପରବର୍ତ୍ତୀ ଅଧ୍ୟାୟ ସୁରଃ ବକରାଃର ପ୍ରାରମ୍ଭରେ ହିଁ କୁହାଯାଇଛି هُدًى لِّلْمُتَّقِينَ **'ହୁଦଲ୍‌ଲିଲ୍ ମୁତ୍‌ତକିନ୍'** ଅର୍ଥାତ୍ ଐଶୀ ପୁରସ୍କାର ପାଇବା ପାଇଁ ଏହି ମାର୍ଗ ହିଁ ଉନ୍ମୁକ୍ତ ରହିଛି ଯାହାକୁ ଆମେ ବର୍ଣ୍ଣନା କରୁଅଛୁ ।*

ସୁତରାଂ ଏହି ପ୍ରାର୍ଥନାର ପଙ୍‌କ୍ତି اِهْدِنَا الصِّرَاطَ الْمُسْتَقِيْمَ **'ଏହେଦେନସ୍ ସିରାତଲ୍ ମୁସ୍‌ତକିମ୍'** ଏକ ସ୍ୱୟଂ ସମ୍ପୂର୍ଣ୍ଣ ପ୍ରାର୍ଥନା ଯାହା ମନୁଷ୍ୟକୁ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଥାଏ ଯେ ଧାର୍ମିକ ଓ ସାଂସାରିକ ଜଟିଳ ପରିସ୍ଥିତରେ ପ୍ରଥମତଃ ଯେଉଁ ବସ୍ତୁକୁ ଖୋଜିବା ମଣିଷର କର୍ତ୍ତବ୍ୟ, ସେହି ଲକ୍ଷ୍ୟ ହାସଲ କରିବା ପାଇଁ ସେ **'ସିରାତେ ମୁସ୍‌ତକିମ୍'** ଅର୍ଥାତ ସତ୍‌ପଥ ଅନ୍ୱେଷଣ କରୁ । ଏପରି କୌଣସି ସ୍ୱଚ୍ଛ ଓ ସଳଖ ପଥ ସନ୍ଧାନ କରୁ ଯଦ୍ୱାରା ମନୁଷ୍ୟ ଅତି ସହଜରେ ଓ ସୁଗମ ଉପାୟରେ ସେହି ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚି ପାରିବ ଓ ତା' ମନ ବିଶ୍ୱାସରେ ଓତଃପ୍ରୋତ ହୋଇ ଭରିଯିବ । ସନ୍ଦେହ ଓ ଶଙ୍କାରୁ ତାକୁ ମୁକ୍ତି ମିଳିଯିବ । କିନ୍ତୁ ବାଇବେଲ ନୀତିଶିକ୍ଷା ଅନୁଯାୟୀ **ରୁଟି ମାଗୁଥିବା ବ୍ୟକ୍ତି** ଈଶ୍ୱରଙ୍କ ସାନିଧ୍ୟ ଲାଭ କରିବାର ମାର୍ଗକୁ ପାଇପାରିବ ନାହିଁ । ତାର ଉଦ୍ଦେଶ୍ୟ ତ କେବଳ ରୁଟି । ଯେବେ ତାକୁ ରୁଟି ମିଳିଗଲା, ପୁଣି ଈଶ୍ୱରଙ୍କ ଠାରେ କି ସମ୍ପର୍କ ଆଉ ରହିଲା ? ଏହି କାରଣ ଯୋଗୁ ଖ୍ରୀଷ୍ଟିୟାନମାନେ **'ସିରାତେ ମୁସ୍‌ତକିମ୍'** ରୁ ତଳକୁ ଖସିଗଲେ ଓ ଏକ ଲଜ୍ଜାଜନକ ଆସ୍ଥା ଯାହା ମଣିଷକୁ ଈଶ୍ୱର କରି ଦେଇଥାଏ, ତାହା ତାଙ୍କ ଗଳାରେ ପଡ଼ିଗଲା । ଆମେ ବୁଝିପାରୁ ନାହୁଁ ଯେ ମରିୟମ ପୁତ୍ର ଯୀଶୁଙ୍କର ଅନ୍ୟମାନଙ୍କ ତୁଳନାରେ କଣ ଅଧିକ ଯୋଗ୍ୟତା ଥିଲା ଯେ ତାଙ୍କୁ ଈଶ୍ୱର ବା ଈଶ୍ୱର ପୁତ୍ର କରି ଗଢ଼ିବାର ଭାବନା ମନରେ ଆସିଲା । ଚମତ୍କାରିତା ଦେଖାଇବାରେ ଅଧିକାଂଶ ପୂର୍ବବର୍ତ୍ତୀ ନବୀ

* ସୁରଃ ଫାତିହାରେ ସତ୍‌ପଥ ନିମନ୍ତେ ପ୍ରାର୍ଥନା କରାଯାଇଛି ଓ ଦ୍ୱିତୀୟ ସୁରଃରେ ସେହି ପ୍ରାର୍ଥନା ଗ୍ରହଣୀୟ ହୋଇ ସତ୍‌ପଥର ମାର୍ଗକୁ ବତାଇ ଦିଆଯାଇଛି ।

ତାଙ୍କଠାରୁ ଢେର ଅଧିକ ପାରଦର୍ଶିତା ଲାଭ କରିଥିଲେ । ଯେପରି କି ମୋସେସ, ଅଲ ୟସ୍‌ଆ ଓ ଇଲିୟା ନବୀ । ମୋତେ ତାହାଙ୍କ ରାଣ, ଯାହାଙ୍କ ହାତରେ ମୋର ଜୀବନ ଅଛି, ମରିୟମ ପୁତ୍ର ଯୀଶୁ ଯଦି ମୋ ସମୟରେ ଥାଆନ୍ତେ, ତେବେ ସେହି କାର୍ଯ୍ୟ ଯାହା ମୁଁ କରିପାରେ ସେ କଦାପି କରିପାରି ନଥାନ୍ତେ । ଏବଂ ସ୍ୱର୍ଗୀୟ ଚିହ୍ନ ଯାହା ମୋ ଠାରୁ ପ୍ରକଟିତ ହେଉଛି, ସେ କଦାପି ସେସବୁ ଦେଖାଇପାରି ନଥାନ୍ତେ* । ଈଶ୍ୱରଙ୍କ କରୁଣା ସେ ନିଜ ଠାରୁ ଅଧିକ ମୋ ଠାରେ ପାଇଥାନ୍ତେ । ଯଦି ମୁଁ ଏପରି ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରେ, ତେବେ ଚିନ୍ତା କରନ୍ତୁ ଯେ **ସେହି ପବିତ୍ର ରସୁଲ୍ ମୁହମ୍ମଦ**[ସଅ] **ଙ୍କର ପଦମର୍ଯ୍ୟାଦା କିପରି ଥିବ, ଯାହାଙ୍କ ଦାସତ୍ୱ ଗ୍ରହଣ ପ୍ରତି ମୋତେ ସମ୍ବୋଧନ କରାଯାଇଛି** । 'ଜାଲିକା ଫଜ୍‌ଲୁଲ୍ଲାହି ୟୁତିହି ମଇୟଶାଓ' ଏଠାରେ କୌଣସି ପ୍ରକାର ଇର୍ଷା ଓ ଦ୍ୱେଷର ପ୍ରଶ୍ନ ଉଠୁନାହିଁ । ଈଶ୍ୱର ଯାହା ଇଚ୍ଛା କରିବେ, ତାହା ହିଁ କରିବେ । ଯିଏ ତାଙ୍କ ଇଚ୍ଛାର ବିରୋଧ କରିଥାଏ ସେ କେବଳ ନିଜ ଉଦ୍ଦେଶ୍ୟରେ ଅସଫଳ ହୁଏ ନାହିଁ, ବରଂ ମୃତ୍ୟୁ ଲାଭ କରି ନର୍କରେ ପଡିଥାଏ । ସେମାନେ ଧ୍ୱଂସ ହୋଇଗଲେ ଯେଉଁମାନେ ଜଣେ ନିମିତ୍ତ ମାନବଦେହୀ ପ୍ରାଣୀକୁ ଈଶ୍ୱର କରିଦେଲେ । ସେମାନେ ନିଃଶେଷ ହୋଇଗଲେ ଯେଉଁମାନେ ଜଣେ ଈଶ୍ୱର ପ୍ରେରିତ ସର୍ବୋତ୍ତମ ବାର୍ତ୍ତାବହଙ୍କୁ ସ୍ୱୀକାର କଲେ ନାହିଁ । ତାକୁ ମୋର

---

* ଏହାର ପ୍ରାମାଣିକ ତତ୍ତ୍ୱ ପାଇବା ପାଇଁ ମୋର ପୁସ୍ତକ 'ନୋଜୁଲୁଲ୍ ମସିହ୍' ଯଥାଶୀଘ୍ର ଆତ୍ମପ୍ରକାଶ କରିପାଇବ, ଯାହା ବର୍ତ୍ତମାନ ମୁଦ୍ରଣ କରାଯାଉଛି । ଏବଂ ଦଶଟି ଭାଗ ଏପର୍ଯ୍ୟନ୍ତ ଛପା ସରିଲାଣି ଓ ଅତି ନିକଟରେ ପ୍ରକାଶ ପାଇବ । ଏହି ପୁସ୍ତକଟି ପିର୍ ମେହେର୍ ଅଲି ଗୋଲୋଡ୍ଡୁଭିଙ୍କ ପୁସ୍ତକ 'ତମ୍ବୁର୍ ଚିଶ୍‌ତୟାଇ'ର ପ୍ରତିକ୍ରିୟାରେ ଲେଖାଯାଇଛି । ଯେଉଁଥିରେ ପ୍ରମାଣ କରାଯାଇଛି ଯେ ପିର ସାହେବ ମୁହମ୍ମଦ ହସନ ମୁର୍‌ଦାଙ୍କ ନିବନ୍ଧକୁ ଚୋରାଇ ନେଇ ଏପରି ଲଜ୍ଜାଜନକ ଭୁଲ୍ କରିଛନ୍ତି ଯେ ଏବେ ସୂଚନା ପାଇବା ପରେ ତାଙ୍କର ଜୀବନ ଦୁର୍ବିସହ ହୋଇଯିବ । ସେହି ହତଭାଗା ତ ଆମ ବର୍ଣ୍ଣିତ ଭବିଷ୍ୟତ ବାଣୀ 'ଏଜାଜୁଲ୍ ମସିହ୍' ଅନୁଯାୟୀ ମୃତ୍ୟୁବରଣ କରିସାରିଛି । ଏହି ଦ୍ୱିତୀୟ ଦୁର୍ଭାଗ୍ୟଶାଳୀ ଜଣକ ବୃଥାଟାରେ ଏପରି ଅନୁଚିତ ପୁସ୍ତକ ଲେଖି ଭବିଷ୍ୟତ ବାଣୀ **'ଇନ୍ନି ମୁହିନୁନ୍ ମନ୍‌ଅରାଦା ଇହାନତକା'**ର ଶିକାର ହୋଇଯାଇଛି । **'ଫାଆତବିରୁ ୟାଉଲିଲ୍ ଅବ୍‌ସାର'** । ଅର୍ଥାତ 'ହେ ନେତ୍ରଧାରୀ! କିଛି ହେଲେ ଶିକ୍ଷା ଗ୍ରହଣ କର ଓ ଏହି ହିତୋପଦେଶ ହାସଲ କର ।'

ଅଭିନନ୍ଦନ ଯିଏ ମୋତେ ଚିହ୍ନିନେଲା । ମୁଁ ଈଶ୍ୱରଙ୍କ ସମସ୍ତ ମାର୍ଗ ମଧ୍ୟରୁ ହେଉଛି ଅନ୍ତିମ ମାର୍ଗ ଓ ତାଙ୍କର ସମସ୍ତ ଦୈବୀ ପ୍ରକାଶ ମଧ୍ୟରେ ମୁଁ ହେଉଛି ଅନ୍ତିମ ପ୍ରକାଶ । ହତଭାଗା ସେହି ବ୍ୟକ୍ତି ଯିଏ ମୋତେ ପରିତ୍ୟାଗ କରେ, କାରଣ ମୋ ବିନା ସବୁ ଅନ୍ଧକାରମୟ ।

ପଥ ପ୍ରଦର୍ଶନର ଦ୍ୱିତୀୟ ସାଧନ ଯାହା ମୁସଲମାନମାନଙ୍କ ସତଶିକ୍ଷା ପାଇଁ ଦିଆଯାଇଛି ତାହା ହେଉଛି **ସୁନ୍ନତ** । ଅର୍ଥାତ ହଜରତ ମୁହମ୍ମଦ[ସଅ]ଙ୍କ ବ୍ୟାବହାରିକ କାର୍ଯ୍ୟଶୈଳୀ, ଯାହା ସେ ପବିତ୍ର କୁରଆନ ଅନ୍ତର୍ଗତ ସମସ୍ତ ଆଦେଶର ବ୍ୟାଖ୍ୟା ସ୍ୱରୂପ ନିଜ ଜୀବଦଶାରେ କାର୍ଯ୍ୟରେ କରି ଦେଖାଇଛନ୍ତି । ଉଦାହରଣ ସ୍ୱରୂପ, ପବିତ୍ର କୁରଆନରେ ସାଧାରଣତଃ ପାଞ୍ଚବେଳାର ନମାଜରେ କେତେ କେତେ ରକାତ୍ (ନମାଜର ଭାଗ ସଂଖ୍ୟା) ଅଛି ତାହା ଜଣାପଡୁ ନାହିଁ । ଅର୍ଥାତ ସକାଳ ବେଳାର ନମାଜରେ କେତେ ଓ ଅନ୍ୟ ସମୟରେ କେତେ । କିନ୍ତୁ ସୁନ୍ନତ ଯାହା ମୁହମ୍ମଦ[ସଅ]ଙ୍କ ଅନୁସୃତ ପନ୍ଥା, ତାହା ସାଂସାରିକ ଓ ଆଧ୍ୟାତ୍ମିକ ପ୍ରସଙ୍ଗ ଉପରେ ସ୍ପଷ୍ଟ ପ୍ରକାଶ ପକାଇଛି । ଆପଣମାନେ ସୁନ୍ନତ ଏବଂ ହଦିସ ଏକା ବିଷୟ ବୋଲି ଧୋକା ଖାଆନ୍ତୁ ନାହିଁ । କାରଣ ହଦିସକୁ ତ ମୁହମ୍ମଦ[ସଅ]ଙ୍କ ଦେହାନ୍ତ ହେବାର ଶହେ ଦେଢ଼ ଶହ ବର୍ଷ ପରେ ଏକତ୍ର ସଂକଳନ କରାଯାଇଛି । କିନ୍ତୁ ସୁନ୍ନତର ସ୍ଥିତି ପବିତ୍ର କୁରଆନ ସହିତ ପୂର୍ବରୁ ଜଡିତ ଥିଲା । ମୁସଲମାନମାନଙ୍କ ପାଇଁ ପବିତ୍ର କୁରଆନ ପରେ ସୁନ୍ନତ ସବୁଠାରୁ ବଡ ଅବଦାନ ରୂପେ ରହିଛି । ଈଶ୍ୱର ଓ ତାଙ୍କ ବାର୍ତ୍ତାବହଙ୍କ ଦାୟିତ୍ୱପୂର୍ଣ୍ଣ କର୍ତ୍ତବ୍ୟ କେବଳ ଦୁଇଟି ବିଷୟ ଉପରେ ପର୍ଯ୍ୟବସିତ ଥିଲା । ଈଶ୍ୱର କୁରଆନକୁ ଅବତୀର୍ଣ୍ଣ କରି ସକଳ ପ୍ରାଣୀଜଗତକୁ ନିଜ ଦିବ୍ୟବାଣୀ ଦ୍ୱାରା ଆପଣା ଅଭିପ୍ରାୟ ସମ୍ବନ୍ଧରେ ଅବଗତ କରାଇଲେ । ଏହା ତ ସ୍ୱୟଂ ଐଶ୍ୱରିକ ନିୟମ ପ୍ରତି ତାଙ୍କର କର୍ତ୍ତବ୍ୟ ଥିଲା । ହଜରତ ମୁହମ୍ମଦ[ସଅ]ଙ୍କର ଏହା ମଧ୍ୟ କର୍ତ୍ତବ୍ୟ ଥିଲା ଯେ ଈଶ୍ୱରଙ୍କ ବାଣୀକୁ କ୍ରିୟାତ୍ମକ ଭାବରେ ନିଜ କାର୍ଯ୍ୟଶୈଳୀରେ ଦେଖାଇ ସ୍ପଷ୍ଟ ରୂପେ ଲୋକମାନଙ୍କୁ ବୁଝାଇଦେବା । ସୁତରାଂ ରସୁଲୁଲ୍ଲାଃ[ସଅ] ସେହି ଦିବ୍ୟ କଥନକୁ କାର୍ଯ୍ୟରେ କରି ଦେଖାଇଛନ୍ତି ଓ ନିଜର 'ସୁନ୍ନତ' ଅର୍ଥାତ୍ କାର୍ଯ୍ୟାନ୍ୱୟନ ଶୈଳୀ ଦ୍ୱାରା ସମସ୍ତ ପ୍ରକାରର ସାମାଜିକ ଦ୍ୱନ୍ଦ୍ୱ ଓ କଠିନ ସମସ୍ୟାକୁ ସମାଧାନ କରିଦେଇଛନ୍ତି । ଏ କଥା କହିବା ବୃଥା ଯେ କ୍ରୀୟାତ୍ମକ ଭାବେ ସମାଧାନ କରାଯିବା

ହଦିସ ଉପରେ ଆଧାରିତ ଥିଲା । କାରଣ ହଦିସର ପରିଚୟ ସୃଷ୍ଟି ହେବା ପୂର୍ବରୁ ଭୂପୃଷ୍ଠରେ ଇସଲାମ ଧର୍ମ ପ୍ରତିଷ୍ଠା ହୋଇ ସାରିଥିଲା ।* କଣ ସେ ସମୟ ପର୍ଯ୍ୟନ୍ତ ହଦିସଗୁଡିକୁ ସଂକଳିତ କରାଯାଇ ନଥିଲା ? ଲୋକମାନେ ନମାଜ ପଢୁ ନଥିଲେ ? ଜକାତ୍ ଦେଉ ନଥିଲେ ? ହଜ୍ କରୁ ନଥିଲେ ? ନତୁବା ହଲାଲ୍ ଓ ହରାମ୍ (ବୈଧ ଓ ଅବୈଧ) ବିଷୟରେ ପରିଚିତ ନଥିଲେ ? ହଁ, ଅବଶ୍ୟ ପଥ ପ୍ରଦର୍ଶନର ତୃତୀୟ ମାଧ୍ୟମ ହେଉଛି ହଦିସ । କାରଣ ଅଧିକାଂଶ ଇସଲାମୀୟ ଇତିହାସ, ନୈତିକ ଓ ଧାର୍ମିକ ନୀତିନିୟମ, ଲୋକଚରିତ୍ର ଓ ଫିକାଃ ବା ସମ୍ବିଧାନ ଭିତ୍ତିକ ପ୍ରସଙ୍ଗଗୁଡିକୁ ହଦିସ ସ୍ପଷ୍ଟ ରୂପେ ବର୍ଣ୍ଣନା କରୁଛି । ହଦିସର ଆତ୍ମପ୍ରକାଶ ହେବା ଦ୍ୱାରା ଏତିକି ବଡ ଲାଭ ହେଉଛି ଯେ ତାହା ପବିତ୍ର କୁରଆନର ଓ ସୁନ୍ନତର ସେବକ ରୂପେ ରହି ଆସିଛି । ଯେଉଁ ଲୋକମାନଙ୍କୁ ପବିତ୍ର କୁରଆନର ପ୍ରକୃତ ଜ୍ଞାନ ପ୍ରାପ୍ତ ହୋଇ ନାହିଁ, ସେମାନେ ଏପରି ସ୍ଥାନରେ ହଦିସକୁ କୁରଆନର 'କାଜି' (ନିର୍ଣ୍ଣାୟକ) ବୋଲି କହିଥାନ୍ତି । ଠିକ୍ ଯେପରି ଇହୁଦୀମାନେ ନିଜ ହଦିସ ସମ୍ବନ୍ଧରେ କହିଥିଲେ । କିନ୍ତୁ ଆମେ ହଦିସକୁ କୁରଆନର ସେବକ ଏବଂ ସୁନ୍ନତର ସେବକ ବୋଲି ଅଭିହିତ କରୁଛୁ । ଏଥିରୁ ସ୍ପଷ୍ଟ ଯେ ମୁନିବଙ୍କ ଜ୍ଞାନ ସେବକଙ୍କ ଯୋଗୁ ହିଁ ବୃଦ୍ଧି ହୋଇଥାଏ । କୁରଆନ ଈଶ୍ୱରଙ୍କ ବାଣୀ ଏବଂ ସୁନ୍ନତ ରସୁଲୁଲ୍ଲାଃ[ସଅ]ଙ୍କ କର୍ମ । ହଦିସ ହେଉଛି ସୁନ୍ନତର ସମର୍ଥକ ସାକ୍ଷୀ ରୂପେ ମୁହମ୍ମଦ[ସଅ]ଙ୍କ ମୁଖନିଃସୃତ ବାଣୀ ସମ୍ବଳିତ ପ୍ରାମାଣିକ ପୁସ୍ତକ ସମୂହ । ଏହା କହିବା ଭୁଲ ହେବ ଯେ ହଦିସ କୁରଆନ ଉପରେ କାଜି ରୂପେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି । ଯଦି କୁରଆନ ଉପରେ କେହି କାଜି ଥାଏ ତେବେ ସେ ସ୍ୱୟଂ କୁରଆନ । ହଦିସ ଯାହା ଏକ ବିଚାରାତ୍ମକ ମାନ୍ୟତା ରଖିଥାଏ, ତାହା କଦାପି କୁରଆନର କାଜି ହୋଇପାରିବ ନାହିଁ । କେବଳ ପ୍ରମାଣର ସହଯୋଗୀ ରୂପେ ରହିଛି । କୁରଆନ ଓ ସୁନ୍ନତ ସମସ୍ତ ମୌଳିକ କାର୍ଯ୍ୟକୁ କରି

* ଅହ୍‌ଲେ ହଦିସ (ହଦିସ ଗ୍ରନ୍ଥାଧାରୀ ଅର୍ଥାତ ହଦିସ ଉପରେ ପରିଚାଳିତ ହେଉଥିବା ମୁସଲ୍‌ମାନ ଗୋଷ୍ଠୀ) ରସୁଲଙ୍କ କର୍ମ ଓ ରସୁଲଙ୍କ କଥନ, ଦୁଇଟିଯାକ ବିଷୟର ନାମ ହଦିସ ରଖିଛନ୍ତି । ସେମାନଙ୍କର ଏପରି ନାମକରଣ କରିବାରେ ଆମର କିଛି କହିବାର ନାହିଁ । ପ୍ରକୃତରେ ଦେଖିଲେ ସୁନ୍ନତ ହେଉଛି ସମ୍ପୂର୍ଣ୍ଣ ଭିନ୍ନ, ଯାହାର ପ୍ରଚାର କାର୍ଯ୍ୟ ସ୍ୱୟଂ ହଜରତ ମୁହମ୍ମଦ[ସଅ] ନିଜ ଜୀବଦଶାରେ କରିଛନ୍ତି । ମାତ୍ର ହଦିସ ଏହାଠାରୁ ଅଲଗା, ଯାହା ପରବର୍ତ୍ତୀ ସମୟରେ ଏକତ୍ରିତ କରାଯାଇଛି ।

ଦେଖାଇଛନ୍ତି ଏବଂ ହଦିସ କବଳ ଏକ ସମର୍ଥନକାରୀ ସାକ୍ଷୀ ରୂପେ ପ୍ରମାଣ ଯୋଗାଇ ଆସୁଛି । ତେଣୁ ହଦିସ କୁରଆନ ଉପରେ କିପରି ନିର୍ଣ୍ଣାୟକ ହୋଇପାରିବ ? କୁରଆନ ଓ ସୁନ୍ନତ ସେହି ଯୁଗରେ ପଥ ପ୍ରଦର୍ଶନ କରୁଥିଲେ, ଯେତେବେଳେ କି ମନୁଷ୍ୟକୃତ ଏହି କୃତ୍ରିମ କାଜିଙ୍କର ଚିହ୍ନବର୍ଣ୍ଣ ମଧ୍ୟ ନଥିଲା । ଏପରି କୁହ ନାହିଁ ଯେ ହଦିସ ପବିତ୍ର କୁରଆନ ଉପରେ ନିର୍ଣ୍ଣାୟକ ବିଚାରଶକ୍ତି ରଖିଥିବା ବସ୍ତୁ । ବରଂ ଏହା କୁହ ଯେ ହଦିସ କୁରଆନ ତଥା ସୁନ୍ନତ ପାଇଁ ଏକ ସମର୍ଥନକାରୀ ତଥ୍ୟ ସହଯୋଗୀ ସାକ୍ଷୀ । ବରଂ ସୁନ୍ନତ ଏପରି ଏକ ବସ୍ତୁ ଯାହା କୁରଆନର ଅଭିପ୍ରାୟକୁ ସ୍ୱଷ୍ଟ କରିଥାଏ ଓ ସୁନ୍ନତ ଏପରି ଏକ ମାର୍ଗ ଯାହା ଉପରେ ହଜରତ ମୁହମ୍ମଦ[ସଅ] ବ୍ୟାବହାରିକ କ୍ରୀୟା ଦ୍ୱାରା ନିଜ ଅନୁଚରମାନଙ୍କୁ ପରିଚାଳିତ କରାଇଥିଲେ । ସୁନ୍ନତ ସେହି କଥାବସ୍ତୁର ନାମ ନୁହେଁ ଯାହା ଶହେ କି ଦେଢ଼ଶହ ବର୍ଷ ପରେ ପୁସ୍ତକଗୁଡ଼ିକରେ ଲେଖାଯାଇଛି । ବରଂ ତାହାର ନାମ ହେଉଛି ହଦିସ । ସୁନ୍ନତ ହେଉଛି ସେହି କ୍ରୀୟାତ୍ମକ ଆଦର୍ଶ ନାମ, ଯାହା ସତ୍ୟନିଷ୍ଠ ମୁସଲମାନମାନଙ୍କ ବ୍ୟାବହାରିକ କାର୍ଯ୍ୟଧାରାର ପରିସ୍ଥିତିରେ ପ୍ରାରମ୍ଭରୁ ହିଁ ଚାଲିଆସିଛି ଓ ଏହି ପନ୍ଥାକୁ ସହସ୍ର ମୁସଲମାନ ଅନୁସରଣ କରୁଛନ୍ତି । ହଁ ଯଦିଚ ହଦିସଗୁଡ଼ିକରେ ଅଧିକାଂଶ ଭାଗ ବିଚାରାତ୍ମକ ସ୍ତରରେ ରହିଛି, କିନ୍ତୁ ତାହା ଯଦି କୁରଆନ ଓ ସୁନ୍ନତର ବିରୋଧ କରୁନାହିଁ, ତେବେ ତାହା ଅନୁସରଣ ଯୋଗ୍ୟ ଓ ଅବଶ୍ୟ ଅନୁକରଣୀୟ ଏବଂ କୁରଆନ ଓ ସୁନ୍ନତର ପୂର୍ଣ୍ଣ ସମର୍ଥକ ମଧ୍ୟ । ଅଧିକାଂଶ ଇସଲାମୀୟ ପ୍ରସଙ୍ଗର ଭଣ୍ଡାର ତା' ଭିତରେ ମହଜୁଦ ରହିଛି । ସୁତରାଂ ଏହିସବୁ ଦୃଷ୍ଟିରୁ ହଦିସର ସମ୍ମାନ ନକରିବା ଓ ଏହାର ମହତ୍ତ୍ୱକୁ ନବୁଝିବା ସତେ ଯେପରି ଇସଲାମର ଗୋଟିଏ ଅଙ୍ଗକୁ କାଟିଦେବା । ହଁ, ଯଦି କୌଣସି ଏପରି ହଦିସ ଥିବ ଯାହା କୁରଆନ ଓ ସୁନ୍ନତକୁ ବିରୋଧ କରୁଥିବ ତଥା ଏପରି ହଦିସର ବିରୁଦ୍ଧାତ୍ମକ ଭାବ ପ୍ରକାଶ କରୁଥିବ, କିନ୍ତୁ ତାହା କୁରଆନର ଅନୁବର୍ତ୍ତୀ  ହୋଇଥିବ । ଉଦାହରଣ ସ୍ୱରୂପ, ଏପରି ଏକ ହଦିସ ଥିବ ଯାହା 'ସହି ବୁଖାରୀ' (ନିର୍ଭରଯୋଗ୍ୟ ପ୍ରାମାଣିକ ହଦିସ ଗ୍ରନ୍ଥ-ଅନୁବାଦକ)ର ବିରୋଧ କରୁଥିବ, ତେବେ ସେହି ହଦିସଟି ଆଦୌ ଗ୍ରହଣୀୟ ହେବ ନାହିଁ । କାରଣ ତାକୁ ଗ୍ରହଣ କରିବା ଦ୍ୱାରା କୁରଆନକୁ ଏବଂ ସେହିସବୁ ହଦିସଗୁଡ଼ିକୁ ଯାହା କୁରଆନ ଅନୁକୂଳବର୍ତ୍ତୀ ଥିଲେ ସୁଦ୍ଧା ତାକୁ ରଦ୍ଦ କରିବାକୁ ପଡ଼ିବ । ଏବଂ ମୁଁ ଜାଣିଛି

ଯେ କୌଣସି ସଂଯମଶୀଳ ବ୍ୟକ୍ତି ସାହାସ କରିବ ନାହିଁ ଯେ ଏପରି ହଦିସ ପ୍ରତି ଆସ୍ଥା ରଖିବ, ଯାହା କୁରଆନ ଓ ସୁନ୍ନତର ବିପରୀତ ଥିବ । ଏପରି ହଦିସଗୁଡ଼ିକର ମଧ୍ୟ ବିରୋଧାଭାସ ମିଳୁଥିବ, ଯାହାସବୁ କୁରଆନକୁ ସମର୍ଥନ କରୁଥିବେ । ସୁତରାଂ **ହଦିସର ମହତ୍ତ୍ୱକୁ ବୁଝ** ଓ ସେ ସବୁଥିରୁ ଲାଭ ଉଠାଅ । କାରଣ ତାହା ମୁହମ୍ମଦ[ସଅ]ଙ୍କ ପ୍ରତି ଅଭିପ୍ରେତ । ଏଥିରୁ ନିଷ୍କର୍ଷ ବାହାରୁଛି ଯେ ଯେପର୍ଯ୍ୟନ୍ତ କୌଣସି ହଦିସ କୁରଆନ ଓ ସୁନ୍ନତକୁ ଅବଜ୍ଞା କରିନାହାନ୍ତି, ସେପର୍ଯ୍ୟନ୍ତ ତୁମେ ମଧ୍ୟ ସେଗୁଡ଼ିକୁ ପ୍ରତ୍ୟାଖ୍ୟାନ କରନାହିଁ । ବରଂ ତୁମେ ମୁହମ୍ମଦ[ସଅ]ଙ୍କ ହଦିସର ଏପରି ଅନୁସରଣ କର ଯେ ତୁମର କୌଣସି କାର୍ଯ୍ୟକଳାପ ତଥା କୌଣସି ପ୍ରକାର ଆତ୍ମଶାନ୍ତି, ତୁମର କୌଣସି କର୍ମ କରିବା କିମ୍ବା ତାକୁ ପରିତ୍ୟାଗ କରିବା ପଛରେ ଓ ତାର ସମର୍ଥନରେ ତୁମ ନିକଟରେ ଅନ୍ୟ କୌଣସି ହଦିସ ଉପଲବ୍ଧ ଥିବ । କିନ୍ତୁ ଯଦି ଏପରି କୌଣସି ହଦିସ ଅଛି ଯାହା ପବିତ୍ର କୁରଆନରେ ଉଲ୍ଲେଖିତ ଘଟଣା ଠାରୁ ସମ୍ପୂର୍ଣ୍ଣ ଭିନ୍ନ, ତେବେ ତା' ସପକ୍ଷରେ ଅନୁକୂଳ ମତ ଦେବା ବିଷୟରେ ଚିନ୍ତା କର । ବୋଧହୁଏ ତୁମର ସେହି ମତଭେଦ ତୁମ ଭୁଲ ଯୋଗୁ ହୋଇଥିବ । ଯଦି କୌଣସି ଉପାୟରେ ସେହି ମତଭେଦ ଦୂର ନହୁଏ, ତେବେ ସେହି ହଦିସ୍‌କୁ କାଢ଼ି ଫିଙ୍ଗିଦିଅ ଯେହେତୁ ତାହା ରସୁଲୁଲ୍ଲାଃ[ସଅ]ଙ୍କ ଆଡୁ ବ୍ୟକ୍ତ କରାଯାଇ ନାହିଁ । ଯଦି କୌଣସି ହଦିସ ଦୁର୍ବଳ ଶ୍ରେଣୀର ହୋଇଥିବ ଅଥଚ ପବିତ୍ର କୁରଆନର ଦୃଢ଼ ସମର୍ଥନ କରୁଥିବ, ତେବେ ସେହି ହଦିସ୍‌କୁ ଗ୍ରହଣ କରିନିଅ । କାରଣ କୁରଆନ ତାର ପ୍ରାମାଣିକତାକୁ ପୁଷ୍ଟି କରିଥାଏ । ଯଦି ଏପରି କୌଣସି ହଦିସ ଅଛି ଯାହା କୌଣସି ଭବିଷ୍ୟତ ବାଣୀ ଉପରେ ଆଧାରିତ, ହଦିସ ଲେଖକଙ୍କ ନିକଟରେ ତାହା ଦୁର୍ବଳ ଏବଂ ତୁମ ସମୟରେ ବା ପୂର୍ବକାଳୀନ ସମୟରେ ସେହି ହଦିସରେ ସୂଚିତ ଭବିଷ୍ୟତ ବାଣୀ ଅକ୍ଷରେ ଅକ୍ଷରେ ପୂରଣ ହୁଏ, ତେବେ ଉକ୍ତ ହଦିସକୁ ସତ୍ୟସିଦ୍ଧ ବୋଲି ବିବେଚନା କର । ଏପରି ହଦିସ ବିଶାରଦ ଓ ବର୍ଣ୍ଣନାକାରୀମାନଙ୍କୁ ଦୋଷୀ ଓ ମିଥ୍ୟାଚାରୀ ବୋଲି ଧରି ନିଅ, ଯେଉଁମାନେ ଉକ୍ତ ହଦିସଟିକୁ ନିଜସ୍ୱ ମତରେ ଦୁର୍ବଳ ଓ ମାନବକୃତ ଅନାବଶ୍ୟକ ତଥ୍ୟ ରୂପେ ଅଭିହିତ କରିଛନ୍ତି ।

ଏପରି ଶହ ଶହ ହଦିସ୍ ଅଛି ଯେଉଁଥିରେ ବହୁଳ ସଂଖ୍ୟାରେ ଭବିଷ୍ୟବାଣୀ ଭରି ରହିଛି । କିନ୍ତୁ ସେଥିମଧ୍ୟରୁ ଅଧିକାଂଶ ହଦିସର ବର୍ଣ୍ଣନ ହଦିସ ବିଦ୍ୱାନଙ୍କ ନିକଟରେ ଦୁର୍ବଳ, ମନଗଢ଼ା କିମ୍ବା ତର୍କବିତର୍କ ସୃଷ୍ଟିକାରୀ ହଦିସ । ଯଦି ସେଥି

ମଧ୍ୟରୁ କୌଣସି ହଦିସ ବାଣୀ ପୂରଣ ହୋଇଯାଏ ଓ ତାକୁ ତୁମେ ଏକଥା କହି ଏଡ଼ାଇ ଯାଅ ଯେ ଆମେ ତାହାକୁ ସ୍ୱୀକାର କରୁନାହୁଁ । କାରଣ ତାହା ଦୁର୍ବଳ ଶ୍ରେଣୀର ବା ତାର କୌଣସି ବର୍ଣ୍ଣନାକାରୀ ସତ୍ୟବାଦୀ ନୁହଁନ୍ତି । ତେବେ ସେହି ପରିସ୍ଥିତିରେ ସେ ସବୁ ହଦିସକୁ ରଦ୍ଦ କରିଦେବା ତୁମ ପାଇଁ କୃତଘ୍ନତା ହେବ, ଯାହାକୁ ସ୍ୱୟଂ ଈଶ୍ୱର ସତ୍ୟ ହୋଇଥିବାର ପ୍ରକାଶ କରିଛନ୍ତି । ଚିନ୍ତା କରନ୍ତୁ ଯେ ଯଦି ଏପରି ହଜାର ହଜାର ହଦିସ ଥିବ ତଥା ହଦିସ ଭାଷ୍ୟକରଙ୍କ ନିକଟରେ ସେସବୁ ଦୁର୍ବଳ ହୋଇଥିବ ଅଥଚ ସେଥି ମଧ୍ୟରୁ ହଜାର ହଜାର ଭବିଷ୍ୟତ ବାଣୀ ସତ୍ୟ ପ୍ରମାଣିତ ହେଉଥିବ, ତେବେ କଣ ତୁମେ ସେହିସବୁ ହଦିସଗୁଡିକୁ ଶକ୍ତିହୀନ ବୋଲି ବିବେଚନା କରି ଇସଲାମର ସତ୍ୟତାର ହଜାର ହଜାର ପ୍ରମାଣକୁ ନଷ୍ଟ କରିଦେବ ? ଯଦି ଏପରି କର, ତେବେ ଏହି ପରିସ୍ଥିତିରେ ତୁମେ ଇସଲାମର ଶତ୍ରୁ ହୋଇଯିବ । ଅଲ୍ଲାଃତାଲା କହିଛନ୍ତି فَلَا يُظْهِرُ عَلٰى غَيْبِهٖٓ اَحَدًا○اِلَّا مَنِ ارْتَضٰى مِنْ رَّسُوْلٍ

**'ଫଲା ୟୁଜ୍‌ହରୁ ଆଲାଗଇବିହି ଅହଦନ୍ ଇଲ୍ଲାମନିର୍‌ତଜା ମିର୍‌ରସୁଲ୍'**

(ଅଲ୍ ଜିନ୍72:27,28)

ତେଣୁ ସତ୍ୟ ଭବିଷ୍ୟତ ବାଣୀ ସତ୍ୟନିଷ୍ଠ ରସୁଲ୍‌ଙ୍କ ବ୍ୟତୀତ ଅନ୍ୟ କାହା ସହିତ ସମ୍ବନ୍ଧିତ ହୋଇପାରିବ ? କଣ ଏହି ଅବସରରେ ଏହା କହିବା ସ୍ଥିତିର ଅନୁରୂପ ହେବ କିମ୍ବା ଏହାକୁ ସାଧୁତା କୁହାଯିବ ନାହିଁ ଯେ ହଦିସକୁ ଦୁର୍ବଳ କହିବାରେ କୌଣସି ବିଦ୍ୱାନ ଭୁଲ୍ କରୁଛନ୍ତି ? ଅଥବା ଏହା କହିବା କଣ ଉଚିତ ହେବ ଯେ ମିଥ୍ୟା ହଦିସକୁ ସତ୍ୟସିଦ୍ଧ କରିବାରେ ଈଶ୍ୱର ଭୁଲ କରିଛନ୍ତି ? ଯଦି କୌଣସି ଏକ ହଦିସ ଦୁର୍ବଳ ସ୍ତରରେ ଥିବ ଯାହାକୁ କୁରଆନ, ସୁନ୍ନତ ତଥା କୁରଆନ ଅନୁରୂପ ରହିଥିବା ଏପରି ହଦିସ୍‌କୁ ବିରୋଧ କରୁ ନଥିବ, ତେବେ ଉକ୍ତ ହଦିସ ଉପରେ ଅବଶ୍ୟ ପାଳନ କର । କିନ୍ତୁ ବହୁତ ସତର୍କତା ଅବଲମ୍ବନ କରି ସେହି ହଦିସଗୁଡିକ ଉପରେ ପରିଚାଳିତ ହେବା ଉଚିତ । କାରଣ ଅନେକଗୁଡିଏ ହଦିସ ସେହି ଲୋକମାନଙ୍କ ଦ୍ୱାରା ଦୁର୍ବଳ ଶ୍ରେଣୀର ଅନ୍ତର୍ଭୁକ୍ତ କରାଯାଇଛି । ସେଇମାନେ ହିଁ ଇସଲାମ ଭିତରେ ବିଭ୍ରାଟ ସୃଷ୍ଟି କରିଛନ୍ତି । ପ୍ରତ୍ୟେକ ମୁସଲିମ ଗୋଷ୍ଠୀ ନିଜର ଆସ୍ଥା ଓ ବିଶ୍ୱାସ ଅନୁଯାୟୀ ନିଜ ପାଇଁ ହଦିସ ସଂରକ୍ଷିତ କରି ରଖିଛନ୍ତି । ଏପରିକି ନମାଜ ପରି ନିର୍ଦ୍ଦିଷ୍ଟ ଉପାସନା ପଦ୍ଧତି ଓ ପ୍ରଚଳିତ ହୋଇ ରହିଥିବା ନିର୍ଦ୍ଧାରିତ

କର୍ତ୍ତବ୍ୟକୁ ହଦିସଗୁଡିକରେ ବିଭିନ୍ନ ପ୍ରକାର ମତଭେଦର ରୂପ ଦିଆଯାଇଛି । କିଏ ବଡ ପାଟିରେ ଆମିନ୍ କହୁଛି ତ କିଏ ଏହାକୁ ମନେ ମନେ କହୁଛି । କିଏ ଇମାମ ପଛରେ ଫାତିହା ପଢୁଛି ତ ଅନ୍ୟ କିଏ ତାହା ପଢ଼ିବା ଦ୍ୱାରା ନମାଜ ଭଙ୍ଗ ହୋଇଗଲା ବୋଲି ବୁଝିଛି । କିଏ ନମାଜର ସଂକଳ୍ପ (ନିୟତ) କଲାବେଳେ ଛାତିରେ ହାତ ବାନ୍ଧୁଛି ତ କିଏ ନାଭି ଉପରେ । ଏହି ସବୁ ମତଭେଦର ଅସଲ କାରଣ ହେଉଛି ହଦିସ୍‌ର ଅନୁସରଣ । كُلُّ حِزْبٍ بِمَا لَدَيْهِمْ فَرِحُونَ

**'କୁଲ୍ଲୁ ହିଜ୍‌ବିନ୍ ବିମା ଲଦୈହିମ୍ ଫରିହୁନ୍'** (ଅଲ୍ ମୁମିନୁନ୍ 23:54)

ଅନ୍ୟଥା ସୁନ୍ନତ ଗୋଟିଏ ଧାର୍ମିକ କର୍ମ ପଦ୍ଧତି ବତାଇଥିଲା । ପୁଣି ସୁନ୍ନତର ସେହି ଅନୁକରଣୀୟ ପ୍ରଥାରେ ହସ୍ତକ୍ଷେପ କରାଯିବା ଦ୍ୱାରା ସେହି ଔପଚାରିକ ପଦ୍ଧତିକୁ ବଦଳାଇ ଦିଆଗଲା । ଏହିପରି ବିଭିନ୍ନ ହଦିସ ପୁସ୍ତକରେ ବର୍ଣ୍ଣିତ ଭୁଲ ବୁଝାମଣା ଯୋଗୁଁ ଅନେକ ଅନୁସରଣକାରୀ ନଷ୍ଟଭ୍ରଷ୍ଟ ହୋଇଗଲେ । ସିହାମାନଙ୍କର ମଧ୍ୟ ଏହାଦ୍ୱାରା ଅଶେଷ କ୍ଷତି ଘଟିଲା । ଯଦି ସେମାନେ ପବିତ୍ର କୁରଆନକୁ ନିଜର 'ହକମ' ଅର୍ଥାତ ନିର୍ଣ୍ଣାୟକ ରୂପେ ମାନ୍ୟତା ପ୍ରଦାନ କରିଥାନ୍ତେ, ତେବେ ଗୋଟିଏ ସୁରଃ 'ନୁର୍' ହିଁ ସେମାନଙ୍କୁ ସଠିକ ମାର୍ଗର ଆଲୋକ ପ୍ରଦାନ କରି ପାରିଥାନ୍ତା । କିନ୍ତୁ ହଦିସ୍‌ଗୁଡିକ କଣ୍ଟକ ସାଜି ସେମାନଙ୍କ ପଥ ଅବରୋଧ କଲେ, ଯଦ୍ୱାରା ସେମାନେ ନଷ୍ଟଭ୍ରଷ୍ଟ ହୋଇଗଲେ । ସେହିପରି ଯୀଶୁ ମସିହଙ୍କ ସମୟରେ ସେହି ଇହୁଦୀମାନେ ମଧ୍ୟ ନଷ୍ଟଭ୍ରଷ୍ଟ ହୋଇ ଯାଇଥିଲେ* ଯେଉଁମାନେ ନିଜକୁ ଅହଲେ ହଦିସ

---

* ବାଇବେଲରେ ଉକ୍ତ ବିଚାର ଭାବନାର ଭୀଷଣ ବିରୋଧ କରାଯାଇଥିଲା ଯାହା 'ତାଲ୍‌ମୁଦ୍' ତଥା ଅନ୍ୟ ବର୍ଣ୍ଣନାତ୍ମକ ହଦିସ୍‌ଗୁଡିକରେ ପ୍ରକାଶ କରା ଯାଇଥିଲା । ଏଗୁଡିକ ମୌଖିକ ରୂପେ ପ୍ରଚଳିତ ହୋଇ ହଜରତ ମୁସାଙ୍କ ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା । ଏପରି ମଧ୍ୟ କୁହାଯାଉଥିଲା ଯେ ସେସବୁ ମୋସେସଙ୍କ ପ୍ରତି ଅବତୀର୍ଣ୍ଣ ହୋଇଥିବା ଅବିକଳ ଦୈବୀବାଣୀ । ଶେଷରେ ଏପରି ଅବସ୍ଥା ହେଲା ଯେ ସେମାନେ ଇହୁଦି ଧର୍ମଗ୍ରନ୍ଥ ତୋରାହକୁ ପରିତ୍ୟାଗ କରି ସେମାନଙ୍କର ସବୁ ସମୟ ସେହି ହଦିସ ବାଣୀ ଅଧ୍ୟୟନ କରିବାରେ ଲଗାଇ ଦେଉଥିଲେ । କେତେକ ପ୍ରସଙ୍ଗରେ ତାଲମୁଦ ତୋରାହର ବିପରୀତ ଥିଲା । ତଥାପି ଇହୁଦୀମାନେ ତାଲ୍‌ମୁଦ ଉପରେ ପାଳନ କରୁଥିଲେ ।

(ହଦିସ ତାଲ୍‌ମୁଦ୍, ଲେଖକ ୟୁସୁଫ୍ ବାର୍କ୍‌ଲେ, ଲଣ୍ଡନ ମୁଦ୍ରଣ ୧୮୭୮)

ବୋଲାଉଥିଲେ । ଏହାର ପ୍ରଭାବରେ ଦୀର୍ଘ ସମୟ ପର୍ଯ୍ୟନ୍ତ ସେହି ଲୋକମାନେ ତୋରାହର ଶିକ୍ଷାକୁ ପରିତ୍ୟାଗ କରିଥିଲେ । ଯେପରିକି ଆଜି ପର୍ଯ୍ୟନ୍ତ ସେମାନଙ୍କର ପ୍ରଚଳିତ କୁରୀତି ଉପରେ ବିଶ୍ୱାସ ରହିଛି । ସେମାନଙ୍କର ଧର୍ମର ଆସ୍ଥା ଏହା ଥିଲା ଯେ ହଦିସ ପୁସ୍ତକ ତୋରାହ ଗ୍ରନ୍ଥ ଉପରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି । ତେଣୁ ସେମାନଙ୍କ ନିକଟରେ ଏପରି ବହୁସଂଖ୍ୟକ ହଦିସ ଉପଲବ୍ଧ ଥିଲା, ଯାହା ସେମାନଙ୍କୁ ଏହି ଭ୍ରାନ୍ତ ଧାରଣାର ବଶବର୍ତ୍ତୀ କରାଇଲା ଯେ ଯେପର୍ଯ୍ୟନ୍ତ ଇଲିୟା ନବୀ ପୁନର୍ବାର ଆକାଶରୁ ସଶରୀରେ ଅବତୀର୍ଣ୍ଣ ନହୋଇଛନ୍ତି, ସେପର୍ଯ୍ୟନ୍ତ ସେମାନଙ୍କର ପ୍ରତିଶ୍ରୁତ ମସିହ ଅର୍ଥାତ ଯୀଶୁ ଆସିବେ ନାହିଁ । ସେହି ହଦିସଗୁଡିକ ତାଙ୍କୁ ଭୀଷଣ ଅସୁବିଧାରେ ପକାଇଦେଲା ଓ ସେମାନେ ସମ୍ପୃକ୍ତ ହଦିସଗୁଡିକ ଉପରେ ଆଶ୍ରା କରି ଯୀଶୁ ମସିହଙ୍କ ଏପରି ଅର୍ଥକୁ ଗ୍ରହଣ କରିପାରିଲେ ନାହିଁ ଯେ ଇଲିୟାସ୍ (ଏଲିୟ)ର ଅର୍ଥ ହେଉଛି 'ୟୁହନ୍ନା' ଅର୍ଥାତ୍ ୟହିୟା ନବୀ, ଯିଏ ଏଲିୟଙ୍କ ଚେହେରା ଓ ସ୍ୱଭାବ ନେଇ ଆବିର୍ଭୁତ ହୋଇଛନ୍ତି । ସେ ବରୋଜି ଅର୍ଥାତ ଛାୟା ବା ସହାୟକ ହୋଇ ମୁଖ୍ୟ ନବୀ ମସିହଙ୍କ ଅଗ୍ରଦୂତ ରୂପେ ତାଙ୍କର ଅସ୍ତିତ୍ୱ ହାସଲ କରିଛନ୍ତି । ସୁତରାଂ ସେହି ହଦିସ୍ ଯୋଗୁ ତାଙ୍କୁ ଏପରି ଧୋକା ଲାଗିଥିଲା, ଯାହା ପରିଶେଷରେ ସେମାନଙ୍କୁ ଅବଜ୍ଞାକାରୀ ହେବାର କାରଣ ହେଲା । ସମ୍ଭବତଃ ସେହି ଲୋକମାନେ ହଦିସ୍‌ଗୁଡିକୁ ସଠିକ ବ୍ୟାଖ୍ୟା କରିବାରେ ଭୁଲ କରିଥିବେ ଅଥବା ସମ୍ପୃକ୍ତ ହଦିସରେ କିଛିଟା ମନୁଷ୍ୟର ମନଗଢା ଶବ୍ଦ ମିଶି ଯାଇଥିବ । ବୋଧହୁଏ ମୁସଲମାନମାନଙ୍କ ପାଖରେ ଏହି ଘଟଣାର କିଛି ସୂଚନା ନଥିବ ଯେ ଇହୁଦୀମାନଙ୍କ ମଧ୍ୟରେ ହଜରତ ଇସା ମସିହଙ୍କ ଅମାନ୍ୟକାରୀ ଅହଲେ ହଦିସ ହିଁ ଥିଲେ । ସେମାନେ ଯୀଶୁଙ୍କ ଆଗମନକୁ ଦେଖି ତାଙ୍କ ସମ୍ବନ୍ଧରେ ପ୍ରବଳ ହଟ୍ଟଗୋଳ କଲେ । ପୁଣି ଯୀଶୁଙ୍କୁ ଧର୍ମଦ୍ରୋହର ଆଖ୍ୟା ଦେଇ ମିଥ୍ୟା ନିଷେଧାଜ୍ଞା ମୂଳକ ଫତ୍‌ୱା ଲେଖିଲେ । ସେମାନଙ୍କୁ କାଫିର୍ ରୂପେ ଘୋଷିତ କଲେ । ଏହା ମଧ୍ୟ କହିଲେ ଯେ ଏହି ବ୍ୟକ୍ତି ଈଶ୍ୱରଙ୍କ ଧର୍ମଗ୍ରନ୍ଥ ତୋରାହ ବା ପୁରାତନ ସମାଚାରକୁ ମାନୁନାହିଁ । ଈଶ୍ୱର ଇଲିୟାସଙ୍କ ପୁନର୍ବାର ଆସିବାର ଯେଉଁ ସୂଚନା ଦେଇଥିଲେ, ଯୀଶୁ ଏହି ଭବିଷ୍ୟବାଣୀର ବ୍ୟାଖ୍ୟା କରି ଭିନ୍ନ ଅର୍ଥ ବାହାର କରୁଛି । କୌଣସି ଉଚିତ କାରଣ

ନଦର୍ଶାଇ ସେ ସେହି ସୂଚନାକୁ ଅନ୍ୟ ଦିଗକୁ ମୋଡି ଦେଉଛି ।* ଯୀଶୁ ମସିହ୍‌ଙ୍କ ନାମକୁ ସେମାନେ କେବଳ କାଫିର୍ ରଖି ନଥିଲେ, ବରଂ 'ମୁଲ୍‌ହିଦ୍' (ନାସ୍ତିକବାଦୀ) ମଧ୍ୟ ରଖିଲେ । ତେଣୁ ସେମାନେ କହିଲେ ଯେ ଏହି ବ୍ୟକ୍ତି ଯଦି ସତ୍ୟବାଦୀ, ତେବେ ମୋସେଙ୍କ ଧର୍ମ ଭୁଲ ହୋଇଗଲା ବୋଲି ଜାଣ । ମିଥ୍ୟା ହଦିସଗୁଡିକ ସେମାନଙ୍କୁ ପ୍ରତାରିତ କରିଛନ୍ତି । ସୁତରାଂ ଏହି ପରିପ୍ରେକ୍ଷୀରେ ଇସଲାମ ଧର୍ମ ସଂକ୍ରାନ୍ତୀୟ ହଦିସଗୁଡିକୁ ଅଧ୍ୟୟନ କରିବା ସମୟରେ ଏକଥା ଚିନ୍ତା କରିବା ଉଚିତ ହେବ ଯେ ଗୋଟିଏ ଜାତି ଏହା ପୂର୍ବରୁ ହଦିସକୁ ତୋରାହ ଗ୍ରନ୍ଥ ଉପରେ ନିର୍ଣ୍ଣାୟକ ଦର୍ଶାଇ ଏପରି ସ୍ତରରେ ପହଞ୍ଚି ସାରିଛି ଯେ ଜଣେ ସତ୍ୟନିଷ୍ଠ ନବୀକୁ ସେମାନେ 'କାଫିର' ଏବଂ 'ଦଜ୍ଜାଲ୍' (ବେଧର୍ମୀ ଓ କପଟାଚାରୀ) କହିଦେଲେ ଏବଂ ତାଙ୍କୁ ଏକବାରେ ଅସ୍ୱୀକାର କରିଦେଲେ । ଯଦିଚ

* ଯେଉଁ ସମୟରେ ଯୀଶୁ ମସିହଙ୍କ ଉପରେ ବେଧର୍ମୀର ନିଷେଧାଜ୍ଞା ଲେଖାଗଲା, ସେ ସମୟରେ ସନ୍ଥ ପାଉଲ୍ ମଧ୍ୟ ଅମାନ୍ୟକାରୀଙ୍କ ଗୋଷ୍ଠୀରେ ସାମିଲ୍ ଥିଲା ଯିଏ ପରବର୍ତ୍ତୀ କାଳରେ ନିଜକୁ ମସିହ୍‌ଙ୍କ ବାର୍ତ୍ତାବହ ରୂପେ ଆଖ୍ୟାୟୀତ କଲା । ଏହି ବ୍ୟକ୍ତି ହଜ୍‌ରତ୍ ମସିହ୍‌ଙ୍କ ଜୀବନରେ ତାଙ୍କର ବଡ ଶତ୍ରୁ ଥିଲା । ଯୀଶୁଖ୍ରୀଷ୍ଟଙ୍କ ନାମରେ ଯେତେ ପରିମାଣରେ ନୂତନ ସୁସମାଚାର ଲେଖାଯାଇଛି ସେଥି ମଧ୍ୟରୁ କୌଣସି ଗୋଟିଏରେ ମଧ୍ୟ ଏପରି ଭବିଷ୍ୟବାଣୀ ଉଲ୍ଲେଖ କରାଯାଇ ନାହିଁ ଯେ ମୋ ପରେ ପାଉଲ ଅନୁତପ୍ତ ରସୁଲ୍ ହୋଇଯିବ । ସେହି ବ୍ୟକ୍ତିର ବିଗତ ଜୀବନର ଚାଲିଚଳନ କିପରି ଥିଲା ସେ ସମ୍ବନ୍ଧରେ ଏଠାରେ ଲେଖିବାର କୌଣସି ଆବଶ୍ୟକତା ନାହିଁ । ତାହା ଖ୍ରୀଷ୍ଟିୟାନମାନେ ଠିକ୍ ରୂପେ ଜାଣିଛନ୍ତି । ଦୁଃଖର କଥା ଯେ ସେ ସେହି ବ୍ୟକ୍ତି ଯିଏ ଯେପର୍ଯ୍ୟନ୍ତ ସେହି ଦେଶରେ ଥିଲେ ଯୀଶୁଙ୍କୁ ଅନେକ ନିର୍ଯ୍ୟାତନା ଦେଇଥିଲେ ।  ଯେତେବେଳେ ସେ କ୍ରୁଶରୁ ରକ୍ଷାପାଇ କାଶ୍ମୀର ଅଭିମୁଖେ ଯାତ୍ରା କଲେ, ସେତେବେଳେ ପାଉଲ ଏକ ମିଥ୍ୟା ସ୍ୱପ୍ନ ଗଢି ତା ମାଧ୍ୟମରେ ନିଜକୁ ଶିଷ୍ୟମାନଙ୍କ ମଧ୍ୟରେ ସାମିଲ୍ କରିଦେଲେ ।  ପୁନଶ୍ଚ ତ୍ରିତ୍ୱବାଦ (Trinity)ର ମନଗଢା ପ୍ରଥାର ପ୍ରଚାର କଲେ  ଓ ଖ୍ରୀଷ୍ଟ ସମାଜ ପାଇଁ ଘୁଷୁରି ଖାଇବାକୁ ବୈଧ ରୂପେ ଘୋଷଣା କଲେ । ଯାହା ତୋରାହ ବାଣୀରେ ସବୁବେଳ ପାଇଁ ନିଷିଦ୍ଧ ଘୋଷଣା କରା ଯାଇଥିଲା । ପାଉଲଙ୍କ ଦ୍ୱାରା ମଦିରା ପାନ କରିବାକୁ ବହୁତ ପ୍ରୋତ୍ସାହନ ଦିଆଗଲା । ନୂତନ କୁସଂସ୍କାର ମୂଳକ ଅନୁଚିତ କାର୍ଯ୍ୟ ଦ୍ୱାରା ରୋମୀୟ ଉପାସକମାନଙ୍କୁ ଖୁସି କରିବା ପାଇଁ ବାଇବେଲ ଆସ୍ଥା ମଧ୍ୟରେ ପାଉଲ ତ୍ରିତ୍ୱବାଦ ଅର୍ଥାତ ତିନି ଈଶ୍ୱରର କାଳ୍ପନିକ ସିଦ୍ଧାନ୍ତକୁ ପ୍ରବେଶ କରାଇଲେ ।

ମୁସଲମାନମାନଙ୍କ ପାଇଁ 'ସହି ବୁଖାରୀ' ଅତ୍ୟନ୍ତ ଶିକ୍ଷଣୀୟ ଓ ଲାଭଦାୟକ ହଦିସ ତଥାପି ସେହି ପୁସ୍ତକରେ ହିଁ ସ୍ପଷ୍ଟ ରୂପେ ଲେଖାଯାଇଛି ଯେ ହଜରତ ଇସା[ଅସ]ଙ୍କର ସ୍ୱାଭାବିକ ମୃତ୍ୟୁ ହୋଇଥିଲା । ସେହିପରି 'ସହି ମୁସଲିମ' ତଥା ଅନ୍ୟାନ୍ୟ ହଦିସ ପୁସ୍ତକ ଭିତରେ ଅନେକ ଆଧ୍ୟାତ୍ମିକ ଜ୍ଞାନ ବର୍ଦ୍ଧକ ତତ୍ତ୍ୱ ସମ୍ବଳିତ ଏବଂ ସମସ୍ୟାର ସମାଧାନ ଭିତ୍ତିକ ଉପାଦେୟ ତଥ୍ୟରେ ପରିପୂର୍ଣ୍ଣ ଭଣ୍ଡାର ରହିଛି । ସୁତରାଂ ଏପରି ସତର୍କତାର ସହିତ ସେଗୁଡିକୁ ଅନୁସରଣ କରିବା ଆବଶ୍ୟକ, ଯହିଁରେ କୌଣସି ବିଷୟର ଏପରି ଉଲ୍ଲେଖ ନଥିବ, ଯାହା କୁରଆନ, ସୁନ୍ନତ ଓ ସେହି ହଦିସ ସମୁହର ବିରୋଧ କରୁଥିବ ଏବଂ ଯାହା କୁରଆନ ଶିକ୍ଷାର ଅନୁରୂପ ହୋଇଥିବ ।

ହେ ଇଶ୍ୱରଙ୍କ ଅନିସନ୍ଧିସ୍ସୁଗଣ ! କାନ ଖୋଲି ଶୁଣ ଯେ ଧର୍ମରେ ଦୃଢ ବିଶ୍ୱାସ କିମ୍ବା ୟକିନ୍ ପରି ଅନ୍ୟ କିଛି ବିଷୟ ନାହିଁ । ବିଶ୍ୱାସ ହିଁ ପାପରୁ ମୁକ୍ତି ଦିଏ । ବିଶ୍ୱାସ ହିଁ ପୁଣ୍ୟ କାର୍ଯ୍ୟ କରିବା ପାଇଁ ଶକ୍ତି ଦିଏ । ବିଶ୍ୱାସ ହିଁ ପ୍ରଭୁଙ୍କର ସତ୍ୟ ଅନୁରକ୍ତ କରାଏ । କଣ ତୁମେମାନେ ଇଶ୍ୱର ବିଶ୍ୱାସ ବ୍ୟତୀରେକେ ପାପକୁ ପରିତ୍ୟାଗ କରିପାରିବ ? କଣ ତୁମେ ବିଶ୍ୱାସର ଅଦ୍ଭୁତ ପ୍ରକାଶ ବିନା ନିଜ ତାମସିକ ଆବେଗକୁ ରୋକି ପାରିବ ? କଣ ତୁମେ ବିଶ୍ୱାସ ବିନା କୌଣସି ଆତ୍ମସନ୍ତୋଷ ଲାଭ କରି ପାରିବ ? କଣ ତୁମେ ବିନା ବିଶ୍ୱାସରେ ସ୍ୱର୍ଗୀୟ ସୁଖ ହାସଲ କରିପାରିବ ? କଣ ଆକାଶ ତଳେ ଏପରି କିଛି ମୋକ୍ଷ ତଥା ଏପରି କୌଣସି ମୁକ୍ତିର ପ୍ରତିଦାନ ଅଛି ଯାହା ତୁମକୁ ପାପରୁ ଅଲଗା କରିପାରିବ ? କଣ ମରିୟମଙ୍କ ପୁତ୍ର ଯୀଶୁ ଏପରି ଯେ ଯାହାଙ୍କର ପ୍ରବାହିତ ରକ୍ତ ସମ୍ବନ୍ଧିତ ବିଭ୍ରାନ୍ତିକର ତତ୍ତ୍ୱ ପାପରୁ ମୁକ୍ତ କରାଇ ପାରିବ ? ହେ ଖ୍ରୀଷ୍ଟିୟାନଗଣ ! ଏପରି ମିଥ୍ୟା କୁହନାହିଁ, ଯଦ୍ୱାରା ପୃଥିବୀ ଖଣ୍ଡ ବିଖଣ୍ଡ ହୋଇଯିବ । ଯୀଶୁ ମସିହ ନିଜେ ହିଁ ମୁକ୍ତି ପାଇବା ପାଇଁ ବିଶ୍ୱାସର ଆଶ୍ରିତ ଥିଲେ । ସେ ପ୍ରଭୁଙ୍କ ଉପରେ ବିଶ୍ୱାସ କଲେ ଓ ମୁକ୍ତି ପାଇଲେ । ସେହି ଖ୍ରୀଷ୍ଟସମାଜ ପ୍ରତି ଦୁଃଖ ଲାଗୁଛି ଯେଉଁମାନେ ଏକଥା କହି ଲୋକମାନଙ୍କୁ ଧୋକା ଦେଉଛନ୍ତି ଯେ ଆମେ ଯୀଶୁଙ୍କ ପ୍ରବାହିତ ରକ୍ତ ଦ୍ୱାରା ପାପରୁ ମୁକ୍ତି ପାଇଗଲୁ । ଯେବେ କି ସେମାନେ ଆପାଦମସ୍ତକ ପାପରେ ବୁଡି ରହିଛନ୍ତି । ସେମାନେ ଜାଣି ନାହାନ୍ତି ଯେ ତାଙ୍କର ଇଶ୍ୱର କିଏ ? ବରଂ ତାଙ୍କର ଜୀବନ ବେପରୁଆ ଆଚରଣରେ ପରିପୂର୍ଣ୍ଣ, ତାଙ୍କ ମସ୍ତିଷ୍କ ମଦିରା ନିଶାରେ ମାତାଲ । କିନ୍ତୁ ସେହି ପବିତ୍ର ନିଶା ଯାହା ଆକାଶରୁ

ଅବତୀର୍ଣ୍ଣ ହୁଏ, ସେ ବିଷୟରେ ସେମାନେ ଅବଗତ ନାହାନ୍ତି । ଯେଉଁ ଜୀବନ ପ୍ରଭୁଙ୍କ ସହିତ ମନ ଲଗାଇବାରେ ବିଭୋର ଓ ବ୍ୟାକୁଳ ଥାଏ ଏବଂ ଯାହା ଦିବ୍ୟ ଜୀବନର ପରିଣାମ ସ୍ୱରୂପ ହୋଇଥାଏ, ତାହା ସେମାନଙ୍କ ଭାଗ୍ୟରେ ନାହିଁ । ସୁତରାଂ ତୁମେ ମନେରଖ ଯେ ଆସ୍ଥା ଓ ବିଶ୍ୱାସ ବ୍ୟତୀରେକେ ତୁମେ ଅନ୍ଧକାରମୟ ଜୀବନରୁ କେବେ ବାହାରି ପାରିବ ନାହିଁ ନା ତୁମକୁ ପବିତ୍ର ଆତ୍ମା ମିଳି ପାରିବ । ସେମାନେ ଧନ୍ୟ ହୋଇଗଲେ ଯେଉଁମାନେ ବିଶ୍ୱାସରେ ଦୃଢତା ଅବଲମ୍ବନ କରନ୍ତି । କାରଣ ସେମାନେ ହିଁ ପ୍ରଭୁଙ୍କୁ ଦର୍ଶନ କରିବେ । ସେହିମାନେ ହିଁ ଶଙ୍କା ଓ ସଂଶୟରୁ ମୁକ୍ତି ପାଇଗଲେ । କାରଣ ସେମାନେ ହିଁ ପାପରୁ ଉଦ୍ଧାର ହେବେ । ତୁମକୁ ଅଭିନନ୍ଦନ ଯେ ବିଶ୍ୱାସର ବୈଭବ ତୁମକୁ ପ୍ରଦାନ କରାଯାଇଛି, ଯାହା ପରେ ତୁମ ପାପର ଅନ୍ତ ଘଟିବ । ପାପ ଓ ବିଶ୍ୱାସ ଦୁହେଁ ଏକତ୍ର ମିଳିତ ହୋଇ ପାରିବେ ନାହିଁ । କଣ ତୁମେ ସେହି ଗର୍ତ୍ତ ଭିତରେ ହାତ ପୁରାଇ ପାରିବ, ଯେଉଁଥିରେ ତୁମେ ଏକ ଭୟଙ୍କର ବିଷଧର ସର୍ପକୁ ରହିଥିବାର ଦେଖୁଅଛ ? କଣ ତୁମେ ଏପରି ସ୍ଥାନରେ ଛିଡା ହୋଇ ରହିପାରିବ, ଯେଉଁ ସ୍ଥାନରେ ଏକ ଜ୍ୱାଳାମୁଖି ପର୍ବତରୁ ଲାଭା ବର୍ଷା ହେଉଥିବ କିମ୍ବା ବିଜୁଳି ମାରୁଥିବ ଅଥବା ଏକ ଅତ୍ୟନ୍ତ ହିଂସ୍ରକ ସିଂହର ଆକ୍ରମଣ କରିବାର ସ୍ଥାନ ଥିବ ? ନତୁବା ଏପରି ଏକ ସ୍ଥାନ ଯେଉଁଠି ଏକ ବିଧ୍ୱଂସକାରୀ ପ୍ଲେଗ୍ ରୋଗର ବିଭୀଷିକା ମନୁଷ୍ୟ ଜାତିର ସର୍ବନାଶ କରୁଥିବ । ପୁଣି ତୁମକୁ ଯଦି ଈଶ୍ୱରଙ୍କ ଉପରେ ଏପରି ବିଶ୍ୱାସ ରହିଛି ଯେପରି କି ସାପ, ବିଜୁଳି, ସିଂହ ଅଥବା ପ୍ଲେଗ ଉପରେ । ତେବେ ଏହା କଦାପି ସମ୍ଭବ ନୁହେଁ ଯେ ତାଙ୍କ ସମ୍ମୁଖରେ ତୁମେ ଅବଜ୍ଞାକାରୀ ହୋଇ ଶାସ୍ତି ଭୋଗ କରିବାର ମାର୍ଗକୁ ଆପଣାଇ ପାରିବ ଅଥବା ତାଙ୍କ ସହିତ ସତ୍ୟ ଓ ଅନୁରକ୍ତିର ନିବିଡ ସମ୍ପର୍କକୁ ଭାଙ୍ଗି ଦେଇପାରିବ ।

ହେ ଲୋକମାନେ ! ଯେଉଁମାନେ ପୁଣ୍ୟ ଓ ସତ୍ୟତାର ଆଭିମୁଖ୍ୟ ଗ୍ରହଣ କରିବା ସକାଶେ ଆହ୍ୱାନ କରାଯାଇଛ । ତୁମେ ନିଶ୍ଚିତ ରୂପେ ଜାଣିରଖ ଯେ ଈଶ୍ୱରଙ୍କ ପ୍ରତି ଆସକ୍ତିର ଚୁମ୍ବକୀୟ ଶକ୍ତି ସେତେବେଳେ ତୁମଠାରେ ସୃଷ୍ଟି ହେବ ଏବଂ ସେତେବେଳେ ପାପର ଘୃଣିତ କଳଙ୍କର ଦାଗରୁ ତୁମକୁ ପବିତ୍ର କରାଯିବ, ଯେତେବେଳେ ତୁମର ହୃଦୟ ବିଶ୍ୱାସରେ ଭରିଯିବ । ସମ୍ଭବତଃ ତୁମେ କହିବ ଯେ ଆମକୁ ବିଶ୍ୱାସ ପ୍ରାପ୍ତ ହୋଇ ଯାଇଛି । ତେଣୁ ତୁମେ ମନେରଖ ଯେ ତୁମ ସହିତ

ପ୍ରତାରଣା କରତାଯାଇଛି । ତୁମକୁ କଦାପି ବିଶ୍ୱାସ ପ୍ରାପ୍ତ ହୋଇନାହିଁ, କାରଣ ତାହାର ଆବଶ୍ୟକୀୟ ତତ୍ତ୍ୱ ତୁମକୁ ମିଳିନାହିଁ । ଏହାର କାରଣ ହେଉଛି ତୁମେ ପାପକୁ ପରିତ୍ୟାଗ କରୁନାହଁ । ସେ ଦିଗରେ ତୁମେ ଯଥୋଚିତ ପଦକ୍ଷେପ ଗ୍ରହଣ କରୁନାହଁ । ତୁମେ ଈଶ୍ୱରଙ୍କୁ ସେପରି ଭୟ କରୁନାହଁ ଯେପରି ଭୟ କରିବା ଉଚିତ । ସ୍ୱୟଂ ଚିନ୍ତା କର, ଯାହାର ଏହି ବିଶ୍ୱାସ ରହିଛି ଯେ ଅମୁକ ଗାତ ଭିତରେ ସାପଟିଏ ଅଛି, ତେବେ ସେ କଣ ସେହି ଗାତରେ କେବେ ହାତ ପୁରାଇବ ? ଯାହାର ଏହି ବିଶ୍ୱାସ ଅଛି ଯେ ତା' ଖାଦ୍ୟରେ ବିଷ ମିଶାଇ ଦିଆଯାଇଛି, କଣ ସେ ସେହି ଖାଦ୍ୟକୁ କେବେ ଖାଇବ ? ଯେଉଁ ବ୍ୟକ୍ତି ସ୍ପଷ୍ଟତଃ ଏହା ଦେଖୁଛି ଯେ ଅମୁକ ଜଙ୍ଗଲରେ ଏକ ରକ୍ତମୁଖା ହିଂସ୍ରକ ସିଂହ ଅଛି, ସେହି ବଣ ଭିତରକୁ ତାର ପାଦ କିପରି ଅସାବଧାନତା ବଶତଃ ପଡିପାରିବ ? ସୁତରାଂ ତୁମର ହସ୍ତ, ପାଦ, କର୍ଣ୍ଣ, ଚକ୍ଷୁ ଇତ୍ୟାଦି ପାପ କରିବା ପାଇଁ କିପରି ଭାବରେ ସାହସ କରିପାରିବେ, ଯଦି ତୁମକୁ ଈଶ୍ୱର ଓ ତାଙ୍କର ପୁରସ୍କାର ଓ ଶାସ୍ତି ବିଧାନ ଦିବସ ଉପରେ ବିଶ୍ୱାସ ରହିଥିବ । ପାପ କେବେ ବିଶ୍ୱାସ ଉପରେ ବିଜୟୀ ହୋଇପାରିବ ନାହିଁ । ଯେପର୍ଯ୍ୟନ୍ତ ତୁମେ ଏକ ଭସ୍ମ କରି ଦେଉଥିବା ଅଗ୍ନିର ଲେଲୀହାନ ଶିଖାକୁ ଦେଖୁଥିବ, ସେପର୍ଯ୍ୟନ୍ତ ସେହି ଅଗ୍ନିରେ ନିଜକୁ କିପରି ବା ପକାଇଦେବ ? ବିଶ୍ୱାସର ପ୍ରାଚୀର ଆକାଶ ପର୍ଯ୍ୟନ୍ତ ଲମ୍ବିଛି, ଶୈତାନ ତା ଉପରକୁ ଚଢ଼ିପାରିବ ନାହିଁ । ପ୍ରତ୍ୟେକ ସେହି ବ୍ୟକ୍ତି ଯିଏ ପବିତ୍ର ହୋଇଛନ୍ତି, ସେ ବିଶ୍ୱାସ ଦ୍ୱାରା ହିଁ ପବିତ୍ର ହୋଇଛନ୍ତି । ବିଶ୍ୱାସ ଦୁଃଖ ସହିବା ପାଇଁ ଶକ୍ତି ଦେଇଥାଏ । ଏପରିକି ଜଣେ ସମ୍ରାଟକୁ ରାଜ ସିଂହାସନରୁ ଓହ୍ଲାଇ ଦେଇଥାଏ ଓ ତାକୁ ଫକିରର ବସନ ପିନ୍ଧାଇ ଦିଏ । ବିଶ୍ୱାସ ସବୁପ୍ରକାର ଦୁଃଖକୁ ସହଜ ଓ ଲାଘବ କରିଦିଏ । ବିଶ୍ୱାସ ଈଶ୍ୱରଙ୍କ ଦର୍ଶନ କରାଇଥାଏ । ସମସ୍ତ ମୋକ୍ଷବାଦର ସିଦ୍ଧାନ୍ତ ହେଉଛି ମିଥ୍ୟା ଓ ପ୍ରତ୍ୟେକ ମୁକ୍ତିର ପ୍ରତିଦାନ ଅସିଦ୍ଧ । ପ୍ରତ୍ୟେକ ପବିତ୍ରତା ବିଶ୍ୱାସ ମାର୍ଗରୁ ଆସିଥାଏ । ଯେଉଁ ବିଷୟ ପାପରୁ ମୁକ୍ତି ଦିଆଇ ଈଶ୍ୱରଙ୍କ ନିକଟରେ ପହଞ୍ଚାଇ ଥାଏ ଏବଂ ସତ୍ୟତା ଓ ଦୃଢ଼ ସଙ୍କଳ୍ପ କ୍ଷେତ୍ରରେ ଦେବଦୂତମାନଙ୍କ ଠାରୁ ମଧ୍ୟ ଆଗକୁ ଅଗ୍ରସର କରାଇନିଏ, ତାହା ହେଉଛି ବିଶ୍ୱାସ । ପ୍ରତ୍ୟେକ ଧର୍ମ ଯାହା ବିଶ୍ୱାସର ସାଧନ ଉପଲବ୍ଧ କରାଏ ନାହିଁ ଓ ସେହି ସୁନିଶ୍ଚିତ ସାଧନ ବଳରେ ଈଶ୍ୱରଙ୍କ ଦର୍ଶନ କରାଏ ନାହିଁ, ତାହା ମିଥ୍ୟା ଧର୍ମ । ପ୍ରତ୍ୟେକ ଧର୍ମ ଯାହା ମଧ୍ୟରେ

ପୌରାଣିକ କାହାଣୀ ବ୍ୟତୀତ ଅନ୍ୟ କିଛି ନଥାଏ, ତାହା ମିଥ୍ୟାର ପରିଚାୟକ । ଈଶ୍ୱର ଯେପରି ପୂର୍ବରୁ ବିଦ୍ୟମାନ ଥିଲେ, ଏବେ ମଧ୍ୟ ସେପରି ବିଦ୍ୟମାନ ଅଛନ୍ତି । ତାଙ୍କର ଶକ୍ତି ଯେପରି ପୂର୍ବରୁ ଅକ୍ଷୁର୍ଣ୍ଣ ଥିଲା, ତାହା ଏବେ ମଧ୍ୟ ଅକ୍ଷୁର୍ଣ୍ଣ । ସେ ଅତୀତରେ ଯେଉଁଭଳି ସ୍ୱର୍ଗୀୟ ନିଦର୍ଶନ ଦେଖାଇବାର କ୍ଷମତା ରଖିଥିଲେ, ତାହା ବର୍ତ୍ତମାନ ମଧ୍ୟ ଦୃଷ୍ଟିଗୋଚର ହେଉଛି । ତେବେ ପୁଣି ତୁମେ କାହିଁକି ମିଥ୍ୟା କାହାଣୀର କଥାବସ୍ତୁ ଉପରେ ସନ୍ତୁଷ୍ଟ ହୋଇଯାଉଛ ? ସେହି ଧର୍ମର ବିନାଶ ହୋଇଛି, ଯାହାର ଚମତ୍କାରୀତା କେବଳ କଳ୍ପନାପ୍ରସୂ କାହାଣୀ ଉପରେ ଆଧାରିତ । ଯହିଁରେ ଉଲ୍ଲେଖ ରହିଥିବା ଭବିଷ୍ୟତ ବାଣୀ ମିଥ୍ୟା ଗଳ୍ପଠାରୁ ଅଧିକ ନୁହେଁ । ସେହି ସମ୍ପ୍ରଦାୟର ସର୍ବନାଶ ହୋଇଯାଇଛି, ଯାହା ଉପରେ ଈଶ୍ୱରଙ୍କ ମହିମା ଅବତୀର୍ଣ୍ଣ ହୋଇନାହିଁ ଏବଂ ଯିଏ ବିଶ୍ୱାସ ମାଧ୍ୟମରେ ଐଶ୍ୱରୀକ ହସ୍ତ ଦ୍ୱାରା ପବିତ୍ର ହୋଇନାହିଁ । ଯେଉଁଭଳି ମନୁଷ୍ୟର ମନ ଭୌତିକ ଭୋଗ ବିଳାସିତ ବସ୍ତୁକୁ ଦେଖି ତା'ଆଡକୁ ଟାଣି ହୋଇଯାଉଛି, ସେହିଭଳି ଏବେ ବିଶ୍ୱାସ ଦ୍ୱାରା ମନୁଷ୍ୟ ସ୍ୱର୍ଗୀୟ ଆନନ୍ଦର ପ୍ରତିସ୍ପର୍ଦ୍ଧା କରିଥାଏ । ଏହା ଫଳରେ ସେ ଈଶ୍ୱରଙ୍କ ପ୍ରତି ଆକର୍ଷିତ ହୋଇଯାଏ । ଈଶ୍ୱରଙ୍କ ସୌନ୍ଦର୍ଯ୍ୟର କାନ୍ତି ତାକୁ ଏପରି ମୁଗ୍ଧ କରିଦିଏ ଯେ ତାକୁ ଅନ୍ୟ ସମସ୍ତ ବସ୍ତୁ ସମ୍ପୂର୍ଣ୍ଣ ଅଲୋଡା ଦେଖାଯାଏ । ମନୁଷ୍ୟ ସେତେବେଳେ ପାପରୁ ନିଜକୁ ସୁରକ୍ଷିତ ମଣିଥାଏ, ଯେତେବେଳେ ସେ ଈଶ୍ୱର ଓ ତାଙ୍କ ସୌର୍ଯ୍ୟ, ପ୍ରତାପ ଓ ପ୍ରତିଫଳ ଦେବା ତଥା ଶାସ୍ତିବିଧାନ କରିବା ସମ୍ବନ୍ଧରେ ନିଶ୍ଚିତ ରୂପେ ଅବଗତ ହୋଇଥାଏ । ପ୍ରତ୍ୟେକ ପ୍ରକାରର ଔଦ୍ଧତ୍ୟର ମୂଳ ହେଉଛି ଅଜ୍ଞାନତା । ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ଦ୍ୱାରା ନିର୍ଦ୍ଧାରିତ ଆଧାତ୍ମିକ ତତ୍ତ୍ୱଜ୍ଞାନରୁ କିଛି ଭାଗ ପାଇଥାଏ, ସେ ଦୁଷ୍ଟାମୀରେ ପ୍ରବୃତ୍ତ ହୋଇପାରିବ ନାହିଁ । ଯଦି ଗୃହ ମାଲିକ ଏକଥା ଜାଣିଥାଏ ଯେ ଏକ ଭୟଙ୍କର ବନ୍ୟା ତା'ଘର ଆଡକୁ ମାଡ଼ି ଆସୁଛି କିମ୍ବା ତା'ଘରର ଚତୁଃପାର୍ଶ୍ୱରେ ଅଳ୍ପ କେତେକ ସ୍ଥାନକୁ ଛାଡିଦେଇ ସମସ୍ତ ଆଖପାଖ ଅଞ୍ଚଳରେ ନିଆଁ ଲାଗିଯାଇଛି, ସେତେବେଳେ ସେ ସେହି ଘରେ କଦାପି ରହିପାରିବ ନାହିଁ । ପୁଣି ତୁମେ ଈଶ୍ୱରଙ୍କ ପ୍ରତିଫଳ ଦେବାର ନିୟମ ଓ ଶାସ୍ତିବିଧାନ ପ୍ରତି ବିଶ୍ୱାସ କରିବାର ଦାବୀ କରି ନିଜକୁ କିପରି ଏକ ଭୟଙ୍କର ପରିସ୍ଥିତି ମଧ୍ୟରେ ଘେରାଇ ରଖିଛ ? ସୁତରାଂ ତୁମେ ନିଜ ଆଖି ଖୋଲ ଓ ପ୍ରଭୁଙ୍କର ସେହି ନିୟମକୁ ଦେଖ, ଯାହା ସମଗ୍ର ସଂସାରରେ ଲାଗୁ

ହୋଇଥାଏ । ମୂଷିକ ହୁଅ ନାହିଁ ଯିଏ ନିମ୍ନଗାମୀ ହୋଇଥାଏ । ବରଂ ଊର୍ଦ୍ଧ୍ୱରେ ଉଡୁଥିବା କପୋତ ହୁଅ, ଯିଏ ସୁଉଚ୍ଚ ଆକାଶର ବିସ୍ତୃତ ଭାଗକୁ ନିଜ ପାଇଁ ପସନ୍ଦ କରିଥାଏ । ତୁମେ ପ୍ରାୟଶ୍ଚିତ କରିବାର ଦୀକ୍ଷା ଧାରଣ କରି ପୁଣି ପାପକର୍ମ ଉପରେ ବଜାୟ ରୁହନାହିଁ । ସେହି ସାପ ସଦୃଶ ହୁଅନାହିଁ ଯିଏ କାତି ଛଡାଇ ଦେବା ପରେ ମଧ୍ୟ ପୂର୍ବବତ୍ ସାପ ହୋଇ ରହିଥାଏ । ଏହା ମନେରଖ ଯେ ମୃତ୍ୟୁ ହିଁ ସତ୍ୟ, ତାହା ତୁମ ନିକଟକୁ ଯିବା ଆସିବା କରୁଛି ଅଥଚ ତୁମେ ସେ ସମ୍ବନ୍ଧରେ ସୂଚନା ରଖିନାହଁ ।

ପବିତ୍ର ହେବା ପାଇଁ ପ୍ରୟାସ କର ଯେପରି କି ମନୁଷ୍ୟ ସେତେବେଳେ ପବିତ୍ରତା ହାସଲ କରିଥାଏ ଯେତେବେଳେ ନିଜେ ପବିତ୍ର ହୋଇଥାଏ । କିନ୍ତୁ ତୁମେ ଏହି ଦିବ୍ୟ ପୁରସ୍କାରକୁ କିପରି ପାଇପାରିବ ? ତାହାର ଉତ୍ତର ଈଶ୍ୱର ଏହିପରି ଦେଇଛନ୍ତି । ସେ ପବିତ୍ର କୁରଆନ୍‌ରେ କହିଛନ୍ତି

**وَاسۡتَعِيۡنُوۡا بِالصَّبۡرِ وَالصَّلٰوةِ**

**'ୱସ୍‌ତଈନୁ ବିସ୍‌ସବ୍‌ରେ ୱସ୍ ସଲାତି'**

ଅର୍ଥାତ୍ ନମାଜ ପାଠ ଓ ସଂଯମତା ଅବଲମ୍ବନ କରି ଈଶ୍ୱରଙ୍କ ଠାରୁ ସହାୟତା କାମନା କର । ନମାଜ ସେହି ସ୍ତରର ପ୍ରାର୍ଥନା ଯାହା ତସ୍‌ବିହ୍ (ଅଲ୍ଲାଃଙ୍କ ସ୍ତୁତିଗାନ), ତହ୍‌ମିଦ୍ (ଅଲ୍ଲାଃଙ୍କ ଗୁଣଗାନ), ତକଦିସ୍ (ଅଲ୍ଲାଃଙ୍କ ପାବନତାର ବର୍ଣ୍ଣନା) ଏବଂ ଇସତଗଫାର୍ (କ୍ଷମା ଯାଚନା) ଓ ଦରୁଦ୍ (ମୁହମ୍ମଦ[ସଅ]ଙ୍କ ପାଇଁ ଆଶୀର୍ବାଦ କାମନା) ଇତ୍ୟାଦିକୁ ଅତ୍ୟନ୍ତ ସାନୁନୟ ପୂର୍ବକ ଭିକ୍ଷା କରା ଯାଇଥାଏ । ତେଣୁ ତୁମେ ଯେତେବେଳେ ନମାଜ ପାଠ କର, ଅଜ୍ଞାନୀ ପରି ନିଜ ପ୍ରାର୍ଥନାକୁ କେବଳ ଆରବୀ ଶବ୍ଦ ମଧ୍ୟରେ ସୀମିତ ରଖନାହିଁ । କାରଣ ସେମାନଙ୍କ ନମାଜ ଓ ସେମାନଙ୍କ କ୍ଷମା ଯାଚନା କେବଳ ପ୍ରଚଳିତ ଅପପ୍ରଥା, ଯହିଁରେ କିଛି ବାସ୍ତବିକତା ନାହିଁ । କିନ୍ତୁ ତୁମେ ଯେବେ ନମାଜ ପଢ଼ିବ ସେତେବେଳେ ପବିତ୍ର କୁରଆନ୍, ଯାହା ଈଶ୍ୱରଙ୍କ ବାଣୀ ତଥା କେତେକ ପ୍ରଭାବଶାଳୀ ପ୍ରାର୍ଥନା, ପୁଣି ଯାହା ରସୁଲ୍‌ଙ୍କ ବାଣୀ ସମ୍ବଳିତ ଏବଂ ତତସହିତ ଅନ୍ୟ ସମସ୍ତ ପ୍ରାର୍ଥନାକୁ ନିଜ ମାତୃଭାଷାରେ ତଥା ବିନମ୍ର ଶବ୍ଦରେ କାକୁତି ମିନତି ହୋଇ ପାଠ କର । ଫଳତଃ ତୁମ ହୃଦୟ ଉପରେ ତାର କିଛି ହେଲେ ପ୍ରଭାବ ପଡ଼ିବ । ପାଞ୍ଚ ବେଳା ନମାଜ କଣ ? ତାହା ହେଉଛି ତୁମର ଭିନ୍ନ ଭିନ୍ନ ପରିସ୍ଥିତିର ଚିତ୍ରାଙ୍କନ । ତୁମ ଜୀବନର ବଞ୍ଚିବା ଶୈଳୀ ଅନୁକ୍ରମରେ ଏପରି

ପାଞ୍ଚୋଟି ପରିବର୍ତ୍ତନ, ଯାହା ସଂକଟ ସମୟରେ ତୁମ ଉପରେ ଆସିଥାଏ ଓ ତୁମ ସ୍ୱଭାବଗତ ପ୍ରବୃତ୍ତି ଯୋଗୁଁ ସେଗୁଡିକ ଆସିବା ଜରୁରୀ ।

(୧) **ପ୍ରଥମତଃ** ଯେତେବେଳେ ତୁମକୁ ସୂଚାଇ ଦିଆଯାଉଛି ଯେ ତୁମ ଉପରେ ଏକ ବିପତ୍ତି ଆସିବାର ଅଛି । ଉଦାହରଣ ସ୍ୱରୂପ ଯେମିତି ତୁମ ନାମରେ ଅଦାଲତରୁ ଏକ ଓ୍ୱାରଣ୍ଟ ଜାରି କରାଯାଇଥାଏ । ଏହା ହେଉଛି ପ୍ରଥମ ଅବସ୍ଥା, ଯାହା ତୁମ ସୁଖ ଶାନ୍ତିରେ ବିଘ୍ନ ସୃଷ୍ଟି କରେ । ଏପରି ଅବସ୍ଥା 'ଜଓ୍ୱାଲ୍' ଅର୍ଥାତ ସୂର୍ଯ୍ୟ ମୁଣ୍ଡ ଉପରୁ ଢ଼ଳିବାର ବେଳ ସହିତ ସମାନ ଓ ମଧ୍ୟାହ୍ନର ପରବର୍ତ୍ତୀ ଅବସ୍ଥାକୁ ବୁଝାଏ । କାରଣ ଏହାଦ୍ୱାରା ତୁମ ପ୍ରସନ୍ନତାମୟ ଜୀବନରେ ପତନ ଆରମ୍ଭ ହୋଇଗଲା । ଏହାର ମୁକାବିଲା କରିବା ପାଇଁ ଜୁହର୍ ନମାଜକୁ  ନିର୍ଦ୍ଦିଷ୍ଟ କରାଯାଇଛି । ଏହାର ସମୟ ସୂର୍ଯ୍ୟ ଢ଼ଳିବା ପରେ ଅର୍ଥାତ ଦ୍ୱିପ୍ରହର ଠାରୁ ଆରମ୍ଭ ହୋଇ ଯାଇଥାଏ ।

(୨) **ଦ୍ୱିତୀୟ** ପରିବର୍ତ୍ତନ ତୁମଠାରେ ସେତେବେଳେ ହୋଇଥାଏ, ଯେତେବେଳେ ସେହି ସଂକଟର ଘଡିକୁ ତୁମର ଅତି ନିକଟବର୍ତ୍ତୀ କରାଯିବ । ଉଦାହରଣ ସ୍ୱରୂପ, ଯେତେବେଳେ ତୁମେ ଓ୍ୱାରଣ୍ଟ ଜରିଆରେ ଗିରଫ ହୋଇ ହାକିମଙ୍କ ସମ୍ମୁଖରେ ଉପସ୍ଥିତ ହୋଇଥାଅ । ଏହା ହେଉଛି ସେହି ସମୟ ଯେତେବେଳେ ଭୟରେ ତୁମ ରକ୍ତ ଶୁଖିଯାଏ, ଧୈର୍ଯ୍ୟ ଓ ସାନ୍ତ୍ୱନାର ପ୍ରକାଶ ତୁମଠାରୁ ବିଦାୟ ନେଇଥାଏ । ସୁତରାଂ ତୁମର ଏପରି ଅବସ୍ଥାକୁ ସେହି ସମୟ ସହିତ ତୁଳନା କରାଯାଇଛି, ଯେତେବେଳେ ସୂର୍ଯ୍ୟର କିରଣ ହ୍ରାସ ପାଏ । ତା' ଉପରେ ସେତେବେଳେ ଦୃଷ୍ଟି ନିବଦ୍ଧ କରାଯାଇପାରେ ଓ ସ୍ପଷ୍ଟ ରୂପେ ତାହା ତୁମକୁ ଖାଲି ଆଖିରେ ଦେଖାଯାଇଥାଏ, ଯେପରି କି ସୂର୍ଯ୍ୟର ଅସ୍ତ ହେବା ନିକଟତର । ଏହି ଆଧ୍ୟାତ୍ମିକ ଅବସ୍ଥାର ମୁକାବିଲାରେ 'ଅସର୍' ନମାଜକୁ ସ୍ଥାନିତ କରାଯାଇଛି ।

(୩) **ତୃତୀୟ** ପରିବର୍ତ୍ତନ ତୁମଠାରେ ସେତେବେଳେ ଆସିଥାଏ, ଯେତେବେଳେ ଏହି ଦୁର୍ଦ୍ଦଶାରୁ ମୁକ୍ତି ମିଳିବାର ଆଶା ସମ୍ପୂର୍ଣ୍ଣ ରୂପେ ମଉଳି ଯାଇଥାଏ । ଉଦାହରଣ ସ୍ୱରୂପ, ଯେତେବେଳେ ତୁମ ନାମକୁ ଅପରାଧିଙ୍କ ସହିତ ଯୋଡା ଯାଇଥାଏ ଓ ଅପରାଧ ସମ୍ପର୍କିତ ସାକ୍ଷୀ ପ୍ରମାଣ ଲେଖାଯାଏ ତଥା ବିରୋଧି  ସାକ୍ଷୀ ସ୍ୱରୂପ ତୁମର ସର୍ବନାଶ କରିଦେବା ପାଇଁ ପ୍ରମାଣ ଏକତ୍ରିତ କରନ୍ତି । ଏହି ସମୟରେ ତୁମର ହୋସ ଉଡିଯାଏ ଏବଂ ତୁମେ ବୁଦ୍ଧି ଓ ବିବେକ ଶୂନ୍ୟ ହୋଇଯାଅ, ସେତେବେଳେ ତୁମେ

ନିଜକୁ ଜଣେ ବନ୍ଦୀ ବୋଲି ଭାବି ନେଇଥାଅ ତଥା ନିଜକୁ ଅସହାୟ ମନେ କରିଥାଅ । ସୁତରାଂ ଏପରି ଅବସ୍ଥାର ଉପମା ସେହି ସମୟ ସହିତ ସମାନତା ରକ୍ଷା କରିଥାଏ, ଯେତେବେଳେ ସୂର୍ଯ୍ୟ ଅସ୍ତ ହୋଇଯାଏ ଓ ଦିବାଲୋକର ସମସ୍ତ ଆଶା ସମାପ୍ତ ହୋଇ ଯାଇଥାଏ । ଏହି ଆଧ୍ୟାତ୍ମିକ ଦୂରାବସ୍ଥାର ମୁକାବିଲାରେ 'ମଗ୍ରିବ୍' ନମାଜକୁ ଧାର୍ଯ୍ୟ କରାଯାଇଛି ।

(୪) **ଚତୁର୍ଥ** ପରିବର୍ତ୍ତନ ତୁମ ମଧ୍ୟରେ ସେତେବେଳେ ଆସିଥାଏ, ଯେତେବେଳେ ବିପତ୍ତିର ଚଡକ ତୁମ ଉପରେ ଅଚାନକ ପଡ଼ିଯାଏ ଓ ସବୁଆଡୁ ଘୋର ଅନ୍ଧକାର ତୁମକୁ ଘେରିଯାଏ । ଉଦାହରଣତଃ ଯେତେବେଳେ ସମସ୍ତ ସାକ୍ଷୀଙ୍କ ଶୁଣାଣି ହେବାପରେ ତୁମ ଅପରାଧ ପ୍ରମାଣିତ ହୋଇ ଶାସ୍ତିର ଆଦେଶ ଶୁଣାଇ ଦିଆଯାଏ ତଥା ଜଣେ କଏଦୀ ରୂପେ ତୁମକୁ ପୋଲିସ ଜିମାରେ ହାଜତରେ ନେଇ ଛାଡି ଦିଆଯାଏ । ସୁତରାଂ ଏପରି ଅବସ୍ଥାକୁ ସେ ସମୟ ସହିତ ତୁଳନା କରାଯାଇଛି, ଯେତେବେଳେ ରାତି ବଢ଼ିଯାଏ ଓ ଘୋର ଅନ୍ଧାକାର ଘୋଟିଯାଏ । ଏପରି ଆଧ୍ୟାତ୍ମିକ ଅବସ୍ଥାର ମୁକାବିଲାରେ 'ଇଶା' ନମାଜକୁ ଧାର୍ଯ୍ୟ କରାଯାଇଛି ।

(୫) ପୁଣି ଯେତେବେଳେ ତୁମେ ବହୁ ସମୟ ପର୍ଯ୍ୟନ୍ତ ବିପତ୍ତିର ତମସାଚ୍ଛନ୍ନ ରାତିରେ କାଳାତିପାତ କର, ସେତେବେଳେ ପରିଶେଷରେ ଈଶ୍ୱରଙ୍କ କରୁଣା ତୁମ ଉପରେ ଗଭୀର ପ୍ରଭାବ ପକାଏ ଓ ତୁମକୁ ସେହି ଅନ୍ଧକାରମୟ ଅବସ୍ଥାରୁ ମୁକ୍ତି ପ୍ରଦାନ କରିଥାଏ । ଉଦାହରଣ ସ୍ୱରୂପ ଯେଉଁପରି ଅନ୍ଧକାର ଅପସାରିତ ହେବା ପରେ ପୁଣି ଶେଷରେ ସକାଳ ହୋଇଥାଏ ଓ ପୁନର୍ବାର ସେହି ନୂତନ ପ୍ରଭାତର ଶୁଭ୍ର ଆଲୋକ ନିଜର ଉଜ୍ଜ୍ୱଳ ଚମକ ସହିତ ପ୍ରକାଶିତ ହୋଇଥାଏ । ସୁତରାଂ ଏହି ଆଧ୍ୟାତ୍ମିକ ଅବସ୍ଥାର ମୁକାବିଲାରେ 'ଫଜର୍' ନମାଜକୁ ନିଶ୍ଚିତ କରାଯାଇଛି ।

ଏହିପରି ଭାବରେ ପ୍ରଭୁ ତୁମର ପ୍ରକୃତିଗତ ପାଞ୍ଚୋଟି ପରିବର୍ତ୍ତନର ଅବସ୍ଥାକୁ ଦେଖି ତୁମପାଇଁ ପାଞ୍ଚବେଳା ନମାଜ ଧାର୍ଯ୍ୟ କରିଛନ୍ତି । ଏଥିରୁ ତୁମେ ବୁଝିପାରୁଥିବ ଯେ ଏହି ନମାଜ ବିଶେଷ ରୂପେ ତୁମର ଅଶେଷ ହିତସାଧନ କରିବା ପାଇଁ ରହିଛି । ସୁତରାଂ ଯଦି ତୁମେ ଚାହୁଁଛ ଯେ ଏହି ସମସ୍ତ ସଂକଟରୁ ସୁରକ୍ଷିତ ରୁହ, ତେବେ ତୁମେ ପାଞ୍ଚବେଳା ନମାଜକୁ ଛାଡ ନାହିଁ । କାରଣ ଏହା ହେଉଛି

ତୁମର ଅନ୍ତଃକରଣ ଓ ବାହ୍ୟ ଆଧାତ୍ମିକ ପରିବର୍ତ୍ତନର ଛାୟା । ନମାଜରେ ଆସନ୍ନ ବିପତ୍ତିର ଉପଚାର ରହିଛି । ତୁମକୁ ଏକଥା ଜଣା ନାହିଁ ଯେ ଯେଉଁ ନୂଆ ଦିନଟି ଆରମ୍ଭ ହେବାକୁ ଯାଉଛି ତାହା ତୁମ ପାଇଁ କି ପ୍ରକାରର ଭାଗ୍ୟର ନିୟତି ନେଇ ଆସୁଛି । ତେଣୁ ନୂତନ ଦିବସ ଆରମ୍ଭ ହେବା ପୂର୍ବରୁ ତୁମେ ନିଜ ପରମସଖା ଜଗତ ସ୍ୱାମୀଙ୍କ ନିକଟରେ ନିବେଦନ କର ଯେ ତୁମପାଇଁ କଲ୍ୟାଣକର ଓ ସମୃଦ୍ଧିଶାଳୀ ଉତ୍ତମ ଦିନର ଆଗମନ ହେଉ ।

ହେ ସର୍ଦ୍ଦାର, ନରପତି ଓ ବିତ୍ତଶାଳୀ ବ୍ୟକ୍ତିଗଣ ! ତୁମମାନଙ୍କ ମଧ୍ୟରେ ଏପରି ବହୁତ କମ ଲୋକ ଅଛନ୍ତି, ଯେଉଁମାନେ ଈଶ୍ୱରଙ୍କୁ ଭୟ କରୁଥିବେ ଓ ତାଙ୍କ ଅନୁସୃତ ସମସ୍ତ ମାର୍ଗରେ ସଦାଚାରୀ ହୋଇ ପରିଚାଳିତ ହେଉଥିବେ । ଅଧିକାଂଶ ବ୍ୟକ୍ତି ଏପରି, ଯେଉଁମାନେ ଭୌଗଳିକ ରାଷ୍ଟ୍ର ଓ ସାଂସାରିକ ଧନ ସମ୍ପତ୍ତିର ପ୍ରାଚୁର୍ଯ୍ୟରେ ମନୋନିବେଶ କରୁଛନ୍ତି । ପୁଣି ସେଥି ମଧ୍ୟରେ ଜୀବନ ବିତାଇ ଦେଉଛନ୍ତି ଓ ମୃତ୍ୟୁକୁ ମନେରଖୁ ନାହାନ୍ତି । ପ୍ରତ୍ୟେକ ଦଳପତି ଯିଏ ନମାଜ ପଢୁ ନାହିଁ ଓ ଈଶ୍ୱରଙ୍କ ପ୍ରତି ବେଖାତିର ମନୋଭାବ ପୋଷଣ କରୁଛି, ତାର ସମସ୍ତ ଚାକର ବାକରଙ୍କ ପାପ ତା' ବେକରେ ପଡିବ । ପ୍ରତ୍ୟେକ ଦଳପତି ଯିଏ ମଦ୍ୟପାନ କରୁଛି, ତା' ବେକରେ ସେହି ଲୋକମାନଙ୍କର ପାପ ମଧ୍ୟ ପଡିବ ଯେଉଁମାନେ ତା' ଅଧିନରେ ରହି ମଦ୍ୟପାନ କରୁଛନ୍ତି । ହେ ବୁଦ୍ଧିମାନ୍ ଲୋକ ! ଏ ସଂସାର ଚିରକାଳ ରହିବାର ସ୍ଥାନ ନୁହେଁ । ତୁମ୍ଭେ ସମ୍ଭାଳି ଯାଅ ଓ ସତର୍କ ହୋଇଯାଅ । ତୁମ୍ଭେ ପ୍ରତ୍ୟେକ ପ୍ରକାର ଅସନ୍ତୁଳନ ଅବସ୍ଥାକୁ ଛାଡିଦିଅ । ପ୍ରତ୍ୟେକ ନିଶା ଦ୍ରବ୍ୟକୁ ପରିତ୍ୟାଗ କର । ମଣିଷକୁ ବିନାଶ କରି ଦେଉଥିବା ବସ୍ତୁ କେବଳ ମଦ୍ୟ ନୁହେଁ ବରଂ ଅଫିମ, ଗଞ୍ଜେଇ, ଚରସ, ଭାଙ୍ଗ, ତାଡି ଓ ଅନ୍ୟାନ୍ୟ ଏପରି ନିଶାଦ୍ରବ୍ୟ ଯାହାକୁ ସେବନ କରିବା ଦ୍ୱାରା ଏହା ସବୁବେଳ ପାଇଁ ଏକ ଅଭ୍ୟାସରେ ପରିଣତ ହୋଇଯାଏ । ତାହା ସବୁ ମନମସ୍ତିଷ୍କକୁ ଖରାପ କରିଦିଏ ଓ ଶେଷରେ ମନୁ୍ୟଷକୁ ଧ୍ୱଂସମୁଖରେ ପକାଇ ଦିଏ । ତେଣୁ ତୁମେ ଏଥିରୁ ବଞ୍ଚିତ ରୁହ । ଆମେ ବୁଝି ପାରୁନାହୁଁ ଯେ ତୁମେ କାହିଁକି ଏ ସବୁ ଦ୍ରବ୍ୟ ସେବନ କରୁଛ । ଏହାର ମନ୍ଦ ପରିଣାମ ସ୍ୱରୂପ ପ୍ରତ୍ୟେକ ବର୍ଷ ତୁମପରି ନିଶାରେ ଅଭ୍ୟସ୍ତ ହଜାର ହଜାର ଲୋକ ଏହି

ସଂସାର ଛାଡି ଚାଲିଯାଉଛନ୍ତି । *ଏବଂ ଏହା ବ୍ୟତୀତ ତୁମ ପାଇଁ ପରକାଳ ଜନିତ ଶାସ୍ତିର ପ୍ରକୋପ ମଧ୍ୟ ଅତିରିକ୍ତ ଭାବେ ରହିଛି ।

ତୁମେମାନେ ଅସତକର୍ମରୁ ବଞ୍ଚିତ ଶୁଦ୍ଧପୂତ ମନୁଷ୍ୟ ହୋଇଯାଅ । ତୁମର ପରମାୟୁ ବୃଦ୍ଧି ହେବ ଓ ତତସହିତ ତୁମେ ପ୍ରଭୁଙ୍କ ବରଦାନ ପାଇବ । ସୀମାଧିକ ଭୋଗ ବିଳାସରେ ବୁଡି ରହିବା ଏକ ଅଭିଶପ୍ତ ଜୀବନ । ମାତ୍ରାଧିକ କୁକର୍ମ କରିବା ଓ ଅନ୍ୟ ପ୍ରତି ନିଷ୍ଠୁର ହେବା ମଧ୍ୟ ଅଭିଶପ୍ତ ଜୀବନ । ଈଶ୍ୱର କିମ୍ବା ତାଙ୍କ ଭକ୍ତଙ୍କ ସହିତ ସୀମାରୁ ଅଧିକ ସହାନୁଭୁତି ନଦେଖାଇବା ମଧ୍ୟ ଏକ ଅଭିଶପ୍ତ ଜୀବନ । ପ୍ରତ୍ୟେକ ଦଳପତି ଓ ନେତୃସ୍ଥାନୀୟ ମୁଖ୍ୟଙ୍କୁ ଈଶ୍ୱରଙ୍କ ପ୍ରତି ଓ ମନୁଷ୍ୟଙ୍କ ପ୍ରତି କର୍ତ୍ତବ୍ୟ ତଥା ଅଧିକାରର ସୁରକ୍ଷା ସମ୍ବନ୍ଧରେ ଏପରି ପଚରାଯିବ, ଯେପରି ସେ ଜଣେ ଫକୀର ବା ତା'ଠାରୁ ନ୍ୟୁନ ବିବେଚିତ ଲୋକ । ସୁତରାଂ ସେ କେତେ ହତଭାଗା ଯିଏ ଏହି ସ୍ୱଳ୍ପକାଳୀନ ଅଳିକ ଜୀବନ ଉପରେ ଭରସା କରି ଈଶ୍ୱରଙ୍କ ଠାରୁ ସମ୍ପୂର୍ଣ୍ଣ ରୂପେ ମୁହଁ ଫେରାଇ ନେଉଛି । ଈଶ୍ୱରଙ୍କ ଦ୍ୱାରା ଅବୈଧ ଘୋଷଣା କରାଯାଇଥିବା ବସ୍ତୁକୁ ଏପରି ନିର୍ଲ୍ଲଜତାର ସହ ମନୁଷ୍ୟ ଉପଭୋଗ କରୁଛି, ଯେପରି ସେହି ଅବୈଧ ବସ୍ତୁ ତା'ପାଇଁ ବୈଧ ହୋଇଯାଇଛି । ପୁଣି କ୍ରୋଧିତ ଅବସ୍ଥାରେ ସେ ପାଗଳ ସଦୃଶ କାହାକୁ ଗାଳିଗୁଲଜ କରିବା, କାହାକୁ ଶାରୀରିକ ନିର୍ଯ୍ୟାତନା ଦେଇ କ୍ଷତବିକ୍ଷତ କରିବା, କାହାକୁ ମାନସିକ ଆଘାତ ଦେବା ଓ କାହାକୁ ନିର୍ଦ୍ଦୟ ଭାବେ ହତ୍ୟା କରିବା ପାଇଁ ପ୍ରସ୍ତୁତ ହୋଇଯାଉଛି । କାମ ବାସନାର ଆବେଗରେ ଉତ୍ତେଜିତ ହୋଇ ନିର୍ଲଜ୍ଜତାକୁ ଚରମ ସୀମାରେ ପହଞ୍ଚାଇ ଦେଉଛି । ସୁତରାଂ ସେ ଏପରି କରିବା ଦ୍ୱାରା ମୃତ୍ୟୁ ପର୍ଯ୍ୟନ୍ତ ପ୍ରକୃତ ଆନନ୍ଦକୁ ପାଇବ ନାହିଁ ।

* ୟୁରୋପର ଲୋକମାନଙ୍କୁ ସୁରାପାନ ଯେତେ ମାତ୍ରାରେ କ୍ଷତି ପହଞ୍ଚାଇଛି, ଏହାର କାରଣ ଯୀଶୁ ମଧ୍ୟ ମଦିରା ପାନ କରୁଥିଲେ । ବୋଧହୁଏ କୌଣସି ବ୍ୟାଧି ଯୋଗୁ ଅଥବା ପୁରୁଣା ଅଭ୍ୟାସ ଥିବା କାରଣରୁ । କିନ୍ତୁ ହେ ମୁସଲମାନଗଣ ! ତୁମ ନବୀ[ସଅ] ତ ପ୍ରତ୍ୟେକ ନିଶାରୁ **ପବିତ୍ର** ଓ **ନିଷ୍ପାପ** ଥିଲେ । ଯେପରିକି ବାସ୍ତବରେ ସେ ଜଣେ ନିରୀହ ଓ ନିଷ୍କପଟ ବ୍ୟକ୍ତି ଥିଲେ । ସୁତରାଂ ତୁମେ ନିଜକୁ ମୁସଲମାନ ବୋଲାଇ କାହାର ଅନୁସରଣ କରୁଛ ? ପବିତ୍ର କୁରଆନ ବାଇବେଲ ସଦୃଶ ମଦକୁ ବୈଧ କରିନାହିଁ । ପୁଣି ତୁମେ କେଉଁ ପ୍ରମାଣପତ୍ର ଦ୍ୱାରା ମଦିରାକୁ **ବୈଧ** ରୂପେ ଗ୍ରହଣ କରୁଛ ? କଣ ତୁମକୁ ମୃତ୍ୟୁ ଗ୍ରାସ କରିବ ନାହିଁ ?

ହେ ମିତ୍ରଗଣ ! ତୁମେ ସ୍ୱଳ୍ପ ସମୟ ପାଇଁ ଏହି ସଂସାରକୁ ଆସିଛ । ସେଥି ମଧ୍ୟରୁ ବହୁତ ସମୟ ସରି ଆସିଲାଣି । ତେଣୁ ତୁମେ ନିଜ ଜଗତ ସ୍ୱାମୀଙ୍କୁ ଅସନ୍ତୁଷ୍ଟ କରନାହିଁ । ଯଦି ସଶକ୍ତ ମାନବ ଦ୍ୱାରା ଗଠିତ ସରକାର ତୁମଠାରୁ ରୁଷ୍ଟ ହୋଇଯିବ, ତେବେ ସେ ତୁମକୁ ନଷ୍ଟଭ୍ରଷ୍ଟ କରିପାରେ । ସୁତରାଂ ତୁମେ ଚିନ୍ତା କରି ଦେଖ ଯେ ପ୍ରଭୁ ତୁମ ପ୍ରତି କ୍ଷୁବ୍ଧ ହେଲେ ତୁମେ କିପରି ବଞ୍ଚିପାରିବ । ଯଦି ତୁମେ ପ୍ରଭୁଙ୍କ ଦୃଷ୍ଟିରେ ସଂଯମୀ ତଥା ଧର୍ମ ପରାୟଣ ହୋଇଯିବ, ତେବେ କେହି ତୁମର କିଛି ବିଗାଡି ପାରିବେ ନାହିଁ । ଏବଂ ସେ ସ୍ୱୟଂ ତୁମକୁ ରକ୍ଷା କରିବେ । ତୁମର ଜୀବନ ପଛରେ ପଡିଥିବା ଶତ୍ରୁମାନେ ମଧ୍ୟ ତୁମକୁ କାବୁ କରିପାରିବେ ନାହିଁ । ପ୍ରଭୁଙ୍କ ବିନା ଅନ୍ୟ କେହି ତୁମ ଜୀବନର ରକ୍ଷାକର୍ତ୍ତା ନାହାନ୍ତି । ତୁମେ ଶତ୍ରୁଙ୍କ ଠାରୁ ଭୟଭୀତ ହୋଇ କିମ୍ବା ଅନ୍ୟ ପ୍ରକାରର ଦୁର୍ଦ୍ଦଶାଗ୍ରସ୍ତ ହୋଇ ଅତ୍ୟନ୍ତ ବ୍ୟାକୁଳତାର ସହିତ ଅସ୍ଥିର ମନରେ ନିଜ ଜୀବନ ବିତାଇବ । ତୁମ ଜୀବନର ଶେଷ ଦିନଗୁଡିକ ବହୁତ ଦୁଃଖ ଓ ଶୋକ ସନ୍ତାପରେ କଟିବ । ଈଶ୍ୱର ସେହି ଲୋକମାନଙ୍କୁ ଶରଣ ଦିଅନ୍ତି ଯେଉଁମାନେ ତାଙ୍କ ସହିତ ସଂଯୁକ୍ତ ହୋଇଯାଆନ୍ତି । ସୁତରାଂ ପ୍ରଭୁଙ୍କ ଆଡକୁ ଅଗ୍ରସର ହୁଅ ଓ ତାଙ୍କର ବିରୁଦ୍ଧାଚରଣ କରିବା ମନୋବୃତ୍ତି ପରିତ୍ୟାଗ କର । ତାଙ୍କ ପ୍ରତି ରହିଥିବା ତୁମ କର୍ତ୍ତବ୍ୟରେ ଅବହେଳା କରନାହିଁ । ତାଙ୍କ ଭକ୍ତମାନଙ୍କ ପ୍ରତି ହାତ ଦ୍ୱାରା କିମ୍ବା ତୁଣ୍ଡ ଦ୍ୱାରା ଅତ୍ୟାଚାର କର ନାହିଁ ।* ଦୈବୀ ପ୍ରକୋପ ଓ କ୍ରୋଧକୁ ଭୟ କର । କାରଣ ଏହି ମାର୍ଗ ହେଉଛି ମୋକ୍ଷପ୍ରାପ୍ତିର ମାର୍ଗ ।

---

*ଯେଉଁ ବ୍ୟକ୍ତି ମାନବସମାଜ ଉପରେ କ୍ରୋଧର ଶକ୍ତିକୁ ବଢ଼ାଏ, ସେ କ୍ରୋଧ ଦ୍ୱାରା ହିଁ ନଷ୍ଟଭ୍ରଷ୍ଟ ହୋଇଯାଏ । ସେଥିପାଇଁ ଈଶ୍ୱର ସୁରଃ ଫାତିହାରେ ଇହୁଦୀମାନଙ୍କର ନାମ 'ମଗଜୁବେ ଆଲୈହିମ୍' ରଖିଛନ୍ତି । ଏହା ଏକଥା ପ୍ରତି ସଂକେତ ଦେଉଛି ଯେ କୟାମତ୍ ସମୟରେ ପ୍ରତ୍ୟେକ ଅପରାଧି ଈଶ୍ୱରଙ୍କ କ୍ରୋଧର ସ୍ୱାଦ ଚାଖିବେ । କିନ୍ତୁ ଯିଏ ଅକାରଣରେ ଏହି ସଂସାରରେ କ୍ରୋଧାନ୍ୱୀତ ହୁଏ, ସେ ଏହିଠାରେ ହିଁ ଈଶ୍ୱରୀୟ କ୍ରୋଧକୁ ଆସ୍ୱାଦନ କରିଥାଏ । ଖ୍ରୀଷ୍ଟିୟାନଙ୍କ ଦ୍ୱାରା ଇହୁଦୀମାନଙ୍କ ଉପରେ ଅଧିକ କ୍ରୋଧ ପ୍ରକାଶ ହୋଇନାହିଁ । ସେଥିଯୋଗୁ ସୁରଃ ଫାତିହାରେ ତାଙ୍କ ନାମ 'ଜ୍ୱାଲ୍ଲିନ୍' ରଖାଗଲା । 'ଜ୍ୱାଲ୍ଲିନ୍' ଶବ୍ଦର ଦୁଇଗୋଟି ଅର୍ଥ ରହିଛି । ପ୍ରଥମଟି ହେଉଛି ସେମାନେ ପଥଭ୍ରଷ୍ଟ ଏବଂ ଦ୍ୱିତୀୟ ଅର୍ଥରେ ସେମାନେ କୁଆଡେ ହଜିଯିବେ । ମୋ ନିକଟରେ ଏହା ତାଙ୍କ ପାଇଁ ଶୁଭ ଖବର ଅର୍ଥାତ୍ ଏକ

**ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ....**

ହେ ଇସଲାମର ବିଦ୍ୱାନଗଣ ! ମୋତେ ମିଥ୍ୟାବାଦୀ କହିବାରେ ଶୀଘ୍ରତା ଅବଲମ୍ବନ କରନାହିଁ, ଯେହେତୁ ଅନେକ ରହସ୍ୟ ଏପରି ରହିଛି ଯାହାକୁ ମଣିଷ ବୁଝି ପାରେନାହିଁ । କୌଣସି କଥା ଶୁଣିବା ମାତ୍ରେ ସେହିକ୍ଷଣି ତାକୁ ରଦ୍ଦ କରିବାରେ ତତ୍ପରତା ପ୍ରକାଶ କରନାହିଁ । ଏହା ସଂଯମଶୀଳତାର ମାର୍ଗ ନୁହେଁ । ଯଦି ତୁମ ଭିତରେ କିଛି ଦୋଷ ନଥାଆନ୍ତା ଏବଂ ଯଦି ତୁମେମାନେ କେତେକ ହଦିସ୍‌କୁ ଓଲଟା ଅର୍ଥ କରି ନଥାନ୍ତ, ତେବେ ମସିହ ମଉଦଙ୍କ ଆସିବା ବୃଥା ହୋଇଥାନ୍ତା । କାରଣ ସେ 'ହକମ' ଅର୍ଥାତ ସେ ନ୍ୟାୟ ବିଚାରକ ଓ ନିରପେକ୍ଷ ନିଷ୍ପତ୍ତିକାରୀ । ତୁମ ପୂର୍ବରୁ ଏହି ସ୍ଥାନରେ ଦୃଢ କାର୍ଯ୍ୟାନୁଷ୍ଠାନ ମୂଳକ ଶିକ୍ଷାର ଦୃଷ୍ଟାନ୍ତ ରହିଛି, ଯେଉଁ ବିଷୟରେ ତୁମେ ଜୋର ଦେଉଛ । ଯେଉଁ ସ୍ଥାନରେ ତୁମେ ପାଦ ରଖିଛ, ସେହି ସ୍ଥାନରେ ଇହୁଦୀମାନେ ମଧ୍ୟ ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ହୋଇ ପାଦ ରଖିଥିଲେ । ଅର୍ଥାତ୍ ତୁମେ ଯେଉଁଭଳି ହଜରତ ଇସା[ଅସ]ଙ୍କର ପୁନରାଗମନ ପ୍ରତୀକ୍ଷାରେ ବସିଛ, ସେହିପରି ସେମାନେ ମଧ୍ୟ ଏଲୀୟ ନବୀଙ୍କୁ ପୁନର୍ବାର ଆସିବା ପାଇଁ ଅପେକ୍ଷା କରିଥିଲେ ଏବଂ ଏହା କହୁଥିଲେ ଯେ ଯୀଶୁ ମସିହ ସେତେବେଳେ ଆସିବେ, ଯେତେବେଳେ ତାଙ୍କ ପୂର୍ବରୁ ପ୍ରଥମେ ଏଲୀୟ ଏହି ସଂସାରକୁ ଆସିବେ, ଯାହାକୁ ସଶରୀରେ ଆକାଶକୁ ଉଠାଇ ନିଆଯାଇଥିଲା । ତେଣୁ ସେମାନଙ୍କ ଧାରଣାରେ ଯେଉଁ ବ୍ୟକ୍ତି ଇଲିୟାସଙ୍କ ଦ୍ୱିତୀୟ ଥର ଆଗମନ ପୂର୍ବରୁ ମସିହ ହେବାର ଦାବୀ କରିବ, ସେ ମିଥ୍ୟାବାଦୀ ହେବ । ସେମାନେ ନା କେବଳ ହଦିସ ଅନୁଯାୟୀ ଭୁଲ ଅର୍ଥରେ ବୁଝିଥିବା ହେତୁ ଏପରି ଚିନ୍ତାଧାରା ରଖିଥିଲେ, ବରଂ ଈଶ୍ୱରଙ୍କ ପୁସ୍ତକ ଯାହା ମଲାକି ନବୀଙ୍କ ପୁସ୍ତକ ତାକୁ ପ୍ରମାଣ ରୂପେ ଉପସ୍ଥାପନ କରୁଥିଲେ । କିନ୍ତୁ ଯେତେବେଳେ ହଜରତ ଇସା[ଅସ] ନିଜକୁ ଇହୁଦୀମାନଙ୍କ ମସିହ ହେବାର ଦାବୀ

**......ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ**

ସମୟ ଏପରି ଆସିବି, ଯେବେ କୌଣସି ମିଥ୍ୟା ଧର୍ମରୁ ମୁକ୍ତି ପାଇ ସେମାନେ ଇସଲାମରେ ସମ୍ମିଳିତ ହେବେ । ଧିରେ ଧିରେ ଅନେକେଶ୍ୱରବାଦ ପ୍ରତି ଆସ୍ଥା ଓ ଲଜ୍ଜାଜନକ କୁପ୍ରଥାଗୁଡ଼ିକୁ ପରିତ୍ୟାଗ କରି ମୁସଲମାନଙ୍କ ପରି ଏକେଶ୍ୱରବାଦୀ ହୋଇଯିବେ । ସୁତରାଂ 'ଜ୍ୱାଲ୍ଲିନ୍' ଶବ୍ଦଟି ଯାହା ସୁରଃ ଫାତିହାର ଶେଷରେ ରହିଛି, ତାହା 'ଜଲାଲତ୍'ର ବିକଳ୍ପ ଅର୍ଥ ସ୍ୱରୂପ ଅର୍ଥାତ୍ ଗୋଟିଏ ବସ୍ତୁ ଅନ୍ୟ ଏକ ବସ୍ତୁରେ ଲୀନ ହୋଇଯିବା ଓ ହଜି ଯିବାକୁ ବୁଝାଉଛି । ଭବିଷ୍ୟତରେ ଖ୍ରୀଷ୍ଟଧର୍ମର ଅବସ୍ଥା ପାଇଁ ଏହା ଏକ ଆଗାମୀ ସୂଚନା ।

କଲେ, ଅଥଚ ସେମାନଙ୍କ ତଥାକଥିତ ଇଲିୟାସ ଆକାଶରୁ ଅବତୀର୍ଣ୍ଣ ହେଲେ ନାହିଁ, ଯାହା ସେହି ନବୀଙ୍କ ଆଗମନ ପାଇଁ ସର୍ତ୍ତ ରଖାଯାଇଥିଲା । ସେତେବେଳେ ଇହୁଦୀମାନଙ୍କର ସେହି ସମସ୍ତ ସିଦ୍ଧାନ୍ତ ମିଥ୍ୟା ପ୍ରମାଣିତ ହେଲା । ଏବଂ ଇହୁଦୀମାନଙ୍କର ଯେଉଁ ଧାରଣା ରହିଥିଲା ଯେ ଇଲିୟା ନବୀ ପାର୍ଥିବ ଶରୀରରେ ଆକାଶରୁ ଅବତରଣ କରିବେ, ଅନ୍ତତଃ ପକ୍ଷେ ତାର ଅର୍ଥ ଏହିପରି ସ୍ପଷ୍ଟ ହୋଇଗଲା ଯେ ଇଲିୟାସ୍‌ଙ୍କ ଗୁଣ ଓ ଚରିତ୍ର ସମ୍ପନ୍ନ  କୌଣସି ବ୍ୟକ୍ତି ପ୍ରକଟିତ ହେବେ । ସ୍ୱୟଂ ଯୀଶୁ ଏହି ଅଭିପ୍ରାୟର ଉଲ୍ଲେଖ କରିଛନ୍ତି । ସୁତରାଂ ତୁମେ କାହିଁକି ଏପରି ସ୍ଥାନରେ ଧୋକା ଖାଉଛ, ଯେଉଁ ସ୍ଥାନରେ ତୁମ ପୂର୍ବରୁ ଇହୁଦୀମାନେ ଧୋକା ଖାଇ ସାରିଛନ୍ତି । ତୁମ ଦେଶରେ ହଜାର ହଜାର ଇହୁଦୀ ଅଛନ୍ତି, ତୁମେ ତାଙ୍କଠାରୁ ପଚାରି ବୁଝିନିଅ ଯେ କଣ ଇହୁଦୀମାନଙ୍କର ଏପରି ବିଶ୍ୱାସ ନଥିଲା, ଯାହା ବର୍ତ୍ତମାନ ସମୟରେ ତୁମେ ପ୍ରକାଶ କରୁଛ । ସୁତରାଂ ସେହି ପରମେଶ୍ୱର ଯେ ଇସାଙ୍କ ସକାଶେ ଏଲିୟ ନବୀଙ୍କୁ ଆକାଶରୁ ସଶରୀରେ ଅବତର୍ଣ୍ଣ କଲେ ନାହିଁ ଏବଂ ତାଙ୍କୁ ଇହୁଦୀମାନଙ୍କ ସମ୍ମୁଖରେ ଉପମା ସୂଚକ ଅର୍ଥରେ କାମ ନେବାକୁ ପଡ଼ିଲା । ସେହି ଅଲ୍ଲାଃ ତୁମପାଇଁ କାହିଁକି ଇସାଙ୍କୁ ଆକ୍ଷରିକ ଅର୍ଥରେ ଅବତର୍ଣ୍ଣ କରାଇବେ ? ତାଙ୍କରି ସ୍ୱର୍ଗୀୟ ନିଷ୍ପତ୍ତିକୁ ତୁମେ କାହିଁକି ଅସ୍ୱୀକାର କରୁଛ ? ଯଦି ସନ୍ଦେହ କରୁଛ ତେବେ ସେହି ଖ୍ରୀଷ୍ଟିୟାନମାନଙ୍କୁ ଯାଇ ପଚାରି ବୁଝ, ଯେଉଁମାନେ ଲକ୍ଷ ଲକ୍ଷ ସଂଖ୍ୟାରେ ଏହି ଦେଶରେ ବାସ କରୁଛନ୍ତି । ସେମାନଙ୍କ ନିକଟରେ ବାଇବେଲ ମଧ୍ୟ ଉପଲବ୍ଧ ଅଛି । କଣ ଏହା ସତ୍ୟ ନୁହେଁ ଯେ ହଜରତ ଇସା ଏପରି କହିଥିଲେ, ଯେଉଁ ଇଲିୟା ନବୀଙ୍କୁ ପୁନର୍ବାର ଆସିବାର ଥିଲା ସେ ହେଉଛନ୍ତି ୟୁହନ୍ନା ବା ଯୋହନ । ଏତିକି କହି ସେ ଇହୁଦୀମାନଙ୍କର ପ୍ରାଚୀନ ଧାରଣାର ବଶବର୍ତ୍ତୀ ହୋଇଥିବା ସବୁ ଆଶାକୁ ମାଟିରେ ମିଶାଇଦେଲେ । ଯଦି ଏହା ଆବଶ୍ୟକ ଯେ ହଜରତ ଇସା[ଅସ] ହିଁ ଅବିକଳ ରୂପେ ଆକାଶରୁ ଆସନ୍ତୁ, ତେବେ ଏପରି ସ୍ଥିତିରେ ଇସା ସତ୍ୟନିଷ୍ଠ ନବୀ ହୋଇପାରିବେ ନାହିଁ । କାରଣ ଯଦି ଆକାଶରୁ ଫେରି ଆସିବା ସୁନ୍ନତୁଲ୍ଲାଃ (ଅଲ୍ଲାଃଙ୍କ ବିଧାନ)ରେ ରହିଛି, ତେବେ ଇଲିୟାସ ନବୀ କାହିଁକି ଫେରିଆସିଲେ ନାହିଁ ? ଏବଂ ତାଙ୍କ ସ୍ଥାନରେ କାହିଁକି ୟହ୍ୟାଙ୍କୁ ଇଲିୟାସ ରୂପେ ଦର୍ଶାଇ ଏହି ଆଳଙ୍କରିକ ଅର୍ଥ କରାଗଲା । ବୁଦ୍ଧିମାନ ଲୋକଙ୍କ ପାଇଁ ଏହା ଚିନ୍ତା କରିବାର ବିଷୟ ।

ଆପଣମାନଙ୍କ ଆସ୍ଥା ଅନୁଯାୟୀ ଯେଉଁ କାର୍ଯ୍ୟ ପାଇଁ ମରିୟମ ପୁତ୍ର ଯୀଶୁ ଆକାଶରୁ ଆସିବେ ଅର୍ଥାତ୍ ସେ ମେହଦୀଙ୍କ ସହିତ ମିଶି ଲୋକମାନଙ୍କୁ ବଳପୂର୍ବକ ମୁସଲମାନ କରିବା ପାଇଁ ଯୁଦ୍ଧ କରିବେ । ଏହା ଏପରି ଏକ ମନ୍ଦ ବିଶ୍ୱାସ ଯାହା ଇସଲାମକୁ ବଦନାମ କରୁଛି । ପବିତ୍ର କୁରଆନରେ କେଉଁଠାରେ ଏକଥା ଲେଖା ହୋଇଛି ଯେ ଧର୍ମ ପାଇଁ ବଳ ପ୍ରୟୋଗ କରାଯାଏ ? ବରଂ ଅଲ୍ଲାଃତାଲା ପବିତ୍ର କୁରଆନ୍‌ରେ ଏକଥା କହିଛନ୍ତି لَآ اِكْرَاهَ فِى الدِّيْنِ

**'ଲା ଇକ୍‌ରାହ୍ ଫିଦ୍‌ଦୀନ୍'** (ବକ୍‌ରା 2:257)

ଅର୍ଥାତ୍ 'ଧର୍ମ ସମ୍ବନ୍ଧରେ କୌଣସି ପ୍ରକାର ବାଧ୍ୟବାଧକତା ନାହିଁ ।' ତେବେ ଶେଷ ଯୁଗରେ ଆସିବାକୁ ଥିବା ମରିୟମ ପୁତ୍ର ଯୀଶୁଙ୍କୁ ବାଧ୍ୟ କରିବାର ଅଧିକାର କିପରି ଦିଆଯିବ । ଏପରିକି ସେମାନେ ଇସଲାମ ଗ୍ରହଣ କରିବା କିମ୍ବା ସେମାନଙ୍କୁ ହତ୍ୟା କରିଦେବା ବ୍ୟତୀତ ସେମାନଙ୍କ ଜୀବନ ରକ୍ଷାର ପ୍ରତି ବଦଳରେ ଜିଜିୟା କର ମଧ୍ୟ ଗ୍ରହଣ କରାଯିବ ନାହିଁ । ଏପରି ଶିକ୍ଷା ପବିତ୍ର କୁରଆନ୍‌ର କେଉଁ ସ୍ଥାନରେ, କେଉଁ ଭାଗରେ ଏବଂ କେଉଁ ଅଧ୍ୟାୟରେ ଉଲ୍ଲେଖ ରହିଛି ?* ସମଗ୍ର କୁରଆନ ଏକଥା ବାରମ୍ବାର କହୁଅଛି ଯେ ଧର୍ମ ସମ୍ବନ୍ଧରେ କୌଣସି ବାଧ୍ୟବାଧକତା

* ଯଦି କହିବ ଯେ ଆରବବାସୀଙ୍କ ନିମନ୍ତେ ଏହି ନିର୍ଦ୍ଦେଶ ଥିଲା ଯେ ବଳପ୍ରୟୋଗ ଦ୍ୱାରା ମୁସଲମାନ କରାଯିବ, ତେବେ ଏପରି ଧାରଣା ପବିତ୍ର କୁରଆନ୍‌ରୁ କଦାପି ପ୍ରମାଣିତ ହେଉ ନାହିଁ । ବରଂ ଏହା ସିଦ୍ଧ ହେଉଛି ଯେ ଯେହେତୁ ଆରବୀୟମାନେ ହଜରତ ମୁହମ୍ମଦ[ସଅ]ଙ୍କୁ ଭୀଷଣ ଦୁଃଖ କଷ୍ଟ ଦେଇଥିଲେ ଏବଂ ତାଙ୍କ ଅନୁଚରମାନଙ୍କ ମଧ୍ୟରୁ ଅନେକ ପୁରୁଷ ଓ ମହିଳାମାନଙ୍କୁ ହତ୍ୟା କରିଥିଲେ, ଅବଶିଷ୍ଟ ଲୋକମାନଙ୍କୁ ନିଜ ମାତୃଭୂମିରୁ ବିତାଡିତ କରିଥିଲେ । ତେଣୁ ଯେଉଁମାନେ ହତ୍ୟା ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଥିଲେ କିମ୍ବା ଏପରି ଅପରାଧ କରିଥିଲେ ଯଦ୍ୱାରା ସେମାନେ ସମସ୍ତେ ଈଶ୍ୱରଙ୍କ କୋପଦୃଷ୍ଟି ପଡିବା ଯୋଗୁଁ ହତ୍ୟାକାରୀ ରୂପେ ଶାସ୍ତି ପାଇବାର ଯୋଗ୍ୟ ବିବେଚିତ ହୋଇ ସାରିଥିଲେ । ତାଙ୍କ କର୍ମର ପ୍ରତିବଦଳରେ ଅସଲ ଆଦେଶ ସେମାନଙ୍କୁ ହତ୍ୟା କରାଯିବାର ଔଚିତ୍ୟ ହିଁ ରହିଥିଲା । କିନ୍ତୁ ମହାନ ଦୟାବାନଙ୍କ ତରଫରୁ ଏହି ସୁଯୋଗ ଦିଆଗଲା ଯେ ଯଦି କିଏ ସେମାନଙ୍କ ମଧ୍ୟରୁ ସ୍ୱଇଚ୍ଛାରେ ମୁସଲମାନ ହୋଇଯାଆନ୍ତି, ତେବେ ତାହାର ଅତୀତ ଅପରାଧ ଜନିତ ମୃତ୍ୟୁଦଣ୍ଡକୁ କ୍ଷମା କରି ଦିଆଯିବ । ସୁତରାଂ କେଉଁଠି ଏପରି ଦୟା ଓ କରୁଣାର ସ୍ଥିତି ତ ଅନ୍ୟ କେଉଁଠି ଜୋର ଜବରଦସ୍ତି କରିବାର ଚାପ ସୃଷ୍ଟି ।

ନାହିଁ । ସ୍ପଷ୍ଟ ରୂପେ ଏକଥା ମଧ୍ୟ ପ୍ରକାଶ କରୁଛି ଯେ ହଜରତ ମୁହମ୍ମଦ[ସଅ]ଙ୍କ ସମୟରେ ଯେଉଁ ଲୋକମାନଙ୍କ ସହିତ ଯୁଦ୍ଧ କରାଯାଇଥିଲା, ଧର୍ମକୁ ବଳ ପୂର୍ବକ ପ୍ରସାରିତ  କରିବା ପାଇଁ ସେହି ସମସ୍ତ ଯୁଦ୍ଧ କରାଯାଉ ନଥିଲା । ବରଂ ଏହା ଶାସ୍ତି ରୂପେ ଦିଆ ଯାଇଥିଲା ଅର୍ଥାତ୍ ସେହିସବୁ ଯୁଦ୍ଧ ଦ୍ୱାରା ଲୋକମାନଙ୍କୁ ଶାସ୍ତି ଦେବାର ଆଭିମୁଖ୍ୟ ଥିଲା । ଯେଉଁମାନେ ବହୁ ସଂଖ୍ୟକ ମୁସଲମାନମାନଙ୍କୁ ହତ୍ୟା କରିଥିଲେ ତଥା ଅନେକ ଲୋକଙ୍କୁ ନିଜ ମାତୃଭୁମିରୁ ବିତାଡିତ କରି ଦେଇଥିଲେ, ସେମାନଙ୍କ ପ୍ରତି ଯୁଦ୍ଧଖୋର ପ୍ରବୃତ୍ତି ରଖିଥିବା ଶତ୍ରୁମାନେ ଅତ୍ୟନ୍ତ ନିଷ୍ଠୁର ଅତ୍ୟାଚାର କରିଥିଲେ । ଯେପରିକି ଅଲ୍ଲାଃତାଲା କହିଛନ୍ତି :

أُذِنَ لِلَّذِينَ يُقَاتَلُونَ بِأَنَّهُمْ ظُلِمُوا وَإِنَّ اللَّهَ عَلَىٰ نَصْرِهِمْ لَقَدِيرٌ

**‘ଉଜିନା ଲିଲ୍ଲଜିନା ଯୁକାତଲୁନା ବିଅନ୍ନହୁମ୍ ଜୁଲିମୁ ୱ୍ଇନ୍ନଲ୍ଲାହା ଆଲା ନସ୍ରିହିମ୍ ଲକଦିର’** (ହଜ 22:40)

ଅର୍ଥାତ୍ ‘ଯେଉଁ ମୁସଲ୍ମାନଙ୍କ ସହିତ ଅମାନ୍ୟକାରୀମାନେ ବିନା କାରଣରେ ଯୁଦ୍ଧ କରୁଛନ୍ତି, ସେହି ମୁସଲମାନମାନଙ୍କୁ ଅତ୍ୟାଚାର ସହ୍ୟ କରିବା କାରଣରୁ ଯୁଦ୍ଧ କରିବା ପାଇଁ ମଧ୍ୟ ଅନୁମତି ଦିଆଯାଉଛି । ବାସ୍ତବିକ ଅଲ୍ଲାଃ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ସମର୍ଥ ।’ ସୁତରାଂ ସେହି ଯୁଦ୍ଧ ସବୁ ଆତ୍ମରକ୍ଷା ଓ ପ୍ରତିରକ୍ଷା ନିମନ୍ତେ କରାଯାଇଥିଲା । ଅର୍ଥାତ୍ ଯେଉଁ ଲୋକମାନେ ଇସଲାମର ମୂଳୋତ୍ପାଟନ କରିବା ପାଇଁ ଅଗ୍ରସର ହେଉଥିଲେ ଅଥବା ତାଙ୍କ ଦେଶରେ ଇସଲାମର ପ୍ରଚାର ପ୍ରସାରକୁ ବଳପୂର୍ବକ ପ୍ରତିରୋଧ କରୁଥିଲେ, ସେମାନଙ୍କ ଠାରେ ନିଜ ସୁରକ୍ଷା ଅଧିକାର ପ୍ରୟୋଗ କରିବା ପାଇଁ ଅଥବା ଦେଶ ଭିତରେ ନିଜର ସ୍ୱାଧୀନତାକୁ ଅକ୍ଷୁର୍ଣ୍ଣ ରଖିବା ନିମନ୍ତେ ଯୁଦ୍ଧ କରାଯାଉଥିଲା । ଉପରୋକ୍ତ ତିନିଗୋଟି ପରିସ୍ଥିତିକୁ ବାଦ ଦେଲେ ହଜରତ ମୁହମ୍ମଦ[ସଅ] ଓ ତାଙ୍କ ପବିତ୍ର ଖଲିଫାମାନେ କୌଣସି ଯୁଦ୍ଧ କରିନାହାନ୍ତି । ବରଂ ଇସଲାମ ଅନ୍ୟ ଜାତିମାନଙ୍କର ଅତ୍ୟାଚାରକୁ ଏଭଳି ବରଦାସ୍ତ କରିଛି, ଯାହାର ଦୃଷ୍ଟାନ୍ତ ଅନ୍ୟ କୌଣସି ଧର୍ମରେ ମିଳେ ନାହିଁ । ସେପରି ସ୍ଥଳେ ଏହି ଇସା ମସିହ ଓ ମେହଦୀ ସାହେବ କିପରି ହେବେ, ଯିଏ ଆସିବା କ୍ଷଣି ଲୋକମାନଙ୍କୁ ହତ୍ୟା କରିବା ଆରମ୍ଭ କରିଦେବେ । ଏପରିକି କୌଣସି

'ଅହ୍‌ଲେ କିତାବ୍' ଅର୍ଥାତ ଗ୍ରନ୍ଥଧାରୀମାନଙ୍କ ଠାରୁ ଜିଜିୟା ଗ୍ରହଣ କରିବେ ନାହିଁ । କୁରଆନ ପଙ୍‌କ୍ତି **'ହତ୍‌ତା ୟୁତୁଲ୍ ଜିଜିୟତା ଅଇଁୟଦିଉଁ ଓ୍ୱହୁମ୍ ସାଗେରୁନ୍'** (ଅତ ତୌବା:୨୯) ଅର୍ଥାତ୍ 'ସେପର୍ଯ୍ୟନ୍ତ ଯୁଦ୍ଧ କର ଯେପର୍ଯ୍ୟନ୍ତ ସେମାନେ ସ୍ୱେଚ୍ଛାରେ ଜିଜିୟା କର ନଦିଅନ୍ତି ଓ ତୁମମାନଙ୍କର ବଶତା ସ୍ୱୀକାର ନକରିଛନ୍ତି' - ଏହି ଆଦେଶକୁ ମଧ୍ୟ ନିଷିଦ୍ଧ ଘୋଷଣା କରିଦେବେ । ଏମାନେ ଇସଲାମ ଧର୍ମର କିପରି ସମର୍ଥକ ଓ ସହାୟକ ହେବେ ଯେ ସେ ଆସିବା କ୍ଷଣି ହିଁ କୁରଆନର ଉପରୋକ୍ତ ଆୟତଗୁଡିକୁ ରଦ୍ଦ କରିଦେବେ, ଯାହା ହଜରତ ମୁହମ୍ମଦ[ସଅ]ଙ୍କ ସମୟରେ ମଧ୍ୟ ରଦ୍ଦ ହୋଇ ନଥିଲା । ଏତେ ସବୁ ବୈପ୍ଲବିକ ପରିବର୍ତ୍ତନ ହୋଇଗଲେ ମଧ୍ୟ 'ଖତ୍‌ମେ ନବୁଓ୍ୱତ୍' ଅର୍ଥାତ ନବୀମାନଙ୍କ ମୋହର ତଥା ଶ୍ରେଷ୍ଠ ନବୀ ହେବାରେ ତାଙ୍କର କୌଣସି ଅସୁବିଧା ହେବ ନାହିଁ । ଚଳିତ ଯୁଗରେ ଯେବେକି  ହଜରତ ମୁହମ୍ମଦ[ସଅ]ଙ୍କ ଅବତାରତ୍ୱ କାଳ ଠାରୁ ତେରଶହ ବର୍ଷ ବିତିଗଲାଣି ଏବଂ ଇସଲାମ ଆଭ୍ୟନ୍ତରୀଣ ଗୋଷ୍ଠୀ କନ୍ଦଳ ଫଳରେ ୭୩ ଦଳରେ ବିଭାଜିତ ହୋଇ ଗଲାଣି, ସତ୍ୟନିଷ୍ଠ ମସିହଙ୍କର କର୍ତ୍ତବ୍ୟ ଏପରି ହେବା ଉଚିତ ଯେ ସେ ଯୁକ୍ତିଯୁକ୍ତି ପ୍ରମାଣ ଦର୍ଶାଇ ହୃଦୟ ଉପରେ ଜୟଲାଭ କରନ୍ତୁ । ଏହା ନୁହେଁ ଯେ ସେହି ବିଜୟ ତରବାରୀ ଦ୍ୱାରା ହେବ । କ୍ରୁଶବିଦ୍ଧ ଜନିତ ଯୀଶୁଙ୍କ ମୃତ୍ୟୁର ଭୁଲ ସିଦ୍ଧାନ୍ତକୁ ପ୍ରକୃତ ତଥ୍ୟଭିତ୍ତିକ ପ୍ରମାଣ ଦ୍ୱାରା ସେ ଆସି ଭାଙ୍ଗି ଦେବେ । ଏହା ମଧ୍ୟ ନୁହେଁ ଯେ ରୂପା, ସୁନା, ପିତଳ ଓ କାଠରେ ନିର୍ମିତ କ୍ରୁଶକୁ ଭାଙ୍ଗିବାରେ ଲାଗି ପଡିବା ଦ୍ୱିତୀୟ ମସିହଙ୍କ କାର୍ଯ୍ୟ ହେବ । ଯଦି ତୁମେ ବଳ ପ୍ରୟୋଗ କରିବ, ତେବେ ତାହା ଏଥିପାଇଁ ଯଥେଷ୍ଟ ପ୍ରମାଣ ହେବ ଯେ ତୁମ ନିକଟରେ ନିଜ ସତ୍ୟତା ପ୍ରତିପାଦନ କରିବା ସକାଶେ କୌଣସି ତାତ୍ତ୍ୱିକ ପ୍ରମାଣ ନାହିଁ ।*

---

* କେତେକ ନିର୍ବୋଧ ମୋ ଉପରେ ଆରୋପ ଲଗାଉଛନ୍ତି, ଯେପରି ଅଲ ମନାର୍‌ର ମାଲିକ ମଧ୍ୟ ସେଥିରେ ସଂପୃକ୍ତ ଅଛନ୍ତି ଯେ ଏହି ବ୍ୟକ୍ତି ଇଂରେଜ ଶାସିତ ଦେଶରେ ରହୁଅଛି, ସେଥିଯୋଗୁ ଜିହାଦ କରିବା ପାଇଁ ବାରଣ କରୁଛି । ସେହି ଅଜ୍ଞାନୀ ଜାଣନ୍ତି ନାହିଁ ଯେ ଯଦି ମୁଁ ଏହି ସରକାରକୁ ଖୁସି କରାଇବା ପାଇଁ ଚାହୁଥାନ୍ତି, ତେବେ ମୁଁ ବାରମ୍ବାର କାହିଁକି ଏକଥା କହିଥାନ୍ତି ଯେ ମରିୟମ୍ ପୁତ୍ର ଯୀଶୁ କ୍ରୁଶବିଦ୍ଧ ମୃତ୍ୟୁର ଯନ୍ତ୍ରଣାରୁ ମୁକ୍ତି ପାଇ ଶ୍ରୀନଗର କାଶ୍ମୀର ଠାରେ ପ୍ରାକୃତିକ ମୃତ୍ୟୁବରଣ କଲେ । ନା ତ ସେ ଈଶ୍ୱର ଥିଲେ ନା ସେ ଈଶ୍ୱର ପୁତ୍ର ଥିଲେ ।

**ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ....**

ପ୍ରତ୍ୟେକ ମୁର୍ଖ ଓ ଅତ୍ୟାଚାର ପ୍ରବୃତ୍ତିର ଲୋକ ଯେବେ ପ୍ରମାଣ ପ୍ରସ୍ତୁତ କରିବାରେ ଅସମର୍ଥ ହୋଇଥାଏ, ସେତେବେଳେ ସେ ତରବାରୀ ବା ବନ୍ଧୁକ ଆଡକୁ ହାତ ବଢ଼ାଇଥାଏ । କିନ୍ତୁ ଏପରି ଧର୍ମ କେବେହେଲେ ଈଶ୍ୱରଙ୍କ ତରଫରୁ ହୋଇ ନଥାଏ ଯାହା କେବଳ ତରବାରୀ ବଳରେ ବ୍ୟାପିଥାଏ, ଅନ୍ୟ କୌଣସି ଉପାୟରେ ନୁହେଁ । ଯଦି ତୁମେ ଏପରି ଜିହାଦକୁ ପରିତ୍ୟାଗ କରିପାରୁ ନାହଁ ଓ ଏଥିରେ

---

**......ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ**

କଣ ଧାର୍ମିକ କଠୋର ପନ୍ଥୀ ଇଂରେଜମାନେ ମୋର ଏହି ମନ୍ତବ୍ୟ ଦ୍ୱାରା କ୍ରୋଧିତ ହେବେ ନାହିଁ କି ? ତେଣୁ ଶୁଣି ରଖ ହେ ନରାଧମଗଣ ! ମୁଁ ଏହି ସରକାରଙ୍କର କୌଣସି ଖୋସାମଦ କରୁନାହିଁ, ବରଂ ଅସଲ କଥା ହେଉଛି ଯେ ଏପରି ସରକାର ଯିଏ ଇସଲାମ ଧର୍ମ ଓ ଏହାର ପ୍ରଚଳିତ ରୀତିନୀତି ଉପରେ କୌଣସ ହସ୍ତକ୍ଷେପ କରୁନାହିଁ ଏବଂ ନିଜ ଧର୍ମର ପ୍ରସାର ପାଇଁ ଆମ ଉପରେ ତରବାରୀ ଚଳାଉ ନାହାନ୍ତି । ତେଣୁ ପବିତ୍ର କୁରଆନ୍ ଦୃଷ୍ଟିକୋଣରୁ ଧର୍ମଯୁଦ୍ଧ କରିବା ଏକ ନିଷିଦ୍ଧ କର୍ମ । କାରଣ ସେମାନେ ମଧ୍ୟ କୌଣସି ଧର୍ମଯୁଦ୍ଧ କରୁନାହାନ୍ତି । ସେମାନଙ୍କୁ ଆମେ ଧନ୍ୟବାଦ ଦେବା ଏଥିଯୋଗୁଁ ଅନିବାର୍ଯ୍ୟ ଯେ ଆମେ ନିଜର କାର୍ଯ୍ୟଧାରାକୁ ମକ୍କା ଓ ମଦିନାରେ ମଧ୍ୟ କରିପାରି ନଥାନ୍ତୁ । କିନ୍ତୁ ତାଙ୍କ ଦେଶରେ ଈଶ୍ୱରଙ୍କ ଆଡୁ ଏହି ରହସ୍ୟ ପ୍ରକଟ ହେବା ବିଧି ନିର୍ଦ୍ଦିଷ୍ଟ ଥିଲା ଯେ ମୋତେ ଏହି ଦେଶରେ ଈଶ୍ୱର ଜନ୍ମ ଦେଇଛନ୍ତି । ତେଣୁ ମୁଁ କଣ ପରମେଶ୍ୱରଙ୍କ ଏହି ଗୁଢ ଭେଦର ଅପମାନ କରିବି ? ଯେପରିକି ପବିତ୍ର କୁରଆନ୍‌ର ଏହି ପଙ୍‌କ୍ତିରେ କୁହାଯାଇଛି

وَّاٰوَيْنٰهُمَآ اِلٰى رَبْوَةٍ ذَاتِ قَرَارٍ وَّمَعِيْنٍ

**'ୱ ଆୱିଇନାହୁମା ଇଲାରବ୍‌ୱ୍ଵତିନ୍ ଜାତେକରାରିଉଁ ୱମଇନ୍'** (ଅଲ ମୁମିନୁନ୍23:51)ରେ ଅଲ୍ଲାଃତାଲା ଆମକୁ ଏକଥା ବୁଝାଇ ଦେଇଛନ୍ତି ଯେ କ୍ରୁଶ ଘଟଣା ପରେ ଆମ୍ଭେ ଇସା ମସିହଙ୍କୁ ଶୂଳୀର ଯାତନାରୁ ମୁକ୍ତି ଦେଇ ତାଙ୍କୁ ଓ ତାଙ୍କ ମାତାଙ୍କୁ ଏପରି ଏକ ଉଚ୍ଚ ପାହାଡିଆ ଭୁମି ଉପରେ ସ୍ଥାନ ଦେଇଥିଲୁ, ଯାହା ଏକ ଆରାମଦାୟକ ବିଶ୍ରାମ ସ୍ଥଳୀ ଥିଲା ଏବଂ ସେଥିରେ ଝରଣା ପ୍ରବାହିତ ହେଉଥିଲା ଅର୍ଥାତ୍ ସେହି ସ୍ଥାନ କାଶ୍ମୀରର ଶ୍ରୀନଗରକୁ ବୁଝାଉଛି । ତଦନୁରୂପ ଈଶ୍ୱର ମୋତେ ଏହି ସରକାରଙ୍କ ଉଚ୍ଚ ପର୍ବତ ଶିଖରରେ ଅଧିଷ୍ଠିତ କରାଇଛନ୍ତି, ଯେଉଁ ସ୍ଥାନ ପର୍ଯ୍ୟନ୍ତ ବିଭ୍ରାଟକାରୀଙ୍କ ହାତ ପହଞ୍ଚି ପାରିବ ନାହିଁ । ତାହା ବିଶ୍ରାମ ସ୍ଥଳୀ ରୂପେ ଏପରି ପରିଚିତ ହୋଇଛି ଯେ ଯେଉଁ ଦେଶରେ ସତ୍ୟ ପରମ ଜ୍ଞାନର ସୁଶୀତଳ ନିର୍ଝର ବହି ଚାଲିଛି ଏବଂ ଶାନ୍ତି ଭଙ୍ଗକାରୀଙ୍କ ଆକ୍ରମଣରୁ ଏହା ସର୍ବଦା ଶାନ୍ତି ଓ ସୁରକ୍ଷା ବଳୟ ମଧ୍ୟରେ ଅଛି । ତେବେ କଣ ଏହା ଜରୁରୀ ନଥିଲା ଯେ ଆମେ ଏହି ସରକାରଙ୍କ ଉପକାର ପାଇଁ ତାଙ୍କ ଠାରେ କୃତଜ୍ଞତା ଜ୍ଞାପନ କରି ନଥାନ୍ତୁ ?

କ୍ରୋଧାନ୍ୱୀତ ହୋଇ ସତ୍ୟ ଓ ସିଦ୍ଧପୁରୁଷମାନଙ୍କ ନାମକୁ ମଧ୍ୟ ଦଜ୍ଜାଲ୍ ଓ ମୁଲ୍‌ହୀଦ୍ (କପଟାଚାରୀ ଓ ବିଧର୍ମୀ) ବୋଲି ରଖୁଛ, ତେବେ ଆମ୍ଭେ ଏହି ଦୁଇଟି ବାକ୍ୟରେ ଏହି ବକ୍ତବ୍ୟକୁ ଶେଷ କରୁଛୁ । قُلْ يَآيُّهَا الْكٰفِرُوْنَ لَآ اَعْبُدُ مَا تَعْبُدُوْنَ

**'କୁଲ୍ ୟାଅୟୋହଲ୍ କାଆଫିରୁନା ଲା ଆବୁଦୁ ମା ତାବୁଦୁନ୍'**

(ଅଲ କାଫିରୁନ୍ 109:2,3 )

ଅର୍ଥାତ୍ 'ହେ ଅବିଶ୍ୱାକାରୀମାନେ ଶୁଣ ! ଆମ୍ଭେ ତୁମମାନଙ୍କ ପଦ୍ଧତି ଅନୁସାରେ ଉପାସନା କରୁନାହୁଁ !' ଅନ୍ତର୍ଦ୍ୱନ୍ଦ୍ୱ ଓ ବିବାଦପୂର୍ଣ୍ଣ ଯୁଗରେ ତୁମର କାଳ୍ପନିକ ମସିହ ଓ ମନଗଢ଼ା ମେହଦୀ କାହା କାହା ଉପରେ ତରବାରୀ ଚାଳନା କରିବ ? କଣ ସୁନ୍ନୀମାନଙ୍କ ନିକଟରେ ସିହାମାନେ ଏହାର ଯୋଗ୍ୟ ନୁହନ୍ତି ଯେ ସେମାନଙ୍କ ଉପରେ ତରବାରୀ ଉତ୍ତୋଳନ କରାଯିବ ? ଏବଂ ସିହାମାନଙ୍କ ନିକଟରେ ସୁନୀମାନେ କଣ ଏପରି କ୍ଷମତାପନ୍ନ ନୁହଁନ୍ତି ଯେ ସେ ସମସ୍ତଙ୍କୁ ତରବାରୀ ଦ୍ୱାରା ଧ୍ୱଂସ କରିଦେବେ ? ସୁତରାଂ ଯଦି ତୁମମାନଙ୍କ ମଧ୍ୟରେ ଥିବା ଆଭ୍ୟନ୍ତରୀଣ କନ୍ଦଳରେ ଲିପ୍ତ ଗୋଷ୍ଠୀମାନେ ହିଁ ତୁମ ଆସ୍ଥା ଅନୁଯାୟୀ ଶାସ୍ତି ପାଇବାର ଯୋଗ୍ୟ, ତେବେ ତୁମେ କାହା କାହା ସହିତ ଜିହାଦ୍ କରିବ ? କିନ୍ତୁ ମନେରଖ ଯେ ଈଶ୍ୱରଙ୍କୁ ତରବାରୀର ଆବଶ୍ୟକତା ନାହିଁ । ସେ ଧରାପୃଷ୍ଠରେ ନିଜ ଧର୍ମର ପ୍ରସାର ଆକାଶୀୟ ନିଦର୍ଶନ ଦ୍ୱାରା କରିବେ । ତାଙ୍କୁ ଏପରି କରିବାରେ କେହି ହେଲେ ରୋକି ପାରିବେ ନାହିଁ । ମନେରଖ ! ଯୀଶୁ କଦାପି ଆକାଶରୁ ଅବତରଣ କରିବେ ନାହିଁ । କାରଣ ସେ ଏହି କୁରଆନ ପଙ୍କ୍ତି فَلَمَّا تَوَفَّيْتَنِىْ **'ଫଲ୍ଲମା ତୱଫ୍‌ଫୈତେନି'** (ଅଲ ମାଏଦା 5:118) ଅନୁଯାୟୀ ଯେଉଁ କଥାକୁ କୟାମତ୍ ଦିନ ମାନିବେ, ସେଥିରେ ସ୍ପଷ୍ଟ ରୂପେ ଏକଥା ସ୍ୱୀକାର କରିଛନ୍ତି ଯେ ସେ ପୁନର୍ବାର ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରିବେ ନାହିଁ । କୟାମତ୍ ଅବସରରେ ସେ ଈଶ୍ୱରଙ୍କ ସମକ୍ଷରେ ଏକଥା ଓଜିର କରିବେ ଯେ ତତ୍‌କାଳୀନ ଖ୍ରୀଷ୍ଟସମାଜ ପଥଭ୍ରଷ୍ଟ ହେବା ସମ୍ବନ୍ଧରେ ମୋତେ କିଛି ଜଣାନାହିଁ । କିନ୍ତୁ ଯଦି ସେ କୟାମତ୍ ପୂର୍ବରୁ ଏହି ପୃଥିବୀକୁ ଆସି ଥାଆନ୍ତେ, ତେବେ କଣ ସେ ଏପରି ଉତ୍ତର ଦେଇ ଥାଆନ୍ତେ ଯେ ମୋ ପାଖରେ ମୋ ଅନୁଗାମୀଙ୍କ ପଥଭ୍ରଷ୍ଟ ହେବା ସମ୍ବନ୍ଧରେ କୌଣସି ସୂଚନା ନାହିଁ । ସୁତରାଂ ଏହି ପଙ୍କ୍ତିରେ ଯୀଶୁ ସ୍ପଷ୍ଟ ରୂପେ ସ୍ୱୀକାର କରିଛନ୍ତି ଯେ ମୁଁ ପୁନର୍ବାର

ପୃଥିବୀକୁ ଯାଉନାହିଁ । ଯଦି ସେ କୟାମତ୍ ପୂର୍ବରୁ ପୃଥିବୀକୁ ଆସିଥିଲେ ଓ ଏଥର ମଧ୍ୟ ସମ୍ପୂର୍ଣ୍ଣ ଚାଳିଶ ବର୍ଷ ରହିଥିଲେ, ତେବେ ସେ ଈଶ୍ୱରଙ୍କ ସମ୍ମୁଖରେ କିପରି ମିଥ୍ୟା କହିଲେ ଯେ ମୋତେ ଖ୍ରୀଷ୍ଟିୟାନମାନଙ୍କ ସମ୍ବନ୍ଧରେ କିଛି ଜଣାନାହିଁ । ବରଂ ତାଙ୍କୁ ଏକଥା କହିବା ଉଚିତ ଥିଲା ଯେ ମୋ ଦ୍ୱିତୀୟ ଆଗମନ ସମୟରେ ମୁଁ ପ୍ରାୟ ଚାଳିଶ କୋଟି ଖ୍ରୀଷ୍ଟିୟାନଙ୍କୁ ପୃଥିବୀରେ ଦେଖିବାକୁ ପାଇଲି ଏବଂ ମୋତେ ସେମାନଙ୍କ ପଥଭ୍ରଷ୍ଟ ହେବା ବିଷୟ ଖୁବ ଭଲ ରୂପେ ଜଣାଅଛି । ମୁଁ ତ ସେଥିପାଇଁ ପୁରସ୍କାର ପାଇବାର ହକଦାର ଯେ ସେ ସମସ୍ତ ଖ୍ରୀଷ୍ଟିୟମାନଙ୍କୁ ମୁଁ ମୁସଲମାନ କରିସାରିଛି ଏବଂ କ୍ରୁଶ ମତବାଦକୁ ଭଙ୍ଗ କରିଛି । ତେବେ ଏହା କେତେ ବଡ ମିଥ୍ୟା କଥା ହେବ ଯେ ଯୀଶୁ କହିବେ ମୋତେ କିଛି ଜଣାନାହିଁ । ଯେବେ କି ଏହି ଆୟତରୁ ଏହା ସ୍ପଷ୍ଟ ଯେ ସେ ପୃଥିବୀକୁ ଦ୍ୱିତୀୟ ଥର ସଶରୀରେ ଆସିବେ ନାହିଁ ବୋଲି ସ୍ୱୀକାର କରିଛନ୍ତି । ସୁତରଂ ଏହା ହିଁ ଧ୍ରୁବ ସତ୍ୟ ଯେ ଯୀଶୁ ମସିହ ସ୍ୱାଭାବିକ ରୂପେ ମୃତ୍ୟୁ ବରଣ କରିଛନ୍ତି ଏବଂ ଶ୍ରୀନଗର ମହଲା ଖାନିଆର୍ ଠାରେ ତାଙ୍କର କବର ରହିଛି । ଏବେ ସ୍ୱୟଂ ପରମେଶ୍ୱର ବିରାଜମାନ ହୋଇ ସେମାନଙ୍କ ସହିତ ଯୁଦ୍ଧ କରିବେ, ଯେଉଁମାନେ ସତ୍ୟରକ୍ଷା ପାଇଁ ଲଢୁଛନ୍ତି । ଈଶ୍ୱରଙ୍କର ଲଢ଼ିବା ଆପତ୍ତିଜନକ ନୁହେଁ । କାରଣ ତାହା ନିଦର୍ଶନ ସ୍ୱରୂପ ହେବ । କିନ୍ତୁ ମନୁଷ୍ୟର ଲଢ଼ିବା ନିଶ୍ଚୟ ଆପତ୍ତି ଜନକ ବିଷୟ । କାରଣ ତାହା ବଳପୂର୍ବକ ଅନ୍ୟ ପ୍ରତି ଚାପ ସୃଷ୍ଟି କରିବା ପାଇଁ ହୋଇଥାଏ ।

# ପ୍ରଥମ ସଂସ୍କରଣ ପୃଷ୍ଠା ୬୯ ସଂଲଗ୍ନକ ପାଦଟୀକା

**ଦକ୍ଷିଣ ଇଟାଲିର** ପ୍ରସିଦ୍ଧ ଖବରକାଗଜ **'କ୍ୟାରିୟର୍ ଡିଲାସିରା'** ନିମ୍ନଲିଖିତ ଅଜବ ଖବରକୁ ପ୍ରକାଶ କରିଛି :

"୧୩ ଜୁଲାଇ ୧୮୭୯ ମସିହାରେ ଜେରୁଜେଲମ୍‌ର କୋରମରା ନାମକ ଜଣେ ବୃଦ୍ଧ ଖ୍ରୀଷ୍ଟପାଦ୍ରୀ ଜଣେ ଈଶ୍ୱର ଭକ୍ତ ରୂପେ ପ୍ରସିଦ୍ଧି ଲାଭ କରିଥିଲେ, ତାଙ୍କ ଅନ୍ତେ ତାଙ୍କର କିଛି ସମ୍ପତ୍ତି ରହିଯାଇଥିଲା । ସେଠାକାର ଗଭର୍ଣ୍ଣର ତାଙ୍କ

ନିକଟ ସମ୍ପର୍କୀୟଙ୍କୁ ଖୋଜି ସେହି ବାବଦରେ ସେମାନଙ୍କୁ ଦୁଇ ଲକ୍ଷ ଫ୍ରାଙ୍କ୍ (ଏକ ଲକ୍ଷ ଅଠର ହଜାର ନଅଶହ ପଞ୍ଚସ୍ତରୀ) ଟଙ୍କା ଦେଲେ । ଯେଉଁ ଗୁମ୍ଫା ଭିତରେ ସେ ରହୁଥିଲେ, ସେଠାରେ ବିଭିନ୍ନ ଦେଶର ମୁଦ୍ରା ମିଳିଥିଲା । ଟଙ୍କା ସହିତ କିଛି ନଥିପତ୍ର ମଧ୍ୟ ତାଙ୍କ ବନ୍ଧୁବାନ୍ଧବମାନଙ୍କୁ ମିଳିଲା ଯାହାକୁ ସେମାନେ ପଢ଼ିପାରୁ ନଥିଲେ । ଇବ୍ରାନି ଭାଷା ଜାଣିଥିବା କିଛି ବିଦ୍ୱାନକୁ ସେହି ନଥିପତ୍ରଗୁଡ଼ିକ ଦେଖିବାର ସୁଯୋଗ ମିଳିଲା । ସେଥି ମଧ୍ୟରେ ଆଶ୍ଚର୍ଯ୍ୟଜନକ ଭାବେ ବହୁ ପ୍ରାଚୀନ ପୋଥି ରହିଥିବାର ଜଣାପଡିଲା । ଯେତେବେଳେ ସେସବୁକୁ ପଢ଼ାଗଲା, ସେଥି ମଧ୍ୟରେ ନିମ୍ନଲିଖିତ ବାକ୍ୟର ଲିପି ଉଲ୍ଲେଖ ରହିଥିଲା ।

'ପିତର କୈବର୍ତ୍ତ ମରିୟମ୍ ପୁତ୍ର ଯିଶୁଙ୍କ ସେବକ ଏହିପରି ଲୋକମାନଙ୍କୁ ଈଶ୍ୱରଙ୍କ ନାମରେ ଏବଂ ତାଙ୍କ ଇଚ୍ଛା ଅନୁଯାୟୀ ପ୍ରବଚନ କରୁଅଛି' । ସେହି ଚିଠିଟି ଏହିପରି ଶେଷ ହୋଇଛି ।


'ମୁଁ ପିତର କୈବର୍ତ୍ତ ଯିଶୁଙ୍କ ନାମରେ ଏବଂ ନିଜର ନବେ ବର୍ଷ ବୟସରେ ମୋର ପ୍ରିୟ ମୁନୀବ ଓ ବନ୍ଧୁ ମରିୟମ ପୁତ୍ର ଯୀଶୁଙ୍କ ମୃତ୍ୟୁର ତିନିବର୍ଷ ପରେ ଈଶ୍ୱରଙ୍କ ପବିତ୍ର ଗୃହ ନିକଟରେ ଓ ବୋଲିର ନାମକ ସ୍ଥାନରେ ଏହି ପ୍ରେମପୂର୍ଣ୍ଣ ଚିଠି ଲେଖିବାକୁ ନିଷ୍ପତ୍ତି କରିଛି' ।

ଭାଷା ବିଶାରଦମାନେ ଏଥିରୁ ଏହି ନିଷ୍କର୍ସ ବାହାର କରିଛନ୍ତି ଯେ ସେହି ଲେଖାଟି ପିତରଙ୍କ ସମୟରୁ ଚାଲି ଆସିଛି । ଲଣ୍ଡନ ବାଇବେଲ ସୋସାଇଟିର ମଧ୍ୟ ଅନୁରୂପ ମତ ରହିଛି । ସେଗୁଡ଼ିକୁ ଭଲ ରୂପେ ପରୀକ୍ଷା ନିରୀକ୍ଷା କରିବା ପରେ ବାଇବେଲ ସୋସାଇଟି ଏବେ ଚିଠିର ପ୍ରତିବଦଳରେ ଚାରି ଲକ୍ଷ ଲୀରା ଇଟାଲୀୟ ମୁଦ୍ରା ଯାହା ଦୁଇଲକ୍ଷ ସଇଁତିରିଶି ହଜାର ପାଞ୍ଚଶହ ଟଙ୍କା ହେବ, ଚିଠିର ମାଲିକକୁ ଦେଇ ସେହି ନଥିପତ୍ର ନେବାକୁ ଚାହୁଁଛି ।

ମରିୟମ୍ ପୁତ୍ର ଯୀଶୁଙ୍କ ପ୍ରାର୍ଥନା ଯେ 'ସେହି ଦୁଇଜଣଙ୍କ ଉପରେ ଆଶୀଷ ଅବତୀର୍ଣ୍ଣ ହେଉ' କହିଲେ: 'ହେ ମୋର ଈଶ୍ୱର ! ମୁଁ ଏପରି ଯୋଗ୍ୟ ନୁହେଁ ଯେ ଯାହାକୁ ମୁଁ ମନ୍ଦ ବୋଲି ଭାବୁଛି, ତା'ଉପରେ ମୁଁ ବିଜୟ ପ୍ରାପ୍ତ କରି ପାରିବି । ମୁଁ ସେହି ପୁଣ୍ୟ ହାସଲ କରିପାରିଛି, ଯାହାକୁ ପାଇବାର କାମନା କରିଥିଲି । କିନ୍ତୁ ଅନ୍ୟ

ଲୋକମାନେ ନିଜର ପ୍ରାପ୍ୟକୁ ନିଜ ହାତରେ ଧରି ରଖି ପାରୁଛନ୍ତି, ଅଥଚ ମୁଁ ତାହା ପାଇନାହିଁ । ମୋ ବଡପଣିଆ ମୋ କର୍ମରୁ ପ୍ରମାଣିତ ହେଉଛି । ମୋଠାରୁ ଅଧିକ ଖରାପ ପରିସ୍ଥିତିରେ ଆଉ କେହି ନାହାନ୍ତି । ହେ ସର୍ବୋଚ୍ଚ ଆସନରେ ବିରାଜିତ ଈଶ୍ୱର ! ମୋ ପାପକୁ କ୍ଷମା କର । ହେ ଈଶ୍ୱର ! ମୋ ପ୍ରତି ଏପରି ବ୍ୟବହାର କରନାହିଁ, ଯଦ୍ୱାରା ମୁଁ ଶତ୍ରୁମାନଙ୍କ ନିକଟରେ ଅପରାଧିକ ଅଭିଯୋଗର କାରଣ ହୋଇଯିବି । ମୋତେ ମୋ ସାଙ୍ଗସାଥିମାନଙ୍କ ଦୃଷ୍ଟିରେ ହୀନ କରିଦିଅ ନାହିଁ । ଏପରି ନହେଉ ଯେ ମୋ ଧର୍ମପରାୟଣତା ମୋତେ ଦୁଃଖର ପରୀକ୍ଷାରେ ପକାଇଦେବ । ହେ ପ୍ରଭୁ ! ଏପରି ମଧ୍ୟ କର ନାହିଁ  ଯେ ଏ ସଂସାର ମୋ ପାଇଁ ବଡ ଆନନ୍ଦର ସ୍ଥାନ ହୋଇଯିବ କିମ୍ବା ଏହା ହିଁ ମୋର ବଡ ଲକ୍ଷ୍ୟ ହେବ । ଏପରି ବ୍ୟକ୍ତିକୁ ମୋ ଉପରେ ନିଯୁକ୍ତ କର ନାହିଁ ଯିଏ ମୋ ପ୍ରତି ଦୟାଭାବ ପ୍ରକଟ କରୁ ନଥିବ । ହେ ଦୟାବନ୍ତ ଈଶ୍ୱର ! ନିଜ କରୁଣା ସକାଶେ ଏହା ହିଁ କର ଓ ମୋ ପ୍ରାର୍ଥନାକୁ ଗ୍ରହଣ କର । ତୁମେ ସେ ସମସ୍ତଙ୍କ ପ୍ରତି ଦୟା କରୁଛ, ଯେଉଁମାନେ ତୁମ ଦୟାର ପାତ୍ର ।'

# ପ୍ରଥମ ସଂସ୍କରଣ ପୃଷ୍ଠା ୬୯ ସଂଲଗ୍ନକ ପାଦଟୀକା



شهد شاهد من بني اسرائيل

(ایک اسرائیلی عالم توریت کی شہادت دربارہ قبر مسیح)

میں شہادت دیتا ہوں کہ میں نے دیکھا ایک نقشہ پاس مرزا غلام احمد

صاحب قادیانی اور تحقیق وہ صحیح ہے قبر نبی اسرائیل کی قبروں میں سے

اور وہ ہے نبی اسرائیل کے اکابر کی قبروں میں سے

میں نے دیکھا یہ نقشہ آج کے دن جب لکھی

میں نے یہ شہادت بماہ انگریزی جون ۱۲ ۱۸۹۹ء

سلمان یوسف اسحاق تاجر

سلمان یہودی نے میرے رو برو

یہ شہادت لکھی ۔ مفتی محمد صادق بھیروی

کلرک دفتر اکونٹنٹ جنرل لاہور

اشهد بالله ان هذا الكتاب كتبه سلمان ابن يوسف وانه رجل من اكابر بني اسرائيل.

دستخط: سید عبد اللہ بغدادی

# ନଥି ପ୍ରମାଣପତ୍ର

## (ଯୀଶୁ ମସିହଙ୍କ କବର ସମ୍ବନ୍ଧରେ ତୋରାହ ଗ୍ରନ୍ଥର ଜଣେ ବିଦ୍ୱାନଙ୍କ ସାକ୍ଷ୍ୟ)

ବାଇବେଲର ପୁରାତନ ନିୟମ ତୋରାହ ଗ୍ରନ୍ଥର ଜଣେ ଇସ୍ରାଇଲୀୟ ମହାଜ୍ଞାନୀ କାଶ୍ମୀର ଶ୍ରୀନଗରର ଖାନିୟାର ଗଳିରେ ଥିବା ଯୀଶୁଖ୍ରୀଷ୍ଟଙ୍କ କବର ପରିଦର୍ଶନ କରିବା ପରେ ହିବ୍ରୁ ଭାଷାରେ ଲିଖିତ ସେ ନିଜର ଯେଉଁ ମତବ୍ୟକ୍ତ କରିଥିଲେ, ତାହାର ଏକ ଫଟୋଚିତ୍ର ଏଥିସହିତ ସଂଲଗ୍ନ କରାଗଲା । ସେହି ନଥି ପ୍ରମାଣ ପତ୍ରର ସାରାଂଶ ଏହିପରି :

'ମୁଁ ସାକ୍ଷ୍ୟ ଦେଉଅଛି ଯେ ମୁଁ ଦେଖିଥିବା ଯେଉଁ ନକ୍ସା ମିର୍ଜା ଗୁଲାମ ଅହମଦ ଘୋଷଣା କରି ନିଜର ଗବେଷଣା ପ୍ରସ୍ତୁତ କରିଛନ୍ତି, ତାହା ସତ୍ୟ । ମୁଁ ଏହା ସ୍ୱୀକାର କରୁଛି ଯେ ସେ ଯେଉଁ କବର ସମ୍ବନ୍ଧରେ ଏଠାରେ ଦର୍ଶାଇଛନ୍ତି, ତାହା ଇସ୍ରାଇଲ ଜାତିରେ ପ୍ରଚଳିତ ଢାଞ୍ଚା ଅନୁସାରେ ନିର୍ମିତ ହୋଇଛି ।

ଆଜିର ଦିନ ମୁଁ ଏହାର ପ୍ରମାଣ ଦେଉଛି ଯେ ଏହି ଇଂରାଜୀ ଜୁନ ୧୮୯୯ ରେ ସଲମାନ ୟୁସୁଫ ନାମକ ଜଣେ ଇହୁଦୀ ବ୍ୟବସାୟୀଙ୍କ ଠାରୁ ଏହି ପ୍ରମାଣ ପତ୍ରଟି ପ୍ରାପ୍ତ ହୋଇଛି । ହିବ୍ରୁ ଭାଷାରେ ଥିବା ଏହି ଲେଖାଟିକୁ ସଲମାନ ଇହୁଦୀଙ୍କ ଦ୍ୱାରା ମହାଲେଖା ଅଧିକାରୀ (ଆକାଉଣ୍ଟାଣ୍ଟ ଜେନେରାଲ), ଲାହୋରଙ୍କ କାର୍ଯ୍ୟାଳୟର କିରାଣୀ ମୁଫତି ମୁହମ୍ମଦ ସାଦିକଙ୍କ ସମ୍ମୁଖରେ ଲିଖିତ ଭାବରେ ଉପସ୍ଥାପନ କରୁଛି ।

**ସାକ୍ଷୀଙ୍କ ସ୍ୱାକ୍ଷର**
**(ସଲମାନ ଇବ୍ନ ୟୁସୁଫ ଇହୁଦୀ)**

**ଦସ୍ତଖତ**
**(ସୟଦ ଅବ୍ଦୁଲ୍ଲା ବଗଦାଦି)**

ଭାଗ୍ୟର ବିଡମ୍ବନା ହୋଇଥିବା **ସେହି ମୌଲବୀମାନଙ୍କୁ ଧିକ !** ଯଦି ସେମାନଙ୍କ ମଧ୍ୟରେ ସାଧୁତାର ଭାବ ଥାଆନ୍ତା, ତେବେ ସେମାନେ ସଂଯମ ପଥରେ ଯାଇ ପ୍ରତ୍ୟେକ ପ୍ରକାର ଆତ୍ମସନ୍ତୋଷ ଲାଭ କରନ୍ତେ । ଈଶ୍ୱର ତ ପୁଣ୍ୟାତ୍ମାମାନଙ୍କ ପ୍ରତି ପ୍ରସନ୍ନ ହୋଇଗଲେ । କିନ୍ତୁ ଯେଉଁମାନେ ଅବୁଜହଲ୍‌ର ମାଟିରୁ ସୃଷ୍ଟି ହୋଇଛନ୍ତି, ସେମାନେ ସେହି ପଥ ବାଛିଛନ୍ତି ଯାହା ଅବୁଜହଲ୍ ବାଛିଥିଲା । ଜଣେ ମୌଲବୀ ସାହେବ୍ **ମିରଟ**ରୁ ମୋ ନିକଟକୁ ରେଜିଷ୍ଟ୍ରି ପତ୍ର ଲେଖି ଜଣାଇଛନ୍ତି ଯେ ଅମୃତ ସହରରେ ନଦଓ୍ୱତୁଲ୍ ଓ୍ୱଲେମାଙ୍କର ସମ୍ମିଳନୀ ହେଉଛି । ସେଠାରେ ଯୋଗ ଦେଇ ପରସ୍ପର ଆଳାପ ଆଲୋଚନାରେ ଭାଗ ନେବା ଉଚିତ । କିନ୍ତୁ ଏହା ସ୍ପଷ୍ଟ ହେବା ଆବଶ୍ୟକ ଯେ ଯଦି ସେହି ବିରୋଧିମାନଙ୍କ ମନୋବୃତ୍ତି ସ୍ୱଚ୍ଛ ହୋଇଥାନ୍ତା ଓ କିଏ ଜିତିବ କିଏ ହାରିବ ସେହି ଚିନ୍ତାଧାରା ନଥାନ୍ତା, ତେବେ ସେମାନେ ସତ୍ୟର ପ୍ରମାଣ ଖୋଜିବାରେ ନିଜର ହୃଦବୋଧ କରାଇବା ପାଇଁ ମୋତେ ନଦଓ୍ୱା ଡାକିବାର କଣ ଆବଶ୍ୟକତା ଥିଲା । ଆମେ ନଦଓ୍ୱାର ବିଦ୍ୱାନଙ୍କୁ ଅମୃତସହରର ବିଦ୍ୱାନଙ୍କ ଠାରୁ ଭିନ୍ନ ମନେ କରୁନାହୁଁ । ଆମର ଏକ ପ୍ରକାର ଆସ୍ଥା, ଗୋଟିଏ ଜାତି ଓ ଗୋଟିଏ ହିଁ ଗୁଣ । ପ୍ରତ୍ୟେକ ବ୍ୟକ୍ତିର ଏହା ଅଧିକାର ଅଛି ଯେ ସେ **କାଦିୟାନ** ଆସନ୍ତୁ । କିନ୍ତୁ ତର୍କ କରିବା ପାଇଁ ନୁହେଁ, ବରଂ କେବଳ ସତ୍ୟର ଅନ୍ୱେଷଣରେ । ଆମ ବକ୍ତବ୍ୟ ଶୁଣନ୍ତୁ, ଯଦି ସନ୍ଦେହ ରହେ ତେବେ ଶାଳୀନତା ଓ ଶିଷ୍ଟାଚାରର ନୀତି ଆପଣାଇ ନିଜ ସନ୍ଦେହକୁ ଦୂରିଭୁତ କରନ୍ତୁ । ସେ ଯେତେ ଦିନ ପର୍ଯ୍ୟନ୍ତ କାଦିୟାନରେ ଅବସ୍ଥାନ କରିବେ, ଆମ **ଅତିଥି** ହୋଇ ରହିବେ । ଆମକୁ ନଦଓ୍ୱା ଆଦି ସ୍ଥାନକୁ ଯିବାର ଆବଶ୍ୟକତା ନାହିଁ ନା ସେମାନଙ୍କୁ ଆଡ ଆଖିରେ ଦେଖିବାର ଆମର ଆଗ୍ରହ ଅଛି । ଏହି ସମସ୍ତ ଲୋକ ସତ୍ୟର ଶତ୍ରୁ । ଏହା ସତ୍ତ୍ୱେ ମଧ୍ୟ ସଂସାରରେ ସତ୍ୟର ପ୍ରସାର ହୋଇ ଚାଲିଛି । ଏହା କଣ ଈଶ୍ୱରଙ୍କର ସର୍ବଶ୍ରେଷ୍ଠ ଚମତ୍କାରୀତା ନୁହେଁ ଯେ ସେ ଆଜିଠାରୁ କୋଡିଏ ବର୍ଷ ପୂର୍ବରୁ 'ବରାହିନେ ଅହମଦୀୟା' ପୁସ୍ତକରେ ନିଜ ଐଶ୍ୱରୀକ ବାଣୀ ଦ୍ୱାରା ଏହା ସ୍ପଷ୍ଟ କରି ଦେଇଥିଲେ ଯେ ଲୋକମାନେ ତୁମର ବିଫଳତା ସକାଶେ ପ୍ରାଣପଣେ ଚେଷ୍ଟା କରିବେ । କିନ୍ତୁ ଶେଷରେ ମୁଁ ତୁମକୁ ଏକ ବିଶାଳ ସମ୍ପ୍ରଦାୟରେ ପରିଣତ କରିଦେବି । ଏହା ହେଉଛି ସେହି ସମୟର ଭବିଷ୍ୟତ ବାଣୀ, ଯେତେବେଳେ ମୋ ସହିତ ଜଣେ ଲୋକ ବି

ନଥିଲା । ପୁଣି ମୋର ଦାବୀ ପ୍ରକାଶିତ ହେବା ପରେ ବିରୋଧୀମାନେ ପ୍ରାଣମୂର୍ଚ୍ଛା ବଳ ଲଗାଇଲେ । ଶେଷରେ ସେହି ଭବିଷ୍ୟତ ବାଣୀ ଅନୁଯାୟୀ ଏହି ସମ୍ପ୍ରଦାୟ ସର୍ବତ୍ର ବ୍ୟାପିଗଲା । ଆଜିର ଦିନରେ ବ୍ରିଟିଶ ଇଣ୍ଡିଆରେ ଏହି ଜମାଅତର ଅନୁଗାମୀଙ୍କ ସଂଖ୍ୟା ଏକ ଲକ୍ଷରୁ ଅଧିକ ହୋଇଗଲାଣି । ନଦଓ୍ୱତୁଲ୍ ଓ୍ୱଲେମାଙ୍କୁ ଯଦି ନିଜ ମରଣ କଥା ମନେ ଅଛି, ତେବେ ବରାହିନେ ଅହମଦୀୟା ଓ ସରକାରୀ ନଥିପତ୍ରକୁ ଦେଖି କୁହନ୍ତୁ ଯେ କଣ ଏହା ଚମତ୍କାର ନିଦର୍ଶନ କି ନୁହେଁ । ପୁଣି ଯେବେ କି ପବିତ୍ର କୁରଆନ ଓ ଆଲୌକିକ ନିଦର୍ଶନ ଉଭୟଙ୍କୁ ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପନ କରାଗଲା, ତା'ହେଲେ ଏପରି ବିବାଦ ଓ ବିତର୍କର ଝଡ କାହିଁକି ସୃଷ୍ଟି ହୋଇଛି ?

ସେହିପରି ଏହି ଦେଶର ପୀଠାସୀନ ପୀରବାବାମାନେ ଧର୍ମଛଡା ହୋଇ ନିଜ ମନଗଢା ରୀତିନୀତି ଓ ଅପସଂସ୍କୃତି ଭିତରେ ଦିନରାତି ଏପରି ବୁଡି ରହିଛନ୍ତି ଯେ ସେମାନଙ୍କୁ ଇସଲାମର ଦୁର୍ଦ୍ଦଶା ଓ କଠିନ ପରିସ୍ଥିତି ସମ୍ବନ୍ଧରେ କିଛିହେଲେ ବି ଖବର ଜଣା ନାହିଁ । ସେମାନଙ୍କର ସଭାକୁ ଯଦି ଯିବ, ତେବେ ସେଠାରେ ପବିତ୍ର କୁରଆନ ଓ ହଦିସ ପୁସ୍ତକ ପରିବର୍ତ୍ତେ ନାନା ପ୍ରକାର ବାଦ୍ୟଯନ୍ତ୍ର ଯେପରି କି ବୀଣା, ସାରଙ୍ଗୀ, ଢୋଲକ, ତବଲା ଓ କଓ୍ୱାଲ୍ ଇତ୍ୟାଦି ଦୃଷ୍ଟିଗୋଚର ହେବ । ବିଡମ୍ବନା ହେଉଛି ଯେ ହଜରତ ମୁହମ୍ମଦ[ସଅ] ଇସଲାମର ପ୍ରାଣ ପ୍ରତିଷ୍ଠାତା ହୋଇଥିବାର ମୁସଲମାନମାନେ ଦାବି କରୁଥିଲେ ସୁଦ୍ଧା ତାଙ୍କର ଅନୁସରଣ ପନ୍ଥାକୁ ଥଟ୍ଟା ପରିହାସରେ ଉଡାଇ ଦିଅନ୍ତି । କତିପୟ ବ୍ୟକ୍ତି ସ୍ତ୍ରୀଲୋକଙ୍କ ପୋଷାକ ପିନ୍ଧନ୍ତି, ହାତରେ ମେହେନ୍ଦୀ ଲଗାନ୍ତି ଓ ପୁଣି ଚୁଡି ପିନ୍ଧି ନାଚୁଥିବାର ଦେଖିବେ । ସେମାନେ ନିଜ ସଭାରେ ପବିତ୍ର କୁରଆନ ସଂକ୍ରାନ୍ତରେ କବିତା ପାଠ କରିବାକୁ ପସନ୍ଦ କରନ୍ତି । ଏହା ଏପରି ପୁରୁଣାକାଳିଆ କୁତ୍ସିତ ପ୍ରଥା, ଯାହା ଦୂରୀଭୁତ ହେବାର କଳ୍ପନା କରିବା ମଧ୍ୟ କଷ୍ଟକର । ତଥାପି ଈଶ୍ୱର ନିଜ ଶକ୍ତି ପ୍ରଦର୍ଶନ କରିବେ ଓ ଇସଲାମର ଦୃଢ ସହାୟକ ହେବେ ।

# ମହିଳାମାନଙ୍କୁ କେତେକ ଉପଦେଶ

ଆମର ଏହି ଯୁଗରେ ଏପରି କେତେକ ବିଶେଷ କୁରୀତି ରହିଛି, ଯେଉଁଥିରେ **ମହିଳାମାନେ** ସଂଶ୍ଳିଷ୍ଟ ଅଛନ୍ତି । ସେମାନେ **ଏକାଧିକ ପତ୍ନୀ** ଗ୍ରହଣକୁ ଅତ୍ୟନ୍ତ ଘୃଣା ଚକ୍ଷୁରେ ଦେଖୁଛନ୍ତି । ଏହି ବହୁ ବିବାହ ବ୍ୟବସ୍ଥା ଉପରେ ସେମାନେ ବିଶ୍ୱାସ କରନ୍ତି ନାହିଁ । ସେମାନଙ୍କୁ ଜଣାନାହିଁ ଯେ ଈଶ୍ୱରଙ୍କ ଧର୍ମବିଧାନ ସବୁ ପ୍ରକାରର ସାମାଜିକ ନିରାକରଣ ବ୍ୟବସ୍ଥା ନିଜ ଭିତରେ ରଖିଛି । ତେଣୁ ଯଦି ଇସଲାମରେ ଏକାଧିକ ବିବାହ ବ୍ୟବସ୍ଥା ନଥାଆନ୍ତା ଏବଂ ଯେବେ ପୁରୁଷଙ୍କ ପାଇଁ କୌଣସି କାରଣରୁ ଦ୍ୱିତୀୟ ବିବାହ କରିବାର ଆବଶ୍ୟକ ପଡ଼େ, ତେବେ ତାର ପ୍ରତିକାର ବିଧି ବ୍ୟବସ୍ଥା ଶରୀୟତରେ ମିଳି ନଥାନ୍ତା । ଉଦାହରଣ ସ୍ୱରୂପ ଯଦି ପତ୍ନୀ ପାଗଳ ହୋଇଯାଏ କିମ୍ବା କୁଷ୍ଠ ରୋଗରେ ପୀଡିତ ହୁଏ ଅଥବା ସବୁବେଳ ପାଇଁ କୌଣସି ଏପରି ଦୁଃସାଧ ରୋଗରେ ଆକ୍ରାନ୍ତ ହୁଏ, ଯଦ୍ୱାରା ସେ ସମ୍ପୂର୍ଣ୍ଣ ବେକାର ହୋଇଯାଏ । ଅଥବା ଅନ୍ୟ କୌଣସି ଏପରି ସମସ୍ୟା ସୃଷ୍ଟି ହୋଇଯାଏ, ଯଦ୍ୱାରା ସ୍ତ୍ରୀ କେବଳ ଦୟାର ପାତ୍ର ହୋଇ ରହିଯାଏ । ସେହିପରି ପୁରୁଷ ମଧ ଏଥିଯୋଗୁଁ ସହାନୁଭୁତିର ପାତ୍ର ହୋଇଯିବ ଯେ ବିନା ବିବାହରେ ରହିବା ଓ ଏକାକୀ ଜୀବନ ଯାପନ ବିତାଇବା ତା'ପକ୍ଷେ କଷ୍ଟକର ହୋଇଯିବ । ଏହି ପରିସ୍ଥିତିରେ ତାକୁ ଯଦି ଦ୍ୱିତୀୟ ବିବାହ ପାଇଁ ଅନୁମତି ଦିଆ ନଯିବ, ତେବେ ତାର ପୌରୁଷ ଶକ୍ତି ପ୍ରତି ଏହା ଅତ୍ୟାଚାର ହେବ । ବାସ୍ତବରେ ଐଶ୍ୱରୀକ ବିଧାନ ବା ଶରୀୟତ ଏହିସବୁ ବିଷୟକୁ ଉପଲବ୍ଧି କରି ପୁରୁଷମାନଙ୍କ ପାଇଁ ଏହି ମାର୍ଗ ଉନ୍ମୁକ୍ତ କରିଛି । ସେହିପରି ମହିଳାମାନେ ଯଦି କୌଣସି ଅସୁବିଧାର ସମ୍ମୁଖୀନ ହେବେ ଯେପରିକି ପୁରୁଷ ଯଦି ତା'ସହିତ ଶାରୀରିକ ସମ୍ପର୍କ ରଖିବାକୁ ଅସମର୍ଥ ହୁଏ, ତେବେ ପତ୍ନୀ ନ୍ୟାୟାଧିକାରୀଙ୍କ ମାଧମରେ 'ଖୁଲା' ଦେଇପାରିବେ ଯାହା ପୁରୁଷ ଦ୍ୱାରା ଛାଡପତ୍ର 'ତଲାକ୍'ସହିତ ସମାନ । ଶରୀୟତ ବା ଐଶ୍ୱରୀକ ବିଧାନ ଔଷଧ ବିକ୍ରୟକାରୀ ଦୋକାନ ସଦୃଶ । ସୁତରାଂ ଯଦି ଦୋକାନରେ  ପ୍ରତ୍ୟେକ ପ୍ରକାରର ରୋଗ ପାଇଁ ଔଷଧ ମିଳେ ନାହିଁ ତେବେ ସେହି ଦୋକାନ ତିଷ୍ଠି ପାରିବ ନାହିଁ । ତେଣୁ ଚିନ୍ତା କର ଯେ କଣ ଏହା ସତ୍ୟ ନୁହେଁ, ପୁରୁଷମାନଙ୍କ ପାଇଁ ଏପରି ସମସ୍ୟା ଆସିଯାଉଛି,

ଯଦ୍ୱାରା ସେ ଦ୍ୱିତୀୟ ବିବାହ କରିବା ପାଇଁ ବିବଶ ହୋଇ ଯାଉଛି । ଏପରି ଶରୀୟତ ଥାଇ କି ଲାଭ ଯାହା ମଧ୍ୟରେ ସବୁ ସମସ୍ୟାର ସମାଧାନ ନାହିଁ । ଦେଖନ୍ତୁ, ବାଇବେଲରେ **ତଲାକ** ପାଇଁ କେବଳ ଜନାଃ (ବ୍ୟଭିଚାର ତଥା ବଳାତ୍କାର)ର ସର୍ତ୍ତ ରଖା ଯାଇଥିଲା । ଅନ୍ୟାନ୍ୟ ଶହ ଶହ ପ୍ରକାରର କାରଣ ରହିଛି ଯାହା ସ୍ତ୍ରୀ ଓ ପୁରୁଷଙ୍କ ମଧ୍ୟରେ ଚରମ ଶତ୍ରୁତା ଉତ୍ପନ୍ନ କରିଦିଏ । କିନ୍ତୁ ସେଥିରେ ତାର କୌଣସି ଉଲ୍ଲେଖ ନଥିଲା । ସେଥିଯୋଗୁଁ ଖ୍ରୀଷ୍ଟ ଜାତି ଏହି ତ୍ରୁଟିକୁ ଏଡାଇ ପାରିଲେ ନାହିଁ ଓ ଏହି ଦୋଷକୁ ସହ୍ୟ କରିପାରିଲେ ନାହିଁ। ପରିଶେଷରେ ଆମେରିକାରେ ଗୋଟିଏ ବିବାହ ବିଚ୍ଛେଦ ଆଇନ ପ୍ରଣୟନ କରିବାକୁ ପଡିଲା । ତେଣୁ ଏବେ ଚିନ୍ତା କରନ୍ତୁ ଯେ ଏହି ଆଇନ ଲାଗୁ ହେବାଯୋଗୁ ବାଇବେଲ କୁଆଡେ ଗଲା ? ହେ ନାରୀମାନେ ! ତୁମେ ଏଥି ପାଇଁ ଚିନ୍ତା କରନାହିଁ । କାରଣ ତୁମକୁ ଯେଉଁ ପୁସ୍ତକ ମିଳିଛି ତାହା ବାଇବେଲ ପରି ନୁହଁ । ଯେଉଁଥିରେ ମନୁଷ୍ୟକୁ ହସ୍ତକ୍ଷେପ କରିବାଗୁକ ପଡୁଛି ଓ ମନୁଷ୍ୟ ପକ୍ଷରୁ ସେଥିରେ ଯୋଡିବାର ଆବଶ୍ୟକତା ପଡୁନାହିଁ । ବରଂ ସେହି ପୁସ୍ତକରେ ଯେପରି ପୁରୁଷମାନଙ୍କର ଅଧିକାରକୁ ସୁରକ୍ଷିତ ରଖାଯାଇଛି, ସେହିପରି ମହିଳାମାନଙ୍କ ଅଧିକାରକୁ ମଧ୍ୟ ସୁରକ୍ଷିତ ରଖାଯାଇଛି । ଯଦି ନାରୀମାନେ ପୁରୁଷଙ୍କ ଦ୍ୱାରା ଏକାଧିକ ପତ୍ନୀ ରଖିବା ଓ ବହୁବିବାହ ଯୋଗୁ ଅସନ୍ତୋଷ ପ୍ରକାଶ କରୁଛନ୍ତି, ତେବେ ସେ ନିଜ ସ୍ୱାମୀକୁ ନ୍ୟାୟାଧିଶଙ୍କ ଦ୍ୱାରା ଖୁଲା ଦେଇପାରିବେ । ତେଣୁ ଈଶ୍ୱରଙ୍କର ଏହା କର୍ତ୍ତବ୍ୟ ଥିଲା ଯେ ଏହିପରି ବିଭିନ୍ନ ପ୍ରକାରର ପରିସ୍ଥିତି ଯାହା ମୁସଲମାନମାନଙ୍କୁ ସମ୍ମୁଖୀନ ହେବାକୁ ପଡୁଛି, ତାହାର ଉପଯୁକ୍ତ ସମାଧାନର ପନ୍ଥା ନିଜ ଶାସ୍ତ୍ରୀୟ ବିଧାନରେ ବର୍ଣ୍ଣନା କରି ଦେଇଛନ୍ତି, ଯଦ୍ୱାରା ଶରୀୟତ୍ ଅସମ୍ପୂର୍ଣ୍ଣ ରହିବ ନାହିଁ । ସୁତରାଂ ହେ ନାରୀମାନେ ! ଯଦି ତୁମ ସ୍ୱାମୀମାନେ ଉପରୋକ୍ତ କାରଣ ଯୋଗୁଁ ଦ୍ୱିତୀୟ ବିବାହ କରିବାକୁ ଚାହୁଛନ୍ତି, ତେବେ ତୁମେ ସେଥିପାଇଁ ଈଶ୍ୱରଙ୍କ ଉପରେ ଆରୋପ ଲଗାଅ ନାହିଁ । ବରଂ ତୁମେ ପ୍ରାର୍ଥନା କର ଯେ ଈଶ୍ୱର ତୁମକୁ ସମସ୍ତ ବିପଦ ଆପଦ ଓ ପରୀକ୍ଷା ଘଡିରେ ରକ୍ଷା କରନ୍ତୁ । ନିଶ୍ଚିତ ରୂପେ ସେହି ପୁରୁଷ ଅତ୍ୟନ୍ତ ଅତ୍ୟାଚାରୀ ଓ ଶାସ୍ତି ପାଇବା ଯୋଗ୍ୟ ଯିଏ **ଦୁଇ ଦୁଇ ଜଣ ପତ୍ନୀ ଗ୍ରହଣ** କରି ସେମାନଙ୍କ ମଧ୍ୟରେ ନ୍ୟାୟ କରୁନାହିଁ । କିନ୍ତୁ ତୁମେ ନିଜେ ଈଶ୍ୱରଙ୍କୁ ଅମାନ୍ୟ କରି ତାଙ୍କ ପ୍ରକୋପରେ କବଳିତ ହୁଅ ନାହିଁ । ପ୍ରତ୍ୟେକ ବ୍ୟକ୍ତି

ନିଜ କର୍ମର ଉତ୍ତରଦାୟୀ ହେବେ । ଯଦି ତୁମେ ଈଶ୍ୱରଙ୍କ ଦୃଷ୍ଟିରେ ସତଚରିତ୍ରବତୀ ଓ ପୁଣ୍ୟବତୀ ହେବ, ତେବେ ତୁମମାନଙ୍କର ସ୍ୱାମୀ ମଧ୍ୟ ପୁଣ୍ୟବାନ ହେବେ । ଯଦିଚ ଶରୀୟତ ଭିନ୍ନ ଭିନ୍ନ କାରଣରୁ ଏକାଧିକ ପତ୍ନୀ ରଖିବାକୁ ଅନୁମତି ଦେଇଛି, ତଥାପି ତୁମ ପାଇଁ ଐଶ୍ୱରୀକ ନିୟମ ଖୋଲା ରହିଛି । ଯଦି ଶରୀୟତ୍‌ର ଆଇନ ତୁମେ ଗ୍ରହଣ କରିପାରୁ ନାହଁ, ତେବେ ପ୍ରାର୍ଥନା ମାଧ୍ୟମରେ ନିୟତିର ବିଧାନ ଦ୍ୱାରା ଲାଭ ଉଠାଅ । କାରଣ ବିଧିର ବିଧାନ ଶରୀୟତର ବିଧାନ ଉପରେ ବିଜୟ ଲାଭ କରିଥାଏ । ଧର୍ମନିଷ୍ଠତା ଅବଲମ୍ବନ କର ଏବଂ ସଂସାର ତଥା ସାଂସାରିକ ସୌନ୍ଦର୍ଯ୍ୟ ସହିତ ମାତ୍ରାଧିକ ମନ ଲଗାଅ ନାହିଁ । ନିଜ ଜାତି ଓ ବର୍ଣ୍ଣ ସକାଶେ ଆତ୍ମଗର୍ବ କର ନାହିଁ । କୌଣସି ମହିଳାଙ୍କୁ ଥଟ୍ଟା ପରିହାସ କର ନାହିଁ । ସ୍ୱାମୀଙ୍କ ଠାରୁ ସେ ବିଷୟ ଆଶା କର ନାହିଁ ଯାହା ତାଙ୍କ ସାମର୍ଥ୍ୟର ବାହାରେ । ତୁମେ ନିଷ୍ପାପ ଓ ସତଚରିତ୍ରବତୀ ହୋଇ ପବିତ୍ରତା ଅବଲମ୍ବନ କରିବା ଅବସ୍ଥାରେ କବର୍‌ରେ ପ୍ରବେଶ କରିବା ପାଇଁ ପ୍ରୟାସ କର । ଅଲ୍ଲାଃଙ୍କ ଦ୍ୱାରା ନିର୍ଦ୍ଧାରିତ ନମାଜ, ଜକାତ୍ ଇତ୍ୟାଦି କର୍ମରେ ଅବହେଳା କର ନାହିଁ । ନିଜ ପତିଙ୍କର ଆଜ୍ଞାକୁ ତନ ମନ ସହିତ ପାଳନ କର । ତାଙ୍କ ମର୍ଯ୍ୟାଦାର ଅଧିକାଂଶ ଭାଗ ତୁମ ହାତରେ ଅଛି । ସୁତରାଂ ତୁମେ ନିଜର ଏହି ଦାୟିତ୍ୱକୁ ଏପରି ଉତ୍ତମ ଭାବେ ନିର୍ବାହ କର, ଯଦ୍ୱାରା ପ୍ରଭୁଙ୍କ ନିକଟରେ ତୁମେ ଜଣେ ସଦାଚାରିଣୀ, ସତ୍ୟବତୀ ଓ ପୁଣ୍ୟବତୀମାନଙ୍କ ମଧ୍ୟରେ ଗଣ୍ୟ ହେବ । ଅପବ୍ୟୟ କର ନାହିଁ, ସ୍ୱାମୀଙ୍କ ଧନକୁ ଅଯଥା ଖର୍ଚ୍ଚ କର ନାହିଁ, ଅର୍ଥ ଆତ୍ମସାତ କର ନାହିଁ, ଚୋରି କର ନାହିଁ, ମିଥ୍ୟା ଅଭିଯୋଗ କର ନାହିଁ । ଜଣେ ନାରୀ ଅନ୍ୟ ଜଣେ ନାରୀର ଚରିତ୍ର ସଂହାର କର ନାହିଁ ଏବଂ ଅନ୍ୟ ପୁରୁଷ ଉପରେ ଲାଞ୍ଛନା ଓ ମିଥ୍ୟା ଦୋଷାରୋପ କର ନାହିଁ ।

# ପରିସମାପ୍ତି

ଏହି ସମସ୍ତ ଉପଦେଶ ଯାହାସବୁ ଆମ୍ଭେ ଲେଖିସାରିଛୁ, ତାହାର ଆଭିମୁଖ୍ୟ ହେଉଛି ଆମ ସମ୍ପ୍ରଦାୟ ଈଶ୍ୱର ଭୟରେ ଉନ୍ନତି କରୁ । ଯଦ୍ୱାରା ସେ ଏପରି ଯୋଗ୍ୟ ହୋଇଯାଉ ଯେ ପ୍ରଭୁଙ୍କ ଆକ୍ରୋଶ ଯାହା ପୃଥିବୀ ଉପରେ ପଡିଛି, ତାହା ତାଙ୍କ ଠାରେ ଯେପରି ନପହଞ୍ଚିବ । ତାହା ଦ୍ୱାରା ସେମାନେ ଏହି ପ୍ଲେଗ ସମୟରେ ବିଶେଷ ସୁରକ୍ଷାରେ ରହି ନିଜ ଜୀବନ ବଞ୍ଚାନ୍ତୁ । ପ୍ରକୃତ ଧର୍ମନିଷ୍ଠତା **(ଆହା ! ସଚ୍ଚା ତକୱ୍ୱା ଯାହା ବହୁତ କମ ଲୋକ ଅବଲମ୍ବନ କରୁଛନ୍ତି),** ଈଶ୍ୱରଙ୍କୁ ପ୍ରସନ୍ନ କରାଏ । ଈଶ୍ୱର ସମ୍ପୂର୍ଣ୍ଣ ନିଷ୍ଠାପର ବ୍ୟକ୍ତିଙ୍କୁ ସାମାନ୍ୟ ରୂପେ ନୁହେଁ ବରଂ ଏକ ନିଦର୍ଶନ ସ୍ୱରୂପ ବିପତ୍ତିରୁ ରକ୍ଷା କରିଥାନ୍ତି । ପ୍ରତ୍ୟେକ ପ୍ରବଞ୍ଚକ ଓ ନିର୍ବୋଧ ଧର୍ମପରାୟଣ ହେବାର ଦାବି କରିଥାଏ । କିନ୍ତୁ **ପ୍ରକୃତ ଧର୍ମନିଷ୍ଠ ସେହି** ଯିଏ ଈଶ୍ୱରଙ୍କ ନିଦର୍ଶନ ଦ୍ୱାରା ପ୍ରମାଣ ସିଦ୍ଧ ହୋଇଥାଏ । ପ୍ରତ୍ୟେକ ଏହା କହିପାରେ ଯେ ମୁଁ ଈଶ୍ୱରଙ୍କୁ ପ୍ରେମ କରୁଛି । କିନ୍ତୁ ସେହି ବ୍ୟକ୍ତି ପ୍ରକୃତରେ ପ୍ରଭୁଙ୍କ ସହିତ ପ୍ରେମ କରିଥାଏ, ଯାହାର ପ୍ରେମ ଆକାଶୀୟ ନିଦର୍ଶନ ଦ୍ୱାରା ପ୍ରଦର୍ଶିତ ହେବ । ପ୍ରତ୍ୟେକ କହିଥାନ୍ତି ଯେ ମୋ ଧର୍ମ ସତ୍ୟ, କିନ୍ତୁ ସତ୍ୟ ଧର୍ମ ତାହାର ଯେଉଁ ବ୍ୟକ୍ତିଙ୍କୁ ଏହି ସଂସାରରେ ହିଁ ସତ୍ୟର ଜ୍ୟୋତି ପ୍ରାପ୍ତ ହୋଇଥାଏ । ଏବଂ ପ୍ରତ୍ୟେକ କହିଥାନ୍ତି ଯେ **ମୋତେ ମୋକ୍ଷ ପ୍ରାପ୍ତ ହେବ,** କିନ୍ତୁ ଏହି କଥାରେ ସତ୍ୟବାଦୀ ହେଉଛି ସେହି ବ୍ୟକ୍ତି, ଯିଏ ଏହି ଭବ ସଂସାରରେ ମୁକ୍ତିର ଆଲୋକ ଦେଖିଥାଏ । ସୁତରାଂ ତୁମେ **ପ୍ରଭୁଙ୍କର ପ୍ରିୟଭାଜନ** ହେବା ପାଇଁ ପ୍ରୟାସ କର, ଯଦ୍ୱାରା ତୁମେ ପ୍ରତ୍ୟେକ ବିପଦ ଆପଦରୁ ରକ୍ଷା ପାଇବ । ସମ୍ପୂର୍ଣ୍ଣ ଧର୍ମନିଷ୍ଠ ବ୍ୟକ୍ତିଙ୍କୁ ପ୍ଲେଗରୁ ସୁରକ୍ଷିତ ରଖାଯିବ । କାରଣ ସେ ଈଶ୍ୱରଙ୍କ ଶରଣରେ ଅଛି । ତେଣୁ ତୁମେ ସମ୍ପୂର୍ଣ୍ଣ ଧର୍ମପରାୟଣ ହୋଇଯାଅ । ପ୍ରଭୁ ଯାହା କିଛି ପ୍ଲେଗ ବ୍ୟାଧି ସମ୍ବନ୍ଧରେ କହିଛନ୍ତି, ତାହା ତୁମେ ଶୁଣିସାରିଛ । ତାହା ଏକ ବିଭୁକୋପ ଓ କ୍ରୋଧର ବହ୍ନି । ତେଣୁ ତୁମେ ନିଜକୁ ସେହି ଅଗ୍ନିରୁ ବଞ୍ଚାଅ । ଯେଉଁ ବ୍ୟକ୍ତି ନିଷ୍ଠାର ସହିତ ମୋତେ ଅନୁସରଣ କରେ, ତା ମନରେ କୌଣସି ପ୍ରକାରର ଛନ୍ଦ କପଟ, ଆଳସ୍ୟ କିମ୍ବା ବେପରୁଆ ମନୋଭାବ ନଥାଏ ନା ସେ ପୁଣ୍ୟ ସହିତ ପାପକୁ ମିଶାଇଥାଏ । ତାକୁ ମଧ୍ୟ ରକ୍ଷା କରାଯିବ । କିନ୍ତୁ

ଯେଉଁ ବ୍ୟକ୍ତି ଏହି ମାର୍ଗରେ ଆଳସ୍ୟ ପରାୟଣ ହୋଇ ଚାଲୁଛି ଏବଂ ଆତ୍ମ ସଂଯମତାର ମାର୍ଗରେ ସମ୍ପୂର୍ଣ୍ଣ ରୂପେ ନିଜ ପାଦ ଉଠାଉ ନାହିଁ କିମ୍ବା ସେ ସଂସାର ଜଞ୍ଜାଳରେ ପଡି ରହିଛି, ସେ ନିଜକୁ ଅଗ୍ନି ପରୀକ୍ଷାରେ ପକାଇଥାଏ । ପ୍ରତ୍ୟେକ ଦିଗରୁ ଅଲ୍ଲାଃଙ୍କ ଆଜ୍ଞାପାଳନ କର ଓ ସେ ସମସ୍ତ ବ୍ୟକ୍ତି ଯେଉଁମାନେ ଦୀକ୍ଷା ନେଇ ଜମାଅତରେ ସାମିଲ ହୋଇଥିବାର ଆପଣାକୁ ପରିଗଣିତ କରୁଛନ୍ତି, ତାଙ୍କ ପାଇଁ ଏହା ଉଚିତ ସମୟ ଯେ ସେ ନିଜର ଧନ ତ୍ୟାଗ କରି ଏହି ସମ୍ପ୍ରଦାୟର ସେବା କରନ୍ତୁ । ଯେଉଁ ବ୍ୟକ୍ତି ଏକ ପଇସାର ମଧ୍ୟ ସାମର୍ଥ୍ୟ ରଖିଛି, ସେ ଏହି କାର୍ଯ୍ୟ ପାଇଁ ପ୍ରତିମାସରେ ଏକ ପଇସା ଦେଉ । ଏବଂ ଯେଉଁ ବ୍ୟକ୍ତି ମାସିକ ଏକ ଟଙ୍କା ଦେଇ ପାରିବ, ସେ ଏକ ଟଙ୍କା ଦାନ କରୁ । କାରଣ ଅତିଥିଶାଳାର ଖର୍ଚ୍ଚ ବ୍ୟତୀତ ଧର୍ମକାର୍ଯ୍ୟଗୁଡିକରେ ମଧ୍ୟ ଅନେକ ଅର୍ଥ ବ୍ୟୟ କରିବାର ଆବଶ୍ୟକତା ରହିଛି । ଶହ ଶହ ଅତିଥି ଆସୁଛନ୍ତି, କିନ୍ତୁ ଏପର୍ଯ୍ୟନ୍ତ ଧନର ଅଭାବ ଯୋଗୁଁ ଅତିଥିମାନଙ୍କ ନିମନ୍ତେ ଉପଯୁକ୍ତ ବାସଗୃହ ଉପଲବ୍ଧ ନାହିଁ, ଶୋଇବା ପାଇଁ ଖଟର ସୁବିଧା ନାହିଁ । ମସଜିଦକୁ ସଂପ୍ରସାରଣ କରିବାର ଆବଶ୍ୟକତା ଦେଖା ଦେଇଛି । ବିରୋଧିମାନଙ୍କ ମୁକାବିଲାରେ ପୁସ୍ତକ ଲେଖିବା ଓ ପ୍ରକାଶନ କରିବା କାର୍ଯ୍ୟ ବହୁତ ଦୁର୍ବଳ ଓ ମନ୍ଥର ଗତିରେ ଚାଲିଛି । ଖ୍ରୀଷ୍ଟିୟାନମାନଙ୍କ ତରଫରୁ ଯେଉଁଠି ପଚାଶ ହଜାର ପତ୍ରପତ୍ରିକା ଓ ଧାର୍ମିକ ସମ୍ବାଦପତ୍ର ପ୍ରକାଶିତ ହେଉଛି, ତା'ତୁଳନାରେ ଆମ ତରଫରୁ ମାସିକ ଏକ ହଜାର ସଂଖ୍ୟାରେ ମଧ୍ୟ କ୍ରମାଗତ ବାହାରି ପାରୁନାହିଁ । ଏହି ସବୁ କଥା ବାକି ପଡିଥିବା ଯୋଗୁଁ ପ୍ରତ୍ୟେକ ଦୀକ୍ଷାଧାରୀ ବ୍ୟକ୍ତି ନିଜ ସାମର୍ଥ୍ୟ ଅନୁସାରେ ସହାୟତା କରିବା ଉଚିତ । ଫଳତଃ ଈଶ୍ୱର ସେମାନଙ୍କୁ ମଧ୍ୟ ସାହାଯ୍ୟ କରିବେ ।

ଯଦି ପ୍ରତି ମାସରେ ନିରନ୍ତର ଭାବେ ତାଙ୍କର ସହାୟତା ରାଶି ପହଞ୍ଚି ଚାଲିବ, ତାହା ଅଳ୍ପ ମାତ୍ରାରେ ହେଉ ପଛକେ ଅପେକ୍ଷାକୃତ ସେହି ସହୟତା ଠାରୁ ଉତ୍ତମ, ଯାହା ଥରେ ଦାନ କଲାପରେ ଏକ ଲମ୍ବା ଅବଧି ପର୍ଯ୍ୟନ୍ତ ଭୁଲିଯାଇ ପୁଣି କୌଣସି ସମୟରେ ନିଜ ସ୍ୱଇଚ୍ଛାରେ ଦିଆଯାଇ ପାରିବ । ପ୍ରତ୍ୟେକ ବ୍ୟକ୍ତିକୁ ତାର ନିଷ୍ଠାପରତା, ସଂକଳ୍ପ ଓ ସେବା ଦ୍ୱାରା ହିଁ ଚିହ୍ନି ହୁଏ । ହେ ପ୍ରିୟ ଲୋକମାନେ ! ଏହା ଧର୍ମ ପାଇଁ ଓ ଧର୍ମସେବା ପାଇଁ ଉପଯୁକ୍ତ ସମୟ । **ଏ ସମୟକୁ ଅନୁକୂଳ ବୋଲି ଜାଣ, ଯାହା ପୁଣି କେବେ ହାତକୁ ଆସିବ ନାହିଁ** । ଅର୍ଥାତ ଜକାତ୍ ଦେଉଥିବା

ଲୋକ ନିଜର ଜକାତ୍ ଏହି ସ୍ଥାନକୁ ପଠାଇବା ଉଚିତ । ଏବଂ ପ୍ରତ୍ୟେକ ବ୍ୟକ୍ତି ଅପବ୍ୟୟ କରିବାରୁ ନିଜକୁ ରକ୍ଷା କରନ୍ତୁ । ଏହି ମାର୍ଗରେ ସେହି ଟଙ୍କାକୁ ବିନିଯୋଗ କରନ୍ତୁ । ପ୍ରତ୍ୟେକ ଅବସ୍ଥାର ନିଜର ସତ୍ୟତାର ପ୍ରମାଣ ପ୍ରସ୍ତୁତ କରନ୍ତୁ, ଯଦ୍ୱାରା ଈଶ୍ୱରଙ୍କ ଅନୁକମ୍ପା ଓ ପବିତ୍ର ଆତ୍ମାର ପୁରସ୍କାର ପାଇବ । କାରଣ **ଏହି ପୁରସ୍କାର** ସେହି ଲୋକମାନଙ୍କ ପାଇଁ ପ୍ରସ୍ତୁତ ରହିଛି, ଯେଉଁମାନେ ଏହି ସମ୍ପ୍ରଦାୟରେ ପ୍ରବେଶ କରିଛନ୍ତି । ଆମ **ନବୀ ମୁହମ୍ମଦ**[ସଅ]ଙ୍କ ପ୍ରତି ଯେଉଁ ପବିତ୍ର ଆତ୍ମାର ଜ୍ୟୋତି ପ୍ରକାଶମାନ ହୋଇଥିଲା, ତାହା ପ୍ରତ୍ୟେକ ଜ୍ୟୋତିଠାରୁ ମଧ୍ୟ ଅଧିକ । ପବିତ୍ର ଆତ୍ମା କେତେବେଳେ କୌଣସି ନବୀ ଉପରେ କପୋତ ରୂପରେ ପ୍ରକାଶ ପାଇଛି ତ ଅନ୍ୟ କୌଣସି ନବୀ ବା ଅବତାରଙ୍କ ଉପରେ **ଗାଈ ରୂପରେ** ପ୍ରକଟ ହୋଇଛି ଏବଂ ଆଉ କାହା ଉପରେ **କଚ୍ଛପ କିମ୍ବା କୁମ୍ଭୀର** ରୂପେ ପ୍ରକଟ ହୋଇଛି । କିନ୍ତୁ ମନୁଷ୍ୟର ରୂପରେ ପ୍ରକଟ ହେବାର ସମୟ ଆସି ନଥିଲା, ଯେପର୍ଯ୍ୟନ୍ତ **ସଂପୂର୍ଣ୍ଣ ମାନବ** ଅର୍ଥାତ୍ ଆମ ନବୀ ମୁହମ୍ମଦ[ସଅ] **ଆବିର୍ଭୁତ ହୋଇ ନଥିଲେ** । ଯେବେ ମୁହମ୍ମଦ[ସଅ]ଙ୍କର ଆବିର୍ଭାବ ହୋଇଗଲା, ସେତେବେଳେ ପବିତ୍ର ଆତ୍ମା ମଧ୍ୟ ସେ ସଂପୂର୍ଣ୍ଣ ମାନବ ହୋଇଥିବା ଯୋଗୁ ମନୁଷ୍ୟ ରୂପରେ ହିଁ ପ୍ରକଟିତ ହେଲା । ଏବଂ ଯେହେତୁ ପବିତ୍ର ଆତ୍ମାର ଜ୍ୟୋତିର୍ମୟ ଶକ୍ତି ପୃଥିବୀରୁ ଆକାଶର **ଦିଗବଳୟ** ପର୍ଯ୍ୟନ୍ତ ଭରି ରହିଥିଲା, ସେଥିପାଇଁ ପବିତ୍ର କୁରଆନର ଶିକ୍ଷା **ଶିର୍କ୍** (ଅନେକେଶ୍ୱରବାଦ)ରୁ ସୁରକ୍ଷିତ ରହିଲା । କିନ୍ତୁ ଯେହେତୁ ଖ୍ରୀଷ୍ଟଧର୍ମର **ପ୍ରତିଷ୍ଠାତା**ଙ୍କ ଉପରେ ପବିତ୍ର ଆତ୍ମା ଅତ୍ୟନ୍ତ ଦୁର୍ବଳ ରୂପରେ ପ୍ରକାଶିତ ହୋଇଥିଲା ଅର୍ଥାତ୍ କପୋତ ରୂପରେ । ତେଣୁ ଅପବିତ୍ର ଆତ୍ମା ଅର୍ଥାତ ଶୈତାନ ସେହି ଧର୍ମ ଉପରେ **ବିଜୟ ଲାଭ କଲା** । ସେ ନିଜର ବୈଭବ ଓ ଶକ୍ତି ଏତେ ମାତ୍ରାରେ ଦେଖାଇଲା ଯେ ଏକ ବିରାଟ ଅଜଗର ସାପ ସଦୃଶ ଆକ୍ରମଣ କଲା । ଏହି କାରଣ ଯୋଗୁ ପବିତ୍ର କୁରଆନ ଖ୍ରୀଷ୍ଟଧର୍ମର ପଥଭ୍ରଷ୍ଟତାକୁ ପୃଥିବୀର ସମସ୍ତ ପଥଭ୍ରଷ୍ଟ ଆଚରଣ ଠାରୁ ପ୍ରଥମ ସ୍ତରରେ ଗଣନା କରିଛି ଏବଂ କହିଛି ଯେ ସମ୍ଭବତଃ ଆକାଶ ଓ ପୃଥିବୀ ଫାଟିଯିବ ଓ ଖଣ୍ଡ ବିଖଣ୍ଡ ହୋଇଯିବ । କାରଣ ପୃଥିବୀ ଉପରେ ମହାପାପ ହୋଇଛି ଯେ **ମନୁଷ୍ୟକୁ ଈଶ୍ୱର ଓ ଈଶ୍ୱର ପୁତ୍ର ରୂପେ ଚିତ୍ରଣ କରାଯାଇଛି** । ପବିତ୍ର କୁରଆନର ପ୍ରାରମ୍ଭରେ ମଧ୍ୟ ଖ୍ରୀଷ୍ଟ ସମ୍ପ୍ରଦାୟର ବିଚାରଧାରାକୁ ଖଣ୍ଡନ

କରାଯାଇଛି । ଯେପରିକି ଆୟତ **إِيَّاكَ نَعْبُدُ** **'ଇୟାକା ନାବୁଦୁ'** ଏବଂ **وَلَا الضَّآلِّيْنَ** **'ୱ୍ଲଜ୍ ଜ୍ୱାଲ୍ଲିନ୍'**ରୁ ଏହା ବୁଝାପଡୁଛି । ପୁଣି ପବିତ୍ର କୁରଆନର ଶେଷ ଭାଗରେ ଖ୍ରୀଷ୍ଟିୟ ଦୃଷ୍ଟିକୋଣକୁ ଖଣ୍ଡନ କରାଯାଇ ଏହିପରି କୁହାଯାଇଛି

**قُلْ هُوَ اللّٰهُ اَحَدٌ اَللّٰهُ الصَّمَدُ لَمْ يَلِدْ وَلَمْ يُوْلَدْ**

**'କୁଲ୍ ହୁଓ୍ୱଲ୍ଲାହୋ ଅହଦ୍ ଅଲ୍ଲାହୁସ୍ ସମଦ୍ ଲମ୍ୟଲିଦ୍ ଓ୍ୱଲମ୍ୟୁଲଦ୍'**
(ଅଲ ଇଖ୍ଲାସ 112:2-4)

ପବିତ୍ର କୁରଆନର ମଧ୍ୟ ଭାଗରେ ମଧ୍ୟ ଖ୍ରୀଷ୍ଟ ସମାଜର ଧାର୍ମିକ ବିଶୃଙ୍ଖଳା ସୃଷ୍ଟି ହେବା ଓ ସେମାନଙ୍କ ଉପଦ୍ରବ ଉତ୍କଟ ଆକାର ଧାରଣ କରିବା ବିଷୟରେ ବର୍ଣ୍ଣନା କରାଯାଇଛି । ଯେପରିକି ଆୟତ

**'ତକାଦୁସ୍ ସମାଓ୍ୱାତେ ୟତଫତ୍ ତର୍‌ନା ମିନ୍‌ହୁ'** (ମରିୟ୍ମ ୯୧)ରୁ ବୁଝାପଡୁଛି । ଯେବେ ଠାରୁ ସଂସାର ସୃଷ୍ଟି ହେଲାଣି, ପ୍ରକୃତି ପୂଜା, ଭଣ୍ଡାମୀ ଓ କୁଟିଳତାର ମାର୍ଗ ଉପରେ ଆଗରୁ କେବେ ଏପରି ଜୋର ଦିଆଯାଇ ନଥିଲା । ସେଥିପାଇଁ ମୁବାହିଲା (ସତ୍ୟ ଓ ମିଥ୍ୟାର ପ୍ରମାଣ ଲାଭ କରିବା ପାଇଁ ଈଶ୍ୱରଙ୍କ ନିକଟରେ ଉଭୟ ପକ୍ଷରୁ ଅଭିଶାପ ଜନିତ ପ୍ରାର୍ଥନା) ନିମନ୍ତେ ମଧ୍ୟ ଖ୍ରୀଷ୍ଟିୟାନମାନଙ୍କୁ ହିଁ ଆହ୍ୱାନ କରାଯାଇଥିଲା, ଅନ୍ୟ କୌଣସି ଅନେକଶ୍ୱରବାଦୀଙ୍କୁ ନୁହେଁ । ତାଙ୍କ ଧାରଣାରେ ଥିବା ପବିତ୍ର ଆତ୍ମା ସେ ସମୟରେ ଯେପରି ପକ୍ଷୀ ବା ପଶୁ ରୂପରେ ପ୍ରକାଶିତ କରା ଯାଉଥିଲା, ତେବେ ସେଥିରେ କଣ ରହସ୍ୟ ଥିଲା ? ବୁଝୁଥିବା ବ୍ୟକ୍ତି ସ୍ୱୟଂ ବୁଝିନେବା ଉଚିତ । କେବଳ ଏତିକି ଆମେ କହି ଦେଉଛୁ ସେଥିରେ ଏହି ସଂକେତ ରହିଥିଲା ଯେ ଆମ ନବୀ ମୁହମ୍ମଦ[ସଅ]ଙ୍କ ମାନବିକତା ଏତେ ପ୍ରବଳ ମାତ୍ରାରେ ଉଛୁଳି ଉଠୁଥିଲା, ଯାହା ପବିତ୍ର ଆତ୍ମାକୁ ମଧ୍ୟ ମାନବିକତା ପ୍ରତି ଆକୃଷ୍ଟ କରି ଟାଣି ଆଣିଲା । ସୁତରାଂ **ତୁମେ ଏପରି ଭବ୍ୟ ନବୀଙ୍କ ଅନୁଗାମୀ ହୋଇ ସାହାସ କାହିଁକି ହରାଉଛ ?** ତୁମେ ନିଜର ଏପରି ଆଦର୍ଶ ଦୃଷ୍ଟାନ୍ତ ଦେଖାଅ, ଯେଉଁଥିପାଇଁ ଦେବଦୂତମାନେ ମଧ୍ୟ ଆକାଶରେ ତୁମ ସତ୍ୟତା ଓ ପବିତ୍ରତା ଯୋଗୁ ଆଶ୍ଚର୍ଯ୍ୟଚକିତ ହୋଇ ରହିଯିବେ ଏବଂ ତୁମ ଉପରେ ଦରୁଦ୍ ପ୍ରେରଣ କରିବେ । ତୁମେ ଗୋଟିଏ ମୃତ୍ୟୁକୁ ଧାରଣ କରିନିଅ, ଫଳତଃ ତୁମକୁ

ଦିବ୍ୟ ଜୀବନ ପ୍ରାପ୍ତ ହେବ । ତୁମେ ତାମସିକ ପ୍ରବୃତ୍ତିକୁ ନିଜ ଅନ୍ତରରୁ  କାଢ଼ିଦିଅ, ଯଦ୍ୱାରା ପ୍ରଭୁ ସେଥିରେ ପ୍ରବେଶ କରିବେ । ଗୋଟିଏ ପକ୍ଷରୁ ପୂର୍ଣ୍ଣ ରୂପେ ତ୍ୟାଗ କର ଏବଂ ଅନ୍ୟ ପକ୍ଷରୁ ପୂର୍ଣ୍ଣ ସମ୍ବନ୍ଧ ସ୍ଥାପନ କର । ଫଳତଃ **ଈଶ୍ୱର ତୁମକୁ ସହାୟତା କରିବେ ।**

ଏବେ ମୁଁ ମୋର ନିବନ୍ଧକୁ ଏତିକିରେ ଶେଷ କରୁଛି ଓ ପ୍ରାର୍ଥନା କରୁଛି ଯେ ମୋର ଏହି ଶିକ୍ଷା ତୁମମାନଙ୍କ ପାଇଁ ଲାଭପ୍ରଦ ହେଉ ଓ ତୁମ ଭିତରେ ଏପରି ପରିବର୍ତ୍ତନ ସୃଷ୍ଟି ହେଉ ଯେପରି କି ତୁମେ ଧରିତ୍ରୀର ନକ୍ଷତ୍ର ହୋଇଯାଅ । ଧରିତ୍ରୀ ସେହି ଜ୍ୟୋତି ଦ୍ୱାରା ଆଲୋକିତ ହେଉ, ଯାହା ତୁମକୁ ତୁମ ପାଳନକର୍ତ୍ତାଙ୍କ ଠାରୁ ପ୍ରାପ୍ତ ହେବ । ହେ ଈଶ୍ୱର ! ସ୍ୱୀକାର କରନ୍ତୁ, ପୁନଃ ସ୍ୱୀକାର କରନ୍ତୁ ।

**ୟାଇବାଦଲ୍ଲାହ ଉଜକ୍‌କିରୋକୁମ୍ ଅୟାମଲ୍ଲାହ ୱଉଜକ୍‌କିରୋକୁମ୍ ତକ୍ୱୱ୍ୱଲ କୁଲୁବ୍ ଇନ୍ନହୁ ମୌଁୟାତେ ରବ୍‌ବହୁ ମୁଜରିମନ ଫଇନ୍ନାଲହୁ ଜହନ୍ନମା ଲା ୟମୁତୋ ଫିହା ୱ୍ୱଲାୟହୟା ଫଲାତୁଖଲିଦୁ ଇଲାଜୀନତି ଦୁନିୟା ୱ୍ୱଜୁରୀହା ୱ୍ୱତ୍‌ତକୁଲ୍ଲାହା ୱ୍ୱସ୍ତଇନୁ ବିସ୍‌ସବରେ ୱ୍ୱସ୍‌ସଲାତ ଇନ୍ନଲ୍ଲାହା ୱ୍ୱମଲାଇକତହୁ ୟୁସଲ୍ଲୁନା ଅଲନ୍ନବିୟେ ୟାଅୟୁହଲ୍ଲଜୀନା ଆମନୁ ସଲ୍ଲୁଅଲୈହେ ୱ୍ୱସଲ୍ଲିମୁ ତସଲିମା - ଅଲ୍ଲାହୁମ୍ମା ସଲ୍‌ଲେ ଆଲା ମୁହମ୍ମଦିନ୍ ୱ୍ୱଅଲା ଆଲେ ମୁହମ୍ମଦିନ ୱ୍ୱବାରିକ୍ ୱ୍ୱସଲ୍ଲିମ୍ ।**

# ପ୍ଲେଗ ସଂପର୍କୀତ ଭବିଷ୍ୟତ ବାଣୀ

## - କବିତା ରୂପରେ -

ନିଶାଁ ଅଗରଚେ ନ ଦର୍ ଇଖ୍‌ତିୟାର୍ କସ୍ ବୁଦସ୍ତ୍
ମଗର୍ ନିଶାଁ ବଦହମ୍ ଅଜ୍ ନିଶାଁ ଜ ଦା ଦାରମ୍

କି ଆଁ ସଇଦଜ୍ ତାଉନ୍ ନିଜାତ୍ ଖ୍ୱାହିଦ୍ ୟାଫ୍‌ତ୍
କି ଜସ୍ତୋ ଜୁସ୍ତ୍ ପନାହେ ବଚାର୍ ଦିୱାରମ୍

ମରା କସମ୍ ବଖୁଦାବନ୍ଦେ ଖ୍ୱେଶ୍-ଓ-ଅଜ୍‌ମତେ ଉ
କି ହସ୍ତ୍ ଇଁ ହମା **ଅଜ୍ ୱହିୟେ ପାକ୍** ଗୁଫ୍‌ତାରମ୍

ଚେ ହାଜତ୍ ଅସ୍ତ୍ ବ ବହସେ ଦିଗର୍ ହମାଁ କା ଫୀସ୍ତ୍
ବରାଏ ଆଁକି ସିୟହ ଶୁଦ୍ **ଦିଲଶ୍** ଜ ଇନ୍‌କାରମ୍

ଅଗର୍ ଦରୋଗ୍ ବର୍ ଆୟଦ୍ **ହର ଆଁଚେ ୱାଦଏ ମନ୍**
ଖାସ୍ତ୍ ଗର୍ ହମା ଖୀଜନ୍ଦ୍ ବହରେ ପୈକାରମ୍